

# ଜନ-ସାହିତ୍ୟ

ଏକମାତ୍ର ଉପନ୍ୟାସ ମାସିକ

ସଂପାଦକ

| ୪ର୍ଥ ଭାଗ | ଜାନୁୟାରୀ | ପଚସ୍ତରି |
| --- | --- | --- |
| ୮ମ ସଂଖ୍ୟା | ୧୯୫୯ | ନୂଆ ପଇସା |


## ପି. ଇ. ଏନ୍. ସମ୍ମିଳନୀ

ନବବର୍ଷର ଆରମ୍ଭରେ ଉତ୍କଳର କଳାମୟ ପୀଠରେ ଆନ୍ତର୍ଜାତିକ ସଂସ୍ଥା ପି. ଇ. ଏନ୍.ର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି । ସମ୍ମିଳନୀର ଆୟୋଜନ କରିଥିଲେ ପି. ଇ. ଏନ୍.ର ଓଡ଼ିଶା ଶାଖା । ପି. ଇ. ଏନ୍. ଭାରତ ଶାଖାର ସଭାପତି, ତଥା ଉପ-ସଭାପତି ଡକ୍ଟର ରାଧାକୃଷ୍ଣନ ଓ ପଣ୍ଡିତ ନେହେରୁଙ୍କ ସମେତ ଭାରତର ବିଭିନ୍ନ ଅଞ୍ଚଳରୁ ପ୍ରତିଷ୍ଠିତ ସାହିତ୍ୟିକମାନେ ଯୋଗ ଦେଇଥିଲେ । ଓଡ଼ିଶାରେ ଏପରି ଏକ ସମ୍ମିଳନୀ ଅନୁଷ୍ଠିତ ହେବା ଗର୍ବର କଥା ହେଲେହେଁ ଯେଉଁମାନଙ୍କ ପାଇଁ ଓ ଯେଉଁ ଲକ୍ଷ୍ୟନେଇ ଯେପରି ଢଙ୍ଗରେ ହେଲା ସେଥିରୁ ସ୍ପଷ୍ଟ ମନେହେଲା ଏହା ଏକ ସରକାରୀ କର୍ମଚାରୀ ସମ୍ମିଳନୀ । ପଣ୍ଡିତ ନେହେରୁ ଆଉ ଡକ୍ଟର ରାଧାକୃଷ୍ଣନଙ୍କୁ ଡକାଇ ଓଡ଼ିଶା ରାଜନୀତିର ଶିଥିଳ ବାୟୁମଣ୍ଡଳକୁ ଟିକିଏ ସରଗରମ କରାଇବା ଏହାର ପ୍ରଧାନ ଲକ୍ଷ୍ୟ । ପ୍ରଥମ ଦିନର ସଭା ମଣ୍ଡପରେ ଉପସ୍ଥିତ ଥିବା ଉଚ୍ଚ ପାହିଆ ସରକାରୀ କର୍ମଚାରୀ, ବ୍ୟବସାୟୀଙ୍କ ସମାଗମହିଁ ତାର ପ୍ରମାଣ । ଏଣୁ ଏହା କେତେଦୂର ସାଫଲ୍ୟମଣ୍ଡିତ ହୋଇଛି ପି. ଇ. ଏନ୍. ଓଡ଼ିଶା ଶାଖାର କର୍ମକର୍ତ୍ତାମାନଙ୍କ ମଧ୍ୟରେହିଁ ତାହା ସୀମାବଦ୍ଧ ।

ଦ୍ୱିତୀୟତଃ ଓଡ଼ିଶାରେ ଯେ କେଇଜଣ ସୁପ୍ରତିଷ୍ଠିତ ସାହିତ୍ୟିକ ଅଛନ୍ତି, ଏମାନଙ୍କ ପଛରେ ତାଙ୍କ କୃତିତ୍ୱର ସାଧନା ଓ ନିଷ୍ଠା ରହିଛି । ଏ ଦୃଷ୍ଟିରୁ ସମସ୍ତଙ୍କ କୃତିତ୍ୱକୁ ସ୍ୱୀକାର କରିବାକୁହିଁ ହେବ । କିନ୍ତୁ ପି. ଇ. ଏନ୍.ର କର୍ମକର୍ତ୍ତାମାନଙ୍କର ସମ୍ମିଳିତ ଉଦ୍ୟମରେ ଏପରି ଏକ ଲେଖକ ସମ୍ମିଳନୀକୁ ପୂର୍ଣ୍ଣାଙ୍ଗ କରିବାର ପ୍ରଥମରୁହିଁ ସ୍ପୃହା ନ ଥିଲା ପରି ମନେହେଲା । ଯାହା ଫଳରେ ଏହା ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଭିତରେ ସୀମାବଦ୍ଧ ରହିଲା । ପୁଣି ଯାହାର ଯେଉଁ ବିଷୟରେ ଦଖଲ ନାହିଁ, ସେମାନଙ୍କୁ ଓଡ଼ିଆ ସାହିତ୍ୟର ବିଭିନ୍ନ ଦିଗ ତଥା ଇତିହାସ ବିଷୟରେ ଆଲୋଚନା କରିବାକୁ ସୁଯୋଗ ଦିଆଗଲା । ଏହା ଅନ୍ୟ ଭାଷାର ସାହିତ୍ୟିକମାନଙ୍କ ମନରେ ଓଡ଼ିଆ ସାହିତ୍ୟ ନେଇ କି ଧାରଣା ଜନ୍ମାଇଥିବ ତାହା ଅନୁମେୟ !

ଅବଶ୍ୟ ଏପରି ଏକ ସମ୍ମିଳନୀକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ଅଜସ୍ର ଅର୍ଥର ପ୍ରୟୋଜନ ଏବଂ ସେଥିପାଇଁ ସରକାରୀ ସାହାଯ୍ୟ ଖୁବ ପ୍ରୟୋଜନ; କିନ୍ତୁ ତା ବୋଲି ଯେ ତାହା ପୂର୍ଣ୍ଣତଃ ସରକାରୀ କଳ ନିୟନ୍ତ୍ରିତ ହେବ, ଏହାର କୌଣସି ଅର୍ଥନାହିଁ । ପି. ଇ. ଏନ୍. ସମ୍ମିଳନୀର ଅସଫଳତା ମୂଳରେ ଏହାହିଁ ମୁଖ୍ୟ କାରଣ ।

ଏସବୁ ସତ୍ତ୍ୱେ ପି. ଇ. ଏନ୍.ର ମୂଳ ଲକ୍ଷ୍ୟକୁ କାର୍ଯ୍ୟକାରୀ କରିବାକୁ ଯଦି ଓଡ଼ିଶା ଶାଖାର କର୍ମକର୍ତ୍ତାମାନେ ଖୁବ୍ ଆଗ୍ରହୀ, ସେମାନେ ଆନୁଷ୍ଠାନିକ ଭାବରେ ଏକ ନିର୍ବାଚିତ ସଂସ୍ଥା ଗଢ଼ିବା ଦିଗରେ ପଦକ୍ଷେପ ନେବେ କି ?

ନବବର୍ଷରେ ଭାରତର ଯେଉଁ ସାହିତ୍ୟିକମାନେ ଉତ୍କଳରେ ସାହିତ୍ୟ ମାଧ୍ୟମରେ ଐକ୍ୟର ବାର୍ତ୍ତା ପ୍ରଚାର କରିଗଲେ ସେମାନଙ୍କୁ ଆମେ ସଶ୍ରଦ୍ଧ ଅଭିନନ୍ଦନ ଜଣାଉଛୁ ।

—※—

## ନବ ବର୍ଷର ଭବିଷ୍ୟତ

ନବବର୍ଷ ପ୍ରାରମ୍ଭରେହିଁ ରୁଷିଆ ଶକ୍ତିଶାଳୀ ରକେଟ ନିକ୍ଷେପ କରି ବୈଜ୍ଞାନିକ ପ୍ରଗତିର ଶୀର୍ଷସ୍ଥ ନ ଅଧିକାର କରିଛି । ଏଇ ରକେଟଟି ଚନ୍ଦ୍ର-ଲୋକରେ ପହଞ୍ଚି ସୂର୍ଯ୍ୟ-ମଣ୍ଡଳ ଆଡ଼େ ଗତି କରୁଛି । ବୈଜ୍ଞାନିକଙ୍କ ମତ ଯେ ଏହା ସୌର ମଣ୍ଡଳର ଏକ ଉପଗ୍ରହରେ ପରିଣତ ହେବ ।

ରୁଷିଆର ଏ ପ୍ରକାର ବୈଜ୍ଞାନିକ ଅଗ୍ରଗତିରେ ଆମେରିକା ସଭାପତି ଅଭିନନନ ଜଣାଇଛନ୍ତି । ଅସୀମ ଶୂନ୍ୟ ମଣ୍ଡଳକୁ ବିଜୟ କରିବା ଦିଗରେ ମଣିଷର ଏହା ସଫଳ ପଦକ୍ଷେପ ବୋଲି ସ୍ୱୀକାର କରି ରୁଷ ବୈଜ୍ଞାନିକ ମାନଙ୍କୁ ସ୍ୱାଗତ ଜଣାଇଛନ୍ତି ।

ଏହାଦ୍ୱାରା ପୃଥିବୀରୁ ଯୁଦ୍ଧର ଆଶଙ୍କା ଦୂରିଭୂତ ହୋଇ ଶାନ୍ତି ଓ ମୈତ୍ରୀର ବାତାବରଣ ସୃଷ୍ଟି ହେଲା ବା ମାନବିକ ପ୍ରଗତି ଏହାଦ୍ୱାରା କେତେଦୂର ହାସଲ ହେଲା ଏ ବର୍ଷର ଭବିଷ୍ୟତହିଁ ତାହା ନିର୍ଣ୍ଣୟ କରିବ !

—*—

● ● ● ● ● ● ● ● ● ●

ସାହିତ୍ୟ କେବଳ ସରକାରୀ କଳ ତଥା ଲେଖକ
ସଂଘ ପର୍ଯ୍ୟନ୍ତ ସୀମିତ ନୁହେଁ ।

—ଇଲିଆ ଏହରନବର୍ଗ




# ଅମଡ଼ା ବାଟ

**ପରିବେଷକ—ଅନ୍ନପୂର୍ଣ୍ଣା ବି. ଗ୍ରୁପ୍     ନିର୍ଦ୍ଦେଶକ—ସାମୁଏଲ ସାହୁ**

ଗତ ୨ତାରିଖରୁ କଟକ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଶ୍ରୀମତୀ ବସନ୍ତ କୁମାରୀ ପଟ୍ଟନାୟକଙ୍କ ଲିଖିତ ଉପନ୍ୟାସ 'ଅମଡ଼ା ବାଟ' ଅଭିନୀତ ହେଉଛି । ଉପନ୍ୟାସର ନାଟ୍ୟରୂପ ଦେଇଛନ୍ତି ନାଟ୍ୟକାର ଗୋପାଳ ଛୋଟରାୟ । 'ଝଙ୍କା' ପରେ ଉପନ୍ୟାସକୁ ନାଟ୍ୟରୂପ ଦେବାରେ ତାଙ୍କର ଏ ଉଦ୍ୟମ ସାଫଲ୍ୟ ଲାଭ କରିଛି । ଉପନ୍ୟାସରେ ଅନେକ ନାଟକୀୟ ଘଟଣା ଥିଲେ ହେଁ, ଉପନ୍ୟାସର କଥାବସ୍ତୁରେ କୌଣସି ପ୍ରକାର ପରିବର୍ତ୍ତନ ବା ସଂଯୋଗ ନ କରି ନାଟ୍ୟକାର କଥାବସ୍ତୁର ଗୃଷ୍ଟିକ ବିକାଶ କରାଇ ପାରିଛନ୍ତି ।

ନିର୍ଦ୍ଦେଶ ଦେଇଛନ୍ତି ଓଡ଼ିଶାର ଯଶସ୍ୱୀ ମଞ୍ଚ ଅଭିନେତା ସାମୁଏଲ ସାହୁ । ଏକ ମୁଖ୍ୟ ଭୂମିକାରେ ସେ ସଫଳ ଅଭିନୟ ମଧ୍ୟ କରିଛନ୍ତି । କଥାବସ୍ତୁର ପ୍ରାଣ-ଚରିତ୍ର ମାୟା ଭୂମିକାରେ ଲୀଳା ଦୁଲାଲୀଙ୍କ ଅଭିନୟ ପ୍ରଶଂସନୀୟ କିନ୍ତୁ ଚରିତ୍ରଟିର ଦୁଇଟି ଦିଗକୁ ସେ ସମ୍ୟକ ଭାବେ ରୂପଦେଇ ପାରି ନାହାନ୍ତି ।

ଅନ୍ୟାନ୍ୟ ଭୂମିକାରେ ମଣିମାଳା, ମେନା, ରୁକ୍ମଣୀ, ପୂର୍ଣ୍ଣ ଓ ମଧୁ ଅଭିନୟ କରିଛନ୍ତି ।

ଅନ୍ନପୂର୍ଣ୍ଣା ମଞ୍ଚ ଗତାନୁଗତିକତା ଛାଡ଼ି ଏପରି ନାଟକ ପରିବେଷଣ କରିବା ଏଇ ପ୍ରଥମ । ଉପନ୍ୟାସର ଚରିତ୍ର ବ୍ୟତିରେକେ ହାସ୍ୟରସ ପରିବେଷଣ ପାଇଁ କୌଣସି ପ୍ରକାର ଚରିତ୍ରର ସଂଯୋଗ ପାଇଁ ନାଟ୍ୟକାରଙ୍କୁ କୁହା ଯାଇନ । ଏହାସତ୍ତ୍ୱେ ଦର୍ଶକମାନେ ପୂର୍ଣ୍ଣମାତ୍ରାରେ ଆମୋଦ ପ୍ରମୋଦ

ଉପଲବ୍ଧି କରି ପାରିଛନ୍ତି । ଅନ୍ନପୂର୍ଣ୍ଣା ମଞ୍ଚରେ ଏ ନାଟକଟି ସଫଳ ହେଲେ ଓଡ଼ିଆ ଦର୍ଶକଙ୍କ ଯେ ରୁଚିବୋଧ ବଦଳୁଛି ଏହା ମଞ୍ଚକର୍ମକର୍ତ୍ତାଙ୍କୁ ସ୍ୱୀକାର କରିବାକୁହିଁ ହେବ ।

## ନୂତନ ଚିତ୍ର—

### ଅନାଡ଼ି

ହୃଷିକେଶ ମୁଖାର୍ଜି ନିର୍ଦ୍ଦେଶିତ ଓ ରାଜକପୁର, ନୂତନ ଅଭିନୀତ ଏଇ ଚିତ୍ରଟି ନିକଟରେ ମୁକ୍ତିଲାଭ କରିଛି । ପାର୍ଶ୍ୱ ଭୂମିକାରେ ମୋତିଲାଲ, ଲଳିତା ପାୱାର ଓ ଶୋଭା ଖୋଟେ ଅଭିନୟ କରିଛନ୍ତି । ଶଙ୍କର ଜୟକିଶନ ସଙ୍ଗୀତ ନିର୍ଦ୍ଦେଶ ଦେଇଛନ୍ତି ।

### କାଲାପାନି

'ନବ-କେତନ'ଙ୍କ ନୂତନ ଚିତ୍ର 'କାଲାପାନି' ନିକଟରେ ମୁକ୍ତିଲାଭ କରିଛି । ପ୍ରଧାନ ଭୂମିକାରେ ଦେବ ଆନନ୍ଦ, ନଳିନୀ ଜୟନ୍ତ, ମଧୁବାଲା ଓ କିଶୋର ସାହୁ ଅଭିନୟ କରୁଛନ୍ତି । ନିର୍ଦ୍ଦେଶ ଦେଇଛନ୍ତି ରାଜ ଖୋସଲା । ପତ୍ର ପତ୍ରିକାରେ ଏଇ ଚିତ୍ରଟି ଖୁବ୍ ପ୍ରଶଂସିତ ହୋଇଛି ।

### ଏକ୍ କେ ବାଦ ଏକ୍

ରାଜର୍ଷି ପ୍ରଯୋଜିତ ଓ ନିର୍ଦ୍ଦେଶିତ ଏଇ ଚିତ୍ରଟି ନିକଟରେ ମୁକ୍ତିଲାଭ କରିବ । ଦେବାନନ୍ଦଙ୍କ ସହିତ ଦୁଇଟି ନୂତନ ଅଭିନେତ୍ରୀ ଶାରଦା ଓ ତରଲା ନାୟିକା ଭୂମିକାରେ ଅଭିନୟ କରୁଛନ୍ତି ।

### ଚଲ୍‌ତି କା ନାମ ଗାଡ଼ି

କେ. ଏସ୍. ଫିଲ୍ମସ୍‌ଙ୍କ ଉପରୋକ୍ତ ଚିତ୍ରଟି ବମ୍ବେରେ ମୁକ୍ତିଲାଭ କରିବା ସଙ୍ଗେ ସଙ୍ଗେ ଦର୍ଶକ ମହଲରେ ହଇଚଇ ସୃଷ୍ଟି କରିଛି । ବିଭିନ୍ନ ଭୂମିକାରେ ଅଶୋକ କୁମାର, କିଶୋର କୁମାର, ଅନୁପକୁମାର, ମଧୁବାଲା, ବୀଣା, କେ. ଏନ. ସିଂହ ଓ ସାଜନ ଅଭିନୟ କରିଛନ୍ତି । କିଶୋର କୁମାରଙ୍କ ହାସ୍ୟ ମଧୁର ଅଭିନୟ ଚିତ୍ରଟିର ଗୌରବ ବୃଦ୍ଧି କରିଛି ।

ନବବର୍ଷ ଆରମ୍ଭରେ ଓଡ଼ିଆ ସାହିତ୍ୟର ଯେଉଁ
ମୌସୁମୀ ସୃଷ୍ଟି ହେଲା ତାକୁ ଚିରନ୍ତନ ରୂପ ଦେବ

# ମୌସୁମୀ

## ସଚିତ୍ର କଥା-ସାହିତ୍ୟ ମାସିକ

*

ପ୍ରଥମ ଆତ୍ମପ୍ରକାଶ—
୧୯୫୯ ମସୀହା ସାଧାରଣତନ୍ତ୍ର ଦିବସ

*

ପ୍ରଥମ ସଂଖ୍ୟାର ଲେଖକ—

- ସୁରେନ୍ଦ୍ର ମହାନ୍ତି
- ଶ୍ରୀନିବାସ ମିଶ୍ର
- ଯତୀନ୍ଦ୍ର କୁମାର ଦାସ
- ଗୋବିନ୍ଦ ଦାସ
- ବିପିନବିହାରୀ ମହାନ୍ତି
- ମନୋଜ ଦାସ

*

ପ୍ରତିଖଣ୍ଡ ୪୦ ନୂ. ପ. ବାର୍ଷିକ ଟ୪.୫୦ ନୂ. ପ.

ସଂଯୋଗ ପାଇଁ—
ପରିଚାଳକ, ମୌସୁମୀ, ଝୋଲାସାହି, କଟକ—୧

# ମୃତ ବନ୍ଦରର ଇତିକଥା

ଯଦୁନାଥ ଦାଶ ମହାପାତ୍ର

## ଜନ-ସାହିତ୍ୟ ଗ୍ରାହକମାନଙ୍କ ଜାଣିବା ପାଇଁ

୧ । 'ଜନ-ସାହିତ୍ୟ'ର ବାର୍ଷିକଚାନ୍ଦା ଟ ୭।।, ଷାଣ୍ମାସିକ ଟ ୪। ଖଣ୍ଡି ଟ୦।୵ । ରେଜଷ୍ଟ୍ରୀ ଡାକରେ ଅଧିକା ବାର୍ଷିକ ଟ୬୲ ଅଗ୍ରୀମ ଦେୟ ।

୨ । ଜନ-ସାହିତ୍ୟ ପ୍ରତି ମାସର ପ୍ରଥମ ସପ୍ତାହରେ ପ୍ରକାଶ ପାଏ ।

୩ । ଗ୍ରାହକମାନଙ୍କ ପାଖକୁ ସର୍ଟିଫିକେଟ୍ ଅଫ୍ ପୋଷ୍ଟିଂରେ ପଠା ଯାଉଥିବାରୁ ଡାକରେ ହଜିବା କପି ବଦଳରେ ବିନା ଦାମରେ ଅନ୍ୟକପି ଦିଆଯାଏ ନାହିଁ ।

୪ । ଯେଉଁ ସ୍ଥାନରେ ଜନ-ସାହିତ୍ୟର ଏଜେଣ୍ଟ ଥିବେ ସେଠାରେ ଗ୍ରାହକମାନେ ଏଜେଣ୍ଟଙ୍କଠାରୁ ନିଜ କପି ନେଇ ପାରନ୍ତି ।

## ଏଜେଣ୍ଟମାନଙ୍କ ଜାଣିବା ପାଇଁ

୧ । ଏଜେଣ୍ଟମାନେ ଅନ୍ୟୁନ ୧୦ ଖଣ୍ଡ କପି ନେବେ ।

୨ । ଦଶଖଣ୍ଡ ବା ସେଥିରୁ କମ୍ କପିନେବା ଏଜେଣ୍ଟ ଖଣ୍ଡ ପିଛା ଟ୦।୵୨ କମିଶନ ପାଇବେ । ଦଶଖଣ୍ଡରୁ ଊର୍ଦ୍ଧ୍ୱ କପିନେବା ଏଜେଣ୍ଟ ଶତକରା ୨୫ କମିଶନ ପାଇବେ ।

୩ । ପ୍ରତି ଖଣ୍ଡପିଛା ଟ୦।୵ ଜମା ଦେଲା ପରେହିଁ ଏଜେଣ୍ଟ ଶ୍ରେଣୀଭୁକ୍ତ ହୋଇ ପାରିବେ ।

୪ । ପ୍ରତି ମାସର ବିକ୍ରୟ ଟଙ୍କା କମିଶନ ବାଦ ଉକ୍ତ ମାସର ୨୫ ତାରିଖ ସୁଦ୍ଧା ନ ପାଇଲେ ପରବର୍ତ୍ତୀ ସଂଖ୍ୟା ପଠାଯିବ ନାହିଁ ।

## ଲେଖକମାନଙ୍କ ଜାଣିବା ପାଇଁ

୧ । ଜନ-ସାହିତ୍ୟରେ ରାଜନୈତିକ, ସାମାଜିକ, ଐତିହାସିକ ଓ ରହସ୍ୟମୂଳକ ଉପନ୍ୟାସ ପ୍ରକାଶ ପାଏ । ଏହାଛଡ଼ା ଉତ୍କୃଷ୍ଟ ଅନୁବାଦ ସାହିତ୍ୟ ମଧ୍ୟ ପ୍ରକାଶ ପାଏ ।

୨ । ଜନ-ସାହିତ୍ୟରେ ପ୍ରକାଶ ପାଇଁ ଯେଉଁ ଲେଖକମାନେ ଲେଖା ପଠାଇବେ, ସେଗୁଡ଼ିକ ଯେପରି ୧୦୦ ପୃଷ୍ଠା ଭିତରେ ହୁଏ, ସେଥିପ୍ରତି ଦୃଷ୍ଟି ଦେବେ । ନୂତନ ଲେଖକମାନଙ୍କ ଲେଖା ଗ୍ରହଣ କରାଯାଏ ଏବଂ ମନୋନୀତ ହେଲେ ପ୍ରକାଶ କରାଯାଏ ।

=ଏକ=

ଶୀତ ସଂଧ୍ୟାର ଏକ ଜ୍ୟୋତ୍ସ୍ନାପ୍ଲାବିତ ମୁହୂର୍ତ୍ତ ।

ତ୍ରିତଳ ପ୍ରାସାଦର ସୁରଭିତ ଶୟନକକ୍ଷର ପୂର୍ବପାଖ 'ବାତାୟନ ସମ୍ମୁଖରେ ଛିଡ଼ାହୋଇ ଜଣକର ନୟନ ଯୁଗଳରେ ଜମି ଆସୁଥିଲା ଅଶ୍ରୁ । ପ୍ରାସାଦର ଅନେକ ତଳେ ଅଗଣିତ ପ୍ରସ୍ଫୁଟିତ କୁସୁମର ବର୍ଣ୍ଣବୈଷମ୍ୟ— ଫୁଲର ଗନ୍ଧ ପବନରେ ଭାସିଆସି ଉନ୍ମୁକ୍ତ ବାତାୟନ ଦ୍ୱାରରେ ଭାସି ବୁଲୁଛି । ଆକାଶରେ ଶିଶୁମେଘ ଖଣ୍ଡର ଶ୍ୱେତ ସଂଚରଣ । ଉଦ୍ୟାନର କେଉଁ ନିଭୃତ ପ୍ରଦେଶରୁ ବେଳେବେଳେ ଶୁଭୁଛି ଅଜ୍ଞାତ ପକ୍ଷୀଯୁଗଳର କଳରବ—ରାତ୍ରୀ ମାଡ଼ି ଆସୁଛି ଦୈତ୍ୟ ପରି ।

ଶୟନକକ୍ଷ ଲକ୍ଷ ପରିପାଠୀରେ ସଜ୍ଜିତ । ଗଜଦନ୍ତର ପଲଙ୍କ ଉପରେ ଦୁଗ୍ଧ ଫେନନିଭ ଶଯ୍ୟା—ଅର୍ଦ୍ଧେକ ଅଂଶ ଅବନମିତ—ଅପର ଅର୍ଦ୍ଧ ଅବ୍ୟବହୃତ । ପାଖରେ ଜଳୁଛି ଶାଲବାତି ଶୋଭିତ ଆଲୋକ । ପଲଙ୍କ ଉପରେ ରୌପ୍ୟ ତାମ୍ବୁଲପାତ୍ର—ବ୍ୟବହୃତ ନ ହୋଇ ଅପରିଷ୍କାର ହୋଇ ଆସିଛି । ତଳେ ରହିଛି ବହୁ ପ୍ରକାର ଖେଳ ସାମଗ୍ରୀ । ସ୍ଥାନେ ସ୍ଥାନେ ବିଛୁଡ଼ି ପଡ଼ିଛି ପୁଷ୍ପମାଳାର ଛିନ୍ନ ଅଂଶ । ନାନାରଂଗର ଭେଲଭେଟ୍ ଗାଲିଚାରେ ଚଟାଣ ପରିଶୋଭିତ ।

କାତାନୁନ ପଥର ଅପରୂପଙ୍କ ତେଲଂକୁ ଧରି କରି କାନ୍ଦୁଛି ।

ଚିନସ୍ତିତି ବଢ଼ି ଗଲାଣି । ତଥାପି ମୀନକେତନ ଫେର ନାହାନ୍ତି । ସ୍ୱାମୀଙ୍କର ଏଇ ଅହେତୁକ ଅନୁପସ୍ଥିତି ନଭାର ଅନ୍ତରରେ ଭରି ଦେଉଛି ଗୁରୁବେଦନା । ମନକୁ କରିଛି ଆହତ । ବିଖ୍ୟାତ ମଙ୍ଗରାଜ ବଂଶର ବଧୂ ଶେଷ ଆଭିଜାତ୍ୟର ଧ୍ୱଂସାବଶେଷ ଉପରେ ଛିଡ଼ାହୋଇ ଅତୀତକୁ କରୁଛି ବିଶ୍ଳେଷଣ । ତାର ବିଭାଘର ରାତିରେ ଏଇ ପ୍ରାସାଦରେ ଜଳି ଉଠିଥିଲା ଲକ୍ଷ ସୁନାର ଦୀପାଳି । ସହସ୍ର କୁସୁମର ଅପରୂପ ସଂଯୋଗରେ ମଧୁଗନ୍ଧା କିପ ହୋଇ ଉଠିଥିଲା ଇନ୍ଦ୍ରପୁରୀ—ଅସଂଖ୍ୟ ବାଦ୍ୟ—ବିଚିତ୍ର ଅଗ୍ନିବାଣରେ ଏ ଖଣ୍ଡ ମଣ୍ଡଳ ହୋଇ ଉଠିଥିଲା ମୁଖରିତ । ତରୁଣୀ ବଧୂ ନଭାର ଅନ୍ତରରେ ସେଇ ରଜନୀର ସ୍ମୃତି ଆଜି ବିରାଟ—ମାତ୍ର ଏଇ ତିନୋଟି ବର୍ଷର ଅଭିଜ୍ଞତା ବିଷାକ୍ତ କରି ଦେଇଛି ତା ମନ—ସେ ଦରିଦ୍ର ପରିବାରର କନ୍ୟା ହେଲେ ମଧ୍ୟ ଏଇଥି କ'ଣ ଗଢ଼ିଥିଲା ?

ମୀନକେତନ ଏବଂ ପ୍ରେୟସୀ ନଭା ।

ସେମାନେ ଥିଲେ ସହପାଠୀ । ମୀନକେତନ ଉଚ୍ଚବଂଶଜ—ଅଗମନରେ ଆଭିଜାତ୍ୟ—ପୋଷାକ ପରିଚ୍ଛଦରେ ଚିରନୂତନତା-ରୂପସମ୍ଭାରରେ କାର୍ତ୍ତିକେୟ । ଏହାପରି ଏକ ଶୀତସନ୍ଧ୍ୟାର ଦ୍ୱିତୀୟ ପ୍ରହରରେ କଲେଜର କୌଣସି ଏକ ମିଟିଂରେ ପରସ୍ପର ପରସ୍ପର ପ୍ରତି ଆକୃଷ୍ଟ ହୋଇଥିଲେ । ଏଇ ଆକର୍ଷଣ କ୍ରମେ ପ୍ରେମରେ ପରିଣତ ହେଲା । ତାପରେ ମୀନକେତନ ନଭାକୁ ଜୀବନ ସଙ୍ଗିନୀ କରିବାର ପ୍ରସ୍ତାବ କଲେ । ନଭାର ଦରିଦ୍ର ପିତାମାତା ଏହାକୁ ଅଭାବ ସୌଭାଗ୍ୟ ମଣି ଏ ପ୍ରସ୍ତାବରେ ସ୍ୱୀକୃତ ହୋଇଗଲେ; କିନ୍ତୁ ମୀନକେତନଙ୍କ ପରିବାରର ବୟସ୍କ ଲୋକମାନେ ଏ ପ୍ରସ୍ତାବରେ ଆଦୌ ସମ୍ମତ ହେଲେ-ନାହିଁ । ବିଖ୍ୟାତ ମଙ୍ଗରାଜ ବଂଶର ବଧୂର ଆସନ ଅଳଂକୃତ କରିବାକୁ ସେ ଯୋଗ୍ୟା ନୁହେଁ ।

ଏହି ପ୍ରସ୍ତାବ ଉପରେ ବହିଗଲା କାହିଁ କେତେ ଝଡ଼ । ମୀନକେତନ ଥିଲେ ଦୃଢ଼ ପ୍ରତିଜ୍ଞ । ନିଭାକୁ ବିଭା ନ ହେଲେ ସେ ଜୀବନ ରଖିବେ ନାହିଁ । ତାଙ୍କ ବୃଦ୍ଧା ଜନନୀ ପୁତ୍ରର ଦୃଢ଼ତା ଦେଖି ତରଳି ଗଲେ ଏବଂ ନିଜ ମତ ପରିବର୍ତ୍ତନ କରି ପ୍ରସ୍ତାବରେ ରାଜି ହେଲେ । କାଳର ଗତି ସହିତ ତାଳରଖି ଚାଲିବାକୁ ପଡ଼ିବ । ସାମନ୍ତବାଦର ଶେଷ ସୂର୍ଯ୍ୟ ଚିରଦିନପାଇଁ ଅସ୍ତମିତ— କର୍ପୂରଶୂନ୍ୟ କନା ରହିଛି । ସାମନ୍ତବାଦର ଏଇ ଅସ୍ତଗାମୀ ସୂର୍ଯ୍ୟର ଝଲମାରେ ଉପତ୍ ନାଲି ରହିଚ ଏଇ କ୍ରନ୍ଦନରତ ପ୍ରାସାଦ—ଯେଉଁ ପକ୍ଷୀ ପକ୍ଷିଣୀମାନେ ଏଇ ପ୍ରାସାଦରେ ସଦାୟ ଆଶ୍ରୟ ପାଇଥିଲେ ସେମାନେ ଆଜି ବିଦାୟ ନେଉଛନ୍ତି ।

ବିବାହ ଦିନ ଠିକ୍ ହୋଇଗଲା । ନିଭା ମନକୁ ଆଗାମୀ ସମୟ-ସମୁଦ୍ରର ସଫେଦ ତରଙ୍ଗ ଉଦ୍ବେଳିତ କରୁଥିଲା । ମୀନକେତନଙ୍କ ବଳିଷ୍ଠ ବପୁ, ଚଞ୍ଚଳ ନୟନ, ସ୍ୱର୍ଣ୍ଣ ଗୌର କାନ୍ତି, ରକ୍ତାଭ ଓଷ୍ଠାଧାର ତା ମନରେ ଆଣୁଥିଲା ଶିହରଣ । ଏଇ ବଳିଷ୍ଠ ଯୁବକର ଦୁଇ ବାହୁ ଉପରେ ନିଜର କ୍ଲାନ୍ତ ଅଙ୍ଗଲତାକୁ ଢାଳିଦେଇ କିଛି ସମୟ ବିଶ୍ରାମ ନେଇ ପାରିଲେ ସେ ନିଜକୁ ଧନ୍ୟ ମନେକରିବ । ଦରିଦ୍ରର କନ୍ୟା ନିଭା ପୁଣି କଳ୍ପନା କରୁଥିଲା ହାତୀଦାନ୍ତର ପଲଙ୍କ, ସୁନାର ଦୀପାଳି, ଅଜସ୍ର ଦାସଦାସୀର ଗହଣରେ ନିଜକୁ ଗଢ଼ିନେଇ ପାରିବ କଳ୍ପଲୋକର ଉର୍ବଶୀ କରି । ମୀନକେତନ କେଉଁ ଏକ ଅବସର ସମୟରେ ତାଙ୍କ ବଂଶର ଅବଲୁପ୍ତ ଇତିହାସ ଶୁଣାଇ ଦେଇଥିଲେ ତାକୁ । ଭୋଗବିଳାସର ଚରମ ରସିକତାରେ ଉଦ୍ଭାସିତ ହୋଇଥିଲା ଏଇ ପ୍ରାସାଦ । ଅତୀତର ସ୍ୱର୍ଣ୍ଣରେଣୁ ଦେହରେ ଜଡ଼ିତ ହୋଇ ରହିଛି ଏଇ ବଂଶର ଚିରଚରିତ ଶୃଙ୍ଗାର ଗନ୍ଧ । ନିସ୍ତବ୍ଧ ରାତିର ମଧ୍ୟଭାଗରେ କେତୋଟି ଷୋଡ଼ଶୀଙ୍କର କରପଦ୍ମରେ ଶୋଭା ପାଉଥିଲା ହାତୀଦାନ୍ତର ପାନପାତ୍ର—ସୁବାସିତ ଅଙ୍ଗଲତା ମଦ୍ୟପ ପବନରେ ଅନୁପମ ଭଙ୍ଗୀ ସୃଷ୍ଟି କରୁଥିଲା । ଉନ୍ନତ ବକ୍ଷଦେଶ, ଭ୍ରୂବିଳାସ, ଗୁମ୍ଫିତ ବେଣୀର ତାଳେ ତାଳେ ନାଚି ଉଠୁଥିଲା ଅତୀତର କେତେ ଗୌରବମୟ ଇତିହାସ— ଅବଲୁପ୍ତ ଆଜି ସବୁ । ମୀନକେତନ ନିଭା ଆଗରେ କହୁଥିଲେ ଏଇ ମହାନ୍

ବଂଶର ପୂର୍ବ ବଂଶଧରମାନଙ୍କ ଅପକୀର୍ତ୍ତି । ଏଇ ପ୍ରାସାଦର ଚତୁର୍ଦ୍ଦିଗରେ ଯେତୋଟି ବିଧବା ଆଜି ଦେଖାଯାନ୍ତି, ସେମାନେ ସମସ୍ତେ ଏଇ ବଂଶର ଅନ୍ଧରେ ପ୍ରତିପାଳିତ ହେଉଥିଲେ ।

ଝିଲକାଏ ଥଣ୍ଡା ପବନରେ ଝିଅଭିର କୃଷ୍ଣ କୁନ୍ତଳ ଥରିଉଠିଲା । ପଣନ୍ତକାନ୍ତରେ ଚକ୍ଷୁର ଲୋତକ ପୋଛି ଆଣି ସେ ପଲଙ୍କ ଉପରେ ନିଜର ଅଙ୍ଗଲତିକା ମେଲାଇଦେଲା ।

'ନୂଆବୋଉ.........'

ଝିଅଭି ଉଠିପଡ଼ିଲା—'ଆସ କୁନ୍ତଳା ।'

ସଧୀର ଚରଣ ପକାଇ କୁନ୍ତଳା ପଶିଆସିଲା ଘର ଭିତରକୁ ।

'ନୂଆବୋଉ, ତଥାପି ତୁମେ କାନ୍ଦୁଚ ?'

ଝିଅଭି କାନ୍ଦୁଥିଲା । ସେଇ କ୍ରନ୍ଦନର ଶେଷଛାପ ରହିଯାଇଚି ତାର ଚକ୍ଷୁ ପ୍ରାନ୍ତରେ । ସେ ଅପ୍ରସ୍ତୁତ ହେଲା ।

'ନାଇଁ ଗୋ କୁନ୍ତଳା, ତମେ ଭୁଲ ଦେଖିଲ ।'

କୁନ୍ତଳା ଦୀର୍ଘ ନିଃଶ୍ୱାସ ଛାଡ଼ିଲା । ସେ ଅବିବାହିତା ହେଲେ ମଧ୍ୟ ବୈବାହିକ ଜୀବନର ସୁଖଦୁଃଖ ବେଶ୍ ବୁଝି ପାରୁଛି । ସେ ଚେଷ୍ଟାଙ୍ଗୀ ତରୁଣୀ । ଝିଅଭିର ଅନ୍ତରର ଗଭୀରତମ ପ୍ରଦେଶରେ ଯେଉଁ ସବୁ ଝଡ଼ଝଞ୍ଜା ବହୁଚି ସେ କଣ ତାହା ବୁଝି ପାରୁନାହିଁ ? କଣ କହିବ ସେ ? ମରୁଭୂମିର ଓଏସିସ୍ ଭଳି ସେ ଖାଲି ବେଳେବେଳେ ତା ନୂଆବୋଉକୁ ସାନ୍ତ୍ୱନା ଦିଏ ।

'ତୁମ ଭାଇ କଣ ବିବାହ ପୂର୍ବରୁ ଏମିତି ରାତି ରାତି ବୁଲୁଥିଲେ ରହୁଥିଲେ ?'

'ନା ।'

'ତେବେ ?'

'ତେବେ ଆଉ କଣ ନୂଆବୋଉ ?'

ଝିଅଭି ଆଉ କିଛି କହିଲା ନାହିଁ । କିନ୍ତୁ ସେ ଅନୁଭବ କଲା ବିଭତ୍ସ ଯନ୍ତ୍ରଣା । ଚନ୍ଦ୍ରାଧାର ତାର ପଙ୍ଗୁ ହୋଇ ଆସିଲା । ତେବେ ମୀନକେତନ କଣ ତା' ଉପରେ ସନ୍ତୁଷ୍ଟ ନୁହନ୍ତି ? ତାଙ୍କର କଲେଜ ଜୀବନର ପ୍ରେମ କଣ ସବୁ ଛଳନା ? ନୂତନତ୍ୱର ଆସ୍ୱାଦନ ପାଇଁ ନଷ୍ଟଚରିତ ଭ୍ରମର ଯେମିତି ଭ୍ରମଣ

ଫୁଲ ପାଖରେ ବାହ୍ଯ ଗୃହ ପ୍ରକାଶ କରେ, ରସ ଆସ୍ୱାଦନା ପରେ ସେ ଫୁଲକୁ ପରିତ୍ୟାଗ କରି ପୁଣି ନୂତନ ଫୁଲର ସନ୍ଧାନକରେ, ମୀନକେତନ କଣ ଠିକ୍ ସେହିପରି ? ପ୍ରଥମ ଜୀବନର ପ୍ରେମ ଆଜି କଣ ତାଙ୍କ ପାଖରେ ଅର୍ଥହୀନ ?

'ନୂଆବୋଉ, ତମେ ଅଯଥା ରେ ଭାବି ଭାବି ତମର ସୁନାମୁହଁକୁ ଝାଉଁଳାଇ ଦେଲଣି ।'

'ଅଯଥାରେ ମୁଁ ଭାବୁନାହିଁ କୁନ୍ତଳା । ତମେ ହୁଏତ ବୁଝିପାରିବ ନାହିଁ ମୋ ର ମର୍ମ ବେଦନା । ବିବାହର ଅବ୍ୟବହିତ ପରେ ତୁମେ ଯଦି ଏଇମିତି ପରିସ୍ଥିତିର ସମ୍ମୁଖୀନ ହୁଅ, ସେତେବେଳେ ଉପଲବ୍ଧି କରିବ ନାରୀ କଣ ଗୃହେ ? ସ୍ୱାମୀ ଉପରେ କେମିତିକା ଦାବୀ ତାର ? ଆଉ ସେହି ଦାବୀ ଯଦି ବାରମ୍ବାର ବାଧାପାଏ, ତେବେ ସାଧାରଣ ଅବସ୍ଥା ରେ ନାରୀ ବିଦ୍ରୋହ କରିବା କଥା ।'

'ତୁମେ ବିଦ୍ରୋହ କରୁନା ନୂଆବୋଉ ?'

'କିନ୍ତୁ ଫଳ କଣ ହେବ କୁନ୍ତଳା, ଅସନ୍ତୋଷର ଅଗ୍ନି ଜଳି ଉଠି ଚତୁର୍ଦ୍ଦିଗକୁ ବ୍ୟାପିଯିବାହିଁ ଯାହା ସାର ହେବ ।'

କୁନ୍ତଳା ଭଲ ଭାବରେ ବୁଝି ପାରୁଥିଲା ସବୁ କଥା । କିନ୍ତୁ ସମସ୍ତ ତା' ସାମର୍ଥ୍ୟର ବାହାରେ । ଏ ସବୁର ପ୍ରତିକାର ତାଦ୍ୱାରା ସମ୍ଭବ ନୁହେଁ । ଧା'ର ପ୍ରାଣପ୍ରିୟ ଜ୍ୟେଷ୍ଠ ଭାଇକୁ ଶାସନ କରିବାର ଅଧିକାର ତ ତାର ନାହିଁ— ସେ କନ୍ୟା, ତେଣୁ ଉପଦେଶ ଦେବାର ପ୍ରଶ୍ନ ଉଠେନା ।

ଦାସୀ ଚମ୍ପିଲା ଗରମ ଦୁଧ ଗ୍ଲାସକ ଆଣି ପାଖରେ ଛିଡ଼ା ହେଲା—'ବୋହୂ ସାଆନ୍ତାଣି, ଦୁଧ ଏତକ ପିଇ ଦଅନ୍ତୁ ।'

ନାଭି ଗ୍ଲାସଟା ନେଇ ଢକଢକ କରି ସମସ୍ତ ଦୁଧ ପିଇଦେଲା ଏକା ନିଃଶ୍ୱାସକେ । ବାସ୍ତବିକ ତାର ଅଜାଣତରେ ସେ ଖୁବ କ୍ଷୁଧିତ ହୋଇ ପଡ଼ିଥିଲା । ଚମ୍ପିଲା ଗ୍ଲାସ ନେଇ ଚାଲିଯିବା ପରେ କୁନ୍ତଳା କହିଲା—'ନୂଆବୋଉ, ଭାଇଙ୍କର ଏ ଅଧୋଗତି ପାଇଁ କେହି ଦାୟୀ ନୁହନ୍ତି ଏ ଜଗତରେ ।'

'ଆଉ ?' ପଚାରିଲା ନାଭି । 'ସ୍ୱର୍ଗମଣ୍ଡଳର କେହି କଣ ଏଥିପାଇଁ ଦାୟୀ ?'

'ତୁମ କଥାରେ ସତ୍ୟତା ଥାଇପାରେ ନୂଆବୋଉ, ସେଥିପାଇଁ ଏଇ

ବଂଶହିଁ ଦାୟୀ । ଭାଇଙ୍କର ଦେହରେ ପ୍ରବାହିତ ହେଉଥିବା ରକ୍ତହିଁ ଦାୟୀ । ମୁଁ ଶୁଣିଛି ଏ ବଂଶର ପୂର୍ବ ବଂଶଧରମାନେ ବଂଶାନୁକ୍ରମିକ ଭାବେ ଲମ୍ପଟ, ନଷ୍ଟ ଚରିତ୍ର, କାମୁକ ଥିଲେ । ତେଣୁ ଏହି ପ୍ରାସାଦରେ ବହୁ ଦାସ-ଦାସୀ ରଖି ସେମାନେ ବିଳାସ ବ୍ୟସନରେ ବୁଡ଼ି ରହି କାଳାତିପାତ କରୁଥିଲେ । ଏ ସବୁ ଥିଲା ଏଇ ଆଭିଜାତ୍ୟର ଏକ ଅଂଗ । ବୁଝୁଛ ?'

'ହଁ—'

'ତେଣୁ ଭାଇଙ୍କୁ ଦୋଷ ଦେଇ ଲାଭ କଣ ?'

'ତୁମ ଭାଇଙ୍କୁ ମୁଁ ଦୋଷ ଦେଉନି କୁନ୍ତଳା, ସବୁ ଦୋଷ ମୋର । କିନ୍ତୁ ଅତୀତର ସ୍ମୃତି ବେଳେବେଳେ ମତେ ଜର୍ଜରିତ କରୁଛି । ତମେ ତ ଜାଣ, ଦରିଦ୍ର ଘରର କନ୍ୟା ହିସାବରେ ତୁମ ଭାଇଙ୍କ ପ୍ରେମ ବ୍ୟତୀତ ମୋର ଆଉକିଛି ସମ୍ବଳ ନ ଥିଲା । ନ ଥିଲା ଏଇ ଆଭିଜାତ୍ୟ—ଏଇ ଆତ୍ମାଭିମାନ । ସେଇତକ ସମ୍ବଳ ଆଜି ଯେତେବେଳେ ଧୂଳିରେ ମିଶିଯିବାକୁ ବସିଛି, ମୁଁ ଥୟଧରି ରହିବି କେମିତି ?'

'ଥୟଧରି ରହିବାକୁହିଁ ପଡ଼ିବ ନୂଆବୋଉ, ଆଉ କିଛି କରିବାର ନାହିଁ ।'

ରାତି ଗମ୍ଭୀର ହେବାକୁ ବସୁଛି । ବାହାରେ ନୀରବତା । ପଲ୍ଲୀପ୍ରାଣ ଗଭୀର ନିଦ୍ରାଭିଭୂତ ହେବାକୁ ବସିଲାଣି ।

କୁନ୍ତଳା କହିଲା—'ମୁଁ ଗୋଟାଏ ଗୀତ ଗାଏଁ । ତମେ ମନଦେଇ ଶୁଣ । ଦୁଶ୍ଚିନ୍ତାରୁ ରକ୍ଷା ପାଇବା ପାଇଁ ସଙ୍ଗୀତ ଖୁବ ଦରକାରୀ ।'

କୁନ୍ତଳାର ମସ୍ତକରେ ସ୍ନେହକର ବୁଲାଇ ନିଭା କହିଲା—'ଗାଅ ଭଉଣୀ, ଗୀତ ଶୁଣି କ୍ଷଣକପାଇଁ ମୁଁ ଏ ବିଶ୍ୱ ବ୍ରହ୍ମାଣ୍ଡକୁ ଭୁଲିଯାଏଁ ।'

ଖାଁଖରୁ ହାରମୋନିୟମଟା ଆଣି ପଲଙ୍କ ଉପରେ ରଖି କୁନ୍ତଳା ତୁହାଇ ଦେଲା ତା କଂଠର ଲହରି । ଗୀତ ପରେ ସେ କହିଲା—'ନୂଆବୋଉ, ଏଇ ଗୀତଟି ଭାଇ ମତେ ଶିଖେଇ ଦେଇଥିଲେ ।'

'ତମ ଭାଇ ଖୁବ ସୁନ୍ଦର ଗାଆନ୍ତି । ମୋର ଆଉ ତାଙ୍କର ପ୍ରେମ ମୂଳରେହିଁ ଥିଲା ତାଙ୍କର ଏଇ କଣ୍ଠର ପରିଚୟ । ସେଦିନ କଲେଜ ମିଟିଂରେ ତାଙ୍କର ପ୍ରାରମ୍ଭିକ ସଙ୍ଗୀତ ଶୁଣି ମୁଁ ତାଙ୍କପ୍ରତି ଆକୃଷ୍ଟ ହୋଇଥିଲି ।'

କୁନ୍ତଳା ବସ୍ତୁର ନୟନରେ ଚାହିଁ ରହିଥିଲା ତା ମୁହଁକୁ । ସେ ଖୁସି କହିଲା—'ତା' ପରେ କେତେ ସଂଘାତ ମିଳନ ପ୍ରବାହରେ ଉଜ୍ଜ୍ୱଳ ହୋଇ ଉଠିଥିଲା ଆମର ପଥ—କେତେ ରାତିର ମିଳନ ସମ୍ଭାରରେ ଚଞ୍ଚଳ ହୋଇଥିଲା ଜଗ । ମୁଁ ଭାବିଥିଲି, ଏଇ ଅନନ୍ୟ ସୁନ୍ଦର ଯୁବକଙ୍କୁ ନେଇ ଗଢ଼ିବି ମୋର କଳ୍ପନାର ତାଜ୍—ତାଙ୍କର ପ୍ରସାରିତ ବକ୍ଷଦେଶରେ ମୁଖଆଉଜି ସାରା ଜୀବନ ଭଗା କରିବି ଅଭୟ । ତୁମେ ବୋଧେ ଜାଣିନାହିଁ, ପ୍ରଥମରୁ ମୁଁ ତାଙ୍କୁ ବିଶ୍ୱାସ କରୁନଥିଲି । କିନ୍ତୁ ସେ ଏମିତି ସୁଦକ୍ଷ ଅଭିନେତା ଯେ ଖୁବ୍ ଅଳ୍ପ ସମୟ ମଧ୍ୟରେ ମୋର ମନପ୍ରାଣକୁ ଜଜର କରିନେଲେ ।' ହଠାତ୍ ଝୁଲୁଥିବା କାଚର ଝାଡ଼ ଖସି ପଡ଼ିଲା ତଳେ । କାଚସବୁ ଚୂର୍ଣ୍ଣବିଚୂର୍ଣ୍ଣ ହୋଇ ଏଣେ ତେଣେ ଝରି ପଡ଼ିଲା ।

'ଚଅଁଲା, ଚଅଁଲା'—ଡାକ ଛାଡ଼ିଲା ନନ୍ଦା । କାଳ ବିଳମ୍ବ ନ କରି ଚଅଁଲା ଆସି ହାଜର ହେଲା । କାଚସବୁ ଉଠାଇ ନେଇ ଫିଙ୍ଗିଦେବା ପାଇଁ ନିର୍ଦ୍ଦେଶ ଦେଇ ସେ ଚାହିଁ ରହିଲା ଜଳୁଥିବା ନୀଳ ଆଲୋକ ଆଡ଼େ । କେତେକ ମଣିଷଙ୍କର ଜୀବନକୁ ଏଇ ନୀଳ ଆଲୋକ ସହିତ ତୁଳନା କରାଯାଇ ପାରେ ଆଉ କେତେକଙ୍କର ଜୀବନକୁ ଭାଙ୍ଗି ଯାଇଥିବା କାଚଝାଡ଼ ସହିତ ସମାନ କରାଯାଇ ପାରେ । ଶଯ୍ୟା ପାର୍ଶ୍ୱରେ ଥିବା ଫୁଲହାରକୁ ଆଣି ଅନ୍ୟମନସ୍କ ଭାବରେ ଛିଣ୍ଡାଇବାକୁ ଲାଗିଲା ନିଜେ । ଏ ଫୁଲ ହାରର ପ୍ରୟୋଜନ କାହିଁ ?

କୁନ୍ତଳା ଚାହିଁ ରହିଥିଲା ଉପରକୁ—ସର୍ବଗ୍ରାସୀ କାଳ ସ୍ରୋତରେ କାଚଝାଡ଼ ବାନ୍ଧା ହୋଇଥିବା ରଜ୍ଜୁ ଜୀର୍ଣ୍ଣ ହୋଇ ପଡ଼ିଥିଲା ସମସ୍ତଙ୍କ ଅଲକ୍ଷ୍ୟରେ । ଭାଙ୍ଗି ଯାଇଥିବା କାଚଝାଡ଼ର ଦୁରବସ୍ଥାରେ ସେ ସମବେଦନା ଜଣାଇ ଦୀର୍ଘ ନିଃଶ୍ୱାସ ଛାଡ଼ିଲା ।

ସାମନା ବାରଣ୍ଡା ଦେଇ ବୃଦ୍ଧ ଗୋମସ୍ତା ସେଇ ପୁରୁଣା ଲଣ୍ଠନଟି ଧରି ଭିତରକୁ ଗଲେ, ମୀନକେତନଙ୍କ ମାଙ୍କ ପାଖରୁ କେତେକ ଜରୋସ୍ତ କରିବାର ନିର୍ଦ୍ଦେଶ ପାଇ । ହାତରେ ତାଙ୍କର ଥିଲା ପୁରୁଣା ଜମାଖର୍ଚ୍ଚ ବହି । ପ୍ରତି ପୃଷ୍ଠା ତାର ଅଙ୍କ ଟଙ୍କାର କଣ ଜଟିଳ । ଜମିଦାରୀ ଉଚ୍ଛେଦ ପରେ

ସେସ ମଧ୍ୟ ଆଉ ଅଳ୍ପ ଦିନରେ ଅସ୍ତ ହୋଇଯିବ । ଏଇ ବଗିଚ ପ୍ରାସାଦ, ସୁନ୍ଦର ପ୍ରସସ୍ତି ଉଦ୍ୟାନ, କେଳି ପୁଷ୍କରିଣୀ, ମାଧବୀ କୁଞ୍ଜ, ରାଜ ରାଜେଶ୍ୱରୀ ମନ୍ଦିର, ସବୁଥିରୁ ଆଜ ଝରୁଚ ଶୂନ୍ୟତାର ଲୋତକ ।

ନୟନପୁରର ମଙ୍ଗରାଜ ବଂଶ । ସମଗ୍ର ଉତ୍କଳରେ ଏହି ବଂଶର ମହିମାମୟ ଗାରିମା ସୁବିଦିତ । ସେମାନଙ୍କର ଜମିଦାରୀ ମରହଟ୍ଟା ଭାସ୍କର ପଣ୍ଡିତଙ୍କ ଦାନ—ଜମିଦାରୀର ଆୟ ପ୍ରାୟ ଲକ୍ଷେ ଟଙ୍କା ଥିଲା । ଏଇ ଡିଆସ ସାମନାରେ ଯେଉଁ ଦେବଦାରୁ କୁଞ୍ଜ ରହିଚ ସେଇଠି ଗୃହିଟି ହାତୀ ସର୍ବଦା ବନ୍ଧା ହୋଇ ରହୁଥିଲେ । ତା ଛଡ଼ା ଘୋଡ଼ା ଆଠଦଶୋଟି ଥିଲେ । ଗାଈ ମଇଁଷିର ସଂଖ୍ୟା ନାହିଁ । ହାଟପାଖ ବରଗଛ ମୂଳେ ଚବିଶଘଣ୍ଟା ସଦାବର୍ତ୍ତ ଲାଗି ରହିଥିଲା । ବହୁ ଦୂରଦେଶରୁ ଆଗତ ହେଉଥିଲେ ସଙ୍ଖ୍ୟ ସାଧୁ ସନ୍ନ୍ୟାସୀ । ହାତୀ, ଘୋଡ଼ା, ଓଟ ଉପରେ ସେମାନଙ୍କ ଜନପଦ ଲର୍ଦ୍ଦି ଦଳଦଳ ହୋଇ ସେମାନେ ଆସୁଥିଲେ । ମଙ୍ଗରାଜ ଡିଆସରୁ ସେମାନଙ୍କ ପାଇଁ ସଦାବର୍ତ୍ତ ଖଞ୍ଜା ଥିଲା । କାଳଚକ୍ରର ଆବର୍ତ୍ତନରେ ସେହି ଗରିମାମୟ ଅତୀତ ଆଜି ଅନ୍ଧକାରର ଗହ୍ୱର ଭିତରେ ନଷ୍ଟ ହୋଇଯାଇଛି । ମଙ୍ଗରାଜ ବଂଶର ସମସ୍ତ ଜମିଦାରୀ, ଦେବୋତ୍ତର ମାହାଲ, ସରକାର ନେଇ ଯାଇଛନ୍ତି । ଅତୀତର ବୁନିୟାଦୀ ଅନ୍ତଃସାର ଶୂନ୍ୟ ।

ମୀନକେତନ ଏଇ ଗୌରବମୟ ବଂଶର ଉତ୍ତରାଧିକାରୀ । ସାମନ୍ତବାଦ ଆଜି ନଥିଲେ ମଧ୍ୟ ସାମନ୍ତବାଦୀ ଅଭ୍ୟାସ କେତୋଟି ରହିଯାଇଚ ତାଙ୍କର । ଏଇ ଅଭ୍ୟାସ ପୂର୍ବ ବଂଶଧରମାନଙ୍କ ପାଖରେ କୁଅଭ୍ୟାସରେ ପରିଗଣିତ ହେଉ ନଥିଲା । ଅଗଣିତ ସ୍ତ୍ରୀ ମେଳରେ ରହିବା ଥିଲା ସେମାନଙ୍କର ଗୌରବ । ନଭା ଏ ସବୁ ଜାଣି ନଥିଲା । ଜାଣିଥିଲେ ହୁଏତ ସେ ଅନ୍ୟ କିଛି କରିଆନ୍ତା । ବର୍ତ୍ତମାନ ଉପାୟ ? ସ୍ୱାଧୀନ ଭାରତର ନୂତନ ଆଇନ ଆଜି ନାରୀକୁ ଦେଇଛି ଛାଡ଼ପତ୍ର ଅଧିକାର । ସ୍ୱାମୀ ଦୁଶ୍ଚରିତ୍ର ହେଲେ ସ୍ତ୍ରୀ ତାକୁ ଛାଡ଼ପତ୍ର ଦେଇ ନୂତନ ସ୍ୱାମୀ-ଗ୍ରହଣ କରି ପାରିବ । ପାଶ୍ଚାତ୍ୟ ଜଗତରେ ଏହା ଦୈନନ୍ଦିନ ଘଟଣା ।

ନିଭାର ମୁଖମଣ୍ଡଳ ଆରକ୍ତ ହୋଇ ଉଠିଲା କିନ୍ତୁ ନିଭା ଆଜି ଖାଲି ନିଭା ନୁହେଁ—ସେ ଆଜି ମଙ୍ଗରାଜ ବଂଶର ବଧୂ । ଏହି ବଂଶର କୌଣସି ନାରୀ କେବେହେଲେ ତା ସ୍ୱାମୀ ବିରୁଦ୍ଧରେ କିଛି କାର୍ଯ୍ୟାନୁଷ୍ଠାନ କରିନାହିଁ—ସେ ବା କରିବ କିପରି ? ଛାଡ଼ପତ୍ର ଆଇନ ଏ ଯାଏ ତ ସମାଜରେ ଅନୁମୋଦିତ ହୋଇନାହିଁ । ସାମାଜିକ ପରିସର ମଧ୍ୟରେ ରହି ତାକୁ ସବୁ ସହିବାକୁ ପଡ଼ିବ । ଯେଉଁ ସର୍ପିଣୀ ଗୁଣିଆ ହାତରେ ଥରେ ବନ୍ଦୀ ହୋଇ ସାରିଛି ତାର ଆଉ ଫଣା ଟେକିବାର ଲାଭ କିଛି ନାହିଁ । ଉତ୍ତୋଳିତ ଫଣା ତାର ଶକ୍ତ ବସୁନ୍ଧରା ପୃଷ୍ଠରେ ବାରବାର ଆଘାତ କରିବ—ତଦ୍ଦ୍ୱାରା ସେ ନିଜେହିଁ କଷ୍ଟ ଭୋଗ କରିବ ।

କୁନ୍ତଳା କହିଲା—'ନୂଆବୋଉ, ଯାହା କିଛି ହେଉ, ଭାଇ ତମକୁ ଭାରି ଭଲ ପାଆନ୍ତି । ଏଇତ କିଛିଦିନ ଆଗେ ତମପାଇଁ ବନାରସ ଆଉ କାଶ୍ମୀରରୁ ବହୁ ମୂଲ୍ୟବାନ ପରିଚ୍ଛଦ ଅଣାଇ ଦେଇଛନ୍ତି । ତମର ଦେହ ଅସୁସ୍ଥ ହେଲେ ସେ ନିଜେ ଅସ୍ୱସ୍ତି ବୋଧ କରନ୍ତି । ତମେ ନ ଖାଇଲେ ଖାଦ୍ୟ ତାଙ୍କୁ ବିଷପରି ଲାଗେ ।'

'ହଁ କୁନ୍ତଳା, ତମ ଭାଇ ଖୁବ୍ ଉଦାର । ମୋତେ ଜୀବନସଙ୍ଗିନୀ କରି ଆଣିଛନ୍ତି ଯେତେବେଳେ କେତେଗୁଡ଼ିଏ କର୍ତ୍ତବ୍ୟ ତ ତାଙ୍କୁ କରିବାକୁ ହେବ । ତୁମେ ତ ଜାଣିଚ, ଏହି ବଂଶର ବଧୂକୁ କେମିତି ସସମ୍ମାନେ ଚଳିବାକୁ ହୁଏ । ମୂଲ୍ୟବାନ ପରିଚ୍ଛଦ ଅମାପ ଅଳଙ୍କାର ନ ହେଲେ ଏ ବଂଶର ବଧୂ ଶୋଭା ପାଇବ ନାହିଁ । ଏ ସବୁର ପ୍ରୟୋଜନୀୟତା ଏହି ପ୍ରାସାଦର ମନୋରଞ୍ଜନ ପାଇଁ । କିନ୍ତୁ ତୁମ ଭାଇ······' କଣ୍ଠରୁଦ୍ଧ ହୋଇ ଆସୁଥିଲା ନିଭାର । ଏହି ଶୁକବାକ୍ୟ ମୀନକେତନଙ୍କ ତରୁଣ ମନକୁ ଆଉ ଧରି ରଖି ପାରୁ ନାହିଁ । ମାତ୍ର ତିନୋଟି ବର୍ଷପାଇଁ ଯାହାର ଆବଶ୍ୟକତା ଥିଲା । ବର୍ତ୍ତମାନ ସେ ପୁଣି ନୂତନର ସନ୍ଧାନରେ ବ୍ୟସ୍ତ । ପ୍ରାଣରେ ତାର ପ୍ରାଣଭରା ହା-ହୁତାଶ—ହୃଦୟକୁ ଯଦି କୌଣସି ଉଦ୍ୟାନ ସହିତ ତୁଳନା କରାଯାଏ ତେବେ ନିଭାର ହୃଦୟ ଉଦ୍ୟାନରେ ବର୍ତ୍ତମାନ ଘୋର ଗ୍ରୀଷ୍ମକାଳ—ସମସ୍ତ ଲତାପତ୍ର ମୁମୂର୍ଷୁ—ଜଳାଧାର ଶୂନ୍ୟ ।

କୁନ୍ତଳା କହିଲା—'ନୂଆବୋଉ, ଏଇଟା ଅତି ସାମାନ୍ୟ କଥା । ତମକୁ ନ ଜଣାଇ ଘରୁ ଦିନରାତି ଅନୁପସ୍ଥିତ ରହିବା ଗୋଟାଏ ଗୌଣକଥା । ପୂର୍ବ ବଂଶଧରମାନଙ୍କର ଯେଉଁ ସବୁ ବଦ୍‌ଗୁଣ ଥିଲା ଭାଇଙ୍କର ତହିଁରୁ କାଣିଚାଏ ହେଲେ ନାହିଁ । ତମେ ଜାଣ, ପୂର୍ବେ ଯେଉଁମାନେ ଏଠାରେ ଉଆସ ମଣ୍ଡନ କରିବାକୁ ବଧୂ ରୂପରେ ଆସୁଥିଲେ ସେମାନେ କେବଳ ଏଇ କୋଠାବାଡ଼ି, ଧନରତ୍ନ, ଦାସ ଦାସୀ ଦେଖି ଦେଖି ସନ୍ତୁଷ୍ଟ ରହୁଥିଲେ । ସ୍ୱାମୀ ସମ୍ଭୋଗ-ଲିପ୍‌ସା ସେମାନେ ଭୁଲି ଯାଉଥିଲେ ।'

'ତାହାହେଲେ ତମ ଭାଇ ସେମିତି ଗୋଟିଏ ଜାନୁଆର ନ ଆଣି ମତେ ଆଣିଲେ କାହିଁକି ?'—କ୍ରୁଦ୍ଧ ସ୍ୱରରେ ପଚାରିଲା ନିଭା ।

ଏହି ପ୍ରଶ୍ନର ଉତ୍ତର ଦେବାକୁ କୁନ୍ତଳା ଟିକିଏ ଇତଃସ୍ତତ ହୋଇ ଏକଥା କହିଲା—'ମୁଁ ତ ଜାଣେ ନାହିଁ ନୂଆବୋଉ, ଭାଇ ତମକୁ ଏଠିକି ଆଣିଛନ୍ତି କି ତମେ ନିଜେ ନିଜେ ଏଠାକୁ ଆସିଛ ।'

ଆରକ୍ତ ନୟନରେ ଚାହିଁଲା ନିଭା କୁନ୍ତଳାର ମୁଖକୁ । କୁନ୍ତଳାର ସ୍ୱର୍ଣ୍ଣିଭ ଆନନ ଝାଉଁଳି ପଡ଼ିଲା । 'କଣ ତମେ କହୁଚ କୁନ୍ତଳା ? ଚରିତ୍ରହୀନତା କଣ ତୁମମାନଙ୍କର ବଂଶଗତ ମର୍ଯ୍ୟାଦା ? ତମେ ନାରୀ ହୋଇ ତମ ଭାଇଙ୍କର ଏ କର୍ମକୁ କିପରି ସମର୍ଥନ କରୁଛ ?'

'ସମର୍ଥନ କରୁନାହିଁ ନୂଆବୋଉ ! ମୋ କହିବା ଅର୍ଥ ହେଉଛି—ତମକୁ ଏ ସବୁ ସହିପିବାକୁ ପଡ଼ିବ ।'

'କାହିଁକି ? ମତେ କଣ ତୁମର ପରି ଭୀରୁ ଭାବିଚ ? ତମେ ଆଗ୍ନେୟଗିରି ବୋଲି ଗୋଟିଏ ପଦାର୍ଥ ଏଇ ପୃଥିବୀରେ ଅଛି ଜାଣିଥିବ । ମତେ ତାହାର ସହିତ ତୁଳନା କରିପାର । ମୁଁ ଆବଶ୍ୟକ ହେଲେ ଅଗ୍ନିବର୍ଷା କରିପାରେ । ତମର ଏଇ ଉଆସ, ଏଇ ଉଦ୍ୟାନ ସବୁକୁ ମୁଁ ସେ ଅଗ୍ନିରେ ପୋଡ଼ିଜାଳି ପାଉଁଶ କରି ଦେଇପାରେ ।'

'କ୍ଷମାକର ନୂଆବୋଉ; ଏଇ ବଂଶର ମର୍ଯ୍ୟାଦା ଜଗି ଚଳିବାକୁ ହେଲେ ସେ ସବୁ କରନାହିଁ । ଲୋକେ କଣ କହିବେ ? ସମାଜ କଣ କହିବ ? ତୁମ

ଗାଁରେ ଅପବାଦର ଉଦ୍ଦାମ ଝଞ୍ଜା ଉଠିବ ଚତୁର୍ଦ୍ଦିଗରେ । ଭାଇଙ୍କର ମନସ୍ତାପର ସୀମା ରହିବ ନାହିଁ ।'

'ଉଃ, ଥାଉ କୁନ୍ତଳା, ତମେ ମତେ ଆଉ ଉତ୍ତେଜିତ କରନାହିଁ । ମସ୍ତିଷ୍କ ମୋର ଭୀଷଣ ଉତ୍ତପ୍ତ ।'

'ମୁଁ ଚାଲିଯାଉଛି, ତମେ ଟିକିଏ ଶୋଇବାକୁ ଚେଷ୍ଟା କର ।'

କୁନ୍ତଳା ଧୀର ପଦକ୍ଷେପରେ ଶୁଭ୍ରର ଶୟନ କକ୍ଷରୁ ବାହାରି ଆସିଲା । କୁମାରୀ ତରୁଣୀର ମନ ଗୁରୁ ଯନ୍ତ୍ରଣାରେ ପରିପୂର୍ଣ୍ଣ ହେଲା ।

ନନ୍ଦା ସୁଶୋଭିତ ପଲଙ୍କର ଏକ ପାର୍ଶ୍ୱରେ ଶୟନ କଲା । ମୁଖମଣ୍ଡଳକୁ ଉପାଧାନ ଉପରେ ଲୁଚିରଖି ମୃଗନୟନରୁ କାହିଁ କେତେକ ଅଶ୍ରୁ ବର୍ଷଣ କରିଗଲା ।

ମୀନକେତନ ନିଷ୍ଠୁର, ହୃଦୟହୀନ ।

ତିନୋଟି ବର୍ଷ ତଳେ ଏଇ ମୀନକେତନଙ୍କ ସଙ୍ଗ ଲଭିବା ପାଇଁ କୁମାରୀ ନନ୍ଦା ପାଗଳିନୀ ହୋଇ ଉଠିଥିଲା, ଆଉ ଆଜି ପୁଣି ତିନି ବର୍ଷ ପରେ······?

ମୀନକେତନଙ୍କ ଉପରେ ମନ ତାର ବିଦ୍ରୋହୀ ହୋଇ ଉଠୁଛି । ଏଇ ମିଥ୍ୟା ଆଭିଜାତ୍ୟ ଧରାପୃଷ୍ଠରୁ ସମୂଳେ ଯଦି ଲୋପ ପାଇଥାନ୍ତା ସେ ତାହାହେଲେ ବଞ୍ଚି ଯାଆନ୍ତା । ଆଭିଜାତ୍ୟ ସହିତ ଚରିତ୍ରହୀନତା ଯଦି ଘନିଷ୍ଠ ଭାବରେ ଜଡ଼ିତ ହୋଇ ରହିଥାଏ, ତେବେ ସେ ଆଭିଜାତ୍ୟର ଶେଷପାଇଁ ନନ୍ଦା ଅପ୍ରାଣ ସଂଗ୍ରାମ କରିବ । ସାମନ୍ତବାଦର ଯୁଗ ଯାଇ ସମାଜବାଦର ଯୁଗ ଆସିଛି । ଆଭିଜାତ୍ୟ ଆଜି ମରଣର ଦ୍ୱାର ଦେଶରେ । ତାକୁ ସମ୍ପୂର୍ଣ୍ଣରୂପେ ମାରିଦେବାକୁ ହେବ ।

ଚଈଁଲା ପ୍ରବେଶ କଲା—'ବୋହୂ ସାଆନ୍ତାଣି······'

'କଣ ?'

'ଖାଇବା ପାଇଁ ସବୁ ପ୍ରସ୍ତୁତ ।'

'ମୁଁ ଆଜି ରାତିରେ କିଛି ଖାଇବି ନାହିଁ ।'

'ମା ଠାକୁରାଣୀଙ୍କର ଆଦେଶ—'

'ଚଈଁଲା, ମାଙ୍କୁ ଜଣାଇ ଦେ, ମୁଁ କିଛି ହେଲେ ଆହାର କରିବି ନାହିଁ ।'

ବୁଦ୍ଧିମନ୍ତ ଚାଁଲା ତ ର ମନର ଅବସ୍ଥା ବୁଝି ପାରି ଆଉ କିଛି ନ କହି ଚାଲିଗଲା । କିନ୍ତୁ ପୂର୍ବପରି ଶୋଇ ରହିଲା ମୁଣ୍ଡ ଭିତରେ ଅସଂଖ୍ୟ ଭାବନାର ଗୁରୁଭାର ବହନ କରି ।

ଆଉ କେତେଦିନ ପରେ ଏହି ଦୁଃଖରଜନୀର ଅବସାନ ଘଟିବ ତାହା କିଏ ଜାଣେ ?

—ଦୁଇ—

ରାତ୍ରିର ନିସ୍ତବ୍ଧତା ମଧ୍ୟରେ ପ୍ରାସାଦ ନୀରବ । ଦାସ ଦାସୀମାନେ ସେମାନଙ୍କ କର୍ତ୍ତବ୍ୟ ଶେଷ କରି ଯେ ଯାହାର ଶଯ୍ୟାରେ ଶୟନ କଲେଣି । ମଧ୍ୟେ ମଧ୍ୟେ ନିଶାର ଗର୍ଜନରେ ଚତୁର୍ଦ୍ଦିଗର ବାୟୁମଣ୍ଡଳ ଶଂକିତ ହୋଇ ଉଠୁଛି । ପ୍ରାସାଦର କିଛିଦୂରରେ ଥିବା ଅଳ୍ପ ଜଙ୍ଗଲାବୃତ ପ୍ରାନ୍ତରରୁ ଶୃଗାଳର ନୈଶ ଚିତ୍କାର କର୍ଣ୍ଣ କୁହରରେ ପ୍ରବେଶ କରି ଭୟ ସଞ୍ଚାର କରାଉଛି ।

ଫଡ଼ ଫଡ଼ ଫଡ଼ । ନାମ ଜଣା ନଥିବା କେଉଁ ଏକ ପକ୍ଷୀ ନିଜର ବାତାୟନ ପାର୍ଶ୍ୱ ହୋଇ ଉଡ଼ିଗଲା ଦୂରକୁ ।

ଦୁଃସ୍ୱପ୍ନ—ତା'ର ନିଦ୍ରା ଭାଙ୍ଗିଗଲା—କେଉଁ ଏକ ଦୁଃସ୍ୱପ୍ନ ଦେଖୁ ଦେଖୁ ହଠାତ୍ ତାର ଅଚେତନ ମନ ସଜାଗ ହୋଇ ଉଠିଲା ।

ବାହାରେ ଜମାଟ ବାନ୍ଧିଛି ରାତି । ପାହିବାକୁ ଆହୁରି ଅନେକ ସମୟ ବାକି । ମୁଣ୍ଡ ପାଖରେ ଥିବା କାନ୍ଥ ଘଣ୍ଟାକୁ ଚାହିଁ କିନ୍ତୁ ଦେଖିଲା—ବାଜିଛି ଦୁଇଟା ।

ଉଦ୍ୟାନର ଅପରପଟେ କୁକୁରର ଅଶୁଭ କଣ୍ଠଶବ୍ଦ । ସାଧାରଣ ଅବସ୍ଥାରେ କୌଣସି କୁକୁର ତ ଏମିତି ଚିତ୍କାର କରେ ନାହିଁ ।

କିନ୍ତୁ ପଲଙ୍କ ଛାଡି ବାତାୟନ ପାଖରେ ଦଣ୍ଡାୟମାନ ହୋଇ ନୈଶ ପ୍ରକୃତିର ବକ୍ଷ ଦେଶରେ ଦୃଷ୍ଟିନିକ୍ଷେପ କଲା । ବାହାରେ ଯେମିତି ଅଶରୀରୀ ପ୍ରେତଲୋକବାସୀର ଭୟଙ୍କର ଲୀଳା । ଏମିତି ଏ ଭୟ ଶଙ୍କୁଳ ରାତ୍ରିରେ ସେ ଏକାକୀ । କେଉଁ ଅଜ୍ଞାତ ପାପ ଯୋଗୁ ତାର ଏ ଦୁରବସ୍ଥା ! ଜୀବନରେ

ତାର ଅତିକ୍ରମିଛି ତେଇଶଟି ବସନ୍ତ । ଏହାର ଭିତରେ ସେ ତ କୌଣସି କୁକର୍ମ କରିନାହିଁ । ତେବେ ତାର ଏ ବିପତ୍ତି କେଉଁଥି ପାଇଁ ? ହାଟାଦାନ୍ତର ଟିପୟ ଉପରୁ ରୁପାର ଗ୍ଲାସଟାକୁ ଟେକିନେଇ ସେ ଟିକିଏ ପାଣି ପିଇଲା । ଆଃ, କି ଶୀତଳ ଏ ଜଳର ସ୍ପର୍ଶ ! ଅର୍ଦ୍ଧମୁକୁଳିତ କେଶଗୁଚ୍ଛ ତାର ପବନ ସ୍ପର୍ଶରେ ଇତସ୍ତତଃ ଉଡ଼ି ବୁଲୁଛି । ଶାପଗ୍ରସ୍ତ ଯକ୍ଷବଧୂ ପରି ତନ୍ଦ୍ରିତ ନୟନରେ ତାର ବ୍ୟଥାର ଚିହ୍ନ—ଅସୀମ ସେ ବ୍ୟଥା ।

ଖଟ୍ ଖଟ୍ ଖଟ୍ ।

ଶୟନକକ୍ଷର ଦରଜାରେ ଆଘାତ ଲାଗିଲା । ନିଭାର ନିଃସଙ୍ଗ ମନତଳେ ଜାଗି ଉଠିଲା ଆଶାର କିହ୍ନି । ସେ ସ୍ତମ୍ଭିତ ହୋଇ କ୍ଷଣେ ରହିଗଲା ।

ପୁଣି ଶୁଭିଲା ଖଟ୍ ଖଟ୍ ଖଟ୍ ।

କିଏ ? ମୀନକେତନ ?

'କବାଟ ଖୋଲ ନିଭା, ମୁଁ ଆସିଛି ।'

ମୀନକେତନ ତେବେ ଫେରି ଆସିଛନ୍ତି ! ନିଭାର ସମସ୍ତ ଦମ୍ଭ ଭାଙ୍ଗି ପଡ଼ିଲା । ସେ ଆଜି ଗୃହହୀନା ବିଦ୍ରୋହୀ । ସୂଚୀକର ସ୍ପର୍ଶରେ ବନଫଖଣ୍ଡ ତରଳିଗଲା ପରି ଶକ୍ତ ମନ ତାର ତରଳିଗଲା । ମୀନକେତନ ବାହାରୁ କହିଲେ ପୁଣି—'ନିଭା, କବାଟ ଖୋଲ ।'

ସେ ଅନମନ୍ତ ହୋଇ ଦ୍ୱାର ଖୋଲିଦେଲା । ଇସ୍, ଏ କିଏ ? ଆଲୁଳାୟିତ କେଶ, ଅପରିଚ୍ଛନ୍ନ ପୋଷାକରେ ଦେହ ଆବୃତ । ମୁଖମଣ୍ଡଳ ନିସ୍ତେଜ, କ୍ଲାନ୍ତ ପ୍ରାଣହୀନ, ମୀନକେତନ ଆଜି ଯେମିତି ମୀନକେତନ ରୂପରେ ଉଭା ନ ହୋଇ କେଉଁ ଏକ ପ୍ରେତାତ୍ମା ରୂପରେ ଦଣ୍ଡାୟମାନ । ନରମ ଗଳାରେ ନିଭା କହିଲା—'ଆସ ।'

ମୀନକେତନ ଭିତରକୁ ଗଲେ । ଦ୍ୱାର ପୁଣି ବନ୍ଦ ହେଲା ।

କ୍ଲାନ୍ତ ପଦଯୁଗଳକୁ ଘୋଷାରି ଘୋଷାରି ସେ ଯାଇ ପଲଙ୍କ ଉପରେ ପଡ଼ିଗଲେ । ନିଭା ପଲଙ୍କଠୁ ଅଳ୍ପ ଦୂରରେ ପଡ଼ିଥିବା ଗୋଟିଏ ଚେୟାର ଉପରେ ବସି ଚିନ୍ତାମଗ୍ନ ରହିଲା । କିଛି ସମୟ ଏହି ନୀରବତା ମଧ୍ୟରେ

ଗଡ଼କଣ୍ଠପରେ ମୀନକେତନ କହିଲେ—'ନନ୍ଦି, ତୁମେ ଏମିତି ଦୂରରେ ବସିରହିଲ କାହିଁକି ? ଏଠାକୁ ଆସ ।'
ନନ୍ଦା ଅବିଚଳିତ—ନିରୁତ୍ତର ।
ସେ ତାଙ୍କ ପଞ୍ଜାବୀ ପକେଟରୁ ରୁମାଲ୍ କାଢ଼ି ତାଙ୍କ ମୁହଁର ଝାଳ ପୋଛି ନେଇ ପୁଣିଥରେ କହିଲେ—'ରାଣି, ମୋର ଉପସ୍ଥିତିରେ ତମର ଏମିତି ବ୍ୟବହାର କ'ଣ ଶୋଭା ପାଏ ? ତାପିତ ହୃଦୟରେ ମୁଁ ଫେରି ଆସିଛି କେତେ ରାତିର ଅନୁପସ୍ଥିତି ପରେ—ତୁମେ ସମସ୍ତ ଅଭିମାନ ଭୁଲି ଆସ । କୁହ ମୁଁ ତୁମ ନିକଟରେ କି ଅପରାଧ କରିଛି ?'
ସେ ଏତକ କହିସାରି ଉତ୍ସୁକ ନୟନରେ ଚାହିଁ ରହିଲେ ନନ୍ଦା ଆଡ଼େ । ସେ କିନ୍ତୁ ତଥାପି ନିରୁତ୍ତର—ଅବନମିତ ହୋଇଯାଇଛି ତାର ମୁଖମଣ୍ଡଳ ।
ମୀନକେତନ ଦୀର୍ଘ ନିଃଶ୍ୱାସ ଛାଡ଼ିଲେ । ପଲଙ୍କ ଉପରେ ଥିବା ମାଳାଟିକି ଛିଣ୍ଡାଇ ଦୁଇଟି ଫୁଲ ନନ୍ଦା ଉପରକୁ ଫିଙ୍ଗି ଦେଇ ସେ ପୁଣି କହିଲେ—'ମୋ ବିବେଚନାରେ ମୁଁ ତ ତୁମ ପାଖରେ କୌଣସି ଦୋଷ କରିନାହିଁ । ଯଦି ତୁମ ବିବେଚନାରେ କୌଣସି ଦୋଷ କରିଥାଏ, ତେବେ ସେ ଦୋଷ ପାଇଁ କଣ କ୍ଷମା ନାହିଁ ? କଣ ହୋଇଚି ତୁମର ନନ୍ଦା, ମତେ ଯଦି ମୁହଁ ଖୋଲି ନ କୁହ, ମୁଁ ତୁମ ମନର କଥା ଜାଣିବି କିପରି ? ଏଇ ବିରାଟ ଦୁନିଆରେ ମୁଁ ସବୁକିଛି ସହ୍ୟ କରିପାରେ, କିନ୍ତୁ ତୁମର ମନସ୍ତାପ ମୋ ନିକଟରେ ଅସହ୍ୟ । ତମର ଏଇ ଚନ୍ଦ୍ରଗୌର ମୁଖରେ ବିଷାଦ ସାଜେନା । ତମେ କେବେ ଦେଖିଚ ଚନ୍ଦ୍ରକୁ କାନ୍ଦିବାର ? କେବେ ଦେଖିଚ ତାଂ ନୟନରେ ଅସହାୟ ଲୋତକ ? ତୁମେ ଶିକ୍ଷିତା, ତୁମେ ବୁଦ୍ଧିମତୀ । ସ୍ୱାମୀର ପ୍ରାଣରେ କଷ୍ଟଦେବା କଣ ତୁମର ଶାସ୍ତ୍ରାନୁମୋଦିତ ? କୁହ ନନ୍ଦା, ଆଉ ନିଷ୍ଠୁର ହୁଅନି । କୁହ......'
ତଥାପି ନନ୍ଦାକୁ ଅବିଚଳିତ ଦେଖି ସେ ପଲଙ୍କ ତ୍ୟାଗକରି ତା ପାଖକୁ ଗଲେ । ସେ ତାର ନୟନଯୁଗଳକୁ ପଣତ କାନିରେ ପୋଛିଦେଲେ ।
—'ଛି, ତୁମେ କାନ୍ଦୁଚ ? ନନ୍ଦା, ମଙ୍ଗରାଜ ବଂଶର ବଧୂ ଯେ କେବେ କାନ୍ଦେନା । ଯୁଗଯୁଗ ବିତିଯାଇଚି—ଏଇ ପ୍ରାସାଦ କୋଳରେ କେତେ

ହାସ୍ୟରୋଳର ଫୁଆରା ଛୁଟିଚି—କେତେ ବଧୂର ଅଳକ୍ତ ଚରଣ ତାଳ ଏଇ ପ୍ରାସାଦର ବକ୍ଷ ରସାଳ ହୋଇଉଠିଛି, କିନ୍ତୁ କେବେ କାହିଁ ଶୁଣାପାଇ ନାହିଁ ଏ ପ୍ରାସାଦରେ ବିଷାଦ ସଙ୍ଗୀତ । ଏ ବଂଶର ବଧୂ କେବେ ନୟନ କୋଣରୁ ଝରାଇନାହିଁ ଦୁଃଖର ଲୋତକ—ଯାହା କିଛି ଲୋତକ ଝରିଛି ଏଠି, ସେ ଆନନ୍ଦର, ସେ ଐଶ୍ୱର୍ଯ୍ୟର । ତମେ କଣ ଜାଣନାହିଁ, ନାରୀର ଲୋତକ, ଗୃହଲକ୍ଷ୍ମୀର ଲୋତକ ଏକ ଅବଶ୍ୟମ୍ଭାବୀ ଅମଙ୍ଗଳର ସୂଚନା ? ନିଅ, ନୟନକୋଣରୁ ଦୁଃଖାଶ୍ରୁ ପୋଛି ଦେଇ ହସି ଉଠ । ଅବଶ୍ୟମ୍ଭାବୀ ବିପଦର ହାତରୁ ଏ ବଂଶକୁ ରକ୍ଷାକର ।'

ନାରୀ ମନକୁ ପାପ ଛୁଇଁଲା । ନିଜ ଓ ସ୍ୱାର୍ଥପର ନୁହେଁ । ଦରିଦ୍ରବଂଶରେ ଜନ୍ମହେଲେ ମଧ୍ୟ ସେ ଉଦାର ହେବାକୁ ଶିକ୍ଷା କରିଛି । ତା'ର ଲୋତକ ବର୍ଷଣରେ ଯଦି ଏତେବଡ଼ ବଂଶ ଉପରେ ବିପଦର ଝଡ଼ ବହିଆସେ, ସେ କେବେ ଲୋତକ ବର୍ଷା କରିବ ନାହିଁ । ଏହି ବଂଶର ଗୌରବ ସହିତ ସେ ତ ଘନିଷ୍ଠଭାବରେ ଜଡ଼ିତ । ନିଜ ନୟନରୁ ଲୋତକ ପୋଛି ଦେଇ ସେ ସ୍ୱାମୀଙ୍କ ମୁହଁକୁ ଚାହିଁ ରହିଲା । ଆଖି ତଳେ ତାର ଉଦ୍ଦୀପ୍ତ ହୋଇ ଉଠିଛି ଆଗାମୀ ଲକ୍ଷ ଯୁଗର ଆଶା । ନାରୀତ୍ୱର ସ୍ୱାଭାବିକ କୋମଳତା ନେଇ ସେ ଭାଙ୍ଗି ପଡ଼ିବାକୁ ବସିଛି—ବିଦ୍ରୋହାଗ୍ନି ଯଦିବା ଦେଖା ଦେଇଥିଲା ଯେଉଁ ଅଭିମାନ ତାହା ମଉଳିଯାଇଛି ଧୀରେ ଧୀରେ । ମୀନକେତନ ତାର ହାତ ଧରି କହିଲେ—'ପଲଙ୍କକୁ ଆସ ଶିଭା । ଆସ, ଏଇଠି ବସି ଆମ ସୁଖଦୁଃଖର ହିସାବ ନିକାଶ କରିବା ।'

ସେ ଶାନ୍ତଶିଷ୍ଟ ଶିଶୁଟି ପରି ଉଠି ଆସିଲା ପଲଙ୍କ ଉପରକୁ । କେତୋଟି ଫୁଲରେ ତାର ଗଳା ମଣ୍ଡନ କରିଦେଇ ମୀନକେତନ କହିଲେ—'ତମର ମନସ୍ତାପର କାରଣ ଜାଣିପାରେ କି ? କଣ ତମର ଅଭାବ ? ପୂର୍ବର ଐଶ୍ୱର୍ଯ୍ୟ ନ ଥିଲେ ବି ଯାହା କିଛି ସମ୍ବଳ ଆମର ଅଛି ତା'ତ ଆମ ପକ୍ଷେ ଯଥେଷ୍ଟ । ତେବେ ଆଜ ଦୁଃଖ କେଉଁଥିପାଇଁ ?'

ଉତ୍ତର ଆଶାରେ ସେ ଚାହିଁ ରହିଲେ । ଶିଭା କଣ୍ଠ ପରିଷ୍କାର କରି ବୀଣାଜଣା କଣ୍ଠରେ କହିଲା—'ଏଇ ଐଶ୍ୱର୍ଯ୍ୟ, ଧନରତ୍ନ, ପଦ ମର୍ଯ୍ୟାଦା, ଏଇତକ କ'ଣ

ଖାଲି ନାରୀର କାମ୍ୟ ? ତୁମେ [illegible] ତମକୁ ଆଉ [illegible] କ'ଣ କହିବ ?'

ମୀନକେତନ କିଛି ସମୟ [illegible] କହିଲେ—'ଓ, ବୁଝିପାରୁଛି ତୁମ ମନ କଥା । କିନ୍ତୁ, ସେ ତ ଆମ ହାତର କଥା ନୁହେଁ ନିଭା; ବିଶ୍ୱ-ସ୍ରଷ୍ଟାଙ୍କର ଖିଆଲ ଖେଳରେ ଆମେ ସଭିଏଁ ଶୀକାର । ଆମ ଇଚ୍ଛା ଉପରେ ତ କିଛି ହୁଏନା । ସୃଷ୍ଟିକର୍ତ୍ତାଙ୍କର ଇଚ୍ଛାହିଁ ପୂର୍ଣ୍ଣ ହୁଏ । ତାପରେ ବିବାହର କେତୋଟି ବର୍ଷ ବା ଆମର ଯାଇଛି ଯେ, ତମେ ଏମିତି ବ୍ୟସ୍ତ ହୋଇ ପଡ଼ିଲଣି । ସେଦିନ ମହାପାତ୍ରେ ମୋ କୋଷ୍ଠୀ ବିଚାରକରି କହୁଥିଲେ ଆମର ତିନୋଟି ପୁତ୍ର ସନ୍ତାନ ଓ ଦୁଇଟି କନ୍ୟା ହେବ । ତମେ ବ୍ୟସ୍ତ ହୁଅନାହିଁ —ଜନନୀ ହେବାର ଗୌରବ ନିଶ୍ଚୟ ଦିନେ ନା ଦିନେ ଆସିବ··· ।'

'କ'ଣ ତମେ କହୁଛ ? ପୁରୁଷତ୍ୱର ଅହଂକାର ନେଇ ତୁମେ ଯଦି ସ୍ତ୍ରୀର ମନ ବୁଝି ନ ପାର, ତେବେ ସେ ମୋ ଅଦୃଷ୍ଟର ଦୋଷ । ସନ୍ତାନପାଇଁ ମୁଁ ଆଦୌ ବ୍ୟସ୍ତ ନୁହେଁ ।'

'ତେବେ ତମର ଏ ବ୍ୟସ୍ତତା, ଏ ନୟନଲୋତକ କେଉଁଥିପାଇଁ ?

'କେଉଁଥିପାଇଁ ?' ଟିକିଏ ଉଚ୍ଚ କଣ୍ଠରେ କହିଲା ନିଭା—'କୌଣସି କାରଣ ନଥାଇ ବା କୌଣସି ଅସଦ କାରଣ ଥାଇ ସ୍ୱାମୀ ଯଦି ରାତି ରାତି ସ୍ତ୍ରୀ ପାଖରୁ ଅନୁପସ୍ଥିତ ରହେ, ତେବେ କେଉଁ ସ୍ତ୍ରୀ ଏହା ବରଦାସ୍ତ କରିବ ?'

'ହାଃ ହାଃ ହଃ' ଖୁବ୍ ଉଚ୍ଚହାସ୍ୟରେ ଫାଟି ପଡ଼ିଲେ ମୀନକେତନ—'ଓ, ଏଇଥିପାଇଁ ଏତେ ଅଭିମାନ, ଏଇଥିପାଇଁ ଏତେ ଲୋତକ ଆଉ ଏଇଥିପାଇଁ ବକ୍ରୋକ୍ତି ? ତମେ ଜାଣିନାହଁ ନିଭା, ଏ ବଂଶର ପୂର୍ବ ଇତିବୃତ୍ତ । ମୋର ପିତୃ ପିତାମହଗଣ ସୁରାଭିଳ ନିଜ ଜୀବନକୁ ରଙ୍ଗୀନ କରି ପାରିଥିଲେ । ଏଇ ପ୍ରାସାଦର ପ୍ରତି ଗଳିକନ୍ଦର ଆଲୋକର ବର୍ତ୍ତିକା ଜାଳୁଥିଲେ ବହୁ ରକ୍ଷିତା—ଯୁବତୀ—ଶୋଭନା ନାରୀ । ସେମାନଙ୍କ କଣ୍ଠସ୍ୱରରେ ମୁଖରିତ ହେଉଥିଲା ଉପରର ଆକାଶ—ସେମାନଙ୍କ ପଦଚାଳନାରେ ପ୍ରସ୍ତର ଦେହରେ ଜାଗୁଥିଲା ବେପଥୁ । ଆଉ ଟିକିଏ ଆଗକୁ ଚାଲିଯାଅ ନିଭା, ଦୁଇଶତ ବର୍ଷ ତଳକୁ, ଧନରତ୍ନ ଭଣ୍ଡାରର ଆୟବ୍ୟୟର ଇତିହାସ ଯଦି

ଖୋଲିବସ, ତୁମେ ଦେଖିବ ମଙ୍ଗରାଜ ନିବାସରେ ଅନ୍ତରାଳରେ ଚନ୍ଦ୍ରୋଦୟକୁ ଦେଖିବାପାଇଁ ବ୍ୟୟିତ ହେଉଥିଲା ଅମାପ ଧନରତ୍ନ । ନୀରବ ରାତ୍ରି ମୁଖରିତ ହେଉଥିଲା ଅସଂଖ୍ୟ ବାରାଙ୍ଗନାର କଣ୍ଠ ସଙ୍ଗୀତରେ । ସୁରାର ସ୍ରୋତରେ ଜୀବନ ହେଉଥିଲା ଉଚ୍ଛଳ·····ଆତ୍ମାର ଅମୃତ ଅଂଶ ମଉଜ ମହୋତ୍ସବରେ ବ୍ୟୟିତ ହେଉଥିଲା·····।'

'ଉଃ, ବନ୍ଦକର ତୁମର ଏ ପୁରୁଣା କଥାର ପୁନରାବୃତ୍ତି ।' ନିଭାର ମୁଣ୍ଡରେ ଉତ୍ତାପ । ସେ ଆଉ ଟିକିଏ ଉତ୍ତେଜିତ ହୋଇ କହିଲା—'ଛି ଛି, ତୁମେ ଏହାକୁ ତୁମ ବଂଶର ଗୌରବ ବୋଲି ଭାବୁଛ ? ତମର ଏହି କାଳିମାମୟ ଇତିହାସ ମୁଁ ଜାଣିଥିଲେ, ଆଜି ହୁଏତ ମୋ ଜୀବନର ଧାର ଭିନ୍ନ ପ୍ରକାରର ହୋଇଥାନ୍ତା । ମଦ୍ୟ ଆଉ ବେଶ୍ୟା ଯଦି ଉଚ୍ଚ ବଂଶର ମାନଦଣ୍ଡ ହୁଏ ତେବେ ସେ ଉଚ୍ଚ ବଂଶକୁ ମୁଁ କୋଟି ଜୁହାର କରି ଦୂରେଇ ଯାଇଥାନ୍ତି ତୁମେ ତମ ବଂଶର ଏଇ କୁକର୍ମକୁ କେମିତି ମୁକ୍ତ କଣ୍ଠରେ ଗାଇ ଯାଇପାରୁଚ ? ଏଇ ସବୁ କଣ ମନୁଷ୍ୟତାର ପ୍ରତୀକ ? ଏ କଣ ଉଚ୍ଚାଭିଳାଷୀ ଜୀବନର ପାଥେୟ ? ତୁମେ ଏହାକୁ ସମର୍ଥନ କର ? ନୁହେଁ ?'

ମୀନକେତନ ମୁହୂର୍ତ୍ତିକ ପାଇଁ କିଂକର୍ତ୍ତବ୍ୟ ବିମୂଢ଼ ହୋଇ ପଡ଼ିଲେ—କଣ୍ଠରୁ ତାଙ୍କର ବାକ୍ସ୍ଫୂର୍ତ୍ତି ହେଲା ନାହିଁ । ସେ ହୁଏତ ଆଶା କରିନଥିଲେ ତାଙ୍କର ଏହି ଅନର୍ଗଳ ବର୍ଣ୍ଣନାର ନଦୀ ହଠାତ୍ କେଉଁ ଗିରି ପ୍ରଦେଶରେ ବାଧାପ୍ରାପ୍ତ ହୋଇ ବନ୍ଦ ହୋଇଯିବ । ସେ ଆଶା କରି ନଥିଲେ ନିଭା ଏହାକୁ ଏତେ ହୀନ ଚକ୍ଷୁରେ ଦେଖିବ ବୋଲି । ତାଙ୍କୁ ନୀରବ ଦେଖି ନିଭା ପୁଣି କହିଲା—'ମଦ୍ୟପ, ବେଶ୍ୟାଶକ୍ତ, ଲମ୍ପଟମାନେ ଯେଉଁ ବଂଶକୁ ମଣ୍ଡନ କରିଥିଲେ ସେହି କଳଙ୍କିତ ବଂଶର ବଧୂ ହୋଇଆସିବା ମୋର ଦୁର୍ଭାଗ୍ୟ, ମୋ ବଂଶର ଦୁର୍ଭାଗ୍ୟ । ମୁଁ ଦରିଦ୍ର ହୋଇପାରେ, କିନ୍ତୁ ମୋ ବଂଶର ପଶ୍ଚାତ ଦେଶରେ ଏଇ କଳଙ୍କମୟ ଇତିହାସ ନାହିଁ । ଆମେ ଶିଖିଛୁ ଆଦର୍ଶନାରୀ ହୋଇ କେମିତି ସ୍ୱାମୀସେବା କରିବାକୁ ହୁଏ, ଆମ ବଂଶର ପୁରୁଷମାନେ ଶିଖିଛନ୍ତି ଧର୍ମପତ୍ନୀର ନ୍ୟାଯ୍ୟ ପାଉଣା କେମିତି ଦେବାକୁ ହୁଏ । ତୁମେ ଜାଣ ବହୁପତ୍ନୀର ସଂଭୋଗ ଆମ ଶାସ୍ତ୍ରାନୁମୋଦିତ ହେଲେ ମଧ୍ୟ, ପରକୀୟା ସଂଭୋଗ

ଆମ ଧର୍ମର ବାହାରେ । ଆମେ ତ ବୈଷ୍ଣବ ନୋହୁ, କମ୍ବା ବୈଷ୍ଣବ ଧର୍ମରେ ଅନୁପ୍ରାଣିତ ବଙ୍ଗଦେଶର ଅଧିବାସୀ ନୋହୁ । ପରକୀୟା ସମ୍ଭୋଗ ମହାପାପ ଭିତରେ ଗଣ୍ୟ ହେବାର କଥା......'

ମୀନକେତନ ବାଧା ଦେଇ କହିଲେ—'ସେମାନେ ତ ପରକୀୟା ନୁହନ୍ତି । ତୁମେ ଭୁଲ୍ ବୁଝିଲ କାଭା, ସେମାନେ ଯେ ସମସ୍ତେ ଏଇ ବଂଶର ରକ୍ଷିତା ଥିଲେ ।'

'ମୁଁ ବେଶ୍ ବୁଝିଛି—ଯେଉଁମାନେ ଧର୍ମପତ୍ନୀ ନୁହନ୍ତି, ସେମାନଙ୍କ ଦ୍ୱାରା ଦେହର କ୍ଷୁଧା ମେଣ୍ଟାଇବା କୌଣସିମତେ ଅନୁମୋଦିତ ହୋଇ ନପାରେ । ତାହା ଏକ ଅକ୍ଷମଣୀୟ ଅପରାଧ ।'

'ହୋଇପାରେ ଅପରାଧ, ହୋଇପାରେ ଅନ୍ୟାୟ, ମହାପାପ, ସବୁକିଛି । ମାତ୍ର ସେମାନେ ସେମାନଙ୍କ ଜୀବନକୁ ଏମିତି ଭାବରେ ଉପଭୋଗ୍ୟ କରି ପାରୁଥିଲେ ।'

'ସେଇଥିପାଇଁ ତୁମେ ମଧ୍ୟ ତୁମର ଜୀବନକୁ ସେମିତି ଭାବରେ ଉପଭୋଗ୍ୟ କରିବାକୁ ଚାହଁ !' କାଭାର କଣ୍ଠରେ ଦୃଢ଼ତା, ମନରେ ଉତ୍ତେଜନାର ଝଙ୍କାର । ସେ ଆହୁରି ଗମ୍ଭୀର କଣ୍ଠରେ କହିଲା—'ତୁମର ମୋର ପ୍ରଥମ ପରିଚୟ ବେଳେ ଏ ସବୁର ବିନ୍ଦୁ ବିସର୍ଗ ମୁଁ ଜାଣି ନଥିଲି । ତମର ସୁନ୍ଦର ମୁହଁର ଅଭିନୟରେ ମୁଁ ଭୁଲି ଯାଇଥିଲି ମୋର କର୍ତ୍ତବ୍ୟ । ହତାହତ ଜ୍ଞାନ ହରାଇ ହୋଇ ପଡ଼ିଥିଲି ଅନ୍ଧ । କିନ୍ତୁ ମୋର ଏଇ ଅବିବେକୀ କର୍ମର ଉଚିତ ଶାସ୍ତି ତମେ ଦେଇ ସାରିଲଣି । ନିଜର ଧର୍ମପତ୍ନୀକୁ ଛାଡ଼ି, ତମେ ବାହାରିଯାଉଛ ନୈଶ ଅଭିଯାନରେ; ନିଜର ପଶୁ ବୃତ୍ତିକୁ ଚରିତାର୍ଥ କରିବାପାଇଁ ତୁମେ ତୁମର ଜୀବନକୁ ବିପଦାପନ୍ନ କରୁଚ । ହୀନ କାମୁକର ପ୍ରବୃତ୍ତିକୁ ହରାଇ ତମେ ହେଉଚ ବେଶ୍ୟାସକ୍ତ......'

'କାଭା !' ଗର୍ଜି ଉଠିଲା ମୀନକେତନଙ୍କ କଣ୍ଠ—'କିଏ ତମକୁ ଦେଇଛି ଏ ଦୁଃସମ୍ବାଦ ? କେଉଁ ସାହସରେ ତମେ ଆଜି ମୋର ସ୍ୱାମୀତ୍ୱକୁ ଅପମାନିତ କରୁଚ—ଅପମାନିତ କରୁଚ ମୋର ପୂର୍ବପୁରୁଷଙ୍କୁ ? କାହାର ଇଙ୍ଗିତରେ ତୁମେ ଆଜି ମଙ୍ଗରାଜ ବଂଶ ମୁହଁରେ କଳଙ୍କର କାଳିମା ଲେପନ କରୁଚ

ପଶ୍ଚାତପଦ ହେଉନାହିଁ ? ତୁମର ଏ ବାକ୍ୟବାଣ ଅସହ୍ୟ । ନଭା, ତୁମର ସରଳ ଶାନ୍ତ ପ୍ରକୃତି ଆଜି ଏମିତି ବଦଳିଗଲା କେମିତି ? କେମିତି ତୁମେ ଭୁଲିଗଲ ଜୀବନ-ବସନ୍ତର କୁହୁରବ, ସୁରଭିତ ମଳୟର ମୃଦୁ ଗୁଞ୍ଜରଣ ?'

'ନଭା କିଛି ଭୁଲି ନାହିଁ । ନିଃସଙ୍ଗ ରଜନୀର ଦୁଃଖଦ ପଥତଳେ ଶୋଇରହି ସେ ଅନବରତ ଚିନ୍ତା କରିଚି ଗତ ଜୀବନର ସ୍ୱପ୍ନମୟ ମୁହୂର୍ତ୍ତଗୁଡ଼ିକୁ । ବିଗତ ବସନ୍ତର ହରିତ ସ୍ମୃତିରେ ସେ ହୋଇ ଉଠିଛି ଆତ୍ମବିଭୋର । କିନ୍ତୁ ସମସ୍ତ ସ୍ୱପ୍ନ ତାର ବ୍ୟର୍ଥ ହୋଇ ଯାଇଛି । ତମେ ନିଷ୍ଠୁର, ତମେ ପାଷାଣ, ତୁମେ କଣ ଭାବିଚ, ଗୋଟିଏ ତରୁଣୀକୁ ବାନ୍ଧି ରଖିବାପାଇଁ ଏଇ ପଥରର ପ୍ରାସାଦ, ରତ୍ନଭଣ୍ଡାର, ସୁନାର ଦୀପ ଳି, ଗଜଦନ୍ତର ପଲଙ୍କହିଁ ଯଥେଷ୍ଟ ?' "

" 'ହଁ, ଆଉ ତମେ କଣ ଭାବିଚ ନଭା, ତୁମର ଏଇ କ୍ଷୟଶୀଳ ଯୌବନ, ରଙ୍ଗହୀନ ଅଧର, ନୟନକୋଣର କଟାକ୍ଷ ଗୋଟିଏ ଯୁବକକୁ ଚିରଦିନ ବାନ୍ଧି ରଖିବାପାଇଁ ଯଥେଷ୍ଟ ? ବିରାଟ ପୃଥିବୀ ତାର ଶୋଭାର ଭଣ୍ଡାର ଉନ୍ମୁକ୍ତ କରି ଦେଇଛି ଏଇ ମଣିଷର ଉପଭୋଗ ପାଇଁ । କ୍ଷଣିକ ଜୀବନର କେତୋଟି ମାତ୍ର ବର୍ଷ ଭିତରେ ଜୀବନକୁ ଉପଭୋଗ କରି ନ ପାରିଲେ ଏ ଜୀବନ ସିନା ତୁଚ୍ଛ ହୋଇଯିବ—ବୃଥା ହୋଇଯିବ ଜନ୍ମ ।'

'ତମେ ଭୁଲ କହୁଛ । ଅପଥରେ ଯାଇ ଜୀବନକୁ ଉପଭୋଗ କରିବାର ଅର୍ଥ ଧ୍ୱଂସ ପଥରେ ଆଗେଇ ଯିବା । ଧ୍ୱଂସର ତାଣ୍ଡବ ଭିତରେ ତମେ ଯଦି ଉପଭୋଗ କରିବାକୁ ଚାହଁ, ତେବେ ସେ ଉପଭୋଗ କଣ ଉପଭୋଗ, ନା ସେ ଦୁଃଖାନୁଭୂତିର ସହଜ ସରଳ ପଥ ? ତମେ ଏମିତି ହେବ ବୋଲି ମୁଁ କଳ୍ପନା କରି ନଥିଲି । ସ୍ୱାମୀ ସ୍ତ୍ରୀର ପବିତ୍ର ବନ୍ଧନ ଭିତରେ ଅନ୍ୟ କୌଣସି ସ୍ତ୍ରୀ ପୁରୁଷର ସମ୍ପର୍କ ରହି ନପାରେ ।'

ନଭା ଚୁପ୍ ରହିଲା । ଯେଉଁ ବଂଶର ବଧୂ ହୋଇ ସେ ଗର୍ବ ଅନୁଭବ କରୁଥିଲା, ନିଜେ ଶିକ୍ଷିତା ଆଧୁନିକା ହୋଇ ମଧ୍ୟ ଜାତ ସଂସ୍କାରକୁ ଯଥାଯୋଗ୍ୟ ଗ୍ରହଣ କରି ନେଇଥିଲା, ସେହି ବଂଶ ଆଜି ତା ନିକଟରେ ଅତ୍ୟନ୍ତ ତୁଚ୍ଛ ମନେହେଲା । ମୀନକେତନଙ୍କ ସୁନ୍ଦର ମୁଖକୁ ଚାହିଁ କହିଁ କହିଁ ହୋଇ କାନ୍ଦି ଉଠିଲା ସେ ।

ନଭ୍ର ନାରୀ—ନାରୀତ୍ୱର ପୂର୍ଣ୍ଣବିକାଶ ତା'ଠେଇଁ ।'

ମୀନକେତନ ମନ ଭିତରେ ନିଜକୃତ କର୍ମର ତର୍ଜମା କରୁଥିଲେ । ରାତ୍ରିର ଗଭୀରତା ସହିତ ତାଙ୍କ ମନର ଗଭୀରତାକୁ ତୁଳନା କରୁକରୁ ସେ ହୋଇ ପଡୁଥିଲେ ବ୍ୟସ୍ତ । ଗଭୀର ରାତ୍ରିର ନିସ୍ତବ୍ଧତା ଭଙ୍ଗ କରି ବେଳେବେଳେ ଯଦି ପକ୍ଷୀର କାକଳି ଶ୍ରୁତିଗୋଚର ହୁଏ, ତଦ୍ଦ୍ୱାରା ରାତ୍ରିର ସୌନ୍ଦର୍ଯ୍ୟ ହ୍ରାସ ହୁଏ ନାହିଁ । ଯୌବନ ତରଂଗରେ ଗୋଟିଏ ଫୁଲ ଭାସି ନ ଉଠି ଯଦି ଅଧିକ ଫୁଲ ଭାସି ଉଠନ୍ତି ତେବେ ସେ ତ ଯୌବନର ଗୌରବ । ଜୀବନର ପରିତୃପ୍ତି ପାଇଁ ଏକାଧିକ-ନାରୀର ଯେ ପ୍ରୟୋଜନ, ସେ ଏହା ପ୍ରାଣେ ପ୍ରାଣେ ଅନୁଭବ କରନ୍ତି । କିନ୍ତୁ ଧର୍ମପତ୍ନୀର ଚକ୍ଷୁଲୋତକ ତାଙ୍କ ପାଖରେ ଅସହ୍ୟ । ନଭ୍ର କାନ୍ଦିଲେ ସେଇ କ୍ରନ୍ଦନର ବିଷାଦଛନ୍ଦ ତାଙ୍କ ହୃଦୟ ତନ୍ତ୍ରୀକୁ ଝଂକୃତ କରେ । ତାଙ୍କ ନିକଟରେ ନଭ୍ରର ପ୍ରେମ, ଯୌବନ, ଚଞ୍ଚଳତା, ମଧୁରତା ସବୁ କିଛି ସତ୍ୟ । ପ୍ରେମ ଅନୁଭୂତି ଅତ୍ୟନ୍ତ ଗାଢ଼ । ତାକୁ ସେ କାନ୍ଦିବାକୁ ଦେବେ ନାହିଁ ।

ପଲଙ୍କ ଉପରେ ସେ ଉଠି ବସିଲେ । ନଭ୍ର ଦେହର ସ୍ପର୍ଶ ପୁରଭିତ କଲା ତାଙ୍କ ତନୁ ମନକୁ । ତାର ମଧୁ ଚଞ୍ଚଳ ନିଶ୍ୱାସ ଅସ୍ଥିର କଲା ତାଙ୍କ ଶ୍ୱାସ ପ୍ରଶ୍ୱାସକୁ । ସେ ତାର ପୃଷ୍ଠ ଦେଶରେ ହସ୍ତ ସଞ୍ଚାଳନ କରି କହିଲେ—'ରାଣି, ତୁମର ଶାନ୍ତିପାଇଁ ମୁଁ ତୁମର ନିର୍ଦ୍ଦେଶ ଅକ୍ଷରେ ଅକ୍ଷରେ ମାନିଛି । ଅସଂଖ୍ୟ ବଜ୍ର ପାତରେ ଆଜି ମୁଁ ମରଣ ଯନ୍ତ୍ରଣା ଅନୁଭବ କରୁଛି । ତୁମର ଦୁଃଖାଶ୍ରୁ ମୋ ହୃଦୟ କନ୍ଦରରେ ବୁହାଇ ଦେଇଛି ଏକ ସ୍ରୋତ—ତାହାରି ତପ୍ତ ସ୍ପର୍ଶରେ ସର୍ବାଂଗ ମୋର ଉତ୍ତପ୍ତ । ତୁମେ ହସ, ତୁମର ସେଇ ଲଜ୍ଜିତ ହସରେ ପୂରି ଉଠୁ ଏଇ ଶୟନକକ୍ଷ—ନୀଳାଲୋକକୁ ନିର୍ବାପିତ କରି ତୁମ କନକ-ଦେହ-ଦୀପାଳିର ସ୍ୱର୍ଣ୍ଣାଲୋକରେ ଆଲୋକିତ କରିଦିଅ ଏଇ ବାସର ପ୍ରକୋଷ୍ଠ ।'

କର ଲେଉଟାଇଲା ନଭ୍ର । ସ୍ୱାମୀଙ୍କର ଏଇ କାକୁତି ତା ଦେହ ମନରେ ଦେଲା ଚନ୍ଦ୍ରିତ ଜ୍ୟୋତ୍ସ୍ନାର ଶୀତଳ ସ୍ପର୍ଶ ।

'ତୁମେ ସତକରି କୁହ, ଆଉ ମୋତେ ନିରାଶ କରିବ ନାହିଁ ?'

ମୀନକେତନଙ୍କ ଚକ୍ଷୁ ଯୁଗଳ ଉଜ୍ଜ୍ୱଳ ହୋଇ ଉଠିଲା । ସେ କହିଲେ—
'ନିଭା, ଯାହାକହୁଛି ହେଲେମଧ୍ୟ ମୋ ମନ ମନ୍ଦିରର ଆସନ ତୁମରିପାଇଁ କେବଳ ଉଦ୍ଦିଷ୍ଟ । ମୀନକେତନ ଲମ୍ପଟ, ବ୍ୟଭିଚାରୀ, ବେଶ୍ୟାଶକ୍ତ ସବୁକିଛି ହୋଇପାରେ କିନ୍ତୁ ସେ ମୁହୂର୍ତ୍ତିକ ପାଇଁ ହେଲେ ତୁମକୁ ଭୁଲି ପାରିବ ନାହିଁ ।'

ରାତ୍ରି ପ୍ରଭାତ ହୋଇ ଆସୁଥିଲା । ମୃଦୁ ଶୀତଳ ପବନ ଦେଇ ଯାଉଥିଲା ନୂତନ ସକାଳର ବାର୍ତ୍ତା । ନିଷ୍ପ୍ରଭ ହୋଇ ଆସୁଥିଲା ପ୍ରକୋଷ୍ଠର ଆଲୋକ । ବୃକ୍ଷଲତାର ପତ୍ରେ ପତ୍ରେ ଜମି ଆସୁଥିଲା ମୁକ୍ତାବିନ୍ଦୁ ନିହାର । ଅଦୂର ମନ୍ଦିରରେ ଆଶ୍ରୟ ନେଇଥିବା କେଉଁ ସନ୍ନ୍ୟାସୀର କଂଣ୍ଠରୁ ଶୁଭୁଥିଲା ଜୟଦେବ କବିଙ୍କ ରଚିତ ଲଳିତ ଦଶାବତାର କବିତା ।

ମୀନକେତନେ ଆଉ ନିଭାଙ୍କ ନୟନରେ ଭରି ଆସୁଥିଲା ତନ୍ଦ୍ରା । ପୁଷ୍ପମାଳା ଶୋଭିତ ଉପାଧାନ ବକ୍ଷରେ ମସ୍ତକ ରଖି ନିଦ୍ରାଦେବୀଙ୍କ ଆରାଧନା କଲେ ଦୁହେଁଯାକ । ମୀନକେତନେ ଶୃଙ୍ଗାର କ୍ରୀଡ଼ାରେ କ୍ଳାନ୍ତହୋଇ ରାତ୍ରିର ଶେଷ ପ୍ରହରରେ ଫେରି ଆସିଥିଲେ ଗୃହକୁ—ନିଭା ବିରହ-କାତର ନୟନରେ ରାତ୍ରି ଚାହିଁ କ୍ଳାନ୍ତ କରିଥିଲା ନିଜକୁ । ସେହି ଦୁଇଜଣଙ୍କର ଏକତ୍ର ଶୟନରେ ହସି ଉଠୁଥିଲା ପୃଥିବୀ···।

ପ୍ରଭାତ ଆସୁଥିଲା ରାତ୍ରି···।

## =ତିନ=

'କୁନ୍ତଳା, କୁନ୍ତଳା !'

କୁନ୍ତଳା ଏକାକିନୀ ତାର ଶୟନ କକ୍ଷରେ ଶୋଇରହି କୌଣସି ଏକ ଉପନ୍ୟାସ ପଠନରେ ରତ ଥିଲା । ତାକୁ ଡାକି ଡାକି ହଠାତ୍ ନିଭା ପଶି ଆସିଲା ଭିତରକୁ । ପଲଙ୍କ ଉପରୁ ଉଠି ପଡ଼ିଲା କୁନ୍ତଳା ।

'ନୂଆବୋଉ, ହଠାତ୍······'

ହସିଲା ନିଭା—'ହିଁ, ମୋ ଆସିବା ଅପ୍ରତ୍ୟାଶିତ ବୋଲି ଭାବୁଛ, ନା ? କିନ୍ତୁ ଏହା ଆଦୌ ଅପ୍ରତ୍ୟାଶିତ ନୁହେଁ । ତୁମରି କାମରେ ମୁଁ ତୁମ ପାଖକୁ

ଆସିଛ । ଅବଶ୍ୟ ଦାୟିତ୍ୱ ଆମ୍ଭମାନଙ୍କର । କିନ୍ତୁ, ଦାୟିତ୍ୱ ଆମର ହେଲେ ଔ 'ତୁମର ମତାମତ ବହୁ ପରିମାଣରେ ପ୍ରୟୋଜନ ।'

କୁନ୍ତଳା ବୁଝିପାରିଲା—କୌଣସି ନା କୌଣସି ଏକ ଅବଶ୍ୟମ୍ଭାବୀ ବିପଦର ପ୍ରସ୍ତାବ ନେଇ ନୂଆବୋଉ ଆସିଛନ୍ତି । ତାର ବିବାହ ବୟସ ହେବା ଦିନଠୁ ତାକୁ ଏମିତି କେତୋଟି ପ୍ରସ୍ତାବରେ ସମ୍ମୁଖୀନ ହେବାକୁ ପଡ଼ିଛି । କିନ୍ତୁ ସବୁଗୁଡ଼ିକ ପ୍ରସ୍ତାବ ଭାଙ୍ଗି ଯାଇଛି । କେଉଁଠି ରୂପ ଅଛି ତ ବିଦ୍ୟା ନାହିଁ, ବିଦ୍ୟା ଅଛି ତ ଧନ ସମ୍ପତ୍ତି ନାହିଁ, ଧନ ସମ୍ପତ୍ତି ଅଛି ତ ରୂପନାହିଁ ଅଥବା ବିଦ୍ୟା ନାହିଁ । କାହାକୁ ଅବା କନ୍ୟାପାତ୍ରୀ ପସନ୍ଦ ହୋଇନାହିଁ ।

ମଧ୍ୟବିତ୍ତ ଶ୍ରେଣୀ ଆଗରେ ବିବାହ ଏକ ଦୁରୂହ ସମସ୍ୟା ହୋଇ ଉଠିଛି । ସେଇ ସମସ୍ୟାର ଶୀକାର ହୋଇଛି କୁନ୍ତଳା । ତା ବିଭ ଘର କେତୋଟି ବର୍ଷ ଆଗରୁ ହୋଇ ସାରିଥାନ୍ତା । ନୟନପୁରର ମଙ୍ଗରାଜ ବଂଶ ଶାସ୍ତ୍ରାନୁମୋଦିତ କନ୍ୟାଦାନର ପୁଣ୍ୟ ଅର୍ଜ୍ଜନ କରି ଆସିଛି ଯୁଗେ ଯୁଗେ । କିନ୍ତୁ ଯୁଗର ପରିବର୍ତ୍ତନ ସହିତ ଏଇ ବଂଶର ଜୀବନ-ପ୍ରଣାଳୀ, ଚାଲି ଚଳଣି, ଆଚାର ବ୍ୟବହାର, କ୍ରିୟା କର୍ମରେ ପରିବର୍ତ୍ତନ ଦେଖା ଦେଇଛି ।

କୁନ୍ତଳାର ବିବାହ ପ୍ରସ୍ତାବ ପୁଣିଥରେ ଉଠିଛି ।

'ନୂଆବୋଉ' ସେ କହିଲା—'ମତେ ଆଉ ସେ ସବୁ ଭିତରକୁ ଟାଣୁଛ କାହିଁକି ? ମୋ ଠାରୁ ଜ୍ଞାନ, ବୁଦ୍ଧିଠାରୁ ତମର ତ ଯଥେଷ୍ଟ ବେଶୀ । ତୁମେ ଅଭିଜ୍ଞ, ତୁମେ ତ ସବୁ କଥାର ନିଷ୍ପତ୍ତି କରି ପାରନ୍ତ !'

'ପାରନ୍ତି । କିନ୍ତୁ କରିବି ନାହିଁ । ତୁମେ ପରା ଆଜିକାଲିର ଝିଅ । ପରେ ପୁଣି ଭାଇ ଭାଉଜଙ୍କୁ ଦୋଷଦେବ । ତେଣୁ ତୁମ ଭାଇଙ୍କ ଇଚ୍ଛା, ତୁମର ମତାମତ ଉପରେ ସବୁ ହେବ ।'

'ମା ଅଛନ୍ତି......'

'ମାଙ୍କ ମତ ସହିତ ଏକହୋଇ ପାରିଲେ ତ । ଆଉ ସେତ ସବୁ ଭାର ତୁମ ଭାଇଙ୍କ ଉପରେ ଛାଡ଼ି ଦେଇଛନ୍ତି ।'

'ବେଶ ତାହାହେଲେ ଭାଇ ଯାହା କରିବାର କରନ୍ତୁ ।'

‘ଶୁଣ, କହକ ସହରରେ — ଯେଉଁ ପ୍ରସ୍ତାବ ଥିଲା, ସେହି ଅନୁସାରେ ସେଠାରୁ ନିଜେ ତୁମ ଭାବୀ ବରଣି ତୁମକୁ ଦେଖିବା ପାଇଁ ସାତ ସମୁଦ୍ର ତେର ନଈ ପାର ହୋଇ ଏଠାରେ ଆସି ପହଞ୍ଚିଛନ୍ତି । ତୁମକୁ ସେ ଦେଖିବେ — ଆଉ ତାଙ୍କୁ ମଧ୍ୟ ତୁମେ ଦେଖିବ । ତମ ଭାଇ କହୁଥିଲେ ସେ କୁଆଡ଼େ ଜଣେ କବି — ତମେ ହେବ ତାଙ୍କର କବିତା । ଏମ୍. ଏ. ପାସ୍ କରିଛନ୍ତି । ଘରେ ଆଉ କେହି ନାହାନ୍ତି । ଜମିଦାରୀ ଥିଲା ଚାଲି ଯାଇଛି । ଜମିବାଡ଼ି ବହୁତ ଅଛି । ବୟସ ତେଇଶି କି ଚବିଶ । ଦେଖିବାକୁ କୁଆଡ଼େ ଭାରି ସୁନ୍ଦର — ସ୍ୱର୍ଗପୁରର କାର୍ତ୍ତିକେୟ ପରି ଚେହେରା । କୋଷ୍ଠୀରେ ରାଜଯୋଟକ ହୋଇଛି ।’

‘ନୁଆବୋଉ……’

‘କହ କୁନ୍ତଳା, ଆଉ ତୁମେ କଣ ଚାହଁ ?’

‘ତୁମ ମତରେ ମୋର ମତ । ତୁମେ ତ ମୋ ଅମଂଗଳ ପାଇଁ କିଛି କରିବ ନାହିଁ ।’

‘ମଂଗଳ ପାଇଁ କରୁ କରୁ ଅନେକ ସମୟରେ ଅମଂଗଳ ହୁଏ । ତୁମ ଭାଇଙ୍କ ବରାଦ — ଆଜି ସଂଧ୍ୟା ଛଅଟା ସମୟରେ ତୁମର ଭାବୀପତି ତୁମକୁ ଦେଖିବେ । ତା ପରେ ତୁମ ଉଭୟଙ୍କ ମତରେ ଯାହାକିଛି ସିଦ୍ଧାନ୍ତ କରାଯିବ । ତୁମେ ଥାଅ, ମୁଁ ଯାଏଁ …’

‘ପୁଣି ଆସିବ ନୁଆବୋଉ !’

‘ନିଶ୍ଚୟ ଆସିବ ଗୋ ! ତୁମର ପରିପାଟୀ ରଚନା କରିବାର ଭାର ତ ମୋ ଉପରେ । ତୁମକୁ ଏମିତି ରୂପରେ ସଜାଇ ଦେବି, ଯେମିତି ଅତିଥିଙ୍କର ଚକ୍ଷୁ ଆଉ ଲେଉଟିଯିବ ନାହିଁ …’

ନିଭା ସହାସ୍ୟ ବଦନରେ ପ୍ରକୋଷ୍ଠ ଭିତରୁ ବାହାରି ଆସିଲା ।

କୁନ୍ତଳାର ଟିକି ଅନ୍ତର ପ୍ରାଣବନ୍ତ ହୋଇ ଉଠିଲା । ଦେହରେ ତାର ଅଭିନବ ଅନୁଭୂତି — ହର୍ଷ ଆଉ ବିଷାଦ । ତପସ୍ୱିନୀର ଯୁଗ ଯୁଗର ତପସ୍ୟା କଣ ସଫଳ ହେବ ? ନିଦ୍ରା ଆଉ ଜାଗରଣରେ ସେ ଯେଉଁ ରାଜକୁମାରର ପରିକଳ୍ପନାରେ ବିଭୋର ହୋଇଛି, ସେ ସ୍ୱପ୍ନ କି ସତେ ତାର ସତ୍ୟ ହେବ ?

ଚତୁର୍ଦ୍ଦିଗର କେତକୀ କୁଞ୍ଜ—ସହକାର ଉଦ୍ୟାନ ସତେ କି ଟୋଳିବ ଏକ ପ୍ରୀତିସ୍ନିଗ୍ଧ ରାଗିଣୀ—ଆକାଶର ସ୍ତରେ ସ୍ତରେ ମେଘ ଖଣ୍ଡର ନିଭୃତ ଶୀତଳ ସ୍ପର୍ଶରେ କଣ ବଜଣ୍ଟି ଉଠିବ ଜୀବନର କଦମ୍ବ ?

ମନରେ ଅହେତୁକୀ ଭୟ । କିଏ ଜାଣେ କଣ ହେବ ? ଆଗନ୍ତୁକ ଅତିଥି ଯଦି ତାର ଶାଣିତ କଟାକ୍ଷ, ରକ୍ତ ବିମ୍ବ ଅଧର, ହେମଗୌର ତନୁ, କାଳ-କୃଷ୍ଣ କବରୀ, ସ୍ମିତହାସ୍ୟ ବଦନକୁ ପାଦରେ ଆଡ଼େଇ ଦେଇ ଆସିଥିବା ପଥରେ ପୁଣି ଲେଉଟି ଯାଆନ୍ତି ? ତେବେ···ତେବେ···?

କଣ ହେବ ତେବେ ? ନବକୁମାରୀର କୋମଳ ପ୍ରାଣରେ ଉଠିବ ସିମା ବିଷାଦର ମୂର୍ଚ୍ଛନା—ଲଜ୍ଜାପନ୍ନ ଝିଅଟିର ନୟନରୁ ଲୋତକ । ଆଉ ଏଇ ବିରାଟ ପ୍ରାସାଦର ଦାସଦାସୀମାନଙ୍କ ଆଖିରେ ସେ ହେବ ନିତାନ୍ତ ହେୟ ।

ହେ ଭଗବାନ ! ହେ ମା ଜୟଦୁର୍ଗା । ହାତ ଟେକି ନମସ୍କାର କଲା ସେ । କୁମାରୀ ଜୀବନରେ କି ତୀବ୍ର ପରୀକ୍ଷା—ପ୍ରାଣାନ୍ତକ ଉତ୍କଣ୍ଠା । ଏ ଉତ୍କଣ୍ଠାର ଶେଷ କେବେ ପ୍ରଭୋ !

ଆଜି ସଂଧ୍ୟାରେ ସେ ଉପସ୍ଥିତ ହେବ ପରୀକ୍ଷା କକ୍ଷରେ । ନୂଆବୋଉ ତାକୁ ମିଥ୍ୟା କହିଛନ୍ତି—ତାର ମତାମତଠାରୁ ଅପର ପକ୍ଷର ମତାମତ ଉପରେ ବେଶୀ ନିର୍ଭର କରେ । ଆଗନ୍ତୁକ କବି—କଳ୍ପଲୋକର ବାସୀ । କୁନ୍ତଳାର ଏଇ ରୂପର ସୌନ୍ଦର୍ଯ୍ୟ ତାଙ୍କ ପ୍ରାଣରେ ଟୋଳି ପାରିବ ତ ଏକ ପ୍ରଣୟର ମନ୍ଦାକିନୀ ? କେଜାଣି ! ସୌନ୍ଦର୍ଯ୍ୟର ପରିମାପ ବିଭିନ୍ନ ଚକ୍ଷୁରେ ବିଭିନ୍ନ ପ୍ରକାରର ହୋଇଥାଏ ।

କୁନ୍ତଳା ପଲଙ୍କ ତେଜି ପ୍ରସାଧନ କକ୍ଷରେ ପ୍ରବେଶ କଲା । ସମ୍ମୁଖରେ ବିରାଟ ସ୍ୱଚ୍ଛ ଦର୍ପଣ—ତାହାରି ଆଗରେ କିଛିକ୍ଷଣ ଠିଆହୋଇ ନିଜେ ନିଜ ରୂପରେ ସେ ଚମତ୍କୃତ ହେଲା । ଯା ପୂର୍ବରୁ ସେ କେବେ ନିଜକୁ ଏତେ ସୁନ୍ଦର କରି ଦେଖି ନ ଥିଲା ! ବାସ୍ତବିକ ସେ ସୁନ୍ଦରୀ—ନିଜର ଚକ୍ଷୁ ଯୁଗଳର ମାପ-ଦଣ୍ଡରେ ସେ ନିଜରୂପ ସହିତ ତୁଳନା କଲା ତାର ପରିଚିତା ସଙ୍ଗିନୀ-ମାନଙ୍କୁ । ତାର କଳ୍ପନାରେ ସେ ସବୁଠୁ ସୁନ୍ଦରୀ ! ମାତ୍ର ତାର ଚିନ୍ତାଧାରା

ପୁଣି ପରାଭୂତ ହେଲି । ତାର ନୂଆବୋଉ ନିଭା—ନିଭାଠୁ କଣ ସେ ବେଶୀ ସୁନ୍ଦରୀ ? ନିଭାର ସମସ୍ତ ଅବୟବ ସୌନ୍ଦର୍ଯ୍ୟ ଦେବତାର ଯେମିତି ଏକ କମନୀୟ ସୃଷ୍ଟି—ତା' ପାଖରେ କୁନ୍ତଳାକୁ ପରାସ୍ତ ସ୍ୱୀକାର କରିବାକୁ ପଡ଼ିବ ।

ସେ ନିଜର ଭବିଷ୍ୟତ ଚିନ୍ତାରେ ନିଜେ ବିହ୍ୱଳ ହୋଇ ଉଠୁଥିଲି ଯେମିତି । ପୁଣି ସେ ପାଉଥିଲି ତା ଦେହ ଉଦ୍ୟାନରେ ଅଭିନ ମଳୟର ସ୍ପର୍ଶ । ବସନ୍ତର ଆଗମନରେ ପୁଲକିତ କୋକିଳ ବଧୂ ନିଜର ମଧୁ ନିନ୍ଦିତ କଣ୍ଠରେ ଚତୁର୍ଦ୍ଦିଗକୁ ନିନାଦିତ କଲାଭଳି, କୁନ୍ତଳାର କଣ୍ଠତଟରୁ ଉଠୁଥିଲି ଫାଲ୍‌ଗୁନ ପୂର୍ଣ୍ଣିମାର ମନୋମୁଗ୍ଧକର ହୃଦୟସ୍ପର୍ଶୀ ରାଗିଣୀର ଛନ୍ଦ । ଦୀର୍ଘାଙ୍ଗରେ ତାର ଅଭିରାମ ଭଙ୍ଗୀ—ଆକୁଳତାରେ ପୂର୍ଣ୍ଣ ହେଉଛି ମନପ୍ରାଣ ।

ଅଥୟ ହୋଇ ସେ ଧାଇଁଗଲି ନିଭାର ଇନ୍ଦ୍ରଭୁବନନିନ୍ଦୀ କକ୍ଷକୁ । ନିଭା ସେତେବେଳେ କେଶବିନ୍ୟାସ ଶେଷକରି ସ୍ନାନପାଇଁ ପ୍ରସ୍ତୁତ ହେଉଥିଲି । ଅସମ୍ଭାଳ ବେଶରେ କୁନ୍ତଳାକୁ ଦେଖି ସେ ପ୍ରଶ୍ନକଲି—'କଣହେଲା ତୁମର କୁନ୍ତଳା ? ତୁମେ ଯେ ଖୁବ୍ ବ୍ୟସ୍ତ ଦେଖା ଯାଉଛ !'

କୁନ୍ତଳା କଣ୍ଠ ସ୍ୱରକୁ ବିନମ୍ର କରି କହିଲି—'ନୂଆବୋଉ, ମତେ ଆଉ ଏ ଟିକ୍ ପରୀକ୍ଷା ଭିତରକୁ ନିଅନାହିଁ । ତୁମେ ମୋପାଖରୁ ଚାଲି ଆସିବାଠାରୁ ମୁଁ ଯେମିତି କେଉଁ ଏକ ଅଜ୍ଞାତ ଚିନ୍ତାରେ ଜର୍ଜର ହୋଇ ପଡ଼ୁଛି । କାହିଁକି ମୁଁ ବିଭାହେବି ? କଣପାଇଁ ଏ ସବୁର ଆୟୋଜନ ? ନାରୀଜନ୍ମର ପରି-ପୂର୍ଣ୍ଣତା କଣ କେବଳ ବିବାହରେ ?

ନିଭା ବୁଝି ପାରିଲି ନାହିଁ କୁମାରୀ କନ୍ୟାର ଏଇ ପ୍ରଶ୍ନର ସାରମର୍ମ । ହଠାତ୍ କେଉଁ ପରିସ୍ଥିତିରେ କୁନ୍ତଳା ଆଜି ଏପରି ଉକ୍ତି କରୁଛି ?

ବିବାହ ତ ମନୁଷ୍ୟ ଜୀବନର ଏକ ଅପରିହାର୍ଯ୍ୟ ପରିସ୍ଥିତି—କାମନାର ନିର୍ବାପନ ତ ଏକ ଶାରୀରିକ ଆବଶ୍ୟକତା । ସେ କହିଲି—'କୁନ୍ତଳା, ବିବାହ ଯଦି ମଧୁଯୁକ୍ତ ହୁଏ, ତେବେ ସେ ବିବାହ ନିଶ୍ଚୟ ନାରୀଜୀବନର ଏକାନ୍ତ କାମ୍ୟ ।'

'ବେଶ୍ ତା ଯଦି ସତ୍ୟହୁଏ, ତେବେ ମୋ ବିବାହ ଯେ ମଧୁମୟ ହେବ, ଏଥିରେ କେଉଁ ନିଶ୍ଚିତତା ଅଛି ?' ସେ ପ୍ରଶ୍ନ କଲା ।

'ବିବାହ ନିଶ୍ଚୟ ମଧୁମୟ, କିନ୍ତୁ ତା ନ ହେବା ବ୍ୟତିକ୍ରମ ।'

କୁନ୍ତଳା ଅସଂଯତ ସ୍ୱରରେ ପ୍ରଶ୍ନ କଲା—'କୁହ ନୂଆବୋଉ, ତୁମେ ଯେ ବିବାହ କରିଛ, ତୁମ ବିବାହ କଣ ମଧୁମୟ ହୋଇଛି ?'

ବିସ୍ମୟ ବିସ୍ଫାରିତ ନେତ୍ରରେ ଚାହିଁ ରହିଲା ନିଭା । ତା ମନ କାନନରେ ଯେଉଁ କଠିଣ ଶିଳାର ଆଘାତ ସେ ପ୍ରତି ମୁହୂର୍ତ୍ତରେ ପାଉଛି—ସେ ଆଘାତର ବ୍ୟଥା ପ୍ରକାଶିତ ନ ହେବା ଉଚିତ । ମୀନକେତନ କୁନ୍ତଳାର ଅଗ୍ରଜ । ତା' ପାଖରେ କୌଣସି କଥା ପ୍ରକାଶ କରିବାକୁ ସେ ଚାହେଁନା । ଅରଣ୍ୟାଞ୍ଚଳ ଯେତେବେଳେ ଅଗ୍ନିର ଧ୍ୱଂସ ଲୀଳାରେ ଦଗ୍ଧୀଭୂତ ହୁଏ; ସମସ୍ତେ ସେକଥା ଜାଣନ୍ତି—କିନ୍ତୁ ମନ କାନନର ପ୍ରଚ୍ଛନ୍ନ ଅଗ୍ନି କାହାରି ନୟନରେ ପଡ଼େ ନାହିଁ । ତଥାପି ତା' ମଧ୍ୟରେ ଭରି ରହିଥାଏ ଅସୀମ ଯନ୍ତ୍ରଣା—ବିଷାଦମୟ ନିଶ୍ୱାସ ।

ନିଭା ନିର୍ବାକ୍ ।

କୁନ୍ତଳା ପୁଣି କହିଲା—'କୁହ ନୂଆବୋଉ, ବିବାହର ଯେଉଁ ରଙ୍ଗୀନ କଳ୍ପନାରେ ମନପ୍ରାଣ ଛୁଟାଇ ତମେ ବିବାହ ବନ୍ଧନରେ ବାନ୍ଧିହୋଇ ପଡ଼ିଥିଲ, ସେ କଳ୍ପନା, ସେ ଭାବନା ବର୍ତ୍ତମାନ କଣ ଅଛି ? କୁହ ନୂଆବୋଉ ?'

'କୁନ୍ତଳା, ମିଥ୍ୟା, ତୁମେ ଯାହା କହୁଛ, ତା' ସମ୍ପୂର୍ଣ୍ଣ ଅଳୀକ । କିଏ କହେ ମୋ ବିବାହ ମଧୁମୟ ହୋଇନାହିଁ ? କିଏ କହେ ମୋ କୁମାରୀ ମନର ଅଭିଳାଷ ପୂର୍ଣ୍ଣ ହୋଇନାହିଁ ?'

'ନୂଆବୋଉ, ସତ୍ୟ କେବେ ଲୁଚି ରହେନା—'

'ଭୁଲ୍, ମିଥ୍ୟା ମଧ୍ୟ ଅନେକ ସମୟରେ ଠିକ ସତ୍ୟଭଳି ବୋଧହୁଏ । ତମେ ମିଥ୍ୟା କହୁଚ କୁନ୍ତଳା । ନୟନସୁନ୍ଦର ମଙ୍ଗରାଜ ବଂଶର ବଧୂ କଣ କେବେ ଦୁଃଖିନୀ ହୋଇପାରେ ? ଯା' କଣ ସମ୍ଭବ ? ତୁମେ ତ ନିଜେ 'ସେଦିନ କହୁଥିଲ...'

'ଆଉ ନୂଆବୋଉ, ମୁଁ ସେଦିନ ତୁମ ପ୍ରାଣରେ ଅନେକ ଆଘାତ ଦେଇଛି । ଭାଇଙ୍କ ପ୍ରତି ମୋର ଅଚଳାଚଳ ଭକ୍ତିହିଁ ମତେ ସେଦିନ ଏପରି କହିବାକୁ ସାହସ ଯୋଗାଇ ଥିଲା । ଆଜି ମୁଁ ବୁଝି ପାରିଛି···ତୁମେ ଭାରି ରାଗ କରିଛ, ନା ?'

'ନା, ମୁଁ ତ ଛ'ଟି ଯାକ ରିପୁକୁ ଦମନ କରିଛି । ମୁଁ ନିର୍ବିକାର ।'

'ନୂଆବୋଉ, ତମ କଲ୍ୟାଣରୁ ଯଦି ମୋ ବିବାହ ସୁଖମୟ ହୁଏ, ବିବାହ କରିବାପାଇଁ ମୁଁ ରାଜି । କିନ୍ତୁ···'

'କିନ୍ତୁ ଆଉ କିଛିନୁହେଁ । ତୁମକୁ ବିବାହ କରିବାକୁ ହେବ ।'

କୁନ୍ତଳା ମୁହୂର୍ତ୍ତେ ନୀରବ ରହିବା ପରେ ନିଭା ପୁଣି କହିଲା—'ମୁଁ ସ୍ନାନପାଇଁ ପ୍ରସ୍ତୁତ ହୋଇ ସାରିଥିଲି । ତମେ ଏବେ ଯାଅ । ସଂଧ୍ୟା ଛ'ଟା କଥା ପାଶୋରି ନ ଯାଅ ଯେମିତି । ମୁଁ କଲ୍ୟାଣ କରୁଛି କୁନ୍ତଳା, ତମ ବିବାହ କଣ୍ଟକମୁକ୍ତ ହେବ ।'

'ତୁମ ଦୟା ନୂଆବୋଉ !'

ନିଭା ସ୍ନାନ ନିମନ୍ତେ ସମସ୍ତ ସରଞ୍ଜାମ ଧରି ସ୍ନାନାଗାରରେ ପ୍ରବେଶ କଲା । ଭାରାକ୍ରାନ୍ତ ମନ ନେଇ ଫେରିଲା କୁନ୍ତଳା । ବାରମ୍ବାର ଏପରି ପରୀକ୍ଷାର ସମ୍ମୁଖୀନ ହେବାକୁ ସେ ଆଉ ଚାହେଁନା । ଯାହାକିଛି ଗୋଟାଏ ମୀମାଂସା ହୋଇଯିବା ଉଚିତ । ବିବାହର ପରିପୂର୍ଣ୍ଣତା ନିର୍ଭର କରେ ସ୍ୱାମୀ ସ୍ତ୍ରୀଙ୍କ ମାନସିକ ଅବସ୍ଥା ଉପରେ । ପରସ୍ପର ସହିତ ପରସ୍ପରର ସହଯୋଗ, କ୍ଷମା, ତ୍ୟାଗ ପ୍ରଭୃତି ଦ୍ୱାରା ସଂସାର ସ୍ୱର୍ଗ ସମାନ ହୁଏ । ସେ ଚାହୁଁଥିଲା ଏମିତି ଏକ ସ୍ୱର୍ଗ, ଯେଉଁଠି ଦୁର୍ଲ୍ଲଭ ହୋଇଥିବ ସ୍ୱାର୍ଥପରତା, ନୀଚତା, ହୀନତା—ଯେଉଁଠି ଅନବରତ ପ୍ରସ୍ଫୁଟିତ ହେଉଥିବ ମନୋହାରୀ ଅନିନ୍ଦ୍ୟମୟ ପାରିଜାତ—ପ୍ରବାହିତ ହେଉଥିବ ପ୍ରୀତି-ସ୍ନିଗ୍ଧ ତଟିନୀର ସ୍ୱଚ୍ଛ ସଲିଳ । ଅର୍ନ୍ତର୍ନିହିତ ସଂଧ୍ୟାର କଳ୍ପିତ ରୋମାଞ୍ଚ ଆଜି ଭଲଲାଗେ ନାହିଁ । କଳ୍ପନା ଯଦି ଖାଲି କଳ୍ପନାରେ ରହେ, ସେ କଳ୍ପନା ବରଂ କ୍ଷତିକର । ଏହି ବିରାଟ ବଂଶର ପତନୋନ୍ମୁଖୀ ଆଭିଜାତ୍ୟର ସ୍ତୂପ ଉପରେ ଠିଆହୋଇ ନିଭା ହେଉ-

ଥିଲା ନିସ୍ତବ୍ଧ । ତାର ଏଇ ଆନିତମ୍ବଲମ୍ବୀ କେଶର ଭୁରୁ ଗନ୍ଧରେ ଆମୋଦିତ ହେଉଥିଲା ଦିଗ୍‌ବିଦିଗ ।

• • • • • • • • • •

ଇସ୍, କି ରୂପ, କି ନୟନ, କି କାନ୍ତି ! କୁନ୍ତଳା ତନ୍ମୟ ହେଲା । ଏହି ଅନିନ୍ଦ୍ୟ ସୁନ୍ଦର ଯୁବା ତା ଜୀବନସାଥୀ ହୋଇ ପାରିଲେ ସେ ନିଜକୁ ମହା ଭାଗ୍ୟବତୀ ମଣିବ ।

ସଂଧ୍ୟା ଛ'ଟାର ଆଲୋକିତ କକ୍ଷ—ନିର୍ଜନ, ନିଭୃତ । କୁନ୍ତଳାର ପ୍ରଣୟପ୍ରାର୍ଥୀ ଯୁବକ ଅଶୋକ ଖଣ୍ଡିଏ ଚେୟାର ଉପରେ ଉପବେଶନ କରିଛନ୍ତି । ଠିକ ତାଙ୍କ ସମ୍ମୁଖରେ ପଡିଥିବା ଚେୟାରରେ ନିଭା—ଆଉ ଟିକିଏ ଦକ୍ଷିଣକୁ କୁନ୍ତଳା ।

ଅଶୋକ ବେଶ ମିଷ୍ଟଭାଷୀ—ଆକାଶର ଶୂନ୍ୟ ଦେଶରେ ଘନକୃଷ୍ଣ ମେଘ ଦେହରେ ବିଜୁଳିର ଚଞ୍ଚଳତା ପରି ଭ୍ରୂଯୁଗଳ ନଚାଇ ସେ କହିଲେ—'କୁନ୍ତଳା, ମୁଁ ଭାରି ରୁକ୍ଷ, ସଭିଏଁ କହନ୍ତି ମୁଁ ଭାରି ଜିଦ୍‌ଖୋର, ତୁମେ ମତେ ବିଭାହୋଇ ସୁଖୀ ହୋଇ ପାରିବ ତ ?'

ନୂଆଲୋକ ସମ୍ମୁଖରେ ଏ ପ୍ରକାର ପ୍ରଶ୍ନରେ ଆତଙ୍କିତ ହୋଇ ଉଠିଲା କୁନ୍ତଳା—ସେ କି ଉତ୍ତର ଦେବ ତା' ପାଟିକୁ ଭାଷା ଆସିଲା ନାହିଁ ।

ନିଭା ସ୍ମିତ ହସି କହିଲା—'ପରୀକ୍ଷକଙ୍କର ପ୍ରଶ୍ନ ବଡ଼ କଠିନ......।'
'ପରୀକ୍ଷକ ମଧ୍ୟ ସେମିତି କଠିଣ—'କହିଲେ ଅଶୋକ ।

ନିଭା ପୁଣି କହିଲା—'ଦେଖନ୍ତୁ ଅଶୋକବାବୁ, କୁନ୍ତଳାଠୁ ଯେଉଁ ଉତ୍ତର ଆପଣ ପାଆନ୍ତୁ ନା କାହିଁକି, ସେ ଉତ୍ତର କଣ ସତ୍ୟର ଆଭାସ ଦେବ ?...' ଅଶୋକ ନୀରବ ରହିଲେ । ନୀରବତା ମଧ୍ୟରେ କିୟତ୍‌କ୍ଷଣ ଅତିବାହିତ ହୋଇଗଲା । ନିଭା ପୁଣି ନୀରବତା ଭଙ୍ଗକରି କହିଲା—'ଅଶୋକବାବୁ, ଜୀବନ ଯଦି କ୍ଷଣଭଙ୍ଗୁର ହୁଏ ମନୁଷ୍ୟର ରୂପ ଆହୁରି କ୍ଷଣଭଙ୍ଗୁର । ଏହି ଭଙ୍ଗୁରତା ନିଶ୍ଚିତ ଜାଣି ରୂପର ଗର୍ବ କରିବାର ମୂଲ୍ୟ କିଛି ନାହିଁ । ଆପଣ କବି, ତେଣୁ ଦାର୍ଶନିକ । ମୁଁ ଆପଣଙ୍କୁ ଅଧିକ ବା କଣ କହିବି ?

ବିବାହିତ ଜୀବନରେ ସବୁଠାରୁ ଆବଶ୍ୟକୀୟ ହେଉଛି ପରସ୍ପର ପ୍ରତି ପରସ୍ପରର ସହାନୁଭୂତି-ସ୍ନେହ-ପ୍ରେମ-କ୍ଷମା ପ୍ରଭୃତି ଏବଂ ଏସବୁ ନିର୍ଭର କରେ ମାନସିକ ଅବସ୍ଥା ଉପରେ । ଆପଣ ନିଶ୍ଚୟ ଜାଣିଥିବେ ଏ ସଂସାରରେ ଅନେକ ପୁରୁଷ ଅଛନ୍ତି ଯେଉଁମାନେ କୁତ୍ସିତା ସ୍ତ୍ରୀ ବିବାହ କରି ମଧ୍ୟ ସୁନ୍ଦର ଦାମ୍ପତ୍ୟ ଜୀବନ ଯାପନ କରୁଛନ୍ତି—ଆଉ ଅନ୍ୟ କେତେକ ଅଛନ୍ତି ସେମାନେ ଉର୍ବଶୀ-ସମା ସ୍ତ୍ରୀ ପାଇ ମଧ୍ୟ ବେଶ୍ୟାଶକ୍ତ ଲମ୍ପଟ ହୀନଜୀବନ ଯାପନ କରୁଛନ୍ତି । ତେଣୁ ସବୁଠା ନିର୍ଭର କରୁଛି ମନର ଦାମ୍ଭ ଉପରେ......'

ତା'ର ଏ ପ୍ରକାର ଉକ୍ତିରେ କୁନ୍ତଳା ଲଜ୍ଜିତ ହେଉଥିଲା—ମନେ ମନେ ସେ ଅନୁଭବ କରୁଥିଲା ତାକୁ ଯେମିତି ଅପରସୀମ ଲାଞ୍ଛନା ଦିଆ ଯାଉଛି । ଅଶୋକ ଏଇ ଅନିନ୍ଦ୍ୟ ସୁନ୍ଦରୀ ଯୁବତୀ ନିଭାର ଯୁକ୍ତିରେ କିଂକର୍ତ୍ତବ୍ୟବିମୂଢ଼ ହୋଇ ପଡ଼ୁଥିଲେ । ଜୀବନ ଦର୍ଶନ ଚର୍ଚ୍ଚା କରିବା ପାଇଁ ସେ ହୁଏତ ପ୍ରସ୍ତୁତ ନ ଥିଲେ ।

ନିଭା ପୁଣି କହିଲା—'କୁନ୍ତଳା ସୁନ୍ଦରୀ, ଗୃହ କର୍ମରେ ସୁନିପୁଣା, ସୁଗାୟିକା...'

କୁନ୍ତଳା ନିଜର ପ୍ରଶଂସା ଶୁଣି ଆହୁରି ଅପ୍ରସ୍ତୁତ ହେଉଥିଲା । ମୁଣ୍ଡ ଉପରୁ ତାର ସ୍ରବି ଆସୁଥିଲା ବିନ୍ଦୁ ବିନ୍ଦୁ ଝାଳ । ନିଜର ପ୍ରଶଂସା ନିଜ ମୁଖରେ କହି ଅନ୍ୟକୁ ଆକୃଷ୍ଟ କରିବା ତାକୁ ଲଜ୍ଜାକର ବୋଧ ହେଉଥିଲା । ସେ ଉଠି ଠିଆ ହେଲା । ନିଭା ଏବଂ ଅଶୋକଙ୍କର ଚାରୋଟିଯାକ ଆଖି ଏକ ସମୟରେ ତା ଉପରେ ଯାଇ ପଡ଼ିଲା ।

ନିଭା କହିଲା—'ବସ କୁନ୍ତଳା, ଉଠିଲ ଯେ—'

ଏତିକ କହି ଉତ୍ତରକୁ ଅପେକ୍ଷା ନ କରି ସେ ଚାଲିଯିବାକୁ ଉଦ୍ୟତ ହେଲା । ଅଶୋକ କହିଲେ—'ହଁ, ଶରୀରର ଅସୁସ୍ଥତା ଉପରେ ତ କାହାର ହାତ ନ ଥାଏ ।'

ନିଭା ନିରୁତ୍ତର !

କୁନ୍ତଳା ଚାଲିଗଲା ।

ଅଣ୍ଡରହିଷ୍ଟି

ଅଶୋକ ସ୍ମିତ କହିଲେ—'ବୁଝିଲେ, ସ୍ତ୍ରୀମାନଙ୍କ ସହିତ କେମିତି କଥାଭାଷା କରିବାକୁ ହୁଏ, ସେ ବିଷୟରେ ମୁଁ ସମ୍ପୂର୍ଣ୍ଣ ଅନଭିଜ୍ଞ । ମୋ ଅଜ୍ଞାତରେ ବୋଧହୁଏ ମୁଁ କୁନ୍ତଳା ଦେବୀଙ୍କ ପ୍ରାଣରେ ବହୁତ ଆଘାତ ଦେଲି ।'

'ସେ କଣ୍ଡ ନୁହେଁ ଅଶୋକବାବୁ, ଆପଣଙ୍କ କଥାର ଆଘାତଠୁ, ମୋ କଥାର ଆଘାତ ବୋଧହୁଏ ତାକୁ ବେଶୀ ଲାଗିଲା ।'

'ଆପଣଙ୍କ କଥାର ଆଘାତ ?'

'ହଁ ତାକୁ ସମ୍ମୁଖରେ ବସାଇ ତା ବିବାହ ବିଷୟରେ ଆପଣଙ୍କ ସହିତ କଥାଭାଷା କରିବା—ବୋଧହୁଏ ତାକୁ ଭଲ ଲାଗିଲା ନାହିଁ ।'

ଅଶୋକଙ୍କ ଯୁବକ ପ୍ରାଣରେ ଉଦ୍‌ବେଳିତ ହେଉଥିଲା ତାରୁଣ୍ୟର ନବୀନ ଅନୁଭୂତି । ଏ ପ୍ରକାର ପରିବେଶ ମଧ୍ୟରେ କଥାଭାଷା କରିବା ଖୁବ୍ ଶାନ୍ତିପ୍ରଦ ମାତ୍ର କୁନ୍ତଳାର ପ୍ରାଣରେ ଯଦି ଆଘାତ ଲାଗିଥାଏ, ସେଥିପାଇଁ ସେ ନିଜକୁ ଦୋଷୀ କରିବେ । କୁସୁମପରି କୋମଳମତି ବାଳିକାକୁ ଆଘାତ ଦେବା କେବେହେଁ ତାଙ୍କର ଅଭିପ୍ରାୟ ନଥିଲା ।

ସେ କହିଲେ—'ଯଦି ମୋ ଅଜାଣତରେ ମୁଁ କୁନ୍ତଳାଦେବୀଙ୍କ ପାଖରେ କୌଣସି ଅପରାଧ କରିଥାଏ ତେବେ ତାଙ୍କୁ କହିବେ ମତେ କ୍ଷମା ଦେବାକୁ ।'

ହସିଲା ନିଭା—'ଏ ଅପରାଧ ପାଇଁ ତ କ୍ଷମା ନାହିଁ ଅଶୋକବାବୁ ।'

'ନାହିଁ ?'

'ନା ।'

ଅଶୋକ କଥାର ତାତ୍ପର୍ଯ୍ୟ ପୂର୍ଣ୍ଣମାତ୍ରାରେ ହୃଦୟଙ୍ଗମ କରି କହିଲେ—'ଯଦି ନାହିଁ, ମୋ କଥା ମୁଁ ପ୍ରତ୍ୟାହାର କରିନେବି ।'

'ବେଶ୍, ସେତିକି ହେଲେ ହେଲା ।'

ଦୁଇଜଣଙ୍କ ଉଚ୍ଛ୍ୱସିତ ହାସ୍ୟରୋଳରେ ପୂରି ଉଠିଲା କକ୍ଷ ।

ନିଭା ପ୍ରଶ୍ନକଲା—'କ'ଣ, କୁନ୍ତଳା ଆପଣଙ୍କ ମନକୁ ଆସିଲା ତ ?'

'ପ୍ରଶ୍ନର ଉତ୍ତର ସହଜ ନୁହେଁ । ତଥାପି ଆପଣ ଯାହାର ନୂଆବୋଉ, ସେ ଝିଅ ମନକୁ ପାଇପିବାହିଁ ସ୍ୱାଭାବିକ ।'

ଏ ପ୍ରକାରର ଉତ୍ତରରେ ଜଗୁର ମୁଖମଣ୍ଡଳ ଆରକ୍ତ ହୋଇଉଠିଲା । 'ଆପଣ ଯାହାର ନୂଆବୋଉ, ସେ ଝିଅ ମନକୁ ପାଇଯିବାହିଁ ସ୍ୱାଭାବିକ ।' ଏହା ଭିତରେ ଯେଉଁ ଗୂଢ଼ ମନସ୍ତାତ୍ତ୍ୱିକ ତତ୍ତ୍ୱ ନିହିତ ରହିଛି ତାର ଆଭାସ ପାଉଥିଲା ଜଗୁ । ମନରେ କିଛିଟା ସାହସ ଠୁଳ କରି ସେ କହିଲା—'ଆପଣ କହନ୍ତି, ତେଣୁ ସେଇ ଆଖିରେ ପ୍ରତ୍ୟେକ ଜିନିଷକୁ ଦେଖନ୍ତୁ ।'

'ମୁଁ ତ କହିବି, କିନ୍ତୁ ଏଠାକୁ ଆସି ଅକହା ମଧ୍ୟ କହା ପାଲଟିଯିବ ।'

କଥାବାର୍ତ୍ତାର ଗତି ରୁଦ୍ଧ ହୋଇଗଲା ହଠାତ୍ । ପାଚକ ଆସି ଅଶୋକଙ୍କୁ ଜଳଖିଆ ଖାଇବାର ନିମନ୍ତ୍ରଣ ଜଣାଇ ଦେଇଗଲା ।

ଅଗତ୍ୟା ଦୁଇଜଣଯାକ ଉଠି ଭୋଜନାଳୟକୁ ଗଲେ । ବାହାରର ପ୍ରକୃତି ବେଶ୍ ଶାନ୍ତ କମନୀୟ । ଆକାଶରେ ଉଦିତ ହୋଇଛି ପୂର୍ଣ୍ଣଚନ୍ଦ୍ର-ଶୀତଳ ଚନ୍ଦ୍ରିକାର ଉଚ୍ଛ୍ୱାସରେ ହସୁଛି ପୃଥିବୀ ।

ଅଶୋକ ମୁଗ୍ଧ ହେଉଥିଲେ । ଆଜି ସନ୍ଧ୍ୟାର ଏ ଅନନୁଭୂତ ଅନୁଭୂତିରେ ରୋମାଞ୍ଚିତ, ପୁଲକିତ ହୋଇ ଉଠୁଥିଲା ତାଙ୍କର ମନପ୍ରାଣ ।

=ଚାରି=

ମଧୁ ମାସ ସହିତ କାମଦେବଙ୍କର ନିବିଡ଼ ସମ୍ପର୍କ ରହିଛି । ବସନ୍ତ ଋତୁରେ ଲତାବଧୂ ହୁଏ ପୁଷ୍ପିତ-କୋକିଳବଧୂ ଗାଏ ଅନ୍ତରସ୍ପର୍ଶୀ ସଙ୍ଗୀତ । ଫଗୁଲା ହୁଏ ଧରଣୀ । ଉଦ୍ୟାନ, କାନନ, ପ୍ରାନ୍ତର ସବୁଠାରେ ଉଦ୍‌ଭାସିତ ହୁଏ ନୂତନ ଏକ ଜୀବନର ପ୍ରତିବିମ୍ବ, ଅଭିମାନିନୀ ବଧୂର ସମସ୍ତ ଦମ୍ଭ ଅଭିମାନ ଭାଙ୍ଗିପଡ଼େ ବସନ୍ତ ସମୀରଣ ସ୍ପର୍ଶରେ । ମନପ୍ରାଣରେ ଜାଗେ ମିଳନର ଆକାଂକ୍ଷା । ନୟନପୁରର ମଙ୍ଗରାଜ ଉଆସ ବସନ୍ତ ଋତୁରେ ବିଚିତ୍ର ପରିପାଟୀରେ ଶୋଭିତ ହୋଇଛି ।

ହାତୀଦାନ୍ତର ଟେବୁଲ ସମୀପରେ ଠିଆହୋଇ ଦୁଇଟି ଖାଲି ବୋତଲକୁ ଚାହିଁ ଚାହିଁ ଜଗୁର ନୟନଯୁଗଳ ଲୋତକାପ୍ଳୁତ ହେଉଥିଲା । ଉତ୍କଟ ମଦ ଗନ୍ଧରେ ପରିପୂର୍ଣ୍ଣ ହୋଇଥିଲା ଗୃହର ବାୟୁମଣ୍ଡଳ । ମୀନକେତନଙ୍କ ମାୟାଜଡ଼ିତ ମୁଖମଣ୍ଡଳ ତା' ଆଖିରେ ହୋଇ ଉଠୁଥିଲା ଧୂସର ।

ଜୀବନ ବସନ୍ତର ସେ ଦିନ ଆଉ ଆଜି !

ସେଦିନ ପରି ଆଜି ମଧ୍ୟ ପୃଥିବୀବକ୍ଷକୁ ପରିଶୋଭିତ କରି ଧରାକୁ ଆସିଛି ଋତୁରାଜ ବସନ୍ତ । ମୀନକେତନ ଅଛନ୍ତି—ଅଛି ସେ । କିନ୍ତୁ ତାଙ୍କ ମାନସ ପ୍ରତିମା ଆଜି ଶୀର୍ଣ୍ଣାଙ୍ଗୀ—ଭଗ୍ନ ହୋଇଛି ସତେ ମୁକ୍ତ ବନ୍ଦିନୀଙ୍କ ସର୍ବସ୍ୱ ପଣ; ଠିକ୍ ଆଜିର ଏଇ ସମାଜବାଦ ଯୁଗରେ ସାମନ୍ତବାଦର ଅଙ୍ଗ ଛିନ୍ନ ହେଲାପରି । ପ୍ରାସାଦର ଚତୁର୍ଦ୍ଦିଗରେ ଭଗ୍ନମୁଖୀ ପ୍ରସ୍ତର ଖଣ୍ଡପରି ତାଙ୍କ ମାନସ ମନ୍ଦିର ଆଜି ଜୀର୍ଣ୍ଣ ହୋଇଯାଇଛି । ସେ ବିଶ୍ୱାସ କରିପାରୁନାହାନ୍ତି ମାନବ ଚରିତ୍ରର ବହିଃପ୍ରକାଶକୁ—ସବୁ ହୁଏତ ମିଥ୍ୟା—ପ୍ରବଞ୍ଚନା । ମନୁଷ୍ୟ କାହାରକୁ ଯାହା ଦେଖାଯାଏ ଭିତରେ ବୋଧହୁଏ ତାହାର ସମ୍ପୂର୍ଣ୍ଣ ବିପରୀତ । ହୁଏତ ମାନବତାର ଏଇ ମୂଲ୍ୟ ନିର୍ଦ୍ଧାରଣ କରିବାକୁ ଯାଇ ସେ ପରାସ୍ତ ଲଭିଛି—ପ୍ରବଞ୍ଚିତ ହୋଇଛି ।

ମନେପଡ଼େ ତାର ଛାତ୍ରୀ ଜୀବନର ଅସରନ୍ତି ପ୍ରୀତିସ୍ନିଗ୍ଧ ମୁହୂର୍ତ୍ତି । ଛାତ୍ରୀ ନିବାସରେ ଆଜିପରି ହୁଏତ କିଛି ନଥିଲା ସ୍ୱର୍ଣ୍ଣ ଦୀପାଳି—ଶୟନକକ୍ଷରେ ଗନ୍ଧ ଦାନ କରୁ ନଥିଲା ଅସଂଖ୍ୟ ହେନା, ବକୁଳ ଅବା ଚମ୍ପା କେତକୀ । କିନ୍ତୁ ଛାତ୍ରୀ ଜୀବନର ସେଇ ନିଃସ୍ୱତା ମଧ୍ୟରେ ସେ ପାଉଥିଲା ପ୍ରଚୁର ଆନନ୍ଦ । ମୀନକେତନଙ୍କ ସୌଖ୍ୟଲାଭ ଆଣି ଦେଉଥିଲା ଉନ୍ମାଦନା । ଗୋଟିଏ ଦିନର କଥା—କଲେଜର ବିସ୍ତୀର୍ଣ୍ଣ ପ୍ରାନ୍ତରରେ ବସିଥିଲେ ସେ ଆଉ ମୀନକେତନ......ଦେବଦାରୁ ଓ ଝାଉଁକୁଞ୍ଜର ଛାୟାତଳେ । ଫାଲ୍‌ଗୁନ ପ୍ରହରର ସୁରଭିସ୍ନିଗ୍ଧ ଅସମ୍ଭାଳ ସମୀରଣ ତା ଦେହର ପରିଧାନକୁ ଅସଂଯତ କରି ଦେଉଥିଲା କେବେକେବେ—ମୀନକେତନ ଗୋଟିଏ ସଙ୍ଗୀତ ଗାଇଲେ—ତାଙ୍କ କଣ୍ଠର ଛନ୍ଦେ ଛନ୍ଦେ ଯେମିତି ପ୍ରସ୍ଫୁଟିତ ହେଉଥିଲା ଅଗଣନ ସୁଗନ୍ଧରାଜ—ସେ ଛନ୍ଦର ଲହର ଅଦ୍ୟାବଧି ତାର କର୍ଣ୍ଣକୁହରରେ ଶବ୍ଦାୟିତ ହୁଏ ।

"କେତେ ଦୂରେ ଆଉ ନେବ ମତେ ସଖି;
ଜାଣେଁ ଗୋ ପଥର ପ୍ରାନ୍ତ,
ଠିକଣା ବିହୀନ ଚରଣର ଗତି
ହୋଇନି କି ତବ କ୍ଲାନ୍ତ...... ?"

କଳଙ୍କି

ସନ୍ଧ୍ୟା ନିରାଟ ସତ୍ୟ । ନଭ୍ରର ଛନ୍ଦା ଟେରିଣର ଛନ୍ଦମୟ ଗତି ସେତେବେଳେ କ୍ଳାନ୍ତହୋଇ ନଥିଲା । ଆଜି କିନ୍ତୁ ସେ ଅନୁଭବ କରେ ସହସ୍ରପ୍ରାଣରେ କ୍ଳାନ୍ତି । ମୀନକେତନ ଆଜି ମଦ୍ୟପ । ସମ୍ମୁଖରେ ରହିଥିବା ଶୂନ୍ୟ ମଦ ବୋତଲ ଯୋଡ଼ିକୁ ସେ ନିଃଶେଷ କରିଦେଇ ବସନ୍ତବିହାର ଉଦ୍ୟାନକୁ ଫିଙ୍ଗି ଦେଇଥିଲେ । ଦାସୀ ଚମ୍ପିଲା ତାହା ସାଇ ଆଣି ନଭ୍ର ପାଖରେ ଜମା କରିଦେଇଛି ।

ପ୍ରଥମ ଜୀବନର ରୋମାଞ୍ଚକର ଅନୁଭୂତି ଆଜି ଯେମିତି ବାଷ୍ପାକାରରେ ଉପରକୁ ଉଡ଼ିଯାଇ ଅନନ୍ତ ଅସୀମ ଆକାଶର ଦିଗନ୍ତପ୍ରସାରୀ ବକ୍ଷଦେଶରେ ନିଶ୍ଚିହ୍ନ ହୋଇଯାଇଛି ।

ମୀନକେତନ ଆଜି ସକାଳେ ସୁଦୂର କଲିକତା ଯାତ୍ରା କରିଛନ୍ତି—କୁନ୍ତଳାର ବିବାହପାଇଁ ଅଳଙ୍କାର, ଆସବାସ ପତ୍ରାଦି ଖରିଦ କରିବେ । ସେ ଆଜି ପାଖରେ ଥିଲେ ନଭ୍ର ହୁଏତ ତାଙ୍କ କାନ୍ଧରେ ତାର ଦୁଇଟି ହସ୍ତଲତିକା ଛନ୍ଦାଇ କହିଥାନ୍ତା—ଆଗୋ, ତୁମେ ଲମ୍ପଟ ହୁଅ, କିନ୍ତୁ ମଦ୍ୟପ ହୁଅନାହିଁ । ମୁଁ ତୁମର ରତିକ୍ରିୟାକ୍ଳାନ୍ତ ରକ୍ତିତ ନୟନ ଦେଖି ସହ୍ୟ କରିପାରିବି, କିନ୍ତୁ ତୁମର ମଦ୍ୟାଳୁଳ ଚକ୍ଷୁ ମୋ ପାଖରେ ଅସହ୍ୟ । ତୁମେ କ'ଣ କରୁଛ ? ତୁମ ଅଲକ୍ଷ୍ୟରେ ସର୍ବନାଶର ଦାବାଗ୍ନି ଜଳାଇ ଦେଉଛ ଚତୁର୍ଦ୍ଦିଗରେ । ମଦ୍ୟପାନ କରିବାରେ କ'ଣ ଏହି ବିରାଟ ବଂଶର ମର୍ଯ୍ୟାଦା-ସୌଧ ତୋଳା ହୋଇପାରିବ ? କୋଣାର୍କର ଗୌରବକୁ ପଦଦଳିତ କରି ବାଲୁକା ରେଣୁରେ ପରିଣତ କରିଦିଅ ନାହିଁ......।

ଉପୁରର ସେ ନିଃଶେଷିତ ମଦବୋତଲ ଯୋଡ଼ିକୁ ନେଇ ଆଲମିରାରେ ରଖିଦେଲା । ମୀନକେତନ କଲିକତାରୁ ଫେରିଲେ ସେ ହୁଏତ ଦାବି କରିବ କୈଫିୟତ ।

'ବୋହୂ ସାଆନ୍ତାଣି...'

ତାହାର ଭୟମିଶ୍ରିତ କଣ୍ଠରେ ସେ ଚମକି ଚାହିଁଲା । ଦ୍ୱାର ଦେଶରେ ବୃଦ୍ଧ ଗୋମାସ୍ତା ନିବାରଣ ପୁରାତନ ଲଣ୍ଠନ ବତୀଟିକୁ ହାତରେ ଧରି ଠିଆ ହୋଇଛନ୍ତି । ଆଖିରେ ପ୍ରଚଣ୍ଡ—ଦେହର ପରିଧାନ ସାମନ୍ତବାଦର

ଅଧୋଗଳ ସହିତ ତାଳରଙ୍ଗୀ କ୍ରମଶଃ ମଳିନ-ଜୀର୍ଣ୍ଣ ହୋଇଉଠିଛି । କେଶରେ ଜୀବନ ସନ୍ଧ୍ୟାର ସ୍ପଷ୍ଟ ସୂଚନା ।

ଏହି ବୃଦ୍ଧ ଗୋମାସ୍ତା—ପୁରୁଷାନୁକ୍ରମେ ମଙ୍ଗରାଜ ଉଆସରେ ତାଙ୍କର 'ଏଇ ଚାକିରି । ଘରେ ବର୍ତ୍ତମାନ ଦୈନ୍ୟର ଜୁହାଟ । ବୃଦ୍ଧଙ୍କର ସ୍ତ୍ରୀ-ସନ୍ତାନସନ୍ତତି ଆଦି ନ୍ୟୁ ଦଶଗୋଟି ପ୍ରାଣୀ ତାଙ୍କ ଗୃହକୁ ମଣ୍ଡନ କରିଛନ୍ତି । ମାସିକ ବେତନ ମାତ୍ର ଛଅଗୋଟି ରୌପ୍ୟମୁଦ୍ରା—ସେଥିରେ ପୁଣି ଦୁଇବର୍ଷ ହେଲା ସେ ବେତନ ପାଇ ନାହାନ୍ତି । ମୀନକେତନଙ୍କୁ କେତେଥର ସେ ଏ କଥା ଜଣାଇଛନ୍ତି ମାତ୍ର ସେ ଏଥିପ୍ରତି ଭ୍ରୂକ୍ଷେପ କରିନାହାନ୍ତି । ଆଜି ସେ ଲକ୍ଷ୍ମୀପ୍ରତିମା ବୋହୂସାଆନ୍ତାଣୀଙ୍କ ପାଖକୁ ଧାଇଁ ଆସିଛନ୍ତି ତାଙ୍କ ଦୁଃଖ ଜଣାଇବେ ବୋଲି । ନିଜେ ତାଙ୍କୁ ପଚାରିଲେ—'ଗୋମାସ୍ତାବାବୁ, ମୋ ପାଖରେ କ'ଣ କିଛି କାମ ଅଛି ?'

ନିବାରଣ କହିଲେ—'ସାଆନ୍ତାଣି, ଏ ବୃଦ୍ଧ ଏଇ ଘରେ କାମ କରି କରି ତା'ର କେଶରଙ୍ଗ ଧଳା ହେଲା । ଏ ଦେହର ପ୍ରତି ବିନ୍ଦୁ ରକ୍ତ ଏଇ ଘରର ହାଡ଼ଭଙ୍ଗା ପରିଶ୍ରମରେ ଶୋଷିହେଲା । ଘରେ ତେତେଣେ ଖାଇବାକୁ ବହୁତ କୁଟୁମ୍ବ । ଦୁଇବର୍ଷ ହେଲା ବେତନ ମିଳିନାହିଁ—ଆଉ ମିଳିବାର ଆଶା ମଧ୍ୟ ନାହିଁ । ତେଣୁ ମୁଁ ସ୍ଥିର କରିଛି ଏବେ ଚାକିରିରୁ ବିଦାୟ ନେବି ।'

'ବେତନ ବାକି ଥିଲେ ତାହା ତ ଆସିବ ଗୋମାସ୍ତାବାବୁ, କିନ୍ତୁ ଏଥିପାଇଁ ଆପଣ ଚାକିରିରୁ ବିଦାୟ ନେବେ କାହିଁକି ? ଆପଣଙ୍କର ପ୍ରଭୁ କଲିକତାରୁ ଫେରିଲେ……'

'ନା ତାଙ୍କ ଫେରିବା ଉପରେ ମୋ ଯିବା ନିର୍ଭର କରୁନାହିଁ । ମୁଁ ତାଙ୍କୁ ଏ ବିଷୟ ବହୁଥର ଜଣାଇଛି । ସେ ତ ଘରର କୌଣସି କଥାରେ ମନ ଦେଲେନାହିଁ । ଜମିଦାରୀ ଉଚ୍ଛେଦପରେ ବଡ଼ଜଙ୍ଗଲ ଇଲାକାରେ ଯେଉଁସବୁ ଖାସଜମି ରହିଅଛି, ତାର କୌଣସି ବନ୍ଦୋବସ୍ତ ହେଲାନାହିଁ । ଅବାଧ୍ୟ ପ୍ରଜାମାନେ ଯେ ଯେଉଁଠି ପାରନ୍ତି ସେ ସେଇଠି ଜମି ଉପରେ ଦଖଲ ବିସ୍ତାରକରି ବସି ଯାଇଛନ୍ତି । ଆଇନ ହେଲା କଠିଣ । ଦଖଲରୁ ସେମାନଙ୍କୁ ଉଚ୍ଛେଦ କରିବାପାଇଁ କୌଣସି ପ୍ରତିକାର ହେଲାନାହିଁ । ମୁଁ ବହୁତ

କହନ୍ତି । ମାଲିକ ଯଦି ନିଜ ଜମିଦାରୀର ତତ୍ତ୍ୱ ନ କରନ୍ତି, ତାହାସବୁ ରହିବ କପରି ?'

'ନିବାରଣବାବୁ, ସେ ଏଥର କଲିକତାରୁ ଫେରିଲେ ମୁଁ ତାଙ୍କୁ ସବୁକଥା ବୁଝାଇଦେବି । ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ ।'

'ଘରେ ଖାଇବାକୁ ଗୁଣ୍ଡିଏ ନାହିଁ । ମୁଁ ଏଠି ପରାନ୍ନଭୋଜୀ ହୋଇ ପଡ଼ି ରହିଥିବି, ଆଉ ସେମାନେ ଉପବାସରେ ହନ୍ତସନ୍ତ ହେଉଥିବେ, ଯାହା ମୁଁ ଦେଖି ପାରିବି ନାହିଁ ଆଉ ମତେ ମୁକ୍ତି ଦିଅନ୍ତୁ ।'

'ଯେ ଆପଣଙ୍କୁ ମୁକ୍ତି ଦେବେ, ସେ ଫେରି ଆସନ୍ତୁ ଗୋମାସ୍ତାବାବୁ !'

'ମୁଁ ହୁଏତ ତାଙ୍କ ଫେରିବା ପର୍ଯ୍ୟନ୍ତ ଅପେକ୍ଷା କରିପାରିବି କିନ୍ତୁ ମୋର ଉପବାସୀ ସନ୍ତାନମାନେ କେତେଦିନ ଅପେକ୍ଷା କରିବେ ? ସେମାନଙ୍କ ପାଇଁ ମୋତେ ଅନ୍ନ ସଂସ୍ଥାନ କରିବାକୁ ହେବ । ମୋ ବଡ଼ ପୁଅକୁ ବହୁତ କଷ୍ଟରେ ମାଟ୍ରିକ୍ ସ୍କୁଲରେ ପଢ଼ାଉଛି । ଦୁଇମାଣ ଜମି ସେଥିପାଇଁ ବିକ୍ରୀ କରି ସାରିଲଣି । ତାର ପରୀକ୍ଷା ଫିସ୍ ଦେବାପାଇଁ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ କାଲି ମୋତେ ଯେ କୌଣସିମତେ ଷାଠିଏଟି ଟଙ୍କା ପଠାଇବାକୁ ହେବ । ଏନବର୍ଷର ଅନାବୃଷ୍ଟି ଫଳରେ ଘରେ ଧାନ ନାହିଁ । ଯେଉଁଠୁ ହେଲେ ବନ୍ଦୋବସ୍ତ କରିବାକୁ ହେବ ।'

ଏହି ବୃଦ୍ଧ ପ୍ରତି ନିଭା ମନରେ ସ୍ୱତଃ ଦୟା ଜାତ ହେଉଥିଲା । ଯାହାଙ୍କର ସେବା କରି କରି ଏମାନେ ତାଙ୍କର କାଳକ କଟାଇ ଦିଅନ୍ତି—ଦେହର ରକ୍ତ ପାଣି କରନ୍ତି, ସେହି ତାଙ୍କର ଭାଗ୍ୟବିଧାତାମାନେ କେବେହେଲେ ଏଇମାନଙ୍କ କଥା ଭାବନ୍ତି କି ? ମରୁଭୂମିର [illegible]ସର ଏମାନଙ୍କ ଜୀବନାଗନ୍ତ କେଉଁ ମରୁ ପ୍ରଦେଶର ଅସମ୍ଭବ ସୂର୍ଯ୍ୟ ତାପରେ [illegible] ପାଇଯାଏ । ଚନ୍ଦ୍ରକର ବିଧୌତ ବିଳାସିନୀ ଶର୍ବରୀ, ବର୍ଷଣମୁଖର ଆଷାଢ଼ ସନ୍ଧ୍ୟା, ସୁରଭି ସିକ୍ତ ଫାଲ୍‌ଗୁନର ମନ୍ଦ ସମୀରଣ ସଙ୍ଗେ ଏମାନଙ୍କର କୌଣସି ସମ୍ପର୍କ ନଥାଏ । ଏମାନେ ପଥର ଅବା କୂର୍ମ । ନୂତନଙ୍କୁର ନବ ପଲ୍ଲବରେ କେବେହେଲେ ପଲ୍ଲବିତ ହୁଏନାହିଁ ଏମାନଙ୍କ ଅନ୍ତର—ଅନ୍ୟର ସେବାରେ ଜୀବନ ଉତ୍ସର୍ଗ କରି ଏମାନେ ସୃଷ୍ଟି କରନ୍ତିନାହିଁ ଇତିହାସ । ପ୍ରଭୁର ଲାଭ ପାଇଁ ଶତ

ହିଂହରେ ଏମାନେ କଳଙ୍କ ସିଂହାସନର ଅଗ୍ନି—ମିଥ୍ୟା ଜାଲିଆତି ପ୍ରଭୃତି ନାନାବିଧ ଅପକର୍ମରେ ଦୁଇ ହାତ କଳୁଷିତ କରି ଏମାନେ ଧାର୍ମିକତାର ଧ୍ୱଜା ଉଡ଼ାଇଲେ ମଧ୍ୟ ଏମାନଙ୍କ ଗୃହରେ ଅନବରତ ନୃତ୍ୟକରେ ଅଶାନ୍ତି ଶିବା । ଏମାନେ ନାନାବିଧ ଉପାୟରେ ଅର୍ଥୋପାର୍ଜନ କରନ୍ତି କିନ୍ତୁ ତାର ସଦ୍‌ବ୍ୟବହାର ହୋଇପାରେନା । ଅସାଧୁ ଉପାୟରେ ଲବ୍‌ଧଧନ କେବଳ ଅସଦୁପାୟରେହିଁ ଖର୍ଚ୍ଚ ହୁଏ ।

ନବାରଣ କହିଲେ—'ସମଗ୍ର ଜୀବନକାଳ ମଧ୍ୟରେ ମୁଁ ବହୁ ଲୋକଙ୍କୁ ଗୃହହରା କରିଛି—ନିରୀହ ପଶୁ ପ୍ରତିମ ପ୍ରଜାଦଳର ପିଠିରେ ଚାବୁକ୍ ମାରି ମାରି ଏଇ ହାତ ମୋର ଲହୁହାପରି ଶକ୍ତ ହୋଇଛି । ଆଜି ମୁଁ ଅନୁତପ୍ତ । ବୁଝିପାରୁଛି ପଇସାର ଲୋଭ ପାଇଁ ମହାପାପ କରି ମୋ ନିଜର ଇହକାଳ ପରକାଳ ମୁଁ ଭସ୍ମସାତ୍ କରିଦେଇଛି ।'

'ସେଥିରେ ଆପଣଙ୍କର ଦୋଷ କ'ଣ ? ଆପଣଥିଲେ ବେତନଭୋଗୀ କର୍ମଚାରୀ—ହୁକୁମର ଚାକର । ଯାହାକିଛି କାମ ଆପଣ କରିଛନ୍ତି ତାହାତ ଆପଣଙ୍କ ପାଇଁ ନୁହେଁ, ତାହା ଅନ୍ନଦାତାଙ୍କ ପାଇଁ । ସେଥିରେ ଆପଣଙ୍କର ପାପ କ'ଣ ଗୋମାସ୍ତାବାବୁ ? ସେ ସବୁ ଏଇ ବଂଶର ପ୍ରାପ୍ୟ—ପୂର୍ବକୃତ କର୍ମର ପ୍ରାୟଶ୍ଚିତ୍ତ ଆରମ୍ଭ ହୋଇଗଲାଣି । ଆପଣତ ଦେଖୁଛନ୍ତି···ଦେଖିବେ ମଧ୍ୟ ଏଇ ବିରାଟ ସୌଧର ଜୀବନ ପ୍ରତିମୂର୍ତ୍ତି । ଅଶ୍ରୁ ନିର୍ମିତ ସୌଧ ବୁଦ୍‌ବୁଦ୍‌ ପରି କ୍ଷଣଭଙ୍ଗୁର ।'

'ଆହା ମା, ଏପରି ଅମଙ୍ଗଳ କଥା ମୁହଁରେ ଧରନ୍ତି ? ମୁଁ ଦେଖିଛି ଏଇ ବଂଶର ଗୌରବାନ୍ୱିତ ଇତିହାସ, ସିଂହଦ୍ୱାରରେ ହାତୀ ଘୋଡ଼ା ଉଠାଇ ଖେଳ । ଆଉ ଆଜି ମଧ୍ୟ ଦେଖୁଛି ସେ ଅତୀତର ଗୌରବ ଅନ୍ତଃସାରଶୂନ୍ୟ ହୋଇପଡ଼ୁଛି ।'

'ତେବେ··· । ଆପଣ ଯାହା ଅନୁଭବ କରୁଛନ୍ତି, ମୁଁ ତାହା ପ୍ରକାଶକରୁଛି ଭାଷାରେ । ତଫାତ୍ କେଉଁଠି ?'

'ମା, ମୁଁ ଅର୍ଥର ଚାକର । ମୁଁ ଯାହାକିଛି ଅନୁଭବ କରେ ସେଥିରେ କିଛି ଯାଏ ଆସେ ନାହିଁ । କିନ୍ତୁ ଆପଣ ଏ ଗୃହର ବଧୂ—ଲକ୍ଷ୍ମୀ ।' ବୃଦ୍ଧ ହସିଲେ—'ତଫାତ୍ ମା ଏଇଠି ।'

ରଶ୍ମି କହିଲା—'ମୁଁ ଗୃହର ବଧୂ ହେଲେ ମଧ୍ୟ, ସାଧାରଣ ମଣିଷପରି ଜଣେ ମଣିଷ ।'

ତାମ୍ବୁଳ ରଞ୍ଜିତ ଦନ୍ତପଂକ୍ତି ଦେଖାଇ ବୃଦ୍ଧ କହିଲେ—'ନାହିଁ ମା, ଏ ଗୃହର ବଧୂ କେବେ ସାଧାରଣ ମଣିଷପରି ମଣିଷ ହୋଇ ନପାରେ—ସେ ଅସାଧାରଣ । ମୁଁ ନିଜେ ଦେଖିଛି, ସାଆନ୍ତାଣୀ ରତ୍ନପ୍ରଭା—ଆପଣଙ୍କର ଶ୍ୱଶୁରଙ୍କର ସ୍ନେହମୟୀ ମା'ଙ୍କୁ । ତାଙ୍କ ଚରଣର ଛନ୍ଦେ ଛନ୍ଦେ ବହିହୋଇ ପଡୁଥିଲା ପଦ୍ମଗନ୍ଧ—ଦାନଧ୍ୟାନରେ ସେ ଥିଲେ ଅବାରିତ ହସ୍ତା । ପ୍ରତ୍ୟେକ କାର୍ତ୍ତିକ ପୂର୍ଣ୍ଣିମାଦିନ ପ୍ରାତଃକାଳରେ ପଞ୍ଚକ ସ୍ନାନକରି ପିତାମ୍ବରୀ ପାଟପିନ୍ଧି ସେ ଯେତେବେଳେ ଦାନ ପାଇଁ ପାର୍ବଣ ମଣ୍ଡପକୁ ଯାଉଥିଲେ, ସେତେବେଳେ ମନେ ହେଉଥିଲା ମା, ସ୍ୱୟଂ ଲକ୍ଷ୍ମୀଦେବୀ ଯେପରି ଗଜଗମନ ଗତିରେ ଚାଲି ଯାଉଛନ୍ତି । ଅପେକ୍ଷା କରିଥିବା ବହୁ ଅତିଥି ଅଭ୍ୟାଗତଙ୍କ ମୁଖ ଉଜ୍ଜ୍ୱଳ ହୋଇ ଉଠୁଥିଲା ଏହି ଲକ୍ଷ୍ମୀ ପ୍ରତିମାଙ୍କର କମନୀୟ ମୁଖ ଦର୍ଶନ କରି...... ।'

'ସତ୍ୟ । ଯାହାର ଅତୀତ ଗୌରବମୟ, ତାହାର ଭବିଷ୍ୟତ ସେ ଗୌରବମୟ ହେବ ଏଥିରେ କଣ କିଛି ନିଶ୍ଚିତତା ଅଛି ?'

'ଆପଣ ଚାହିଁଲେ ଭବିଷ୍ୟତ ଗୌରବମୟ ହୋଇପାରିବ । ପୂର୍ବକାଳରେ ସମ୍ପତ୍ତି ଥିଲା ଅମାପ । ତେଣୁ ପ୍ରଚୁର ଖର୍ଚ୍ଚପରେ ମଧ୍ୟ ବହୁ ଟଙ୍କା ଜମିରହୁ ହେଉଥିଲା । ମାତ୍ର ବର୍ତ୍ତମାନ ଆୟ କମିଯିବା ସଙ୍ଗେ ସଙ୍ଗେ ଖର୍ଚ୍ଚ ଯଦି ନ କମେ, ଅକାରଣରେ ଯଦି ବହୁ ଟଙ୍କା ବ୍ୟୟିତ ହୁଏ, ତେବେ ସେ ଗୌରବ ଧ୍ୱଜାକୁ ଅଟଳ ରଖି ହେବନାହିଁ ।'

'ଗୋମସ୍ତାବାବୁ, ଆପଣ ତ ବୃଦ୍ଧ; ଆପଣଙ୍କର ପ୍ରଭୁଙ୍କୁ କହୁ ନାହାନ୍ତି ନିଜର ଭୋଗବିଳାସର ଖର୍ଚ୍ଚର ମାତ୍ରା କମାଇ ଦେବାପାଇଁ ।'

'କହିଛି ମା, ବହୁତ ଥର କହିଛି । ଆୟ କମିଯିବା ସଙ୍ଗେ ସଙ୍ଗେ ମୁଁ ଚେତାବନୀ ଶୁଣାଇ ଦେଇଛି । କିନ୍ତୁ ଭୋଗବିଳାସ ଏ ବଂଶର ଅସ୍ଥିମଜ୍ଜାଗତ । ବାବୁ କଲେଜରେ ପଢୁଥିବାବେଳେ ତାଙ୍କର କୌଣସି ମନ୍ଦ ଅଭ୍ୟାସ ନଥିଲା—ମାତ୍ର......'

'ମାତ୍ର......'

ବୃଦ୍ଧ ଅପ୍ରତିଭ ହେଉଥିଲେ । ହୁଏତ ଏଇ ବିରାଟ ତଥ୍ୟ ଲକ୍ଷ୍ମୀରୂପିଣୀ ବଧୂର ପ୍ରାଣରେ ଆଘାତ ଦେବ । ନିଭା କିନ୍ତୁ ପୁଣି ପ୍ରଶ୍ନକଲା—'ବନ୍ଦ କଲେ କାହିଁକି ଗୋମାସ୍ତାବାବୁ, କୁହନ୍ତୁ, ତା'ପରେ କଣ ହେଲା ?'

'ନାହିଁ ମା, କିଛି ନୁହେଁ । ମୁଁ ଯାଏଁ, ମୋତେ ପୁଣି ଉପବାସ ରହି ବାବୁଙ୍କର ଫେରିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ ।'

ପ୍ରତ୍ୟାବର୍ତ୍ତନ କରିବାକୁ ବୃଦ୍ଧ ପ୍ରସ୍ତୁତ ହେଉଥିଲେ । ନିଭା ପୁଣି କହିଲା—ରହନ୍ତୁ ଗୋମାସ୍ତାବାବୁ, ଆପଣଙ୍କ ପୁଅ ନିମନ୍ତେ ପରୀକ୍ଷା ଫି ଦାଖଲ କରିବାପାଇଁ ଏବଂ ଅନ୍ୟାନ୍ୟ ଖର୍ଚ୍ଚପାଇଁ ନେଇଯାଆନ୍ତୁ ଶହେଟି ଟଙ୍କା ।'

ନିଭା ଲୁହାର ସିନ୍ଦୁକ ଫିଟାଇ ଖଣ୍ଡିଏ ନୋଟ ଆଣି ବୃଦ୍ଧଙ୍କ ହସ୍ତରେ ଦେଲା । ବୃଦ୍ଧ ପ୍ରତିବାଦ ସ୍ୱରରେ କହିଲେ—'ବୋହୂ, ସାଆନ୍ତାଣି, ଆପଣଙ୍କର ଏ ଦାନ ମୁଁ ଗ୍ରହଣ କରିବି ନାହିଁ । ବାବୁ ଫେରି ଆସିଲେ......'

'ନା ନା, ଆପଣ ଗ୍ରହଣ କରନ୍ତୁ । ବାବୁଙ୍କ ଦେବା ଓ ମୋ ଦେବା ଭିତରେ ପାର୍ଥକ୍ୟ ତ କିଛିନାହିଁ ।'

ବୃଦ୍ଧ ତାହା ଗ୍ରହଣକରି ଚାଲିଯିବାକୁ ଉଦ୍ୟତ ହେଲେ । ମାତ୍ର ନିଭା ପୁଣି ତାଙ୍କର ପଥରୋଧ କରି ପ୍ରଶ୍ନକଲା—'କହିପାରିବେ ଗୋମାସ୍ତାବାବୁ, ବାବୁଙ୍କର ଏ ଅଧୋଗତିପାଇଁ ଦାୟୀ କିଏ ?'

ନିବାରଣ ହସିଲେ—'କାହାକୁ ଦାୟୀ କରାଯିବ ମା ? ବାବୁ ତ ଦୁଗ୍ଧପୋଷ୍ୟ ଶିଶୁ ନୁହନ୍ତି ।'

ଦୀର୍ଘନିଃଶ୍ୱାସ ତୋଳିଲା ନିଭା । ତାର ଶତ ସହସ୍ର ଚେଷ୍ଟା ଆଜି ବ୍ୟର୍ଥ ହୋଇ ଯାଇଛି । ମୀନକେତନଙ୍କ ଜୀବନକୁ ଯଦି କୌଣସି ନଦୀ ସହିତ ତୁଳନା କରାଯାଏ, ତାହାହେଲେ ନଦୀର ନିମ୍ନଗତିପରି ତାଙ୍କ ଜୀବନ ମଧ୍ୟ ନିମ୍ନମୁଖରେ ପ୍ରଧାବିତ । ସମସ୍ତେ କହୁଛନ୍ତି ସେ ବିବାହ ପୂର୍ବରୁ ଭଲଥିଲେ । ସେ ଦିନ କୁନ୍ତଳା ଠିକ୍ ଏହିକଥା କହୁଥିଲା । ଆଜି ପୁଣି ବୃଦ୍ଧ ନିବାରଣ ଠିକ୍ ସେହି କଥା କହୁଛନ୍ତି ।

ନାରାୟଣ ମୁଣ୍ଡି କହିଲେ—'ସାଆନ୍ତାଣି, ବାବୁ ଖୁବ୍ ସୁନ୍ଦର ପ୍ରକୃତିର ଲୋକ । ତାଙ୍କର ନୂଆ ଜୀବନ ଆରମ୍ଭ ହୋଇଛି ମାତ୍ର । ଆପଣ ଚେଷ୍ଟା କଲେ ସେ ପୁଣି ସତ୍‌ପଥକୁ ଫେରିଆସି ପାରିବେ ?'

ବୁଢ଼ୀ ଦୀର୍ଘନିଃଶ୍ୱାସ ତୋଳି ଫେରି ପଡ଼ିଲେ । ନାଭି ପ୍ରାଣରେ ଦଂଶନ କରୁଥିଲା ଅଜସ୍ର ନାଗସାପ । ପ୍ରାଣାନ୍ତକ ଯନ୍ତ୍ରଣା ସେ ମର୍ମେ ମର୍ମେ ଅନୁଭବ କରୁଥିଲା । ତାର ଚିନ୍ତା ଆଶା ସମସ୍ତ ଯେମିତି ଅନ୍ଧକାରର ନିବିଡ଼ ଗହ୍ୱରରେ ଲୁକ୍‌କାୟିତ ହୋଇ ଯାଉଥିଲା । ଅଦୃଶ୍ୟ କେଉଁ ଅପଦେବତାର କ୍ରୁର ଅଭିଶାପରେ ତାର ସ୍ୱର୍ଣ୍ଣଗୌର ଭବିଷ୍ୟତ ଯେମିତି ଛିନ୍ନବିଛିନ୍ନ ହୋଇ ଯାଉଥିଲା ।

ନୟନତଳକୁ ସ୍ରବି ଆସିଲା ଦୁଇଟି ବିନ୍ଦୁ ସ୍ୱଚ୍ଛଲୋତକ—ସେ ତାହା ପୋଛି ଆଣିଲା । ନୀଳକେତନ ସେଦିନ ରାତିରେ କହିଥିଲେ ମଙ୍ଗରାଜ ବଂଶର ବଧୂ-ନୟନର ଲୋତକ ଭୀଷଣ ଅମଙ୍ଗଳ ସୂଚକ ।

ନା, ନିଜେ କାନ୍ଦିବ ନାହିଁ । ସେ ମଙ୍ଗଳମୟୀ; ଏକ ଗୌରବୋଜ୍ଜ୍ୱଳ ବଂଶର ବଧୂ ।

=ଆଠ=

କୁନ୍ତଳାର ବିବାହ ସରି ଯାଇଛି । କୁନ୍ତଳା ସ୍ୱାମୀ ଅଶୋକଙ୍କ ସହିତ ଯାତ୍ରା କରିଛି କଟକ । ବିବାହର ଆଡ଼ମ୍ବରମୟ କୋଳାହଳ ପରେ ମଙ୍ଗରାଜ ନିବାସ ଶାନ୍ତ ହୋଇ ଯାଇଛି । କ୍ଷଣକପାଇଁ ବାଜି ଉଠିଥିଲା ଯେଉଁ ଅଗଣିତ ବାଦ୍ୟ, ଜଳି ଉଠିଥିଲା ଯେଉଁ ଆଲୋକ-ତୋରଣ ତାହା ଆଜି ଅତୀତର ବସ୍ତୁ ହୋଇ ପଡ଼ିଲାଣି । କୁନ୍ତଳାର ଅନୁପସ୍ଥିତିରେ ନାଭି ସଙ୍ଗୀହୀନା ହୋଇ ପଡ଼ିଛି । ତାର ହର୍ଷ ବିଷାଦରେ ପଦେ କଥା କହିବାକୁ କେହି ନାହାନ୍ତି ।

ପ୍ରାସାଦରେ ଯେତୋଟି ଦାସଦାସୀ ଥିଲେ ନାଭିର ନିର୍ଦ୍ଦେଶ ମୁତାବକ ତାଙ୍କ ମଧ୍ୟରୁ ଅନେକ ବିଦାୟ ହୋଇ ଯାଇଛନ୍ତି । କେବଳ ଚମ୍ପା ମୁଣ୍ଡିଙ୍କ ସାମାନ୍ୟ କେତେ ଜଣ ରହି ଅଛନ୍ତି ।

ଚଈଲା ସେଦିନ ଆସି ଖବର ଦେଲା—'ବୋହୂ, ସାଆନ୍ତାଣି, ଗୋମାସ୍ତା-ବାବ ଆଜିଠାରୁ ବିଦା ହୋଇଗଲେ । ବାବୁ ତାଙ୍କୁ ଛୁଟିଦେଇ ତାଙ୍କ ସ୍ଥାନରେ ଜନ୍ମେଜୟଙ୍କୁ ରଖିଲେ ।'

'ଜନ୍ମେଜୟ ?'...ପ୍ରଶ୍ନିଳ ଦୃଷ୍ଟିରେ ଚାହିଁ ରହିଲା ନଳି ।

'ହଁ, ଗୋମସ୍ତାବାବୁଙ୍କ ପୁଅ—ଇଂରେଜି ପାଠ କରୁଥିଲେ ନା କଣ, ସେଇ ଆସି ରହିଲେ ।'

'ଭଲହେଲା । ନିବାରଣବାବୁ ତ ବୟସ ଯୋଗୁଁ ବଡ଼ ଯୁଝୁଁଥିଲେ । ବାବୁ ତାଙ୍କୁ ଅବସର ଦେଇ ଭଲ କରିଛନ୍ତି । ଚଈଲା, ବାବୁ ବର୍ତ୍ତମାନ କେଉଁଠି ଅଛନ୍ତି ?'

'କଚେରି ପରସ୍ତରେ ଥିଲେ । ଖବର ନେବ ?'

'ନା, ବର୍ତ୍ତମାନ ଆବଶ୍ୟକତା ନାହିଁ । ତୁ ମୋ ଘର ଭଲକରି ପରିଷ୍କାର କରି ରଖ । ମାଙ୍କ ଦେହଟା ଅସୁସ୍ଥ ହୋଇଥିଲା କାଲି ରାତିରେ ?'-

'ହଁ. ବାହାଘର ରାତି ଜଗାଗର ଯୋଗୁ ଜ୍ୱର ହୋଇଥିଲା କାଲି ରାତିରେ ।'

'ବର୍ତ୍ତମାନ ଭଲ ଅଛନ୍ତି ?'

'ହଁ, ଟିକିଏ ଭଲ ଅଛନ୍ତି । ବାବୁ ସକାଳେ ତାଙ୍କ ପାଖକୁ ଯାଇ ଥିବାର ଦେଖିଥିଲି ।'

'ହଉ, ମୁଁ ଦେଖିଆସେ । ତୁ ଘରଦ୍ୱାର ସଜାଡ଼ି ଦେ ।'

ନଳି ଶାଶୁଙ୍କର ରହିଥିବା ପରସ୍ତକୁ ଚାଲିଗଲା ।

ମୀନକେତନଙ୍କ ମା ହରପ୍ରିୟା—ବୟସ ସତାବନ କି ଅଠାବନ ହେବ । ତଥାପି ଦେଖିଲେ ମନେହୁଏ ସେ ଅଶୀ ମାଝାରେ ବୁଢ଼ୀ ହୋଇ ଯାଇଛନ୍ତି । ଲୋକେ କହନ୍ତି, ଏହା ହେଉଛି ଜମିଦାରୀ ଉଚ୍ଛେଦର ପ୍ରତିକ୍ରିୟା । ଯେଉଁ-ଦିନ ଖବର କାଗଜରେ ଜମିଦାରୀ ଉଚ୍ଛେଦବାର୍ତ୍ତା ପ୍ରଚାରିତ ହେଲା, ସେଦିନ ବୁଢ଼ୀ ତିନିଥର ମୂର୍ଚ୍ଛିତା ହୋଇ ପଡ଼ି ଯାଇଥିଲେ । ତାଙ୍କର ଜୀବନ କାଳ ମଧ୍ୟରେ ସେ ବହୁତ କିଛି କର୍ତ୍ତୃତ୍ୱ ଜାରି କରିଛନ୍ତି । ମୀନକେତନଙ୍କ ବାପା ମକରକେତନ ଦୁର୍ବଳ ପ୍ରକୃତିର ଲୋକ ଥିଲେ । ଏତେବଡ଼ ଜମିଦାରୀ ପରିଚାଳନା କରିବା ତାଙ୍କ ପକ୍ଷେ ସହଜ ବ୍ୟାପାର ନ ଥିଲା । ଖଳ ପ୍ରକୃତିର

ସେବକମାନେ ଥିଲେ ତାଙ୍କର ଚିର ସହଚର । ଆଜିର ଏହି ବୁଢ଼ୀ ସେତେ-ବେଳେ ଏଇ ଗୃହର ଯୁବତୀ ବଧୂ । ଉତ୍ତର ବାଲେଶ୍ୱରର ବିଖ୍ୟାତ ଚୌଧୁରୀ ବଂଶର କନ୍ୟା । ଶୈଶବ କାଳରୁ ସେ ଜମିଦାରୀ ପରିଚାଳନାରେ ଅଂଶଗ୍ରହଣ କରିଥିଲେ । କାରଣ ତାଙ୍କ ପିତାଙ୍କର ପୁତ୍ର ସନ୍ତାନ ନ ଥିଲେ । ତେଣୁ ଚୌଧୁରୀଙ୍କର ଇଚ୍ଛା ଥିଲା ତାଙ୍କର ଭାବୀ ଜାମାତାଙ୍କୁ ଘରଜୋଇଁ କରି ରଖିବେ । କିନ୍ତୁ ତାହା ସମ୍ଭବ ହେଲନାହିଁ । ହରପ୍ରିୟା ମଙ୍ଗରାଜ ବଂଶର ବଧୂ ହୋଇ ଆସିଲେ । ମକରକେତନ ନଷ୍ଟ ଚରିତ୍ର, ଦୁର୍ବଳ ପ୍ରକୃତିର ଲୋକ ଥିବାରୁ ବସ୍ତୁତଃ ସମସ୍ତ ଜମିଦାରୀର ପରିଚାଳନା କଲେ ହରପ୍ରିୟା । ଗୋମାସ୍ତାମାନେ ତାଙ୍କର ଇଙ୍ଗିତରେ ସବୁ କାର୍ଯ୍ୟ ସମ୍ପନ୍ନ କଲେ ।

ହରପ୍ରିୟା ଆଜି ବୃଦ୍ଧା-ରୋଗଗ୍ରସ୍ତା ।

ନଭ ଯାଇ ତାଙ୍କ ପ୍ରକୋଷ୍ଠରେ ପହଞ୍ଚି ଦେଖିଲା ବୃଦ୍ଧ ଗୋମାସ୍ତା ନିବାରଣ ମଳିନ ମୁଖରେ ଅଶ୍ରୁ ବିସର୍ଜନ କରୁଛନ୍ତି । ତାଙ୍କ ପାଖରେ ଦଣ୍ଡାୟମାନ ଏକ ସୁଦର୍ଶନ ଯୁବକ । ଅନୁମାନ—ନିବାରଣଙ୍କ ପୁତ୍ର ଜନ୍ମେଜୟ ହେବ । ନଭକୁ ଦେଖି ବୃଦ୍ଧ ଠିଆହୋଇ ପଡ଼ିଲେ—'ଆସନ୍ତୁ ମା, ବୁଢ଼ୀ ସାଆନ୍ତାଣୀ ବର୍ତ୍ତମାନ ଆପଣଙ୍କ କଥା ହିଁ କହୁଥିଲେ ।'

ନଭ ଶାନ୍ତିତା ବୃଦ୍ଧାଙ୍କର ପାଦ ଦେଶରେ ଯାଇ ବସିଲା ।

'ନଭ...?' ବୃଦ୍ଧା ପ୍ରଶ୍ନ କଲେ ।

'ହଁ, ମା !'

'ନିବାରଣ ଆଜିଠାରୁ ଚାକିରିରୁ ଅବସର ନେଇ ଯାଉଛନ୍ତି । ତାଙ୍କ ସ୍ଥାନରେ ତାଙ୍କ ପୁଅ ଜନ୍ମେଜୟ ନିଯୁକ୍ତ ପାଇଛି ।

'ଶୁଣିଛି ମା'...'

'ମୁଁ ତ ବୋହୂ ସାଆନ୍ତାଣି, ଆପଣଙ୍କୁ ଦେଖା କରିବାକୁ ଯାଇଥାନ୍ତି । ଆପଣ ଆସିଗଲେ ନିଜେ । ଏଇ ଘରର ଅନ୍ନରେ ଚିରଦିନ ଆମେ ପ୍ରତି-ପାଳିତ । ତେଣୁ ମୋର ଅବସର ସଙ୍ଗେ ସଙ୍ଗେ ବାବୁଙ୍କୁ କହି ଜନ୍ମେଜୟକୁ ରଖି ଯାଉଛି । ସେଇଥିରେ ମୋର ପରମ ଶାନ୍ତି ।'—ନିବାରଣ କହିଲେ ।

ବୃଦ୍ଧା ପୁଣି କହିଲେ—'ନଭ, ମୁଁ ଦିନକୁଦିନ ଦୁର୍ବଳ ହୋଇ ପଡୁଛି । ଆଉ ବୋଧହୁଏ ବେଶୀଦିନ ବଞ୍ଚିବି ନାହିଁ । ବଞ୍ଚିବାର ଆବଶ୍ୟକତା ମଧ୍ୟ ନାହିଁ ।

ଏଣିକି ସବୁ ଦାୟିତ୍ୱ ତୋ'ର । ମୀନକେତନଙ୍କୁ ସତ୍‌ପଥରେ ନେଇ ପାରିଲେ ତୋର ମଙ୍ଗଳ ହେବ ମା ! ଭବିଷ୍ୟତ ବଂଶଧରମାନେ ତୋତେଇ ପୂଜା କରିବେ ।'

ନିଭା ଦୀର୍ଘ ନିଃଶ୍ୱାସ ନେଲା । ମୀନକେତନଙ୍କ ଅଧୋଗତି ବିଷୟରେ ସମସ୍ତେ ସଚେତନ । ହୁଏତ ଏଇ ପ୍ରାସାଦର ମୂକ ନିର୍ଜୀବ ପଥର ଖଣ୍ଡ ମଧ୍ୟ ମର୍ମେ ମର୍ମେ ଆଜି ଅନୁଭବ କରୁଛି ଏଇକଥା । କିନ୍ତୁ ଉପାୟ ? ମାନସ-ଦେବତା ତାର ଉଚ୍ଛ୍ୱସିତ କଣ୍ଠରେ କହୁଛି—ଉପାୟ ଆବିଷ୍କାର କରିବାକୁ ହେବ ।

ନିକାରଣ କହିଲେ—'ମା, ବାବୁଙ୍କର ବର୍ତ୍ତମାନ ମଦ୍ୟପାନର ମାତ୍ରା ବଢ଼ି ଉଠୁଚି । ବସନ୍ତ ବିହାରର କେଳି ମନ୍ଦିରରେ ବର୍ତ୍ତମାନ ବହୁ ମଦ୍ୟଭର୍ତ୍ତି ପାତ୍ର ରହିଅଛି । ବାବୁ କଲିକତାରୁ ଏଗୁଡ଼ିକ ଆଣି ଗୁପ୍ତରେ ସେହିଠାରେ ରଖିଛନ୍ତି । ପ୍ରତିଦିନ ସନ୍ଧ୍ୟାପରେ ସେଠିକି ଯାଇ ଗୋଟିଏ ପରେ ଗୋଟିଏ ପାତ୍ର ନିଃଶେଷ କରୁଛନ୍ତି । ଆହୁରି ଅନେକ କଥା ଅଛି ମା, ଯାହା କଥାରେ ପ୍ରକାଶ କରିବା ଲଜ୍ଜାଜନକ ।'

'ତାଙ୍କୁ ସତ୍‌ପଥକୁ ଆଣିବା ପାଇଁ ମୁଁ ସବୁ ପ୍ରକାର ଚେଷ୍ଟା କରିବି ମା...' ଅନୁଚ୍ଚ ସ୍ୱରରେ ନିଭା କହିଲା ।

ବୃଦ୍ଧା ଶୁଷ୍କ ମୁହଁରେ ସାମାନ୍ୟ ହସିଲେ—'ଏତିକିମାତ୍ର ନିର୍ଦ୍ଦେଶ ଦେବାପାଇଁ କିଛି ଦିନରୁ ମନସ୍ଥ କରି ମୁଁ ତତେ କହିପାରି ନ ଥିଲି ନିଭା ! ସ୍ୱାମୀ ଦେବତା, ତାଙ୍କୁ ସତ୍‌ପଥକୁ ଆଣିବାକୁଇ ହେବ । ସେଥିପାଇଁ ଯଦି ଆବଶ୍ୟକ ପଡ଼େ ତୋତେ ଲୁହାପରି ଶକ୍ତ ହେବାକୁ ହେବ । ମୁଁ ଯେତେବେଳେ ପ୍ରଥମେ ଏ ଘରକୁ ବଧୂ ରୂପରେ ଆସିଲି, ସେତେବେଳେ ଏଠିକାର ଅବସ୍ଥା ଠିକ ଏହିପରି ଥିଲା ମାତ୍ର ମୁଁ ସବୁ ସୁଧାରି ନେଲି । ନୋହିଲେ ମା, ଏ ଜମିଦାରୀ, ଏ ପ୍ରାସାଦ ଆଜି ପର୍ଯ୍ୟନ୍ତ ନ ଥାନ୍ତା ।'

ନିକାରଣ କହିଲେ—'ଆପଣତ ସବୁ ରଖିଛନ୍ତି ।'

'ତୁମେ ଏ ସବୁ କଥା ଜାଣ ନିକାରଣ ।'

'ସବୁତ ମୋର ଆମଳର କଥା ।'

'ତୁମର ମନେଥିବା, ମୀନକେତନର ବାପା ଯେତେବେଳେ ପୂର୍ଣ୍ଣ ମାତାଲ ହୋଇ ମୋତେ ପ୍ରହାର କରୁଥିଲେ, ମୁଁ ହସ ହସ ମୁହଁରେ ସବୁ ସହି ନେଉଥିଲି; କିନ୍ତୁ ପର ମୁହୂର୍ତ୍ତରେ ଏଇ ପ୍ରାସାଦରେ ଲାଗିଯାଉଥିଲା ଏକ ନୂତନ ବିପ୍ଳବ। ତାଙ୍କର ଅଜ୍ଞାନତା ଦୂରହେବା ପରେ ପ୍ରାସାଦର ସମସ୍ତ ଦାସଦାସୀ ତାଙ୍କ ପାଖକୁ ଯାଇ କହୁଥିଲେ—ମୋର ସ୍ପଷ୍ଟ ମନେଅଛି ଠିକ ଏହିପରି ଭାବରେ ସେମାନେ ଯାଇ କହୁଥିଲେ—ପ୍ରଭୁ ଯେଉଁଠି ମଦ୍ୟପ ହୋଇ, ହିତାହିତ ଜ୍ଞାନ ହରାଇ ନିଜର ଧର୍ମପତ୍ନୀକୁ ସୁଦ୍ଧା ପ୍ରହାର କରିବାକୁ ପଶ୍ଚାତ୍‌ପଦ ହୁଏ ନାହିଁ, ସେଠାରେ ଆମ୍ଭମାନଙ୍କର ଜୀବନ ନିରାପଦ ନୁହେଁ। ଏ ପ୍ରାସାଦରେ ଆମ୍ଭେମାନେ ଆଉ ଚାକିରୀ କରି ପାରିବୁ ନାହିଁ।'

'ମୁଁ ବି ଯାଉଥିଲି ମା! ବାବୁ ଯେତେବେଳେ କଚେରୀ ଘରସ୍ତରେ ପଲଙ୍କ ଉପରେ ଶୋଇରହି ପୋଷା ହରିଣୀର ପିଠିରେ ହାତ ବୁଲାଉଥିଲେ।' ନିବାରଣ କହିଲେ।

ବୁଢ଼ୀ ପୁଣି ଆରମ୍ଭ କଲେ—'ନିଲାମ ତାରିଖ ଥାଏ ସମ୍ମୁଖରେ। ସରକାରଙ୍କୁ ଦେବାପାଇଁ ବହୁତ ରାଜସ୍ୱ ବାକିଥାଏ। ଠିକ୍ ସମୟରେ ରାଜସ୍ୱ ପରିଶୋଧ ନ କରାଗଲେ ଜମିଦାରୀ ନିଲାମ ହୋଇଯିବ। ପ୍ରାସାଦର ଗୋମାସ୍ତାଙ୍କର ଦାସଦାସୀମାନେ ଯଦି ଚାଲିଯିବେ, ଖଜଣା ଆଦାୟ ହୋଇ ପାରିବ ନାହିଁ। ମୀନକେତନର ବାପା କହିଲେ—ଆଚ୍ଛା ତୁମ୍ଭେମାନେ ଯାଅ, ଏଣିକି ସବୁ ଠିକ ହୋଇଯିବ। କିନ୍ତୁ ସେମାନେ ଗଲେନାହିଁ।'

'ତା' ପରେ...'

'ହଁ, ତା' ପରେ କଣ ହେଲା ଜାଣିଛୁ ନିବା? ସେ କଚେରୀ ଘରସ୍ତରୁ ସିଧା ଶୟନକକ୍ଷକୁ ଆସିଲେ। ମୁଁ ସେତେବେଳକୁ ପ୍ରହାରର ଯନ୍ତ୍ରଣାରେ କାନ୍ଦୁଥାଏ। ସେ ଡାକିଲେ—'ପ୍ରିୟା'—ସେ ଏଇ ନାମରେହିଁ ମତେ ଡାକନ୍ତି। ମୁଁ କର୍ଣ୍ଣପାତ କଲିନାହିଁ। ସେ ଆସି ମୋ ପାଖରେ ବସିଲେ। ମୋ ପିଠିରେ ହାତ ବୁଲାଇ ବହୁତ ସାନ୍ତ୍ୱନା ଦେଲେ। ତଥାପି ମୁଁ ଅଟଳ—ଦୁଇ ନୟନରୁ ମୋର ଛୁଟି ଚାଲିଥାଏ ଅଶ୍ରୁ ସ୍ରୋତ—ସେ ଯେପରିକି ବନ୍ଦ ହେବାର ନୁହେଁ।'

ତା ପରେ ହଠାତ୍ ମୁଁ ଦେଖିଲି ସେ ମଧ୍ୟ କାନ୍ଦୁଛନ୍ତି ଠିକ ଅବୋଧ ଶିଶୁ ଯେମିତି କାନ୍ଦେ । ମୁଁ ତରଳିଗଲି—ମୋ ଦୃଢ଼ତା ଭାଙ୍ଗିଗଲା । ଯେତେ-ହେଲେ ସେ ତ ମୋର ସ୍ୱାମୀ । ମୁଁ କହିଲି—'ତମେ ମୋର ଦେହ ଛୁଇଁ ଶପଥ କର ଆଜିଠୁ ଆଉ ମଦ୍ୟସ୍ପର୍ଶ କରିବ ନାହିଁ ।

ସେ ଶପଥ କଲେ । ତା'ପରେ ମୁଁ କହିଲି—ତମେ ଯଦି ଏଣିକି ଆଉ କୌଣସିଦିନ ଏସବୁ ହୀନ କର୍ମରେ ପ୍ରବୃତ୍ତ ହୁଅ, ସେହିଦିନ ମୁଁ ଆତ୍ମହତ୍ୟା କରିବି । ସେ ଶତ କଣ୍ଠରେ ନିଜକୃତ ଅପରାଧ ପାଇଁ କ୍ଷମା ଚାହିଁଲେ । ନାରୀ ହେଉଛି କ୍ଷମାର ଆଧାର । ମୁଁ କର୍ମଚାରୀମାନଙ୍କୁ ପୁଣି ନିଜ ନିଜ କର୍ମରେ ଯୋଗ ଦେବା'ପାଇଁ ନିର୍ଦ୍ଦେଶ ଦେଲି । ସେହିଦିନଠାରୁ ସେ ଆଉ ମଦ୍ୟସ୍ପର୍ଶ କରି ନାହାନ୍ତି ।'

ଅତୀତ ଘଟଣାବଳୀର ଏଇ ଜୀବନ୍ତ ବିଶ୍ଳେଷଣ ନିବାରଣଙ୍କ ଚକ୍ଷୁରେ ଭରି ଦେଇଥିଲା ଅଶ୍ରୁ । ସେ କହିଲେ—'ଥାଉ, ଆଉ ଏ ସବୁ କଥା କହନ୍ତୁ ନାହିଁ । ସେ ଅମଳର କଥା ମନେ ପଡ଼ିଲେ ଛାତି ବିଦୀର୍ଣ୍ଣ ହୋଇ ଯାଉଛି । ଆଜି କାହାନ୍ତି ସେ ରାମଚନ୍ଦ୍ର, କାହିଁ ବା ସେ ଅଯୋଧ୍ୟା ? ସବୁ କିନ୍ତୁ ସ୍ମୃତି ପଥରେ ଏଇ କାଲିକାର ଘଟଣା ଭଳି ମନେ ହୁଏ ।'

ବୃଦ୍ଧାଙ୍କ ଚକ୍ଷୁ ମଧ୍ୟ ସଜଳ ହୋଇ ଉଠିଥିଲା । ନିସୁ କହିଲା—'ମା, ଆପଣ ଅସୁସ୍ଥ, ଟିକିଏ ବିଶ୍ରାମ କରନ୍ତୁ ।'

'ଟିକିଏ କାହିଁକି, ମୁଁ ପୂର୍ଣ୍ଣ ବିଶ୍ରାମ ଚାହୁଁଛି ମା, ଭଗବାନଙ୍କୁ ସତତ ପ୍ରାର୍ଥନା କରୁଛି; ମତେ ଏଇ ଯନ୍ତ୍ରଣାମୟ ସଂସାର ବନ୍ଧନରୁ ମୁକ୍ତ ଦେବାପାଇଁ । ମୋର କର୍ତ୍ତବ୍ୟ ମୁଁ ଶେଷକରି ସାରିଛି । ନିବାରଣ ମଧ୍ୟ ତାଙ୍କର କର୍ତ୍ତବ୍ୟ ଶେଷକରି ଆଜି ବିଦାୟ ନେଉଛନ୍ତି । ତୁମ୍ଭେମାନେ ରହିଲ, ଏଣିକି ସଂସାର କେମିତି ଚାଲିବ, ତା ତୁମ୍ଭରିମାନଙ୍କ ଉପରେ ନିର୍ଭର କରେ ।' ବୃଦ୍ଧା ନୀରବ ରହିଲେ । କିଛିକ୍ଷଣପାଇଁ ନୀରବତା ବିରାଜମାନ କଲା ।

ଏପରେ ନିବାରଣ ଜନ୍ମେଜୟକୁ ଲକ୍ଷ୍ୟକରି କହିଲେ—'ବାବା ଏ ହେଉଛନ୍ତି ଗୃହର ଲକ୍ଷ୍ମୀ । ତାଙ୍କର ନିର୍ଦ୍ଦେଶ ମାନି ତୋ କର୍ତ୍ତବ୍ୟ ତୁ ସଂପାଦନ କରିଯିବୁ ।'

ଚନ୍ଦ୍ରଲକ୍ଷ୍ମୀ

କଭ୍ରି ଉଠିଲା—'ମା, ମୁଁ ଏବେ ଯାଏଁ…'
'ହଁ'—ଧୀର ଉତ୍ତର ଦେଲେ ବୁଢ଼ୀ ।

କଭ୍ରି ଆସିଲାବେଳେ ଇନ୍ଦ୍ରଜୟଙ୍କୁ ତା ସହିତ ଆସିବାପାଇଁ ନିର୍ଦ୍ଦେଶଦେଲା । ଇନ୍ଦ୍ରଜୟ କାଷ୍ଠପୁତ୍ତଳି ପରି ତାର ଅନୁଗମନ କଲା । ନିବାରଣ ବୁଢ଼ୀଙ୍କ ପ୍ରକୋଷ୍ଠରେ ବସି ରହିଲେ ଆଉ କିଛିକ୍ଷଣ ।

=ଛଅ=

ସନ୍ଧ୍ୟା ।

ମୀନକେତନ ସାଧ୍ୟ ସ୍ନାନସାରି ଶାନ୍ତିପୁରୀ ଧୋତି ପରିଧାନ କଲେ । ସିଲ୍କର ପଞ୍ଜାବୀଟିଏ ଦେହରେ ଲଗାଇ ସୁବାସିତ ଅତର ବୋଳି ହାର୍‌ମୋନିୟମ ଖୋଲି ଭୁଲି ଯାଇଥିବା କେଉଁ ଏକ ଗୀତର ସ୍ୱର ସହିତ ହାରମୋନିୟମ ସ୍ୱର ମିଳାଇବାକୁ ଲାଗିଲେ । ଟିକିଏ ଦୂରକୁ ବସି ରହିଛି କଭ୍ରି । ମୁଖମଣ୍ଡଳ ତାର ରାହୁଗ୍ରସ୍ତ ଚନ୍ଦ୍ରପରି ମଳିନ ।

ଗୀତ ଶେଷରେ ମୀନକେତନ କହିଲେ—'ମୁଁ ଖୁବ କ୍ଷୁଧା ପାଇଛି କଭ୍ରି, ତୁମେ ଶୀଘ୍ର କିଛି ଖାଦ୍ୟ ନେଇଆସ ।'

ସେ କୌଣସି ଉତ୍ତର ନ ଦେଇ ଯନ୍ତ୍ରଚାଳିତ ପରି ରନ୍ଧନଶାଳା ଅଭିମୁଖରେ ଚାଲିଗଲା । ପାଚକକୁ ଜଳଖିଆ ଆଣିବା ପାଇଁ ବରାଦ ଦେଇ ସେ ପୁଣି ଫେରି ଆସିଲା ।

ମୀନକେତନ କହିଲେ—'କଭ୍ରି, ଆଜି ନିବାରଣ କାର୍ଯ୍ୟରୁ ଅବସର ନେଲେ । ବେଶ୍ ଅଭିଜ୍ଞ ଲୋକ । ତାଙ୍କ ଚାଲିଯିବାରେ ମୁଁ ବାସ୍ତବିକ ଦୁଃଖିତ ।'

କଭ୍ରି ଈଷତ୍ ହସି କହିଲା—'ଯାହାପାଇଁ ଦୁଃଖିତ ହେବାର କଥା, ତାହା ପାଇଁ ତ କେବେ ଦୁଃଖ ପ୍ରକାଶ କରୁନାହଁ ।'

ଯେଉଁଠି ଯେଉଁଠି ଦୁଃଖ ପ୍ରକାଶ କରିବାକୁ ହୁଏ, ସେଇଠି ସେଇଠି ମୁଁ ଦୁଃଖ ପ୍ରକାଶ କରିଛି । ଯଦି କେହି ଦୁଃଖିତ ହେବାର କାରଣ ନଥାଇ

ଆକାରରେ ଦୁଃଖକୁ ବରଣ କଲେ, ସେଇଠି ତ ଦୁଃଖ ପ୍ରକାଶ କରିବାର କିଛି ନାହିଁ । ସବୁ କଥାପାଏଁ ସେ ଲେଖକ ମୂର୍ଖତା ।'

ଖାଦ୍ୟର ପ୍ଲେଟ୍ ଧରି ଷାବଳ ଉପସ୍ଥିତ ହେଲା । ନନ୍ଦ ତା ହାତରୁ ପ୍ଲେଟ୍ ଓ ଜଳଗ୍ଲାସ ନେଇ ତାକୁ ବିଦାୟ କରିଦେଲା । ମୀନକେତନ ଖାଇବା ଟେବୁଲ ପାଖକୁ ଉଠିଗଲେ ।

'ନନ୍ଦ, ତମେ ମତେ ସବୁବେଳେ ଭୁଲ୍ ବୁଝୁଛ । କେବେହେଲେ ତମପ୍ରତି କର୍ତ୍ତବ୍ୟରେ ମୁଁ ଅବହେଳା କରିନାହିଁ । ପୂର୍ବ ଜୀବନରେ ତୁମପ୍ରତି ମୋର ଯେତିକି ଅନୁରାଗ ଥିଲା, ବର୍ତ୍ତମାନ ଜୀବନରେ ତାହା ବରଂ ଦ୍ୱିଗୁଣିତ ହୋଇଛି ।'

'ମୁଁ ଜାଣେ......' ଗମ୍ଭୀରସ୍ୱରରେ କହିଲା ନନ୍ଦ ।

'ନା ତମେ ଜାଣନାହିଁ । ସେଇଥିପାଇଁ ମୋ ପ୍ରତି ତମେ ବେଳେବେଳେ ନିର୍ଦ୍ଦୟ ହୁଅ । କଲିକତାରୁ ଫେରିଲାପରେ ଯେଉଁଦିନ ରାତିରେ ତମେ ମତେ ଶପଥ କରାଇ ନେଇଥିଲ ମଦ୍ୟ ସ୍ପର୍ଶ ନ କରିବାପାଇଁ । ସେହିଦିନଠାରୁ ମୁଁ ତ ଆଉ ମଦ୍ୟ ସ୍ପର୍ଶ କରୁନାହିଁ ।'

'ମୁଁ ତ ତୁମକୁ ପୂର୍ଣ୍ଣ ଭାବରେ ବିଶ୍ୱାସ କରିଛି । ତୁମେ ସତ୍ପୁରୁଷ—କିନ୍ତୁ ମୋ ବିବେଚନାରେ ତମେ ବିବେକହୀନ......'

'ନନ୍ଦା !' ହୁଙ୍କାର କରିଉଠିଲେ ମୀନକେତନ ।

'ହଁ, କଲେଜ ଜୀବନର କୌଣସି କଥା କ'ଣ ତୁମର ଆଜି ମନେ ପଡୁନା ନିଷ୍ଠୁର । ସେଇ ସବୁ ପ୍ରୀତିଉଜ୍ଜ୍ୱଳ ମୁହୂର୍ତ୍ତଗୁଡ଼ିକ ଆଜି ମତେ ଅସହ୍ୟ ଯନ୍ତ୍ରଣା ଦେଉଛି । ତୁମେ ମୋ ମନର କଥା କେବେ ହେଲେ ତ ବୁଝୁନାହିଁ । ତୁମେ କହିଥିଲ, ତୁମ ଶିଳ୍ପୀ ଜୀବନରେ ମୁଁ ହେବି ତୁମର ମାନସୀ ।'

'ନନ୍ଦା, ତୁମେ ଯଦି ମୋ ଅନ୍ତର ଚିରି ଦେଖନ୍ତ, ତାହାହେଲେ ବେଶ୍ ଦେଖି ପାରନ୍ତ ତୁମର ଏଇ ପଦ୍ମମୁଖର ପ୍ରତିବିମ୍ବ ମୋ ପ୍ରାଣରେ ଅଛି କି ନା ?'

ନନ୍ଦା ଯାଇ ତାଙ୍କ ପଶ୍ଚାତ୍ ଦେଶରେ ଦଣ୍ଡାୟମାନ ହୋଇ ମସ୍ତକରେ ହାତ ରଖି କହିଲା—'ତୁମେ ଭାରି ନିଷ୍ଠୁର......' ଏକପ୍ରକାର ସିନେମାଟିକ୍ ତାର ଦୃଷ୍ଟିଭଙ୍ଗୀ । ହୁଏତ ଏଇମିତି କାହାଣୀରେ କେବେ ପୁରାକାଳରେ ଗଢ଼ିଥିଲା

ଚାହିଁ ଥିଲା ଦୁଷ୍ମନ୍ତଙ୍କ ପାଖେ—ଉର୍ବଶୀ ଚାହିଁ ଥିଲା ପୁରୁରବାଙ୍କ ପାଖେ । ଆଜି ସେଇ ଚାହାଣିରେ ଯୁବକ ମୀନକେତନଙ୍କ ପ୍ରାଣ ଉଦ୍ୟାନରେ ବିକଶିତ ହେଲା ରକ୍ତଜବା । ସେ ଖାଇବା ଶେଷକରି ହସ୍ତ ପ୍ରକ୍ଷାଳନ କରି ନିଭାର ବେଣୀରେ ଗୋଟିଏ ସୁରମ୍ୟ ଚମ୍ପାକଢ଼ି ଖୋସିଦେଲେ ।

'ତୁମେ ଆଜି ଭାରି ସୁନ୍ଦର ଦିଶୁଛ ରାଣି ! ଇସ୍, ତୁମର ଆଜି ଏ କି ରୂପ । ଏମିତି ରୂପରେ ମୁଁ ତ ଆଗେ ତୁମକୁ କେବେ ଦେଖି ନଥିଲି । ତୁମର ଗୌରତନୁକୁ ଏଇ ମେଘ-ନୀଳ ରଙ୍ଗର ଶାଢ଼ୀ ଅପୂର୍ବ ମାନିଛି । ତୁମର କଟାକ୍ଷର ତୀକ୍ଷ୍ଣତା ପ୍ରାଣକୁ ମୋର ବିଦ୍ଧ କରୁଛି ଅହରହ ।'

'ଆଉ ତୁମର କବିତ୍ୱ ! ତୁମେତ କେବେ ମତେ ତୁମର କଳ୍ପନା-କବିତାର ଆସନରେ ବସାଇ ନାହିଁ । ଆଜି କାହିଁକି ? ମୁଁ ଆଜି ପୁରୁଣା ହୋଇପଡ଼ିଛି; ନୁହେଁ ?'

'ମିଥ୍ୟା, ଏ ତୁମ ମନର ଅଳୀକ କଳ୍ପନା । ତୁମର ରୂପଶ୍ରୀ ମୋ ପାଖରେ ଚିର ନୂତନ । ଆସ ରାଣି, ତୁମର ଏଇ ନୂତନ ରୂପର ମଦ୍ୟ ମୁଁ ଆଜି ପାନକରେ...'

ମୀନକେତନ ତାଙ୍କର ଦୁଇବାହୁ ପ୍ରସାରିତ କରି ନିଭାକୁ ଆଲିଙ୍ଗନ ପାଶରେ ବନ୍ଦିନୀ କରିବାକୁ ଚାହିଁଲେ । ମାତ୍ର ନିଭା ଟିକିଏ ଦୂରେଇଗଲା—'ଯଦି ମୁଁ ଆଜି ନୂତନତ୍ୱର ପରିବେଶ ନେଇ ତୁମ ସମ୍ମୁଖରେ ବିରାଜିତ ହୋଇଛି, ତେବେ ଏଇ ପୁରାତନ କକ୍ଷରେ କେଳି-ରଚନା କରିବା ଅଗୌରବର କଥା ହେବ ।'

ମୀନକେତନଙ୍କ ପ୍ରାଣରେ ପ୍ରଣୟର ଉତ୍ତେଜନା । ସେ କହିଲେ—'ତୁମରି ଇଚ୍ଛା ନିଭା, ନିର୍ଦ୍ଦେଶ ଦିଅ, କେଉଁ ସ୍ଥାନ ଆଜି ବାସରକକ୍ଷର ଗୌରବରେ ଗୌରବାନ୍ୱିତ ହେବ ?' ନିଭା ପ୍ରତ୍ୟୁତ୍ତର କଲା—'ମୋର ଇଚ୍ଛା, ଆଜି ଏଇ ସଂଧ୍ୟାକୁ ବସନ୍ତବିହାରର କେଳି ମନ୍ଦିରରେ ଉପଭୋଗ କରିବା ପାଇଁ । ଚାଲ......'

ମୀନକେତନଙ୍କ ନୟନରେ ଜ୍ୟୋତି ହଠାତ୍ ଯେମିତି ଜମିଗଲା । ସେ ଭୟ ଶଙ୍କିତ ମୃଗପରି ଅଟକି ଗଲେ—ସର୍ବାଙ୍ଗରେ ତାଙ୍କର ବେପଥୁ ।

'ମୋ ବିବେଚନାରେ କେଳି ମନ୍ଦିରହିଁ ଏଥି ପାଇଁ ଉପଯୁକ୍ତ ସ୍ଥାନ ।'
ସେ ପୁଣିଥରେ କହିଲା ।

'କିନ୍ତୁ...'

'କିନ୍ତୁ ଆଉ କଣ ? ମୋର ଏଇ ରୂପର ଉନ୍ମାଦନା—ଅଙ୍ଗର ଜ୍ୱାଳା ଏଇ ନୂତନ ପରିବେଶ ମଧ୍ୟରେ ନିର୍ବାପିତ ହେବ । ତୁମେ ମୋର ଏ ଅନୁରୋଧ ରକ୍ଷା କରିବ ନାହିଁ କିମ୍ପୁରୁଷ ? ତୁମର ପୂର୍ବପୁରୁଷଗଣ ସେମାନଙ୍କ ଅବସର ସମୟ ପ୍ରତିଦିନ କେଳି ମନ୍ଦିରରେ କଟାଉଥିଲେ । ତାଙ୍କର ଉତ୍ତରାଧିକାରୀ ରୂପେ ବେଳେବେଳେ ଆମେ ତା'ର ସଦ୍‌ବ୍ୟବହାର କରିବା ତ ଉଚିତ ।'

ମୀନକେତନ କିଂକର୍ତ୍ତବ୍ୟବିମୂଢ଼ ।

'ଶୁଣ ନିଭା, ତୁମର କୌଣସି ଅନୁରୋଧର ଅନ୍ତରାୟ ହେବା ଆଜି ମୋ ପକ୍ଷେ ସମ୍ଭବ ନୁହେଁ ।'

ନିଭାର ମୁଖମଣ୍ଡଳ ନବୀନ ଜ୍ୟୋତିରେ ଉଦ୍‌ଭାସିତ ହୋଇ ଉଠିଲା ।

● ● ● ● ● ● ● ● ● ●

ବସନ୍ତ-ବିହାର ଉଦ୍ୟାନର ମଧ୍ୟଦେଶରେ କେଳି ମନ୍ଦିର ଅବସ୍ଥିତ । ମଙ୍ଗରାଜ ବଂଶର କେଉଁ ଐତିହାସିକ ପୁରୁଷ ନାନାରସ, ନାନାଛନ୍ଦରେ ଜୀବନକୁ ଉପଭୋଗ କରିବା ପାଇଁ ଏହାକୁ ନିର୍ମାଣ କରିଥିଲେ । ଏହାର ଚଟାଣ ମାର୍ବଲ ପଥରରେ ତିଆରି । ଅଗଣାରେ ପୂର୍ବେ ବହୁପ୍ରକାର ଗୋଲାପ ଏବଂ ଅନ୍ୟାନ୍ୟ ଫୁଲଗଛ ରହିଥିଲା—ବସନ୍ତ ଋତୁରେ ଏହା ଏକ ଅଭିନବ ରୂପ ଧାରଣ କରୁଥିଲା । ଆଜି ଯତ୍ନାଭାବରୁ ଏହାର ସୌନ୍ଦର୍ଯ୍ୟ ହ୍ରାସ ହୋଇଛି—ଏଠି ସେଠି ଗୋଟିଏ ଗୋଟିଏ ଗୋଲାପ, ମଲ୍ଲୀଗଛ ବିଦ୍ୟମାନ । ଅଗଣାରେ ଏକ ସିମେଣ୍ଟ ତିଆରି କୁଣ୍ଡରେ ପୂର୍ବେ ରଙ୍ଗୀନ ମାଛମାନେ ରହୁଥିଲେ—ଆଜି ସେହି କୁଣ୍ଡ ଅପରିଚ୍ଛନ୍ନ ମୃତ୍ତିକାରେ ଭରପୂର—ତା' ଉପରେ ବଣ୍ୟଜ ବହୁଆଡ଼ି ଲତିକା ମାଡ଼ି ଯାଇଛି । କୁଣ୍ଡର ଠିକ୍ ଉପରକୁ କାଠ ନିର୍ମିତ ଏକ ଦୋଳି ଜରାଜୀର୍ଣ୍ଣ ଅବସ୍ଥାରେ ଆଜି ବି ରହିଛି । ଏହି ଦୋଳିକୁ ଲକ୍ଷ୍ୟକରି ମୀନକେତନ କହିଲେ—'ଦେଖ ନିଭା, ମୋର

ପିତାମହ ହରହର ତାଙ୍କର ଅବସର ସମୟରେ ଇହପ୍ରଭୁଙ୍କ ସହିତ ଏଇ ଦୋଳରେ ବସି କ୍ରୀଡ଼ା କରୁଥିଲେ । କାଳର କୁଟୀଳ ଗତିରେ ସେମାନେ ଆଜି ତୃଣଭଳି ଭାସି ଯାଇଛନ୍ତି—ଏଇ ଜରାଜୀର୍ଣ୍ଣ ଦୋଳି ସେମାନଙ୍କ ପରିପୂର୍ଣ୍ଣ ଜୀବନର ସ୍ମୃତି ବହନ କରି ଆଉ କେତେଦିନ ପରେ ମାଟିରେ ମିଶିଯିବ । ଜଗତରେ ସବୁ ତ ଅସାର—ଏଇ ଅସାର ଜୀବନକୁ ଦୁଇଦିନପାଇଁ ଉପଭୋଗ କରିପାରିଲେ ସେଇଥିରୁହିଁ ମିଳିବ ପରମ ଶାନ୍ତି—ଅସୀମ ତୃପ୍ତି ।'

କାମନାକୁଳ ନୟନରେ ସେ ଗୃହିଁରହିଲେ ନାରୀର ଉନ୍ନତ ବକ୍ଷଦେଶକୁ . ନାରୀ କହିଲା—'କିନ୍ତୁ ଉପଭୋଗ ଶବ୍ଦର ଅର୍ଥ ନୁହେଁ ତ ଜୀବନକୁ ନଷ୍ଟ କରିଦେବା । ଯେଉଁ ଉପଭୋଗରେ ଜୀବନପାତ୍ର ନିଃଶେଷ ହୋଇଯାଏ ସେତ ଉପଭୋଗ ନୁହେଁ, ତାହା ଅପମୃତ୍ୟୁ ।'

ଏଇ ଜନହୀନ ଉଦ୍ୟାନର ଶୋଭା, 'ସରିକେଶ ତଥାପି ମନରେ ଆଣୁଥିଲା ପରମଶାନ୍ତି । କୋଳାହଳଶୂନ୍ୟ, ଶାନ୍ତ, ଗମ୍ଭୀର ଅଥଚ ମନୋମୁଗ୍ଧକର ଏଇ ଉଦ୍ୟାନ । କେଳିମନ୍ଦିରର ଦକ୍ଷିଣ ଭାଗରେ ଥିବା ଏକ ପ୍ରକୋଷ୍ଠରେ ଦୁହେଁଯାକ ଯାଇ ଉପବେଶନ କଲେ । ସନ୍ଧ୍ୟାପୂର୍ବରୁ ମାଳୀ ଜାଳି ଦେଇ ଯାଇଛି ଏଇ ଘରର ଆଲୋକ । କାନ୍ଥ ଦେହରେ ରହିଛି ମଙ୍ଗରାଜବଂଶର ପୂର୍ବାଧିକାରୀମାନଙ୍କର କେତୋଟି ଅସ୍ପଷ୍ଟ-ଅପରିଚ୍ଛନ୍ନ ତୈଳଚିତ୍ର । ଆଜି ଯେମିତି ସେଗୁଡ଼ିକ ଅଦରକାରୀ—ଏଇ ମର ସଂସାରରେ ଆବିର୍ଭୂତହୋଇ ନାନା ରଙ୍ଗରେ ହସିଖେଳି ଜୀବନକୁ ଉପଭୋଗ କରି ସେମାନେ ବିଦାୟ ନେଇଛନ୍ତି, ସେମାନଙ୍କର ସମସ୍ତ ସ୍ମୃତି ନିଶ୍ଚିହ୍ନ ହେବାକୁ ବସିଲାଣି । ନିର୍ଜୀବ ତୈଳଚିତ୍ର ଆଉ କେତେଦିନ ରହିପାରନ୍ତା ? ଶିଶୁକାଠ ନିର୍ମିତ ଏକ ଆରାମ ଚୌକିରେ ଆଉଜି ପଡ଼ିଲେ ମୀନକେତନ—ନାରୀ ବୁଲି ବୁଲି ସେହି ତୈଳଚିତ୍ରଗୁଡ଼ିକୁ ନିରୀକ୍ଷଣ କରୁଥାଏ ।

'ଆସ ରାଣି, ବିଳମ୍ବ ଅସହ୍ୟ ହୋଇ ଉଠୁଛି । ତୁମ ଜବାଧରର ରକ୍ତ ରଙ୍ଗରେ ରଞ୍ଜିତ କରିଦିଅ ମୋର ଓଷ୍ଠଯୁଗଳ । ତୁମ ଗୁରୁନିତମ୍ବର ଭାର ବହନ

ଅଣଷ୍ଟୁଗ

୪

କରିବାକୁ କମ୍ପିତ ହୋଇ ଉଠିଲଣି ମୋର ଅଙ୍ଗ । ଆସ, ମୋ କୋଳରେ ବିଶ୍ରାମ କର ।’

‘ଅସ୍ଥିରଚିତ୍ତା କାପୁରୁଷକୁ ଶୋଭାପାଏ, ତୁମକୁ ନୁହେଁ......’ ହସି ହସି କହିଲା ନିଭା ।

ଏଇ ଗୃହର ଗୋଟାଏ କୋଣରେ ରହିଛି ଟିକ୍ କାଠ ତିଆରି ଏକ ଆଲମିରା । ନିଭା ଯାଇ ତାକୁ ଖୋଲିଦେଲା । ମୀନକେତନ ତାକୁ ସେଥିରୁ ନିବୃତ୍ତ କରିବାପାଇଁ ସହସା ଉଠିଗଲେ—ମାତ୍ର.....ଏ କଣ ? ନିଭା ଦେଖିଲା ଆଲମିରାଟି ମଦ୍ୟପାତ୍ରରେ ଭରପୁର । କେତୋଟି ପାତ୍ର ନିଃଶେଷ ହୋଇଛି ମଧ୍ୟ ।

ମୀନକେତନ କାଷ୍ଠପୁତ୍ତଳିକା ପରି ବାକ୍‌ଶକ୍ତିବିହୀନ ଅବସ୍ଥାରେ ସ୍ଥାଣୁ ପାଲଟିଗଲେ । ନିଭା କହିଲା—‘ବିଶ୍ୱସଘାତକ, ଏଇଥିରୁ କ’ଣ ମିଳୁନାହିଁ ତୁମ ଅପକର୍ମର ସୂଚନା ? ମୋତେ ପ୍ରତାରିତ କରି ବେଶ୍ ନିଭୃତରେ ତୁମେ ତୁମର ମନସ୍କାମନା ପୂର୍ଣ୍ଣ କରୁଛ ।’

‘ନିଭା, ମତେ ବିଶ୍ୱାସ କର । ମୁଁ ଆଉ ଏସବୁ ଖାଏନାହିଁ ।’

‘ତେବେ ଯାହାକୁ ସବୁ ନଷ୍ଟ କରି ନ ଦେଇ ସାଇତି ରଖିଛ କାହାପାଇଁ ?’

‘ଯାହାର ମୂଲ୍ୟ ବହୁତବେଶୀ । କେତେବେଳେ କାହାକୁ ଉପହାର ଦେବାପାଇଁ ଏଗୁଡ଼ିକ ମୁଁ ରଖିଛି ।’

‘ନା ନା, ଏସବୁ କଦାପି ରହିପାରିବ ନାହିଁ । ମୁଁ ଏଗୁଡ଼ିକୁ ବର୍ତ୍ତମାନ ଢାଳିଦେବି ।’

ସେ ଉତ୍ତେଜିତ ଅବସ୍ଥାରେ ଗୋଟିଏ ବୋତଲ ଖୋଲି ତଳେ ଢାଳିଦେଲା । ମୀନକେତନ ଯାଇ ତାର ହାତ ଧରିନେଇ ତାକୁ ବାରଣ କଲେ—‘ଗୋଟିଏ ଗୋଟିଏ ବୋତଲର ଦାମ ଚାଳିଶି ଟଙ୍କା ନିଭା, ତୁମେ ଏହାକୁ ନଷ୍ଟ କରି ଦିଅନାହିଁ । ବରଂ ମୁଁ ଏଗୁଡ଼ିକ କାଲି ବିକ୍ରୀ କରିଦେବି ।’

‘ମୁଁ କିଛିକଥା ଶୁଣିବାକୁ ପ୍ରସ୍ତୁତ ନୁହେଁ ।’

‘ଶୁଣିବାକୁ ତୁମେ ବାଧ୍ୟ ନିଭା, ଏହା ମୋର ତୁମ ପ୍ରତି ଆଦେଶ ।’ଅରଣ୍ୟବାସୀ ସିଂହପରି ଗର୍ଜି ଉଠିଲେ ମୀନକେତନ—‘ତୁମେ ମୋର ସ୍ତ୍ରୀ,

ତୁମର ଯେତିକି ଅଧିକାର ତା'ଠୁ ବେଶୀ ଦାବୀ କରିବା ଆଦୌ ତୁମ ପକ୍ଷରେ ଶୁଭଲକ୍ଷଣ ନୁହେଁ ।'

ନିଭା କୌଣସିପ୍ରକାର ଭ୍ରୂକ୍ଷେପ ନକରି ଗୋଟିକ ପରେ ଗୋଟିଏ ବୋତଲ ଶୂନ୍ୟ କରିବାକୁ ଲାଗିଲା—ଏକ, ଦୁଇ, ତିନି, ଚାରି, ପାଞ୍ଚ, ଛ......

ମୀନକେତନ ପୁଣି ଗର୍ଜ୍ଜିଉଠିଲେ—'ନିଭା, ମୋର ଆଦେଶ, ଏ ସବୁ ପାଗଳାମି ବନ୍ଦକର । ଯଦି ତୁମେ ଅବାଧ୍ୟ ହୁଅ, ମୁଁ ବଳପ୍ରୟୋଗ କରିବି ।'

ତଥାପି ନିଭା ନିରୁତ୍ତର—ସେ ଯେମିତି ଏଇ ସବୁ ବୋତଲକୁ ଶୂନ୍ୟ କରିଦେବାପାଇଁ ଦୃଢ଼ ପ୍ରତିଜ୍ଞ । ମୀନକେତନଙ୍କ ଧୈର୍ଯ୍ୟବନ୍ଧ ଭାଙ୍ଗିଗଲା । ସେ ଅର୍ଦ୍ଧପାଗଳପରି ନିଭାକୁ ଆକର୍ଷି ଆଣି ଦୂରକୁ ଠେଲିଦେଲେ—ନିଭା କମ୍ପିତ ଦୁରରେ ଭୂତଳଶାୟିନୀ ହେଲା ।

'ନିଭା, ତୁମର ଯୋଗ୍ୟପ୍ରାପ୍ୟ ତମେ ପାଇଲ ତ ? ଅବାଧ୍ୟ ସ୍ତ୍ରୀକୁ କେମିତି ଶାସନ କରିବାକୁ ହୁଏ, ତା' ମଙ୍ଗରାଜବଂଶର ସନ୍ତାନକୁ ଶିକ୍ଷା କରିବାକୁ ପଡ଼େନାହିଁ ।'

ଚତୁର୍ଦ୍ଦିଗର ବାୟୁମଣ୍ଡଳ ଅଶାନ୍ତ । ମୀନକେତନ ଆଲମିରା ପାଖକୁ ଯାଇ କହିଲେ—'ମୁଁ ପିଇବି—ମନପ୍ରାଣ ଭରି ପିଇବି, ଏ ପୃଥିବୀରେ କୌଣସି ଶକ୍ତି ନାହିଁ ଯେ ମୋତେ ଏ ପଥରୁ ବିଚ୍ୟୁତ କରିପାରିବ ।'

ଏକ୍—ଦୁଇ—ତିନ୍......

ସଙ୍ଗେସଙ୍ଗେ ତିନୋଟି ବୋତଲ ସେ ନିଃଶେଷ କରିଦେଲେ—'ହାଃ, ହାଃ, ହାଃ, କେମିତିକା ମଜା, ବଦ୍‌ମାସ ଔରତ୍......ଆ, ମୁଁ ତୋତେ ଉପଭୋଗ କରିବି ଆଜି......।' ହସ୍ତ ପ୍ରସାରିତ କରି ସେ ଅଗ୍ରସର ହେଲେ । ତାଙ୍କର ଭୀମ ରୂପ ଦେଖି ଶଙ୍କିତା ହେଲେ ନିଭା···ଧୀରେ ଧୀରେ ଉଠି ସେ ପଳାଇ ଯିବାର ପଥ ଖୋଜୁଥିଲା ।

'ଯାଇ ପାରିବୁନାହିଁ......ହାଃ, ହାଃ, ହାଃ ।'

ଇସ୍ କି ବିକଟାଳ ହସ ।

ନିଭା ଜ୍ଞାନଶୂନ୍ୟ ହୋଇ ପଡ଼ିଗଲା ।

ଏଗାର

## =ସାତ=

ସୁରଧୁନୀ ସୀତାରର ଛନ୍ଦେ ଛନ୍ଦେ ଗାଉଥିଲା ସଙ୍ଗୀତ । ତାର ଚଉଗୁଞ୍ଚିଆକାରୀ ଭ୍ରୂବିଳାସ ମୀନକେତନଙ୍କ ଯୁବକ ପ୍ରାଣକୁ ଅସ୍ଥିର କରୁଥିଲା । ତାର ବଳିଷ୍ଠ ଅଂଗର ଆସ୍ୱାଦନ ପାଇଁ ସେ ପାଗଳ ହୋଇ ପଡୁଥିଲେ । ଏଇ କଶୋରୀ ତାର ଯଉବନମନହରା ରୂପନେଇ ଯେକୌଣସି ଧ୍ୟାନମଗ୍ନ ତପସ୍ୱୀର ଧ୍ୟାନ ଭଂଗ କରିବାପାଇଁ ସମର୍ଥ । ମୀନକେତନ ଏକ ଦୃଷ୍ଟି-ଏକଲୟରେ ଗୁହିଁ ରହୁଥିଲେ ତାହାରିଆଡ଼େ । ସୀତାର ସହିତ କଣ୍ଠର ଲହର ଖେଳାଇ ସେ ଗାଉଥିଲା ମେଘମହ୍ଲାର । ବାହାରେ ବର୍ଷଣ ସନ୍ଧ୍ୟାର କାନ୍ତ-କମନୀୟ ମୁହୂର୍ତ୍ତ ।

ନୟନପୁର ଗ୍ରାମର ଶେଷଭାଗରେ ଏଇ ସୁରଧୁନୀର ଘର । ତାର ପିଲାମା ମନ୍ଦାକିନୀ ଥିଲା ବନାରସବାସିନୀ । ମୀନକେତନଙ୍କ ପିତା ଥରେ କୌଣସି କାର୍ଯ୍ୟ ଉପଲକ୍ଷ୍ୟରେ ବନାରସ ଯାଇ ସେଠାରେ ଏଇ ମନ୍ଦାକିନୀର ସାକ୍ଷାତ୍ ପାଇଥିଲେ……ବନାରସର କୌଣସି ଏକ ପ୍ରସିଦ୍ଧ ବେଶ୍ୟାପଡ଼ାରେ ତାର ଘର ଥିଲା । ମକରକେତନ ତାଙ୍କୁ ସାଙ୍ଗରେ ନେଇ ଆସିଥିଲେ ନୟନପୁର । ଏଠାରେ ତା ପାଇଁ ଜମିବାଡ଼ି ଖଞ୍ଜି ଦେଇଥିଲେ । ସେ ଏଠାକୁ ଆସିବାବେଳେ ସୁରଧୁନୀ ମାତ୍ର ଦୁଇବର୍ଷର ଶିଶୁ । ତାର ବାପ ମାଙ୍କ ଅଜାଣା ବଦ୍ୟୋଗରେ ମନ୍ଦାକିନୀର ଆଶ୍ରୟରେ ସେ ଥିଲା । ମନ୍ଦାକିନୀ ଏଠାକୁ ଚାଲିଆସିଲାବେଳେ ଏଇ ଦୁଇବର୍ଷର ଶିଶୁକୁ ମଧ୍ୟ ସଙ୍ଗରେ ନେଇ ଆସିଥିଲା ।

ମନ୍ଦାକିନୀ ଏଠାକୁ ଆସିବାର ଦୀର୍ଘ ପନ୍ଦରବର୍ଷ ପରେ ମକରକେତନ ଇହ ସଂସାରରୁ ବିଦାୟ ନେଲେ । ତା'ପରେ ମନ୍ଦାକିନୀ ସୁରଧୁନୀକୁ ନେଇ କାଶୀବାସ ପାଇଁ ବନାରସ ଯାତ୍ରା କରିଥିଲା । ତତ୍ପରେ ପୁଣି ନୟନପୁରକୁ ଫେରିଆସିଛି । ସୁରଧୁନୀର ବର୍ତ୍ତମାନ ବୟସ କାଇଶ୍ ହେବ । ଉତ୍ତମ ଭଙ୍ଗୀର ଦେହ—ବେଶ୍ ମାଂସଳ ଓ କମନୀୟ ।

ମୀନକେତନ ତାଙ୍କ କ୍ଷୁଦ୍ର ଜୀବନରେ ଏଭଳି କିଶୋରୀଙ୍କୁ ବହୁବାର ଦେଖିଥିଲେ, ମାତ୍ର ଏହି ବିଳାସିନୀ ନାରୀର ଗୃହ ତାଙ୍କ ପାଇଁ ନିଷିଦ୍ଧ ଥିଲା।

ମନ୍ଦାକିନୀ ଏଠାକୁ ପୁଣି ଫେରି ଆସିଛି—ତାର ସମସ୍ତ ଜମି ବିକ୍ରୟ କରି ପୁଣି ବନାରସକୁ ଫେରିଯିବ—ସୁରଧୁନୀର ଦେହ ଗନ୍ଧରେ ବିଖ୍ୟାତ ବନାରସ ସହର ହୁଏତ ଆମୋଦିତ ହୋଇଉଠିବ। ମୀନକେତନ ଏହି କିଶୋରୀ ସୁରଧୁନୀର ରୂପପିପାସୁ ଲମ୍ପଟ ଭ୍ରମର—ତନ୍ମୟ, ପାଗଳ।

ସୁରଧୁନୀ କନ୍ଦର୍ପ-ପତ୍ନୀ ରତି ସଦୃଶ ତାର ସୌନ୍ଦର୍ଯ୍ୟକୁ ତୁଳନା କରାଯାଇ ପାରେ। ଗୌରାଙ୍ଗୀର ଦେହକୁ ମୟୂରକଣ୍ଠୀ-ବନାରସୀ ଅପୂର୍ବ ମାନିଥାଏ; କୁଞ୍ଚିତ କେଶଦାମରେ ସ୍ୱର୍ଣ୍ଣଖଚିତ ରତ୍ନର ଅଳଙ୍କାର, ନୟନରେ ସୁରମାର ଦାଗ, କପୋଳରେ ଚନ୍ଦନାଙ୍କିତ ବିନ୍ଦୁ, କଣ୍ଠଦେଶରେ କର୍ପୂରହାର, ବକ୍ଷରେ ଚୀନାଂଶୁକର କଠୋର ବନ୍ଧନ, ସ୍ତନାଗ୍ରରେ ସ୍ୱର୍ଣ୍ଣାଭ ଦୀପ୍ତି······ କଟୀରେ କାଞ୍ଚି କୁଣ୍ଡଳ···ସୁରଧୁନୀ ଛନ୍ଦବଦ୍ଧର—ଗଣିକାଗିରିର କାମୁକା ପ୍ରହର ପରି ସ୍ଫୁରିତ ତାର ବକ୍ଷ।

ମୀନକେତନ ସବୁଜ କାଚ ପାତ୍ରରେ ସୁରା ଢାଳି ପାନ କଲେ।

'ନିଅ ସୁନ୍ଦରୀ, ଏଇ ମଦ୍ୟପାତ୍ରରେ ଭରିଦିଅ ଆଉରି ମଦ୍ୟ—ତୁମର କମ୍ପିତ କରପଦ୍ମରେ ମତେ ପିଆଇଦିଅ। ବହୁଦିନରୁ ମୁଁ ତୃଷିତ ଅଛି। ତୁମରି ହାତରେ ମୋ ତୃଷା ମେଣ୍ଟିବ।'

ସୁରଧୁନୀ ନୟନରେ ଅପୂର୍ବ ଭଙ୍ଗୀ ଖେଳାଇ ମଦ୍ୟପାତ୍ରକୁ ମୀନକେତନଙ୍କ ଅଧରରେ ଛୁଆଁଇଦେଲା। ଏଇ ଅବସରରେ ତାର ଦେହ ମୀନକେତନଙ୍କ ଦେହକୁ ସ୍ପର୍ଶ କଲା। ରୋମାଞ୍ଚିତ ହୋଇଉଠିଲା ତାଙ୍କର ସର୍ବାଙ୍ଗ। ସେ କୋମଳାଙ୍ଗୀର ଦୁର୍ଲ୍ଲଭ ତନୁରେ ନିଜର ସତ୍ତା ଲୋପ କରି ଦେବାପାଇଁ ଚାହୁଁଥିଲେ।

'ସୁରଧୁନି, ତୁମେ ବି ଟିକିଏ ପିଅ······ମତେ ଏକା ମାତାଲ କରି ଛାଡ଼ିବ, ଆଉ ତୁମେ ପିଇବନାହିଁ? ନା, ନା ଏକଥା ହୋଇ ପାରିବ ନାହିଁ। ତୁମେ ବି ପିଅ। ଆଉ ମନ୍ଦାକିନୀ କାହିଁ, ତାକୁ ବି ପିଆଅ······।'

ସୁରଧୁନୀ ମଦ୍ୟପାତ୍ରରୁ ଟିକିଏ ମଦ୍ୟ ଗଡ଼ାଇ ଗ୍ଲାସଟାକୁ ବଢ଼ାଇଦେଲେ ମୀନକେତନଙ୍କ ହାତକୁ—'ତୁମେ ମତେ ପିଆଇଦିଅ ।'

'ବେଶ୍ ବେଶ୍ ତୁମେ ମୋର ରାଣୀ, ଆସ ମୋ ନିଜ ହାତରେ ତମକୁ ମୁଁ ମଦ ପିଆଇଦେବି ।'

କମ୍ପିତ ହସ୍ତରେ ସୁରଧୁନୀକୁ ସେ ଟିକିଏ ମଦ ପିଆଇଦେଲେ । ସୁରଧୁନୀର ମନ ଚଞ୍ଚଳ ହୋଇ ଉଠିଲା । ରଙ୍ଗୀନ ନିଶାର ଜାଦୁକରୀ ସ୍ପର୍ଶରେ ସେ ହୋଇଉଠିଲା ଆହୁରି ସୁନ୍ଦର—ସର୍ବାଙ୍ଗରେ ତାର ଜାଗିଉଠିଲା ବିଦ୍ୟୁତ୍‌ର ଶିହରଣ ।

'ସୁରଧୁନି, ତମେ ଆଉ ବନାରସ ଯିବ କାହିଁକି ? ମୋର ସବୁ ସମ୍ପତ୍ତି ତମ ନାଁରେ ମୁଁ ଉଇଲ୍ କରିଦେବି । ତୁମେ ଏଇଠି ରହିଯାଅ । ମୁଁ ଯଦି ବଞ୍ଚିବି ତମପାଇଁ ଏଇଠି ତୋଳିଦେବି ତାଜ୍‌ମହଲ । ତମେ ତାଜ୍ ଦେଖିଚ ? ସାହାଜାହାନ ତାକୁ ତିଆରି କରିଥିଲା । ଆଚ୍ଛା, ସେ ସାହାଜାହାନ କଣ ମୋ'ଠୁ ବଡ଼ ଥିଲା ? ମମତାଜ୍ କ'ଣ ତମଠୁ ସୁନ୍ଦରୀ ଥିଲା ? ମିଥ୍ୟାକଥା... ଆରେ ତମେ ଠିଆହୋଇ ରହିଲ କାହିଁକି ? ମୁଁ ଆଉ ବସି ପାରିବି ନାହିଁ, ଆସ ମୋ ପାଖକୁ ।'

ମଦ୍ୟନିଶାରେ ସେ ଜ୍ଞାନଶୂନ୍ୟ । ରକ୍ତ-ଲାଲ ହେଲାଣି ତାଙ୍କର ଚକ୍ଷୁ । ବାହାରର କୌଣସି କଥା ପ୍ରତି ତାଙ୍କର ଭ୍ରୂକ୍ଷେପ ନାହିଁ ।

ସୁରଧୁନୀ ଏକ ନୀଳ ଆଲୋକ ଜଳାଇଦେଇ ଜଳୁଥିବା ବତୀକୁ ନିର୍ବାପିତ କରିଦେଲା । ଧୂପ ଗନ୍ଧରେ ଆମୋଦିତ ହୋଇ ଉଠିଲା ସମଗ୍ର ପ୍ରକୋଷ୍ଠ । ଗାଜୀପୁର ଅତରର ତୀବ୍ର ଗନ୍ଧରେ ଉଚ୍ଛ୍ୱଳ ହୋଇ ଉଠିଲା ବାୟୁମଣ୍ଡଳ ?

ମୀନକେତନ ପ୍ରଶ୍ନକଲେ—'ସୁରଧୁନି, ତମେ ନୃତ୍ୟ ଶିଖିଚ ?'
'ହଁ'—ହାସ୍ୟୋଜ୍ଜ୍ୱଳ ମୁଖରେ ଉତ୍ତର ଦେଲା ସେ ।
'ନାଚ, ନାଚ, ମୁଁ ନାଚକୁ ଭାରି ଭଲ ପାଏଁ ।'

ସୁରଧୁନୀର ଯୁଗ୍ମପାଦ ନୂପୁରର ଛନ୍ଦେ ଛନ୍ଦେ ତାଳ ଦେଇ ନାଚି ଉଠିଲା । ପ୍ରତି ଚରଣପାତରେ ଫୁଟିଉଠିଲା ଅଜସ୍ର ଅଶୋକ ମଞ୍ଜରୀ । ମୀନକେତନଙ୍କ ନୟନ ଆହୁରି ଆରକ୍ତ ହେଲା । ସେ ଥୟଧରି ରହିପାରିଲେ ନାହିଁ ।

ବସିଥିବା ସ୍ଥାନରୁ ଉଠି ଅସ୍ଥିର ଢଙ୍ଗରେ ସେ ମଧ୍ୟ ନୃତ୍ୟ କରିବାକୁ ଲାଗିଲେ ।

'ସୁରଧୁନୀ ମୋ ପାଦରେ ମଧ୍ୟ ନୂପୁର ବାନ୍ଧିଦିଅ, ମୁଁ ଆଜି ସୁନ୍ଦର ନାଚି ପାରୁଛି, ନୁହେଁ ?'

'ହଁ, କାମଦେବ ମଦନ କେବେ ଏମିତି ନାଚିଥିଲେ……'

ସୁରଧୁନୀ ତାଙ୍କ ଚରଣରେ ବନ୍ଧନ କଲା ନୂପୁର ମାଳିକା । ତାଙ୍କର ଚରଣ ଆହୁରି ଦ୍ୱିଗୁଣ ବେଗରେ ଚଞ୍ଚଳ ହୋଇ ଉଠିଲା ଛନ୍ଦହୀନ ଗତିରେ ।

କ୍ଲାନ୍ତ । ପରିଶ୍ରାନ୍ତ ବଦନରୁ ତାଙ୍କର ଝରିପଡ଼ିଲା ସ୍ୱେଦବର୍ଷା । ପୁଷ୍ପରଞ୍ଜିତ ଶଯ୍ୟା ଉପରେ ପୁଣି ଶୟନ କଲେ । ସୁରଧୁନୀ ଶଯ୍ୟାଧାରରେ ବସି ବ୍ୟଜନ କଲା ଧୀରେ ଧୀରେ । ଶୀତଳ ପବନ ସ୍ପର୍ଶରେ ବେଶ୍ ଆଶ୍ୱସ୍ତି ଲାଗିଲା ତାଙ୍କୁ । ନୟନ ବେଶ ମୁଦ୍ରିତ ହେଲା । ସୁରଧୁନୀ ତାର ଚମ୍ପାଙ୍ଗୁଳିରେ ତାଙ୍କ କପାଳ ଉପରେ ଲଘୁ ସ୍ପର୍ଶ ଦେଲା । ସେ ହଠାତ୍ ଚିତ୍କାର କରି ଉଠିଲେ—
'ମୁଁ ଅସ୍ପୃଶ୍ୟ, ମତେ ସ୍ପର୍ଶ କରନା ସୁନ୍ଦରି ! ମୁଁ ମଦ୍ୟପ, ମାତାଲ ।'

ସୁରଧୁନୀ ତାଙ୍କର ପ୍ରସାରିତ ବକ୍ଷ ଉପରେ ଆଉଜାପଡ଼ି ଚିବୁକରେ ଚିବୁକ ଲଗାଇ କହିଲା—'ତମେ ସ୍ୱପ୍ନ ଦେଖୁଚ ?'

'ସ୍ୱପ୍ନ ଦେଖୁଛି—ନା ତ, ତୁମେ ପୁଣି ଏଠି କାହିଁକି ?'

'ମତେ ତୁମେ ଚିହ୍ନିପାରୁଛ ?'

'ହଁ, ନା, ତମକୁ ତ ମୁଁ ଚିହ୍ନି ପାରୁନାହିଁ । ତମେ କିଏ ?'

'ମୁଁ ସୁରଧୁନୀ… ।'

'ହଁ, ହଁ, ତମେ ସୁରଧୁନୀ । ଆଚ୍ଛା, କହିପାରିବ, ମୁଁ ଏଠିକି କେମିତି ଆସିଲି ? ମତେ କିଏ ଏଠିକି ଆଣିଲା ? ମୋର ବା ଏଠି କାମ କଣ ? ଆକାଶରେ ତାରା ଅଛି କେତିମାନ ?'

'ହଁ; ବାକି ଅଛି ଆଉରି ବହୁତ ରାତି, ବର୍ତ୍ତମାନ ମାତ୍ର ଦ୍ୱିତୀୟ ପ୍ରହର ।'

'ମୁଁ ଯିବି କେମିତି ସୁରଧୁନୀ ? ମୋତେ ଆଜିରେ ଜନୈକଜଣଙ୍କୁ ବରଖାସ୍ତ କରିବାକୁ ହେବ । ମୋ'ର ଅନ୍ନ ଖାଇ ସେ ମୋ ବିରୁଦ୍ଧରେ କରୁଛି-

ଚନ୍ଦ୍ରକାନ୍ତ । ଆଚ୍ଛା, ସୁରଧ୍ୱନି, ଜନୈକଜଣଙ୍କୁ ବରଖାସ୍ତ କରିଦେଲେ ତମେ ମୋର ପ୍ରାଇଭେଟ୍ ସେକ୍ରେଟାରୀ ହେବ ?'

'ନିଶ୍ଚୟ ହେବି । ମାତ୍ର ଏମିତିକା କେଉଁ ଏକ ଅର୍ଦ୍ଧ ରାତ୍ରରେ ମୋତେ ବି ଯେମିତି ବରଖାସ୍ତ କରିଦିଅ ।'

'ନା ନା, ମୁଁ ତା କରିବି ନାହିଁ । ତୁମ ନାଁଟା କ'ଣ ମୁଁ ଭୁଲିଗଲି ।'

'ଥାଉ, ନାଁରେ ପ୍ରୟୋଜନ ନାହିଁ । ତୁମେ ବିଶ୍ରାମ କର ।'

'କିନ୍ତୁ ମୁଁ ଯେ ଶୋଇ ପାରୁନାହିଁ ସୁନ୍ଦରୀ । ଏଇ ଦେଖ, ତମର ନରମ ହାତରେ ଅନୁଭବ କର, ଛାତି ତଳେ ମୁଁ କେମିତି ଯନ୍ତ୍ରଣା ଅନୁଭବ କରୁଛି । ମୁଁ ମଦ ଖାଇଛି ନା ?'

'ହଁ, ଖାଇଛ ।'

'ଆଉ, ତୁମେ ଖାଇଛ ?'

'ନା, ମଦ ତ ବଡ଼ଲୋକମାନଙ୍କ ପାଇଁ ।'

'ମତେ ଠକାଉଛ ସୁନ୍ଦରୀ; ମୁଁ ତ ବଡ଼ଲୋକ ନୁହେଁ । କେବେ ଜମିଦାର ଥିଲି—ବଡ଼ଲୋକ ଥିଲି । ମାତ୍ର ଆଜି ମୁଁ ଆଉ ବଡ଼ଲୋକ ନୁହେଁ । କିଏ କହୁଥିଲା—ମୁଁ ବହୁତ ବଦ ଖର୍ଚ୍ଚ କରୁଛି । ନା, ମୁଁ ଏଥର ଭଲ ମଣିଷ ହେବି । ତମେ ଏଠି ରହିଯାଅ ସୁନ୍ଦରୀ······ଯାଅ ନା ।'

ପ୍ରଳାପ । ସୁରଧ୍ୱନି ନମ୍ରଲଜ୍ଜିତ କଣ୍ଠରେ କହିଲା—'ତମେ ଟିକିଏ ବିଶ୍ରାମ କର । ଅତ୍ୟଧିକ ନିଶାପାନ ଯୋଗୁ ତୁମର ମୁଣ୍ଡ ବିଭ୍ରମ ଘଟିଛି । ମୁଁ ପଙ୍ଖା କରିଦେଉଛି । ତମେ ଶୋଇପଡ଼ ।'

'ମୁଁ ଆଉ ଶୋଇବି ନାହିଁ । ବହୁତ ଶୋଇଛି ମୁଁ । ମୋତେ ଏଥର ଉଠିବାକୁ ପଡ଼ିବ । ତମେ କହୁଥିଲ ନା, ରାତି ଆହୁରି ଢେର ଅଛି । ମୁଁ ଏବେ ଯାଏଁ······'

ସର୍ବାଙ୍ଗ ତାଙ୍କର ଅବସନ୍ନ—ତଥାପି ସେ ଧୀରେ ଧୀରେ ପଲଙ୍କରୁ ଉଠି ଠିଆହେଲେ । ଶୀତାର୍ତ୍ତଙ୍କ ପରି କମ୍ପୁଛି ତାଙ୍କର ସମୁଦାୟ ଅବୟବ । ସୁରଧ୍ୱନି ଯାଇ ତାଙ୍କ ସମ୍ମୁଖରେ ଦଣ୍ଡାୟମାନ ହେଲା—'କୁଆଡ଼େ ଯିବ ଏତେ ରାତିରେ ?'

'ହୁଁ'—ହସିଲେ ସେ, 'ଯେଉଁଆଡ଼ୁ ମୁଁ ଆସିଥିଲି, ସେହିଆଡ଼କୁ ଚାଲିଯିବି ।'

'କିନ୍ତୁ ତୁମେ ଯେ ଚାଲି ପାରିବ ନାହିଁ··· ।'

'ଯାଃ, ବେଶ ମୁଁ ଚାଲି ପାରୁଛି । ହଟ୍ ଯାଓ ।'

ସୁରଧୁନୀକୁ ପାଦରେ ଠେଲିଦେଇ ସେ ଅଗ୍ରସର ହେଲେ । ବାହାରେ ତମସାଚ୍ଛନ୍ନ ରଜନୀ, ପ୍ରଖର ନିଃଶ୍ୱାସ ତାର କାଳସର୍ପର ନିଃଶ୍ୱାସପରି । ବିସ୍ତୀର୍ଣ୍ଣ ପ୍ରାନ୍ତରର ଭୟାର୍ତ୍ତ ବକ୍ଷରେ ଅମଙ୍ଗଳର ସୂଚନା ଦେଇ ଚିତ୍କାର ଛାଡୁଛି ଶୃଗାଳ—ପେଚକ କଣ୍ଠରେ ମୁହୁର୍ମୁହୁଃ ବିଦୀର୍ଣ୍ଣ ହେଉଛି ନୀଳାକାଶ ।

ବଟବୃକ୍ଷର ଗହଳ ପତ୍ରତଳେ ସେ ଠିଆହେଲେ । ପ୍ରାସାଦରୁ ସ୍ପଷ୍ଟ ଦିଶୁଛି ଆଲୋକ । ବାତାୟନ ଦେଇ ଦୁଇଟି କ୍ରୁଦ୍ଧ ନୟନର ଜ୍ୟୋତି ଯେମିତି ଛୁଟି ଆସୁଛି—ତୀକ୍ଷ୍ଣ ଶର ପରି ସେ ଯେମିତି ବିଦ୍ଧ କରିବ ତାଙ୍କର ଶଙ୍କିତ ପ୍ରାଣକୁ ।

ସେ ଉନ୍ମାଦିନୀ ପରି କମ୍ପି କମ୍ପି ଭୂମିକୁ ଆଲିଙ୍ଗନ କଲେ—ରାତ୍ରି ହେଲା ଆହୁରି ଗମ୍ଭୀର, ଆହୁରି ଭୟାବହ ।

## =ଆଠ=

କୁନ୍ତଳା ପତ୍ର ଲେଖିଛି ନିଭା ପାଖକୁ । ବିଷଣ୍ଣ ମୁହୂର୍ତ୍ତରେ ସେ ସେହି ପତ୍ର ପାଠ କରୁଥିଲା ଶୋଇ ଶୋଇ । 'ଚିର ଦାହାମୟ ଏ ଛାର ଜୀବନ, ଜୀବନ ନୁହଇ ଜୀବନ୍ତ ମରଣ ।' ଉକ୍ତିର ସତ୍ୟତା ସେ ଅନୁଭବ କରୁଥିଲା ମର୍ମେମର୍ମେ । ପଦ୍ମପତ୍ରର ଜଳବିନ୍ଦୁ ପରି କ୍ଷଣସ୍ଥାୟୀ ଏହି ଜୀବନ—ତହିଁରେ ପୁଣି ସୁଖାନୁଭୂତି ଆହୁରି ଦୁର୍ଲ୍ଲଭ···ଆହୁରି କ୍ଷଣିକ । ବିବାହର ଅବ୍ୟବହିତ ପୂର୍ବରୁ କୁମାରୀ-କନ୍ୟା ଯେଉଁ ସ୍ୱପ୍ନ-ସବୁଜିମା ଭିତରେ ନିଜର କଳ୍ପନା-ପକ୍ଷୀକୁ ଛୁଟାଇ ଦେଇଥାଏ, ବିବାହପରେ ସେ ଦେଖେ, ସେ ଭ୍ରାନ୍ତ, ସ୍ୱପ୍ନ ମିଥ୍ୟା, କଳ୍ପନା କେବେବିହେଲେ ବାସ୍ତବରେ ପରିଣତ ହୁଏନାହିଁ । ସୃଷ୍ଟିର ଅନନ୍ତ କାଳରୁ ମାନବ ଯାହା ଚାହିଁଛି, ପାଉଛି ତାର ଠିକ ବିପରୀତ । ପ୍ରବଣ

ଚାହିଁଥିଲା ସ୍ୱର୍ଣ୍ଣଲଙ୍କାରେ ମହାସତୀ ବୈଦେହୀର ସଙ୍ଗସୁଖ କିନ୍ତୁ ପରିଣାମରେ ତାର ସେ କଳ୍ପନା ବାଷ୍ପାକାରରେ ପରିଣତ ହେଲା—ପୃଥ୍ୱୀଜୟର ସମସ୍ତ ସ୍ୱପ୍ନ ସେମିତି ଧ୍ୱଂସର ଏକ ତାଣ୍ଡବ ରଚି ମିଳାଇଗଲା ଅନନ୍ତ ଆକାଶର ମହାଶୂନ୍ୟତା ଭିତରେ । କୁନ୍ତଳା ସବୁ ଦେଖିଛି, ସେ ମହାଦୁଃଖିନୀ । କଟକ ଯାଇ କବି ଅଶୋକଙ୍କ ବିଷୟରେ ସେ ବହୁ ତଥ୍ୟ ଆବିଷ୍କାର କରି ପାରିଛି । କବି ହିସାବରେ ସେ ବିପୁଳ ଖ୍ୟାତି ଅର୍ଜନ କରିଥିଲେହେଁ—ତାଙ୍କ ନିକଟରେ ଚରିତ୍ର ଗଠନର କିଛି ଅର୍ଥ ନାହିଁ । ବିଶ୍ୱବ୍ରହ୍ମାଣ୍ଡକୁ ସେ ଦେଖନ୍ତି ସବୁଜ ଚଷମାରେ । ଲର୍ଡ ବାଇରନ ତାଙ୍କର ଆଦର୍ଶ । ଚାର୍ବାକ, ଓମରଖୈୟାମ ତାଙ୍କର ଦାର୍ଶନିକ ଗୁରୁ । ସେ କୁଆଡ଼େ କହନ୍ତି—ଇନ୍ଦ୍ରିୟର ପରିତୃପ୍ତି ଏକ ଶାରୀରିକ ଆବଶ୍ୟକତା; ନୂତନତ୍ୱର ସ୍ୱପ୍ନବିନା ପ୍ରଗତି ଅସମ୍ଭବ । ପୁରୀର ସ୍ଥାୟୀ ବାସିନ୍ଦାମାନେ ବେଳାଭୂମିର ସୌନ୍ଦର୍ଯ୍ୟ ଉପଭୋଗ କରି ପାରନ୍ତି ନାହିଁ । ଯାହା ପୁରୁଣା ଦେହଘଷା ହୋଇଯାଏ; ସେଥିରେ ଥାଏ କି ଆଉ ଉନ୍ମାଦନା ?

ତାଙ୍କର ସବୁ ସଙ୍ଗିନୀ—ସମସ୍ତଙ୍କ ପରି କୁନ୍ତଳା ମଧ୍ୟ ଜଣେ ।

କୁନ୍ତଳାର ମହାଦୁଃଖ । ଧର୍ମପତ୍ନୀ ହିସାବରେ ତାର ଯାହା ପାଇବା କଥା ସେତକ ସେ ପାଉନି । ତାର ଯେତିକି ଅଧିକାର, ସେଥିରୁ ସେ ବଞ୍ଚିତା । ମଙ୍ଗରାଜ ବଂଶର କନ୍ୟା ପକ୍ଷରେ ଏହା ନୂତନ ନ ହେଲେହେଁ ସେ ଏହାକୁ ପ୍ରଥମକରି ଅଙ୍ଗେ ନିଭଉଛି । ସେ ଏତେଦିନ ଅନ୍ୟର ଜୀବନକୁ ଦେଖିଥିଲା । କିନ୍ତୁ ନିଜ ଜୀବନରେ ତାହାର ପୁନରାବୃତ୍ତି ତାକୁ ଅତିଷ୍ଠ କରି ତୋଳିଛି । ନାରୀ, ବଡ଼ଲୋକର କନ୍ୟା ହେଉ ଅବା ଦରିଦ୍ରର କନ୍ୟା ହେଉ ଗୋଟିଏ ପ୍ରକାର ମନସ୍ତତ୍ତ୍ୱ ତା'ର । ସେ ଚାହେଁ ନାରୀତ୍ୱର ପୂର୍ଣ୍ଣ ବିକାଶ—ସ୍ୱାମୀ ଉପରେ ତା'ର ଏକଚ୍ଛତ୍ର ଅଧିକାର । ସେତକ ପୂର୍ଣ୍ଣ ନ'ହେଲେ ସୃଷ୍ଟି ହୁଏ ଅଶାନ୍ତି—ବିପ୍ଳବ ।

ନିଜ କୁନ୍ତଳାର ପଞ୍ଚ ପାଠକରି ଭାବୁଥିଲା—ଏଇ କିଶୋରୀ ଅନୂଢ଼ା ଥିବାବେଳେ କେତେ ସାନ୍ତ୍ୱନା ଦେଉଥିଲା ତାକୁ । ଲମ୍ପଟ ହେବା ପୁରୁଷ ଚରିତ୍ରର ଏକ ଅପରିହାର୍ଯ୍ୟ ବିଶେଷତ୍ୱ ବୋଲି ବହୁପୂର୍ବରୁ ଭାବୁଥିଲା । କିନ୍ତୁ ଆଜି, ସେ

ମଧ୍ୟ ଅନୁଭବ କରୁଛି ତା' ନିଜ ଯୁକ୍ତିର ଅସାରତା । ହାୟ, ବିଚିତ୍ର ପୃଥିବୀରେ ଅସମ୍ଭବ କଣ ? ମୀନକେତନ ଲମ୍ପଟ—ଅଶୋକ ଲମ୍ପଟ, ସାରା ସଂସାର ଲମ୍ପଟ । ଲମ୍ପଟ ଜଗତରେ ମହାସତୀ ଖୋଜିବା ଏକ ହାସ୍ୟାସ୍ପଦ କଥା ବିଶ୍ୱବିଖ୍ୟାତ ସାହିତ୍ୟିକ ବର୍ଣ୍ଣାର୍ଡ ଶ' କହିଛନ୍ତି—"Chastity is lack of oppertunity" । ଚରିତ୍ରବତ୍ତା, ସତୀତ୍ୱ ପ୍ରଭୃତି କେବଳ ଅଭିଧାନର ବିଷୟବସ୍ତୁ । ଯେଉଁମାନେ ବିଶ୍ୱବନ୍ଦ୍ୟ, ସେମାନେ ମଧ୍ୟ ଏହି ମତ ପୋଷଣ କରିଛନ୍ତି । ମହାକବି କାଳିଦାସ କହିଛନ୍ତି—'ଜ୍ଞାତ୍ୱାସ୍ୱାଦମ୍ ବିବୃତ ଜଘନାମ୍ କୋ ବିହାତୁମ୍ ସମର୍ଥଃ ?' ନିଜର ଚିନ୍ତାଧାରା ଚକ୍ରାକାରରେ ଆବର୍ତ୍ତିତ ହେଉଥିଲା ।

ତେବେ ଚରିତ୍ରହୀନତା କଣ ସଂସାରର ଏକ ଧରାବନ୍ଧା ନିୟମ ? ଯୀଶୁ; ମହମ୍ମଦ, ଶଙ୍କର କଣ ମିଥ୍ୟାର ଅବତାର ?

ମୃତ୍ୟୁର କରାଳ ଲହରୀରେ ମାନବ ଜୀବନ ଏକ ତୃଣ ପରି । ଅନିଶ୍ଚିତ ଜଗତରେ ବର୍ତ୍ତମାନହିଁ ସବୁଠାରୁ ମୂଲ୍ୟବାନ । ସବୁଠାରୁ ସତ୍ୟ । ମନଚୁହେଁ ବର୍ତ୍ତମାନ ଇନ୍ଦ୍ରିୟଜ ପରିତୃପ୍ତି, ଛନ୍ଦ କେଉଁଠି ?

ନିଭା ପାଗଳିନୀ । ଜୀବନର ଦର୍ଶନକୁ ବିଶ୍ଳେଷଣ କରୁକରୁ କୌଣସି ସିଦ୍ଧାନ୍ତରେ ସେ ପହୁଁଚି ପାରୁନାହିଁ । ନାରୀ ଯଦି ପୁରୁଷର ଅର୍ଦ୍ଧାଙ୍ଗିନୀ ହୁଏ, ପୁରୁଷ ଯାହା କରୁଛି, ନାରୀ ମଧ୍ୟ ତାହା କରିବା ପାଇଁ ହକ୍‌ଦାର । ସେଥିରେ ଦୋଷ କେଉଁଠି ?

କୁନ୍ତଳା ଦୁଃଖିନୀ, ନିଭା ମଧ୍ୟ ଦୁଃଖିନୀ । ମୀନକେତନ ମଦ୍ୟପ, ଲମ୍ପଟ, ପଶୁଠାରୁ ହୀନ, ନିଷ୍ଠୁର, ଅବିବେକୀ, ହୃଦୟହୀନ । ଆଉ ନିଭା···?

ସେ ଏ ଦେଶର ସୀତା, ସାବିତ୍ରୀ, ଅହଲ୍ୟା, ଦ୍ରୌପଦୀ ପରି ଏକନାରୀ ।

ଆହୁରି ମଧ୍ୟ ଏ ଦେଶର ଅଗଣିତ ପିଆରୀବାଈ, ଫୁଲବାଈ, ଭାନୁବାଈଙ୍କ ପରି ତାର ଯୌନବାସନା ବିଦ୍ୟମାନ । ସୀତା ସାବିତ୍ରୀର ଆଦର୍ଶ ସତ୍ୟ ନା ବନାରସ ବେଶ୍ୟାପଲ୍ଲୀର ରାତ୍ରି ସତ୍ୟ ?

ତାର ଚକ୍ଷୁଯୁଗଳ ଲୋତକାପ୍ଲୁତ ହେଉଥିଲା । ବିଧ୍ୱସ୍ତ ଏକ ନଗରୀର ଶେଷ ସ୍ମୃତିପରି ମୀନକେତନଙ୍କ ପ୍ରଣୟସ୍ମୃତି ନିଷ୍ପ୍ରଭ ହୋଇ ଆସୁଥିଲା । ପ୍ରେମର

ଅଙ୍ଗାର ଦେହରେ ଆଜ କଣ ଜାଗ୍ରତ ହେବ ନୂତନ ଜୀବନର ଅଙ୍କୁରନ୍ତ ରସ ?

ଚମ୍ପିଲା ଆସି ଦଣ୍ଡାୟମାନ ହେଲା ଘରର ମଧ୍ୟ ଦେଶରେ । ନଭ ଖଟି ଉପରୁ ଟିକ୍ଷ ଫେରାଇ ଗ୍ରୀବାଭଙ୍ଗି କରି ଚାହିଁଲା ତା ଆଡ଼େ—'କଣ କଲେ ?'

'ବାବୁ ଆସୁଛନ୍ତି ।'

'ଆସନ୍ତୁ ।'

ଚମ୍ପିଲା ଚାଲିଗଲା ।

କିଛିକ୍ଷଣ ପରେ ମୀନକେତନ ଗୃହ ମଧ୍ୟରେ ପ୍ରବେଶ କଲେ—'ନଭ, ତୁମପ୍ରତି ମୁଁ ଖୁବ୍ ଅବିଚାର କରିଛି ବୋଲି ତମେ ଭାବୁଛ ନା ?'

ନଭ କଣ୍ଠରେ ଭାଷା ନାହିଁ । ଏକ ଲକ୍ଷ୍ୟରେ ସେ ସିଲିଂରେ ଝୁଲୁଥିବା କାଚଝାଡ଼ ଆଡ଼କୁ ଅନାଇ ରହିଛି ।

ମୀନକେତନ ପୁଣି କହିଲେ—'ଜୀବନ-ଉଦ୍ୟାନର ବୃକ୍ଷଲତା ଯେତେ-ବେଳେ ପୁଷ୍ପିତ ହୁଏ, ତାର ଗନ୍ଧ ପ୍ରସରିଯାଏ ବହୁଦୂରକୁ । ସେହି ଗନ୍ଧର ଚଞ୍ଚଳଗତିକୁ ଏଡ଼ାଇ ଦେବା ମନୁଷ୍ୟ ସାଧ୍ୟର ବାହାରେ ।'

ତଥାପି ନଭ ନିରୁତ୍ତର । ସେ ଶୋଇଥିବା ପଲଙ୍କର ଏକ ପାର୍ଶ୍ୱରେ ମୀନକେତନ ଉପବେଶନ କଲେ । ସେ ଉଠି ବସିଲା ।

'ନଭ, ଉଦାରତା ନାରୀର ଭୂଷଣ । କ୍ଷମା ନାରୀର ଶ୍ରେଷ୍ଠ ସମ୍ପଦ । ସ୍ୱାମୀର ତୁଷ୍ଟିପାଇଁ ସଜାଗ ନ ରହି ତୁମେ ମହା ଅପରାଧ କରୁଛ । ରାଣି, ମୁଁ ଆଜ କାମାତୁର । ତୁମର ଏଇ ଲଳିତ ଅଙ୍ଗର ଜୀବନ୍ତ ସ୍ୱର୍ଗପାଇଁ ବ୍ୟାକୁଳ ହୋଇ ପଡ଼ିଛି । ମାନ ଭଙ୍ଗକରି ପଦେ କଥା କୁହ ।'

ହସ୍ତଦୁଇ ପ୍ରସାରିତ କରି ମୀନକେତନ ତାକୁ ନିମନ୍ତ୍ରଣ ଜଣାଇଲେ । ତାଙ୍କର ଅଞ୍ଚଳ ଉତପ୍ତ ନିଃଶ୍ୱାସରେ ପ୍ରକୋଷ୍ଠ ଉଷ୍ଣ ହୋଇ ଉଠିଛି ।

'ବିଳମ୍ବ ଅସହ୍ୟ ହେଉଛି ରାଣି, କଥା କୁହ, ନିଷ୍ଠୁର ହୁଅନାହିଁ ।'

ନଭର ଦକ୍ଷିଣ ହସ୍ତକୁ ନିଜ ହସ୍ତରେ ଧରିନେଲେ ସେ । ନଭ ଭୟତ୍ରସ୍ତା ମୃଗିଣୀ ପରି ଚମକି ଉଠିଲା ।

'ତୁମେ କଣ ପାଷାଣୀ କଇ ? ସ୍ୱାମୀର ଅନୁନୟ କଣ ତୁମ ପାଖରେ ସବୁବେଳେ ବ୍ୟର୍ଥ ହେବ ?'

କଠୋର ପର୍ବତର ବୁକ ଚିରି ଉତ୍ସରୁ ବାହାରି ଆସି ଖୁଦ୍ର ଗିରିନଦୀ ପ୍ରଥମ ସୂର୍ଯ୍ୟ କିରଣ ଦେଖିଲା ଭଳି କାଗିର କଣ୍ଠ ଦେଶରୁ ସ୍ଫୁରିଲା ପ୍ରଥମ ଭାଷା ।

'ତମେ କଣ ଗୃହିଁ ?'

ହସିଲେ ମୀନକେତନ—'ସ୍ୱାମୀ ସ୍ତ୍ରୀ ପାଖରୁ କଣ ଗୃହେଁ, ତା କଣ ବୁଝାଇ କହିବାକୁ ପଡ଼େ ?'

'ପଡ଼େ ସମୟ ସମୟରେ !'

'କିନ୍ତୁ ତୁମେ ତ ଅବୋଧ ନୁହଁ । ତୁମେ ଶିକ୍ଷିତା, ବୁଦ୍ଧିମତୀ...'

'ଆଚ୍ଛା, କହ ପାରିବ, ସ୍ୱାମୀ ପାଖରେ ଆତ୍ମ ନିବେଦନ କରି ତାର ସନ୍ତୋଷ ବିଧାନ କରିବା କଣ ନାରୀ ଜୀବନର ଏକମାତ୍ର ଲକ୍ଷ୍ୟ ? ସ୍ତ୍ରୀର ଆଶା, ଆକାଂକ୍ଷା, ମାନସିକ କ୍ଷୁଧା ସବୁକିଛିର ଅନ୍ତ କଣ ସ୍ୱାମୀର ପଶୁ ପ୍ରବୃତ୍ତିକୁ ଚରିତାର୍ଥ କରିବା ? ସ୍ତ୍ରୀର ଦୀର୍ଘ ଜୀବନର ସଫେଦ ପୃଷ୍ଠାହିଁ କଣ କେବଳ ଶୃଙ୍ଗାର ଇତିହାସ ରଚନା କରିବା ପାଇଁ ଉଦ୍ଦିଷ୍ଟ ? ତୁମେ ଯଦି ଏ ପ୍ରକାର ଚିନ୍ତାଧାରାର ବଶବର୍ତ୍ତୀ ହୋଇ ତୁମର କାମନା ନିବେଦନ କରୁଥାଅ, ତୁମକୁ ନିରାଶ ହେବାକୁ ହେବ । ସ୍ୱାମୀ ସ୍ତ୍ରୀର ସମ୍ପର୍କ କେବଳ ଯୌନକ୍ରିୟାର ସମ୍ପର୍କ ବୋଲି ତୁମେ ଯଦି ଭାବୁଥାଅ, ତେବେ ତୁମର ମହାଭ୍ରାନ୍ତ ହୋଇଛି ବୋଲି ମୁଁ କହିବି ।' ଏତିକି କହି ସେ ମୁହଁ ଫେରାଇ ନେଲା ।

ମୀନକେତନ କହିଲେ—'ସ୍ୱାମୀ ସ୍ତ୍ରୀର ସମ୍ପର୍କ ମଧ୍ୟରୁ ଯୌନ ସମ୍ପର୍କକୁ କଣ ବାଦ୍ ଦିଆଯାଇ ପାରେ ? ବିବାହ ବନ୍ଧନର ଏକମାତ୍ର ମୂଳ ଉଦ୍ଦେଶ୍ୟ ତ ହେଲା ଯୌନ-ବାସନା ଚରିତାର୍ଥ କରିବା । ପୁତ୍ରାର୍ଥେ କ୍ରିୟତେ ଭାର୍ଯ୍ୟା...'

'ଭୁଲ, ବହୁ ଶତାବ୍ଦୀ ତଳର ଏଇ ନୀତିବାକ୍ୟ ଆଜି ଅନ୍ତଃସାର ଶୂନ୍ୟ । ନୂତନ ଭାରତର ନୂତନ ସମ୍ବିଧାନ ନାରୀକୁ ଦେଇଛି ସମାନ ଅଧିକାର । ସମୟର ପ୍ରଗତିରେ ପୁରାତନ ନୀତିବାକ୍ୟ ଅକର୍ମଣ୍ୟ ହୁଏ—ନୂତନ ଚିନ୍ତାଧାରା ମାନବ ମନକୁ ଉଦ୍ବୁଦ୍ଧ କରେ । ମାର୍କ୍ସଙ୍କ ସାମ୍ୟବାଦ ତ ଆଜି ପୁଣି ପୁରାତନ ହୋଇ ଗଲାଣି; ଆଉ ତୁମର ପୁତ୍ରାର୍ଥେ କ୍ରିୟତେ ଭାର୍ଯ୍ୟା ! କେଉଁ

ଏକ ସ୍ୱାର୍ଥପର ପୁରୁଷ ହୁଏତ ରଚନା କରିଥିଲେ ଯେଉଁ ଶ୍ଳୋକ, ତାକୁ ଆଜି ସମ୍ମାନ ଦେବାପାଇଁ ନବୀକାନ୍ତ ପ୍ରସ୍ତୁତ ନୁହେଁ ।'

'ନାରୀ ଜଣେ ପୁରୁଷର ସମକକ୍ଷ ହୋଇ ପାରିବ କିଭଳି ? ଏହା ଖାଲି ତୁମର ଉତ୍ତେଜନା ଜନିତ ଚପଳତା ।'

'ତୁମେ ନୀଚ, ସ୍ୱାର୍ଥପର । କେବଳ କାମନାକୁଳ ନୟନରେ ତମେ ଦେଖିଚ ନାରୀର ବକ୍ଷଦେଶ । କିନ୍ତୁ ତୁମେ ତାର ନାରୀତ୍ୱର ପରିଚୟ ପାଇନାହଁ ! ତୁମେ ଦେଖିନାହଁ, ତାର ଉନ୍ନତ ବକ୍ଷତଳେ ଲୁଚି ପ୍ରସାରି ରହିଛି ବ୍ୟଥାର ଅତଳ-ସମୁଦ୍ର...'

'ବ୍ୟଥା ? ରାଣି, ମୁଁ ତ ଅନ୍ତର୍ଯାମୀ ପୁରୁଷ ନୁହେଁ ତୁମର ମନ ତଳର ଖବର ଜାଣି ପାରିବି । କୁହ, କେଉଁ ବ୍ୟଥାରେ ତୁମେ ବ୍ୟଥିତ ? କେଉଁ ଦୁଶ୍ଚିନ୍ତା ତୁମର କୁସୁମ-କୋମଳ ମନକୁ ଅହରହ ଦଂଶନ କରୁଛି ?'

'ମୁଁ କିଛି ଆଜି କହିବା ପାଇଁ ପ୍ରସ୍ତୁତ ନୁହେଁ । କହିବାର ସମସ୍ତ ଶକ୍ତି ମୁଁ ହରାଇ ବସିଛି । ମୁଁ ଆଜି ବୁଝି ପାରୁନାହିଁ, ଯେଉଁ ସ୍ୱାମୀ ସ୍ତ୍ରୀର ବ୍ୟଥା ବୁଝି ନ ପାରେ, କେଉଁ ମୁଖରେ ସେ ପୁଣି ତା'ର ସ୍ୱାମୀତ୍ୱ ଜାହିର କରିବାକୁ ଧାଇଁଆସେ ?'

'କିଭଳି.....'

'ବସି ତ ହେବାର କିଛି ନାହିଁ । ତୁମେ ମୋ ସହିତ କି ସଂପର୍କ ରଖିଛ ?'

'ନାନା କାର୍ଯ୍ୟରେ ବ୍ୟସ୍ତଥାଇ କର୍ତ୍ତବ୍ୟରେ ତ୍ରୁଟି କରିବା ତ ଅକ୍ଷମଣୀୟ ଅପରାଧ ନୁହେଁ ।'

'କର୍ତ୍ତବ୍ୟ—'ବ୍ୟଙ୍ଗ ହାସ୍ୟରେ ଉଚ୍ଛୁଳି ଉଠିଲେ କିଭଳି—'ମଂଗରାଜ ବଂଶର ପୁରୁଷମାନଙ୍କର ଜଣେ କର୍ତ୍ତବ୍ୟ ଜ୍ଞାନ ଥାଏ ?'

'ସୀମା ବାହାରକୁ ତୁମେ ଚାଲି ଯାଉଚ କିଭଳି । ମତେ ଲାଞ୍ଛିତ କରିବାର ଅଧିକାର ତୁମର ଥାଇପାରେ, କିନ୍ତୁ ମୋ ପିତୃ ପିତାମହଙ୍କ ପବିତ୍ର ନାମରେ କାଳି ଲେପନ କରିବାର ଅଧିକାର ତୁମର ନାହିଁ ।'

'ଉତ୍ତେଜିତ ନ ହୋଇ ଶାନ୍ତ ମନରେ ତୁମେ ବିଚାର କର । ସ୍ୱାମୀ ଯେତେ ଅହରହ ସୀମ ବହିର୍ଭୂତ କର୍ମ କରୁଥାଏ, ସ୍ତ୍ରୀ ଥରେମାତ୍ର ସୀମା ବାହାରକୁ

ସ୍ୱୀକାରେ ଆସକ୍ତ ରହିଲା କେଉଁଠି ? ମିଳନ ରାତ୍ରିର କାହିଁ ପବିତ୍ର ପ୍ରତିଶ୍ରୁତି ତୁମେ ଭଂଗ କରୁଛ !

'ସୁ କ୍ତ କରିବାକୁ ମୁଁ ଚାହେଁନା । ତୁମେ ବୋଧହୁଏ ଜାଣିଥିବ, ଏହି ପବନ ବଂଶରେ କେହି କେବେ ତା' ସ୍ତ୍ରୀ ସହିତ ସୁ କ୍ତ କରିନାହିଁ ।'

ପ୍ରଶାନ୍ତ ନୟନରେ ଚାହିଁଲା ମୀନକେତନଙ୍କ ଆଡ଼େ—'ସେ କୁସଂସ୍କାରପୂର୍ଣ୍ଣ ସଭ୍ୟତାର ଆଜି ଅବସାନ ଘଟିଛି । ନୂତନ ଆଲୋକର ଅଖଣ୍ଡ ଜ୍ୟୋତିରେ ସମଗ୍ର ଦେଶ ଯେତେବେଳେ ଉଦ୍‌ଭାସିତ, ସେତେବେଳେ ଆଉ ଏ ସ୍ୱାର୍ଥପରତା କାହିଁକି ? ସ୍ତ୍ରୀ ସହିତ ସୁକ୍ତ କରିବା ଯଦି ତୁମ ମର୍ଯ୍ୟାଦା ହାନିକର, ତେବେ ସୁ କ୍ତ ନକରି ତୁମେ ଫେରିଯାଅ ।'

'କେଉଁଠାକୁ ଫେରିଯିବି ମୁଁ ? ବିଳାସିନୀ ରାତ୍ରିର ମନହାରିଣୀ କକ୍ଷରୁ ଫେରିଯିବା ପାଇଁ ମୁଁ ଆସିନାହିଁ । ମୁଁ ମଦ୍ୟପ ହୋଇପାରେ, ତଥାପି ମୁଁ ତୁମର ସ୍ୱାମୀ । କୋକିଳ-ବଧୂର ବିରକ୍ତିକର ମୁଖ ଦେଖି ବସନ୍ତ କ'ଣ କେବେ ଫେରିଯାଏ ? କାହାକୁ ତୁମେ ଫେରାଇ ଦେଉଛ ରାଣି ? ମୋ ବକ୍ଷର ସର୍ବଗ୍ରାସୀ ଅନଳକୁ ତୁମକୁହିଁ ନିର୍ବାପିତ କରିବାକୁ ହେବ । ତୁମେ କ'ଣ ପାଷାଣ-ରୂପିଣୀ ଅହଲ୍ୟା ନା ତୁମର ମତିଭ୍ରମ ଘଟିଛି ?'

'ପାଷାଣକୁ ଚୂର୍ଣ୍ଣ କରିବାପାଇଁ ଆଉ ଏକ ପାଷାଣରହିଁ ଆବଶ୍ୟକତା ହୋଇଥାଏ ।'

'ମୁଁ ପାଷାଣ ନୁହେଁ ରାଣି, ଅନ୍ତର ଚିରି ଦେଖ । ପ୍ରେମର ଅଭିନବ ଫଲ୍‌ଗୁ ପ୍ରବାହିତ ।'

'ପାଶବିକ କାମନା କେବେ ପ୍ରେମର ଆଖ୍ୟା ପାଇ ନପାରେ ।'

'ତୁମେ ତ ଫ୍ରଏଡ଼ ପଢ଼ିଛ । ପ୍ରେମଠାରୁ ପାଶବିକ କାମନା କେବେ ଭିନ୍ନ ହୋଇପାରେ ? ଦୁଇଟିଯାକ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ ।'

'ଜଡ଼ିତ ହୋଇପାରେ । କିନ୍ତୁ ପ୍ରେମର ଅର୍ଥ ନୁହେଁ କେବଳ ଆଦିମ ଆକାଂକ୍ଷାର ପରିତୃପ୍ତି ।'

'ପ୍ରେମର ବହୁକଣ୍ଟ ଅର୍ଥ ମଧ୍ୟରୁ ମୁଁ ଏହି ଅର୍ଥକୁହିଁ ସତ୍ୟବୋଲି ଗ୍ରହଣ କରୁଛି । ସ୍ୱାମୀ ସ୍ତ୍ରୀର ସମ୍ପର୍କ ମଧ୍ୟରେ ଭୋଗବାସନା ବ୍ୟତୀତ ଅନ୍ୟ ସବୁ

ଭଳି ସଂପର୍କହିଁ ଛଳନା । ବିବାହ ତ ଆଇନାନୁମୋଦିତ ବେଶ୍ୟାବୃତ୍ତି । ତୁମେ କ'ଣ ଏହାକୁ ଅସ୍ୱୀକାର କର ।'

'ବିବାହପରେ ସ୍ତ୍ରୀ ହୁଏ ପୁରୁଷର ସହଧର୍ମିଣୀ, ସହଗାମିନୀ...... । ପୁରୁଷର ପ୍ରତ୍ୟେକ କର୍ମପାଇଁ ସ୍ତ୍ରୀ ଦାୟୀ, ଆଉ ସ୍ତ୍ରୀର ପ୍ରତ୍ୟେକ କର୍ମପାଇଁ ପୁରୁଷ ଦାୟୀ । ସୃଷ୍ଟିର ଚିରନ୍ତନ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ଉଭୟଙ୍କର କର୍ତ୍ତବ୍ୟ । କୁପଥ ପରିହାର କରି ସତ୍ପଥରେ ଚାଲିବା ଉଭୟଙ୍କ ପକ୍ଷେ ବାଞ୍ଛନୀୟ । ଜଣକର ଜୀବନ ସହିତ ଅନ୍ୟ ଜଣକର ଯଦି କାମ-ସଂପର୍କ ବ୍ୟତୀତ ଅନ୍ୟ କୌଣସି ସମ୍ପର୍କ ନ ରହେ, ତାହାହେଲେ ବୁଝିବାକୁ ହେବ ବିବାହ ସେଇଠି ବ୍ୟର୍ଥ ହୋଇଛି—ନିରର୍ଥକ ହୋଇଛି ବରଣ-ମାଲ୍ୟ ।'

'ରାଣି, ତୁମେ ଯୌବନବତୀ—ମୁଁ ତରୁଣ । ଆଜି ଏଇ ଶୁଭ ଲଗ୍ନରେ ତୁମ ମୁଖରୁ ଏସବୁ ସାଜେନା । ସମସ୍ତ ମାନ ଅଭିମାନ ତ୍ୟାଗକରି ମିଳନର ଶଙ୍ଖ ବଜାଅ । ଜ୍ୟୋତ୍ସ୍ନାସ୍ନାତ ଶାରଦୋତ୍ଫୁଲ୍ଲ ରଜନୀର ସଲ୍ଲଜ୍ଜ ଭାବ ଭାଙ୍ଗିଯାଉ ।'

'ମୁଁ ଆଜି ତୁମର କୌଣସି କଥା, କୌଣସି ଅନୁରୋଧ ରକ୍ଷାକରିବାକୁ ପ୍ରସ୍ତୁତ ନୁହେଁ । କ୍ରନ୍ଦନ ଯାହାର ଚିରସାଥୀ, ସମ୍ଭୋଗ ତା ପାଖରେ ଅପମାନ । ଦରିଦ୍ର ପିତାମାତାଙ୍କର ସନ୍ତାନ ହୋଇ କୌଣସି ଦରିଦ୍ରଗୃହର ବଧୂ ହୋଇଥିଲେ ମୁଁ ଆଜି ଏତେ ମନସ୍ତାପ ଭୋଗ କରୁ ନ ଥାନ୍ତି । ଭୂମାତାର ସର୍ବଂସହା ନାମ ଆଜି ସାର୍ଥକ ହୋଇଛି । କୁନ୍ତଳା ମୋ ପାଖକୁ ଆଜି ପତ୍ର ଲେଖିଛି, ତାର ସ୍ୱାମୀ ଅଶୋକ ମଧ୍ୟ ତୁମରି ପରି ଚରିତ୍ରହୀନ—ସେ ମହା ଦୁଃଖିନୀ ।'

'କୁନ୍ତଳା ପତ୍ର ଲେଖିଛି ?'

'ହଁ, ତୁମର ଅଳଅଳ ସ୍ନେହଶୀଳା ଭଗ୍ନୀ ଆଜି ଦାରୁଣ ଯନ୍ତ୍ରଣା ଅନୁଭବ କରୁଛି । ତୁମେ ଯଦି ନାରୀ ହୋଇଥାନ୍ତ, ତାର ମନୋଭାବ ବୁଝିପାରନ୍ତ । କିନ୍ତୁ......'

ମୀନକେତନଙ୍କ ମୁଖ ବିବର୍ଣ୍ଣ ହୋଇଉଠିଲା—ଜ୍ୟୋତ୍ସ୍ନାସ୍ନାତ ରଜନୀକୁ ହଠାତ୍ ଯେମିତି ଗ୍ରାସ କଲା କେଉଁ ଏକ ତାମସ-ଛାୟା ।

ନଭ୍ର କହିଲା—'ତୁମ ଦର୍ଶନରେ ସର୍ବାଙ୍ଗ ମୋର ଜଳନ୍ତ ଅଗ୍ନିରେ ଦଗ୍ଧୀଭୂତ ହେଉଛି । ତୁମକୁ ଅନୁରୋଧ—ମତେ ତୁମେ କ୍ଷମା କରି ଫେରିଯାଅ । ଇନ୍ଦ୍ରିୟର ପରିତୃପ୍ତି ପାଇଁ ଧରାରାଣୀର ବକ୍ଷରେ ଉପାଦାନର ଅଭାବ ନାହିଁ । ମତେ ଆଉ ତୁମେ ବାରକ୍ତ କରନାହିଁ । ଯଦି ଚାହିଁ, ମୁଁ ତୁମର ଏଇ ପ୍ରସାଦ ଛାଡ଼ି ମୋର ଦରିଦ୍ର ପିତାମାତାଙ୍କ କୋଳକୁ ଫେରିଯିବାକୁ ପ୍ରସ୍ତୁତ ଅଛି । ସେଇଠି ହୁଏତ ମତେ ମିଳିବ ଶାନ୍ତି ।'

ଖରେସ୍ତ୍ରୀର ଓଷ୍ଠ ଯୁଗଳ ଶୁଷ୍କ ହୋଇ ଆସିଲା । ଭୟକ୍ରାନ୍ତ ନୟନରେ ତାର ଅସନ୍ତୁଷ୍ଟ ଭାବ । ମୀନକେତନ ଆଉ ବାକ୍ୟବ୍ୟୟ ନ କରି କକ୍ଷ ମଧ୍ୟରୁ ବାହାରି ଆସିଲେ । ନଭ୍ର ଏକ ଗଭୀର ନିଃଶ୍ୱାସ ତ୍ୟାଗକଲା । ସେ ନିଃଶ୍ୱାସ ଆଶ୍ୱସ୍ତିର ନା ଅସ୍ୱସ୍ତିର ? ଗ୍ରୀଷ୍ମର ନିସ୍ତେଜ ଲତିକାପରି ଶୀର୍ଣ୍ଣ ହେଲା ତାର ପ୍ରାଣ ।

ସେ ବାହାରକୁ ଆସିଲା—'ଜନ୍ମେଜୟ, ଜନ୍ମେଜୟ !'

ଚଉଁଳା ପ୍ରବେଶ କରି ଆଦେଶ ପ୍ରାର୍ଥନା କଲା । ଜନ୍ମେଜୟଙ୍କୁ ତୁରନ୍ତ ଡାକିଦେବାପାଇଁ କହି ନଭ୍ର ପୁନଶ୍ଚ ଶୟନ କକ୍ଷରେ ପ୍ରବେଶ କଲା । କେତୋଟି ମୁହୂର୍ତ୍ତପରେ ଜନ୍ମେଜୟ ଉପସ୍ଥିତ ହେଲା । ସେ ତାକୁ ଆର୍ଦ୍ର କଣ୍ଠରେ ପଚାରିଲା—'ଜନ୍ମେଜୟ ! ବାବୁ କୁଆଡ଼େ ଗଲେ ?'

ଜନ୍ମେଜୟ କହିଲା—'ଏଇ ତ ବାହାରିଗଲେ ।'

'ବାହାରକୁ ଗଲେ ?'

'ହଁ ।'

'ତୁମେ ଭଲକରି ଦେଖିଆସ ସେ କୁଆଡ଼କୁ ଗଲେ ।'

'ହଉ—' ଜନ୍ମେଜୟ ବିଦାୟ ନେଲା । ନାନା ଚିନ୍ତାର ଘାତ ପ୍ରତିଘାତ ମଧ୍ୟରେ ସେ ଶଯ୍ୟାକୁ ଆଲିଙ୍ଗନ କଲା । ଲୀଳାୟିତ କବରୀରୁ କେତୋଟି ଗନ୍ଧ ପୁଷ୍ପ ଝରିପଡ଼ିଲା ତଳେ । ସେ ଅନୁଭବ କଲା ନିରାଶ ପ୍ରାଣରେ ତାର କାମନାର ସ୍ପନ୍ଦନ । ସମସ୍ତଙ୍କ ପରି ତାର ମଧ୍ୟ କାମନା ଅଛି—ବିଳାସ ବାସନା ଅଛି । ମନେ ପଡିଲା ତାର ଅତୀତ ରାତ୍ରିର ଏକ ନିସ୍ପନ୍ଦ ମୁହୂର୍ତ୍ତର ପ୍ରାଣଭରା ଆଲିଙ୍ଗନ—ଉର୍ମିଳ କଟୀରେ ଶକ୍ତ ହାତର କଠିଣ ବନ୍ଧନ । ଜୀବନର

କଙ୍କରମୟ ପଥରେ କେତେ ରାସ୍ତା ଅତିକ୍ରମକରି ସେ ଆଜି ପୁଣି ଗୃହକୁ ବାସର କକ୍ଷର ମିଳନ ଲଗ୍ନ ।

ମୀନକେତନ ଫେରି ଆସନ୍ତୁ । ଆଜିର କାମନାକୁଳ ରାତ୍ରିରେ ତାଙ୍କରହିଁ ପ୍ରୟୋଜନ ।

ମାତ୍ର ନିଷ୍ଫଳ ଆକାଂକ୍ଷା । ଜନ୍ମେଜୟ ଫେରି ଆସି ଖବର ଦେଲା— ମୀନକେତନ ସୁରଧୁନୀର ମଧୁମୟ କକ୍ଷରେ ରାତ୍ରିଯାପନ ପାଇଁ ଚାଲି ଯାଇଛନ୍ତି ।

ସୁରଧୁନୀ ?

ତେବେ ନିଭା ଯେଉଁ ଜନରବ ଶୁଣିଥିଲା ତାହା ସତ୍ୟ । ସୁରଧୁନୀ ଗଣିକା— ମୀନକେତନ ତାର ନିଷ୍ଠିତ ଗ୍ରାହକ ।

'ଜନ୍ମେଜୟ, ତୁମେ ନିଜେ ଦେଖିଛ ?'

ମ୍ଳାନମୁଖରେ ସେ ଉତ୍ତର ଦେଲା—'ହଁ, ମୁଁ ବର୍ତ୍ତମାନ ସୁରଧୁନୀର ଘର ନିକଟରୁ ଫେରୁଛି ।'

ହଠାତ୍ ଏକ ଅସ୍ପଷ୍ଟ ଚିତ୍କାର କରି ଉଠିଲା ନିଭା । ଚମ୍ପିଲା ଧାଇଁ ଆସିଲା— 'କଣ ହେଲା ବୋହୂ ସାଆନ୍ତାଣି ?……'

'କଣ ହେଲା ?' ଜନ୍ମେଜୟ ମଧ୍ୟ କଣ୍ଠ ମିଳାଇ ପ୍ରଶ୍ନ କଲା ।

'ସୁରଧୁନୀର ଘର ଏଠୁ କେତେଦୂର ?' ପ୍ରଶ୍ନ କଲା ନିଭା ସ୍ୱାଭାବିକ କଣ୍ଠରେ ।

ଜନ୍ମେଜୟ ଉତ୍ତର ଦେଲା—'କିନ୍ତୁ ରାତ୍ରିର ମୁକ୍ତ ବାୟୁରେ ପଦ ଚାଳନା କରି ଗଣିକା ପୁରକୁ ଯିବା ଆପଣଙ୍କ ପକ୍ଷେ……'

'ଅସମୀଚୀନ, ନା ?'

ନୀରବରେ ଜନ୍ମେଜୟ ଏହି ଉକ୍ତିକୁ ସମର୍ଥନ ଜଣାଇଲା । ନିଭା ପୁଣି କହିଲା— 'ଆଚ୍ଛା ତୁମେମାନେ ଯାଅ । ଚମ୍ପିଲା ମୁଁ ବର୍ତ୍ତମାନ ବିଶ୍ରାମ କରିବି । ରାତ୍ରିରେ ଆଜ କିଛି ଆହାର କରିବି ନାହିଁ । ମୋର ନିଦ୍ରାଭଙ୍ଗ କରି ତୁ ଯେମିତି ଆଉ ବିରକ୍ତ ନ କରୁ ।'

ଚମ୍ପିଲା ଓ ଜନ୍ମେଜୟ ଦୁଃଖର ନିଃଶ୍ୱାସ ତ୍ୟାଗକରି ଅପସରି ଆସିଲେ । ନିଭା ଦ୍ୱାର ରୁଦ୍ଧ କରିଦେଲା । ତାର ଉଦ୍ଗାତି ମାନସ କକ୍ଷରେ ବ୍ୟାକୁଳ

ବାସନାର କ୍ଷିପ୍ର ଆଳଶି । ହାସ୍ୟ, ଲାସ୍ୟ, ଲାଳସାର ଏ କି ଶତଦଳ ପ୍ରସ୍ଫୁଟନ । ଏକ ଅଶାନ୍ତ ବକ୍ଷର ସୌନ୍ଦର୍ଯ୍ୟ ଚୂର୍ଣ୍ଣ ବିଚୂର୍ଣ୍ଣ ହୋଇ ଧୂଳିସାତ୍ ହେଉଛି । ତା ସହିତ ଭାଙ୍ଗି ପଡ଼ୁଛି ଏକ କିଶୋରୀ ଜୀବନର ସ୍ୱପ୍ନ ମହଲ ।

ନଈ—ସନ୍ତପ୍ତ ଶରାହତ ପକ୍ଷିଣୀ—ରାତ୍ରିର ବକ୍ଷରେ ଅଶାନ୍ତ ଝଡ଼ର ସୂଚନା ।

=ନଅ=

ମହାନଗରୀ । ରଙ୍ଗୀନ ରାଜପଥରେ ଅଦମ୍ୟ କର୍ମର ସ୍ରୋତ—ଧାବମାନ ମନୁଷ୍ୟଙ୍କୁ ଲକ୍ଷ୍ୟକଲେ ଆଳସ୍ୟ କଥାଟା ମନରୁ ସ୍ୱତଃ ଭୁଲି ହୋଇଯାଏ । ବିଜୁଳିବତୀର ତୀବ୍ର ଆଲୋକ—ରିକ୍ସା, ମଟରଗାଡ଼ିର ଅହରହ ଗତିବିଧିର ଶବ୍ଦ—ବାଉଁଶ ତିଆରି ବଂଶୀବିକାଳିର ଚମତ୍କାର ବଂଶୀବାଦନ—ଉତ୍ସୁକ ଜନତାର ଅର୍ଦ୍ଧନଗ୍ନ ଦେହରେ ଅନାଚାରର ଜୀବନ୍ତ ନୃତ୍ୟ—ରେଡ଼ିଓରେ ସୁପ୍ରୀତି ପଟ୍ଟନାୟକ ଓ ସଂଯୁକ୍ତା ଦାସଙ୍କର ନବବର୍ଷ ସଙ୍ଗୀତ—ପାଖ ପାଖରେ ଧର୍ମଘଟକାରୀ ମାନଙ୍କର ସଭା—ଅଗ୍ନିବର୍ଷୀ ବକ୍ତୃତା—କଲେଜ ଛାତ୍ରୀମାନଙ୍କର ଅପରୂପ ସଜପାଠି—ରାଜପଥରେ ଏପରି ଦୃଶ୍ୟ ଦେଖି ନଈ କ୍ଷଣକାଳ ପାଇଁ ଚକ୍ଷୁ ବନ୍ଦ କରିଦେଲା ।

ମାତ୍ର କେତୋଟି ଦିନର ବ୍ୟବଧାନ କଟକ ନଗରୀର ଏହି ରାଜପଥରେ ବହୁ ଘଡ଼ି ସେ ବିତାଇ ଦେଇଛି । ଆଜି କିନ୍ତୁ ସବୁ ନୂତନ ଭଳି ପ୍ରତୀୟମାନ ହେଉଛି । କଲେଜର ନାଲିକୋଠା ଦେଖି ହୃତ୍କମ୍ପ ହେଉଛି ତା'ର । ରାଜପଥର ଏହି ସରଳ, ସମତଳ, ପ୍ରଶସ୍ତ ବାଟ ଭଳି ଥିଲା ତା' ବାଟ—ଆଜି କିନ୍ତୁ କଙ୍କରମୟ ଅନ୍ଧକାରାଚ୍ଛନ୍ନ ବନପଥ ଭଳି ହୃଦୟ ତା'ର ସଙ୍କୁଚିତ ହୋଇ ଯାଇଛି ।

ପିତାଳୟକୁ ସେ ଫେରିଆସିଛି ଗତକାଲି । ପିତାମାତା ତା'ର ଶୁଷ୍କ ବଦନ ଦେଖି ପ୍ରଥମେ ଭୟଚକିତ ହୋଇ ପଡ଼ିଥିଲେ । ମାତା ଅତ୍ୟଧିକ ସ୍ନେହରେ କନ୍ୟାର ଶିରଶ୍ଚୁମ୍ବନ କରି ପଚାରିଥିଲେ—'ମା ନଈ, ତୋର ଶରୀର ଭଲ ନାହିଁ କି ? ଗୋଟା ଦେହ କଳାକାଠ ହୋଇଯାଇଛି କାହିଁକି ?'

ନଭ ଆତ୍ମବିସର୍ଜୀ ଦୃଷ୍ଟିରେ ଜନତାଙ୍କୁ ଚାହିଁ ଦ୍ୱିତୀୟା ଚନ୍ଦ୍ର, ସଦୃଶ ସାମାନ୍ୟ ହସି କହିଥିଲା—'ଭଲ ଅଛି । ଆଜି ପଥକ୍ଳାନ୍ତ ଯୋଗୁ ମୁଁ ଖୁବ୍ ଅବସନ୍ନ...'

ରାଜପଥର କର୍ମମୟ ଜୀବନକୁ ଦେଖି ସେ ଅଶାନ୍ତ ବୋଧ କରୁଥିଲା କେତେଗୋଟି ବର୍ଷ ମଫସଲର ଅନ୍ତଃପୁରରେ ରହି ସେ ଆସିଛି—ସେଠାକାର କର୍ମବିହୀନ ଜୀବନ ତାକୁ ଦେଇଛି ଆଳସ୍ୟ ଉପହାର । ଆକାଶକୁ ଚାହିଁଲା ସେ—ତାରାଗୁଚ୍ଛ ସସ୍ନେହ ଦୃଷ୍ଟିପାତ କରି କେଉଁ ଅବ୍ୟକ୍ତ ବାର୍ତ୍ତା ଦେଇ ଯାଉଛନ୍ତି, ସେ ବୁଝି ପାରିଲା ନାହିଁ ।

ବାହାରେ ସବୁ ତ ସୁନ୍ଦର । ଏହି ସୌନ୍ଦର୍ଯ୍ୟଠୁ ଦୂରରେ ବନ୍ଦୀ ରହି ତାର ନିଃଶ୍ୱାସ ଯେମିତି ରୁଦ୍ଧ ହୋଇ ଯାଇଥିଲା । ଆଜି ସେ ମୁକ୍ତ ବିହଙ୍ଗୀ— କେତେଗୋଟି ସ୍ୱାସ୍ଥ୍ୟକର ଦିନ ଏଠି କଟେଇବ ସେ ।

କୁନ୍ତଳା କଥା ଦଂଶନ କରୁଥିଲା ତା' ମନକୁ । ସେ କେମିତି ଅଛି ? ଆଉ ଅଶୋକ ? କବି-କଳ୍ପନା ବିଳାସୀ ?

ଖଣ୍ଡିଏ ରିକ୍ସା ଭଡ଼ାକରି ସେ କୁନ୍ତଳା ଗୃହାଭିମୁଖେ ଚାଲିଲା । ସହର ପରିକ୍ରମା ଓ ବନ୍ଧୁ ଦର୍ଶନ ଏକସଙ୍ଗେ ହେବ ।

ସାମନାରେ ସେହି ବିଖ୍ୟାତ ଗଳି—ଅତି ବିକଟ ଚେହେରା ନେଇ ପ୍ରସରି ଯାଇଛି ଆଗକୁ । ନଗରର ଏହି ଅଂଶରେ ଯେମିତି ସମସ୍ତ ଅନ୍ଧକାର ପୁଞ୍ଜିଭୂତ ହୋଇ ରହିଛି । ସେ ଯାଇ ଅଶୋକ ବାବୁଙ୍କ ବାସଗୃହର ସାମନା ଦୁଆରେ ଆଘାତ କଲା ।

ଆଲୁଳାୟିତ କେଶା ଏକ ମହିଳା ଦ୍ୱାର ଉନ୍ମୁକ୍ତ କରିଦେଇ ପ୍ରଶ୍ନକଲା— 'କାହାକୁ ଚାହାନ୍ତି ଆପଣ ?'

ଅନ୍ଧକାରର କଳାପର୍ଦ୍ଦା ତଳେ କେହି କାହାର ମୁଖ ଦେଖି ପାରୁ ନ ଥିଲେ କଣ୍ଠସ୍ୱରରୁ ମହିଳା ଜଣକ କୁନ୍ତଳା ବୋଲି ନଭ ଜାଣି ପାରିଲା ।

'ତୁମରି ପାଖରେ କାମ ଅଛି, ଚାଲ ଭିତରକୁ ଚାଲ ।'

ଦୁଇଜଣଯାକ ଭିତରେ ପ୍ରବେଶ କଲେ । ଚତୁର୍ଦ୍ଦିଗ ବିଜୁଳି ଆଲୋକରେ ଉଦ୍ଭାସିତ । କୁନ୍ତଳାର ବିଷଣ୍ଣ ମୁଖ ଦେଖି ନଭର ଦୁଃଖ ହେଲା । ସେ

କହିଲା—'କୁନ୍ତଳା, ତୁମେ ମନେ ହେଉଛ ଯେମିତି ଦଶବର୍ଷ ବଢ଼ିଗଲ
ସାରିଲଣି ଯା' ଭିତରେ।'
'ନୂଆବୋଉ, ସବୁକଥା ତମକୁ ପତ୍ରରେ ଲେଖିଥିଲି । ତୁମର ଆଦରର
କୁନ୍ତଳା ମରି ଯାଇଛି। ଯାହାକୁ ଦେଖୁଛ, ସେ ତାର ପ୍ରେତାତ୍ମା।' ଅବଶ
ହୋଇ ଆସିଲା ତାର ଚକ୍ଷୁ ଯୁଗଳ। ହଠାତ୍ ନିଜକୁ ଦେଖି ଆଶ୍ଚର୍ଯ୍ୟ
ହେଉଥିଲା ସେ। ପଚାରିଲା—'ନୂଆବୋଉ, କେବେ ଆସିଲ ବାପଘରକୁ ?
କାହିଁ ଆଗରୁ ତ କିଛି ଲେଖି ନ ଥିଲ ? ଭାଇ କିପରି ଅଛନ୍ତି ?'
'ଭଲ ଅଛନ୍ତି । ଆସିବାର ମୋର ନ ଥିଲା । ତୁମେ ତ ଜାଣିଛ ମଙ୍ଗରାଜ
ବଂଶର ବଧୂ ହୋଇ ଗଲେ ସଂସାର ସହିତ ସମ୍ପର୍କ ତୁଟାଇ ଦେବାକୁ ହୁଏ ।
ପିତାଳୟକୁ ଆସିବା ଅସମ୍ଭବ ବ୍ୟାପାର ହୋଇପଡ଼େ ମାତ୍ର ହଠାତ୍ ଏକ
ଘଟଣା ଭିତରେ ମତେ ଆସିବାକୁ ପଡ଼ିଲା।'
ଅଶୋକଙ୍କ ଶୟନ କକ୍ଷରେ ଉପବେଶନ କରି ନିଜେ ପଚାରିଲା—'ଅଶୋକବାବୁ
କାହାନ୍ତି କୁନ୍ତଳା ? ତାଙ୍କ ଖବର କଣ ?'
'ସେ ବାହାରକୁ ଯାଇଛନ୍ତି। ରାମଚନ୍ଦ୍ର ଭବନରେ କଣ ସାହିତ୍ୟ ସଭା ଅଛି।
ସେ ସେଠି ବକ୍ତୃତା ଦେବେ।'
ଅଶୋକଙ୍କ ଶୟନକକ୍ଷ ବେଶ ମନୋରମ। ପାଖକୁ ଲାଗି ତାଙ୍କ ପୁସ୍ତକାଗାର
ବହୁ ଦେଶୀ ଓ ବିଦେଶୀ ବହିରେ ଆଲମିରା ସବୁ ସୁସଜ୍ଜିତ ହୋଇ ରହିଛି।
କେତେକ ମହାମନୀଷିଙ୍କର ଫଟୋଗ୍ରାଫ୍ ଝୁଲୁଛି କାନ୍ଥରେ। ଗୋଟିଏ ସ୍ଥାନରେ
ଅଶୋକ ଓ ଆଉ ଏକ କିଶୋରୀର ଫଟୋ ଦେଖି ନିଜେ ପଚାରିଲା—'ଏ
ଝିଅଟି କିଏ କି କୁନ୍ତଳା ?'
ସଙ୍ଗେ ସଙ୍ଗେ କୁନ୍ତଳାର ମୁଖମଣ୍ଡଳ ବିବର୍ଣ୍ଣ ହୋଇ ଉଠିଲା । ନୂଆବୋଉର
ଏ ପ୍ରଶ୍ନର ଉତ୍ତର ଦେବାକୁ ସେ ଯେମିତି ଭାଷା ପାଉ ନ ଥିଲା। ତାର ମନ-
କଥା ହୃଦୟଙ୍ଗମ କରି ନିଜେ କହିଲା—'ଜାଣିଛି, ତେବେ ଯାଙ୍କର ନାଁ
କଣ ? ସେ ଏଠାକୁ କେବେ ଆସିଛନ୍ତି ?'
ସେ କହିଲା—'ହଁ ନୂଆବୋଉ, ତେରଥର ସେ ଏଠିକି ଆସିଛି। ତା' ନା
ହେଉଛି ପ୍ରୀତିଲେଖା—ସେ ଜଣେ ଲେଖିକା—ଅଶୋକ ବାବୁଙ୍କର ଘନିଷ୍ଠ
ବନ୍ଧୁ।'

'ଦୁନିଆ ରଙ୍ଗମଞ୍ଚରେ ଘନିଷ୍ଠତାର ମୂଲ୍ୟ କଣ କୁନ୍ତଳା ? ମଧୁଚନ୍ଦ୍ରିମା ସ୍ଫୂର୍ତ୍ତିବନ୍ତ ଯୁବକ ଅଶୋକଙ୍କର କେତେ ଘନିଷ୍ଠ ତୁମେ ନ ଥିଲ ? ତୁମ ଭାଇଙ୍କ ସହିତ ମୋର କେତେ ଘନିଷ୍ଠତା ନ ଥିଲା ? ପ୍ରୀତିଲେଖା ସହିତ ଆଜି ଯେଉଁ ଘନିଷ୍ଠତା ରହିଛି, ତାହା ହୁଏତ କାଲିକି ବିଷାକ୍ତ ସମ୍ପର୍କରେ ପରିଣତ ହେବ । ପରିବର୍ତ୍ତନଶୀଳ ଜଗତରେ ସବୁ ପଦାର୍ଥର ପରିବର୍ତ୍ତନ ହେଉଛି । ମଣିଷର ମନ ତ ଲବଣୀ ଭଳି କୋମଳ—ଅହରହ ପକ୍ଷ ପରିବର୍ତ୍ତନ କରେ...'

'କିନ୍ତୁ ଅଶୋକ ବାବୁଙ୍କ ଭଳି ଚରିତ୍ରହୀନ ଲୋକ ତମେ ଦେଖି ନ ଥିବ । ସ୍ତ୍ରୀ ଦର୍ଶନ ମାତ୍ରେ ସେ ଦୁର୍ବଳ ହୋଇ ପଡ଼ନ୍ତି । ଅତି ମାତ୍ରାରେ କାମୁକ ।'
'ହୁଁ...' ହସିଲା ନିଭା—'କବି ମାନେଇ ତ ଦୁର୍ବଳ—କବିତ୍ୱର ଏହା ଏକ ଅପରିହାର୍ଯ୍ୟ ଅଙ୍ଗ ।'
'ତୁମେ ଏ କଥା ଜାଣି ମତେ ନିଆଁ ଭିତରକୁ ଠେଲି ଦେଲ କାହିଁକି ନୂଆବୋଉ ? ବିବାହ ନ କରି ମୁଁ ଖୁବ ଭଲ ଥିଲି । ତୁମ ସ୍ନେହ, ଭାଇଙ୍କ ସ୍ନେହ ମୋ ପାଖରେ ଥିଲା ଅତ୍ୟନ୍ତ ମୂଲ୍ୟବାନ । ସେଥିରୁ ବଞ୍ଚିତ କରି ଏ ଯେଉଁ ଯନ୍ତ୍ରଣାମୟ ଜୀବନ ମତେ ତୁମେ ଉପହାର ଦେଲ ତା' ମୋ ପାଖରେ ଅସହ୍ୟ । ମୁଁ ଭାବି ପାରୁନାହିଁ ଦୀର୍ଘ ଜୀବନ କିପରି ବିତେଇବି ।'

'କୁନ୍ତଳା, ଅଶୋକବାବୁ ମଦ୍ୟପାନ କରନ୍ତି ?'
'ନା, ସେତିକି ରକ୍ଷା...'

'ଅନୁମାନ କର ମୋ ଅବସ୍ଥା—ତୁମ ଭାଇ ନଭେମ୍ବରରେ ଆସନ୍ତି ନାହିଁ ଜୀବନ ଯେମିତି ଦଗ୍ଧ ହେବାପାଇଁ ଉଦ୍ଦିଷ୍ଟ । ପୁରୁଷର ଖେଳନା-ସାମଗ୍ରୀ ।'
ଅତ୍ୟଧିକ ଗୁରୁବ୍ୟଥାରେ କୁନ୍ତଳା କାନ୍ଦୁ... କରି ହୋଇ ନିଭାଙ୍କ ସାନ୍ନିଧ୍ୟ ଲଭି ପ୍ରାବୃଟ-ତଟିନୀ ଭଳି ହୃଦୟର ... ପଡ଼ୁଛି ।

ନିଭା ସମଦୁଃଖିନୀ । କିନ୍ତୁ ଦୁଃଖ ଭାର ସହ୍ୟ କରିବାରେ ସେ ଅଭ୍ୟସ୍ତ ହୋଇଗଲାଣି । ତେଣୁ ... ଦମ୍ଭ ଅଛି—ସେ କୁନ୍ତଳାକୁ ସାନ୍ତ୍ୱନା ଦେଉଛି ।
ପ୍ରୀତିଲେଖା—ଆଧୁନିକ ଓଡ଼ିଶାର ଜଣେ ପ୍ରଗତିଶୀଳା ଲେଖିକା । ... ମାସିକ ପତ୍ର ପୃଷ୍ଠାରେ ତାର ରଚନା ଶୋଭାପାଏ । ଜୀବନରେ ...

ଗ୍ରୀଷ୍ମ-ବସନ୍ତ କଟି ଯାଇଥିଲେ ମଧ୍ୟ ଆଜିସୁଦ୍ଧା ସେ କୁମାରୀ ରହି ଯାଇଛି ।
ହୁଏତ ବିବାହ କରି ସୁହକନ୍ୟା ମେଳରେ ଫସାକୁ ଡାକିବା ଅଭିପ୍ରାୟ ଆଉ
ତାର ନାହିଁ । ଏହି ଜଗତରେ ନରଗୀସ୍‌ଙ୍କ ସହର୍ଭ ଭିନ୍ନ ଅଂଶରେ ତା'ର
ସାମଞ୍ଜସ୍ୟ ରହିଛି ।

ସାତବର୍ଷ ତଳେ ମହିଳା କଲେଜରୁ ବି. ଏ. ଡିଗ୍ରୀ-ପାଇବା ପରେ ବହୁ
ବିବାହ ପ୍ରସ୍ତାବ ଆସିଥିଲା । ମନ ସ୍ୱପ୍ନ ବିହଙ୍ଗୀ ପ୍ରୀତିଲେଖା ସମସ୍ତ ପ୍ରସ୍ତାବକୁ
ପ୍ରତ୍ୟାଖ୍ୟାନ କରି ଦେଇଥିଲା । କାରଣ ସେତେବେଳେ ସେ ଆଉ ଏକ
ଯୁବକ-କବି ନିର୍ମଳ ଚନ୍ଦ୍ରଙ୍କ ପ୍ରେମପାଶରେ ଆବଦ୍ଧ ଥିଲା । ପରସ୍ପର ପରସ୍ପରକୁ
ଯେ ଜୀବନ ସାଥୀ ରୂପରେ ବରଣ କରିନେବେ ଏ ବିଶ୍ୱାସ ଉଭୟଙ୍କର
ଥିଲା । ମାତ୍ର ନିର୍ମଳଚନ୍ଦ୍ର ଇତିହାସରେ ଏମ୍. ଏ. ପାସ୍‌କରି ଉଚ୍ଚଶିକ୍ଷା ପାଇଁ ବିଲାତ
ଯାତ୍ରା କଲେ; ସେଠାରୁ ପ୍ରତ୍ୟାବର୍ତ୍ତନ କଲେ ବିବାହ ଅନୁଷ୍ଠିତ ହେବ ।
କୁମାରୀ ପ୍ରୀତିଲେଖା ତାଙ୍କର ଅପେକ୍ଷାରେ ରହିଲା ।

କିନ୍ତୁ ବିଧିର ବିଧାନ ଅନ୍ୟ ପ୍ରକାର । ନିର୍ମଳଚନ୍ଦ୍ର ଇତିହାସରେ ଡକ୍ଟରେଟ
ପାଇ ବିଲାତ-ବାସିନୀ ଶ୍ୱେତକାନ୍ତା ମାର୍ଗାରେଟଙ୍କୁ ଜନନମାଲ୍ୟ ଦେଇ
ଜୀବନ-ସଙ୍ଗିନୀ ରୂପରେ ବରଣ କରି ଆଣିଥିଲେ । ପ୍ରୀତି ଲକ୍ଷ ଆଉ
ବିବାହ ନ କରି ଅବିବାହିତ ରହି ଯାଇଛି । ତା'ପରେ ତା'ର ଘନିଷ୍ଠତା
ବଢି ଉଠିଛି ଯଶସ୍ୱୀ କବି ଅଶୋକଙ୍କ ସହିତ ।

ଅଶୋକ କହନ୍ତି—ପ୍ରୀତିଲେଖା ତାଙ୍କର କବିତା-କାନନ-କାମନାନ୍ତୁ ।

ପରକୀୟା ପ୍ରେମ ସପକ୍ଷରେ ସେ ବହୁ ଯୁକ୍ତି ବାଢ଼ନ୍ତି । ଏହା ଏକ ମାରାତ୍ମକ
ଅପରାଧ ନୁହେଁ । ତା'ର ପ୍ରତିବଦଳରେ ସେ ଯଦି ବିପୁଳ ଯଶ ଅର୍ଜନ
କରନ୍ତି, ପ୍ରଥମ ଶ୍ରେଣୀର ସାହିତ୍ୟ ସୃଷ୍ଟି କରନ୍ତି, ତେବେ କ୍ଷତି ତୁଳନାରେ
ଲାଭର ମାତ୍ରା ବେଶୀ ହେଲା । ଏ ପ୍ରକାର ପ୍ରେମ ଆଜିକାଲି ଦୈନନ୍ଦିନ
ଦେଖାଯାଉ । ପାଶ୍ଚାତ୍ୟ ଦେଶମାନଙ୍କରେ ଏହା ଏକ ନିତ୍ୟ ନୈମିତ୍ତିକ ଘଟଣା ।
ପ୍ରଗତିଶୀଳ ମାନବ ଆଜି ଉଦାର ହେବାକୁ ଶିଖିଛି—କୁସଂସ୍କାରାଚ୍ଛନ୍ନ ଅନ୍ଧ
ଯୁଗର ନୀତିମୂଳକ-ପ୍ରାଚୀର ଡେଇଁ ସେ ଅଜି ଆବିଷ୍କାର କରିଛି ଏକ ନୂତନ
ଜୀବନ ଦେଶ ।

କୁନ୍ତଳା ଅବଶ୍ୟ ଅଶୋକଙ୍କର ଏ ପ୍ରକାର ଦର୍ଶନ ଓ ଯୁକ୍ତି ହୃଦୟଙ୍ଗମ କରି ପାରେ ନାହିଁ । ସେ ଚାଲିଯାଏ ଅବଶ୍ରାନ୍ତ ସ୍ରୋତକ ।

ଦେଓ୍ୱାଲ ଘଣ୍ଟାରେ ଠଂ ଠଂ କରି ଛଅଟା ବାଜିଲା । ନଭ ବ୍ୟସ୍ତହୋଇ ପଡ଼ିଲା ଯିବାପାଇଁ । 'ରୁହ ନୂଆବୋଉ, ତାଙ୍କର ଫେରି ଆସିବାର ବେଳ ହୋଇଗଲାଣି ।'—କୁନ୍ତଳା କହିଲା ।

ବସିଲା ପୁଣି ନଭ । ଅଧଘଣ୍ଟାଏ ପରେ ଅଶୋକ ଫେରି ଆସିଲେ । ସମ୍ମୁଖରେ ନଭକୁ ଦେଖି ବିସ୍ମିତ ହେଲେ ।

'ଅଶେ କବବ୍, ମୁଁ ଆଜି ଗର୍ବିରେ ଅତିଥି ।...' ହସିଲା ନଭ ।

'ମୋର ଏହା ପରମ ସୌଭାଗ୍ୟ ନଭବଦନ । ଆପଣଙ୍କ ଭଳି ଅତିଥି ଅତି ଭାଗ୍ୟରେ ମିଳେ ।' ପୋଷାକପତ୍ର ବାହାର କରି ସୋଫା ଉପରେ ବସି- ସେ ପୁଣି କହିଲେ—'କେମିତି ଆଜି ଆମ ଦୁଆରେ ପାଦ ପଡ଼ିଲା ? ଆଉ, ଘରେ ସବୁ ମଙ୍ଗଳ ?'

'ଆପାତତଃ ସବୁ ମଙ୍ଗଳ । କିନ୍ତୁ ଆପଣଙ୍କ ଖବର କହନ୍ତୁ ତ । କୁଆଡ଼ୁ ବୁଲି-ବୁଲି ଆସିଲେ ?'

'ରାମଚନ୍ଦ୍ର ଭବନରେ ଆଧୁନିକ ସାହିତ୍ୟ ଉପରେ ଏକ ଆଲୋଚନା ସଭା ଥିଲା । ମୁଁ ଥିଲି ପ୍ରଧାନ ବକ୍ତା ।'

'ସଭାପତି ?'.

'ସଭାପତି ଥିଲେ କୁମାରୀ ପ୍ରୀତିଲେଖା ପଟ୍ଟନାୟକ । ତାଙ୍କ ଲେଖା ଆପଣ ବହୁ ପତ୍ର ପତ୍ରିକାରୁ ପଢ଼ିଥିବେ । ତାଙ୍କ ଭଳି ନାରୀ ଲେଖିକା ଓଡ଼ିଶାରେ ବିରଳ ।'

ନୀରବ ରହିଲେ ସେ । ସମ୍ମୁଖରେ କୁନ୍ତଳା ଦଣ୍ଡାୟମାନ ରହି ଅନ୍ୟ ଏକ ମହିଳାର ପ୍ରଶଂସାରେ ମ୍ରିୟମାଣ ହୋଇ ପଡ଼ୁଥିଲା ।

ନଭ କହିଲା—'ମୁଁ ପଢ଼ିଛି ତାଙ୍କ ଲେଖା । ନାରୀସ୍ତେ ପାଦପେ ଦେଖେ ଏରଣ୍ଡୋ'ପି ଦ୍ରୁମାୟତେ ।'

'ନା, ନା, ଆପଣଙ୍କର ଏ ପ୍ରକାର ମନ୍ତବ୍ୟ ସତ୍ୟ ନୁହେଁ । ବାସ୍ତବିକ ସେ ଯଶସ୍ୱିନୀ-ସୁଲେଖିକା ।'

'ଆପଣଙ୍କୁ ତାଙ୍କ ଲେଖା ଭଲ ଲାଗିପାରେ କିନ୍ତୁ ଆପଣଙ୍କର ମନନେଇ ସମସ୍ତେ ତ କବିତା ପଢ଼ନ୍ତି ନାହିଁ । ଯେଉଁ ଦେଶରେ ଆଜିସୁଦ୍ଧା ନାରୀ

ସ୍ୱରୂପର ବିଳାସ ସାମଗ୍ରୀ ବୋଲି ବିବେଚିତ ହୁଏ, ସେ ଦେଶରେ ମୋର ମନ୍ତବ୍ୟ ନାହିଁ । ଅନେକତ ଭାଗ ନାରୀ ଆଜି ଅନ୍ତଃପୁରର ଅନ୍ଧକାରରେ ଅସଂଖ୍ୟ ନିର୍ଯାତନା ଭୋଗ କରୁଛନ୍ତି, ଯେଉଁ ଏକଭାଗ ଲୋକଲୋଚନକୁ ଆସିଛନ୍ତି ସେହିମାନଙ୍କୁ ମହାଦ୍ରୁମ ବୋଲି ବିବେଚନା କରା ଯାଉଛି । କିନ୍ତୁ ଲୋକଲୋଚନ ଅନ୍ତରାଳରେ ଯେଉଁସବୁ ଅମୂଲ୍ୟରତ୍ନ ପ୍ରଚ୍ଛନ୍ନ ରହିଛି ସେମାନଙ୍କ କଥା ଆପଣ କେବେ ବିଚାରକୁ ଆଣନ୍ତି କି ?'

ଅଶୋକ ପ୍ରତ୍ୟୁତ୍ତର ନ ଦେଇ ବସି ରହିଲେ । ନିଭା ପୁଣି କହିଲା—'ହେଉ ଅଶୋକବାବୁ, ରାତି ଅଧିକ ହେଲାଣି, ମୁଁ ଏବେ ଯାଏ ।'

'ନା ନା, ମୁଁ କ'ଣ ହୋଇପାରେ ନିଭାଦେବି ? ଆପଣ ଏମିତି ଚାଲିଯିବେ ?'

ତା'ପରେ କୁନ୍ତଳା ନିର୍ଦ୍ଦେଶ କରି ସେ କହିଲେ—'ଯାଅ, ତମ ନୂଆବୋଉଙ୍କ ପାଇଁ ଆଉ ମୋ ପାଇଁ ଖାଇବାକୁ ଯୋଗାଡ଼ କର ।'

ପ୍ରତିବାଦ କଲା ନିଭା—'ନା କୁନ୍ତଳା, ଘରେ ବାପା ମା ଚାହିଁ ବସିଥିବେ । ମୁଁ ଖାଇବି ନାହିଁ ଏଠି ?'

କୁନ୍ତଳା କହିଲା—'ନା ନୂଆବୋଉ, ତମେ ନ ଖାଇ ଚାଲିଯିବ କେମିତି ? ତମକୁ ଆମେ ଛାଡ଼ିବୁ ନାହିଁ ।'

'ଆଉ ଡେରି କରନାହିଁ । ଯାଅ କୁନ୍ତଳା, ଖାଇବା ପ୍ରସ୍ତୁତ କର ।' କହିଲେ ଅଶୋକ ।

କୁନ୍ତଳା ଚାଲିଗଲା ଅପର କକ୍ଷକୁ । ନିଭା ବସି ରହିଲା ବସିଥିବା ସ୍ଥାନରେ । ବିସ୍ଫାରିତ ନେତ୍ରରେ ସେ ଅଶୋକଙ୍କ ମୁଖକୁ ଚାହିଁ ବିଶ୍ଳେଷଣ କରୁଥିଲା ତାଙ୍କୁ । ମାର୍ଜିତ କଥାଭାଷା, କିନ୍ତୁ ଚକ୍ଷୁର ଭାଷାରେ ପରିପୂର୍ଣ୍ଣ ଦୁଷ୍ଟାମୀ ।

ସେ କହିଲା—'ଅଶୋକବାବୁ, କୁନ୍ତଳାର ସ୍ୱାସ୍ଥ୍ୟପ୍ରତି ଟିକିଏ ଦୃଷ୍ଟି ଦିଅନ୍ତୁ ।' ସଙ୍ଗେ ସଙ୍ଗେ ଅଶୋକ କହିଲେ—'ତା' ମୁଁ ଦେବି । କିନ୍ତୁ ଆପଣତ ଆପଣଙ୍କ ସ୍ୱାସ୍ଥ୍ୟପ୍ରତି ଦୃଷ୍ଟି ଦେଉଥିବା ଭଳି ମନେ ହେଉ ନାହିଁ ।'

'କାହିଁକି, କଣ କିଛି ପରିବର୍ତ୍ତନ ଲକ୍ଷ୍ୟ କରୁଛନ୍ତି ?'

'ବହୁତ କଷ୍ଟ ଲକ୍ଷ୍ୟ କରୁଛି ନିଭାଦେବୀ—ଆପଣଙ୍କ ସୁନାଦେହ କଳା ହୋଇ ଯାଇଛି ।'

'ହୁଏତ ଏହା ଆପଣଙ୍କର ଚକ୍ଷୁର ଦୋଷ ।'

'ନା-ନା,'—ଉଠି ପଡ଼ିଲେ ଅଶୋକ । ନିଭାର ସନ୍ନିକଟକୁ ଯାଇ ତା'ର ଦକ୍ଷିଣ ହସ୍ତକୁ ନିଜ ହସ୍ତରେ ଧରି କହିଲେ—'କଣ ହୋଇ ଯାଇଛି ଆପଣଙ୍କ ସ୍ୱାସ୍ଥ୍ୟ ? ଏଇ ହାତର ମାଂସ ସବୁ ଗଲା କୁଆଡ଼େ···?' ନିଭା ସଙ୍କୋଚରେ ନିଜର ହସ୍ତ ସଙ୍କୁଚିତ କରିନେଲା ।

ରାତ୍ରି ଭୋଜନ ପରେ ଖଣ୍ଡିଏ ରିକ୍ସା ଡାକି ନିଭାର ଶିବାଳୟରେ ତାକୁ ଛାଡ଼ି ଦେବା ପାଇଁ ଅଶୋକ ବାହାରି ପଡ଼ିଲେ । ଅନ୍ଧକାର ଗଳିର ସୀମାରେଖ ଡେଇଁ ରାଜପଥରେ ଗଡ଼ି ଚାଲିଛି ରିକ୍ସା । ପାଖ ପାଖ ଲାଗି ବସିଛନ୍ତି ନିଭା ଏବଂ ଅଶୋକ । ଅଶୋକଙ୍କ ମାନସ-ସରୋବରରେ ବିକଶିତ ହେଉଛି ଅସଂଖ୍ୟ ରକ୍ତ କୋକନଦ । ନୀରବତା ଭଙ୍ଗକରି ସେ କହିଲେ—'ନିଭାଦେବି, ଆପଣଙ୍କୁ ଦେଖି ମନେହୁଏ ଯେମିତି କେଉଁ ଏକ ଗୁରୁ ବେଦନାରେ ହୃଦୟ ଆପଣଙ୍କର ଜର୍ଜରିତ ।'

ଶୁଷ୍କ ହାସ୍ୟ ଖେଳାଇ ସେ ଉତ୍ତର ଦେଲା—'ବେଦନା କାହାକୁ ଛାଡ଼ି ଯାଇଛି ? ଏଥିରେ ନୂତନତ୍ୱ କିଛି ନାହିଁ ।'

'ଅଛି ଅଛି, ନୂତନତ୍ୱ ନିଶ୍ଚୟ ଅଛି । ରାଜ ପ୍ରାସାଦର ଅନ୍ତରାଳରେ ରହି ଦୁଃଖିନୀ ହେବାରେ ନୂତନତ୍ୱ ନାହିଁ ବୋଲି ଆପଣ କହୁଛନ୍ତି ?'

'ଅଶୋକ ବାବୁ, ରାଜ ପ୍ରାସାଦ କଣ ସବୁଦୁଃଖ ହାରକ ? ରାଜପ୍ରାସାଦ ବୋଲି ରୋଗ ଯନ୍ତ୍ରଣା ବ୍ୟାଧିର କଣ ସେଠାରେ ପ୍ରବେଶ ନିଷେଧ ?'

'କିନ୍ତୁ ରାଜପ୍ରାସାଦର ପ୍ରତି ରେଣୁରେ ମଧ୍ୟ ଲାଗି ରହିଥାଏ ପ୍ରାଚୁର୍ଯ୍ୟ ଆଉ ଭୋଗ ବିଳାସର ଛଟା । ବିଳାସ ଆଉ ଯନ୍ତ୍ରଣା ଏକ ସଙ୍ଗରେ ରହି ପାରେନା ।'

'ପାରେ । ଦୁଃଖକୁ ବଳପୂର୍ବକ ତଡ଼ିଦେବା ପାଇଁ ବୋଧହୁଏ ମନୁଷ୍ୟ ଭୋଗ-ବିଳାସର ଆଶ୍ରୟ ଖୋଜେ ।'

'କିନ୍ତୁ ପ୍ରତ୍ନତାତ୍ତ୍ୱିକଙ୍କ ଦୃଷ୍ଟି କୋଣରେ ମୁଁ ଦେଖିଛି, ପରୀକ୍ଷା କରିଛି ପ୍ରାସାଦର ପ୍ରତ୍ୟେକ ପଥର ଖଣ୍ଡକୁ—ସେଠାରେ ଜୀବନ୍ତ କଳାର ଅମର । ମହଲର କାରୁକାର୍ଯ୍ୟ, ବିରାଟକାୟ ସ୍ତମ୍ଭସମୂହ ଦେଖି କେହି କଣ ବିଶ୍ୱାସ କରିବ ଯେ ତା' ଭିତରେ ପ୍ରଚ୍ଛନ୍ନ ରହିବ କେତେ ଗଭୀର ହୃଦୟର ଦୀର୍ଘଶ୍ୱାସ ?'

'ଅଶୋକବାବୁ, ସ୍ୱର୍ଣ୍ଣ ନ ହୋଇ ମଧ୍ୟ ସ୍ୱର୍ଣ୍ଣ ରଙ୍ଗର ଧାତୁ ଅନେକ ସମୟରେ ସ୍ୱର୍ଣ୍ଣଭଳି ପ୍ରତୀୟମାନ ହୁଏ ।'

କରୁଣାନ୍ତକ ଦୀର୍ଘଶ୍ୱାସରେ ଭରି ଉଠୁଥିଲା ନନ୍ଦାର ଅନ୍ତର । ପ୍ରାସାଦର ଦୁଗ୍ଧ-ଫେନନିଭ ଶଯ୍ୟାରୁ ସେ ଆଜି ପିତ୍ରାଳୟକୁ ପଳାଇ ଆସିଛି କାହିଁକି ? କାହିଁକି ? ରିକ୍ସା ଆସି ରାଣୀହାଟ ଛକରେ ପହଞ୍ଚିଛି । ସମ୍ମୁଖରୁ ପବନ-ବେଗରେ ଧାଇଁ ଆସୁଛି ଏକ ବିରାଟକାୟ ମାଲବାହୀ ଟ୍ରକ୍—ଇସ୍, ତାର ଆଖି ଝଲସା ଆଲୋକ । ସାଇଲେନ୍ସର ବିହୀନ ଟ୍ରକଟି ଅସମ୍ଭବ ଗର୍ଜନ କରି ରାତ୍ରିର ନୀରବତାକୁ ଭଙ୍ଗ କରୁଛି ।

କଡ଼ାକ୍—

ଟ୍ରକ୍‌ର ସଂଘର୍ଷରେ ରିକ୍ସାଟି କିଛି ଦୂରକୁ ଛିଟିକି ପଡ଼ିଲା । ରିକ୍ସାବାଲା ସମେତ ଆରୋହୀଦ୍ୱୟ ରକ୍ତାକ୍ତ କଳେବରରେ ଚୈତନ୍ୟ ହରାଇଲେ । ଉଭୟ ଅଶୋକ, ନନ୍ଦା ଏବଂ ତେଲଙ୍ଗା ରିକ୍ସାବାଲା ଅସହାୟ ଅବସ୍ଥାରେ କଟକ ରାଜପଥକୁ ରକ୍ତ ରଞ୍ଜିତ କଲେ । ରିକ୍ସାଟି ଟ୍ରକ ଆଘାତରେ କେତେ ଖଣ୍ଡରେ ପରିଣତ ହୋଇଗଲା ।

ଆଉ ଟ୍ରକ୍ ?

ଅପରାଧୀ ମନୋବୃତ୍ତି ନେଇ ଡ୍ରାଇଭର ଟ୍ରକ ସହିତରେ ପଳାୟନ କଲା ।

• • • • • • • • • •

ନନ୍ଦାର ଚୈତନ୍ୟ ଫେରିବାବେଳକୁ ସେ ଦେଖେ ତା ଦେହର ବହୁ ସ୍ଥାନରେ ବ୍ୟାଣ୍ଡେଜ୍ ବନ୍ଧା ହୋଇଛି—ସେ ଶୟନ କରିଛି ମେଡ଼ିକାଲ କଲେଜର ଫିମେଲ ୱାର୍ଡରେ । ସ୍ମୃତିଶକ୍ତି ତାର ବିଲୀନ ପ୍ରାୟ । ମନେ ପଡ଼ୁନାହିଁ କେଉଁ

ଦୁର୍ଘଟଣାର ଶୀକାର ହୋଇ ସେ ଏଇ ଓ୍ୱାର୍ଡ଼ରେ ଆଶ୍ରୟ ଗ୍ରହଣ କରିଛି । ଖାଲି ମନେ ପଡ଼ୁଛି ଅଶୋକଙ୍କ ଘରେ ରାତ୍ରି ଭୋଜନ, ତା'ପରେ ରିକ୍‌ସାରେ ଫେରିବା । ତା' ପରେ ? ତା' ପରେ···?

ଅଶୋକ ତ ତା' ସହିତରେ ଥିଲେ । ତାଙ୍କର କଣ ଘଟିଲା ?

ଭବି ଅଶୋକ । ତାଙ୍କ ଅଙ୍ଗ ପ୍ରତ୍ୟଙ୍ଗରେ ଆଘାତ ଲାଗିଥିଲା । ଦୁର୍ଘଟଣା ଜନିତ ଶକ୍‌ରେ ତାଙ୍କର ଚୈତନ୍ୟ ଲୋପ ପାଇଥିଲା । ଜ୍ଞାନ ଫେରି ଆସିବା ପରେ ସେ ସ୍ପ୍ରିଙ୍ଗ୍‌ଦିଆ ଖଟ ଉପରେ ଶୋଇରହି ଚିନ୍ତା କରୁଥିଲେ ନିଜ କଥା—କଣହେଲା ତା'ର ?
ରାତିର ବାଟରେ ସେ ଯାହାର ବେଡ଼ରେ ଶୋଇ ପରସ୍ପରକୁ ସ୍ମରଣ କରୁଥିଲେ ।

• • • • • • • • • •

ପରଦିନ ପ୍ରଭାତରେ କୁନ୍ତଳା ଏବଂ ନଭାର ପିତାମାତା ହସ୍ପିଟାଲକୁ ଆସି ଦୁର୍ଘଟଣାର ସମସ୍ତ ବୃତ୍ତାନ୍ତ ଶୁଣିଲେ । ଅତ୍ୟନ୍ତ ରକ୍ତସ୍ରାବ ଫଳରେ ନଭାର ଦେହ ଦୁର୍ବଳ ହୋଇ ପଡ଼ିଛି—ଦକ୍ଷିଣ ପାଦରେ ଲାଗିଛି ଶକ୍ତ ଆଘାତ । ଡାକ୍ତରମାନେ ମତଦେଲେ ପୂର୍ଣ୍ଣ ଆରୋଗ୍ୟ ହେବାକୁ ପ୍ରାୟ ଦୁଇମାସ ସମୟ ଲାଗିବ । ସେହିଦିନ ମୀନକେତନଙ୍କୁ ଟେଲିଗ୍ରାମ ଦ୍ୱାରା ସମସ୍ତ ବୃତ୍ତାନ୍ତ ଜଣାଇ ଦିଆଗଲା ।

## =ଦଶ=

ଫାଲ୍‌ଗୁନର ଫଗୁଲ ମୁହୂର୍ତ୍ତରେ ସମଗ୍ର ନନ୍ଦନପୁର ରଙ୍ଗରଙ୍ଗ ଧାରଣ କରିଥିଲା । ବହୁ ପୂର୍ବକାଳରୁ ପ୍ରଚଳିତ ହୋଇ ଆସୁଥିବା ଦୋଳପର୍ବ ଉତ୍ସବ । ମହାରାଜ ବଂଶର ଜମିଦାରୀ ଥିଲାବେଳେ ଏହି ଗ୍ରାମରେ ଦୋଳଯାତ୍ରା ଏକ ସର୍ବାଙ୍ଗ ସୁନ୍ଦର ପର୍ବରୂପେ ପାଳିତ ହେଉଥିଲା ।

ପୂର୍ଣ୍ଣିମାରେ ରାଜଧାନୀରେ ମେଳଣ । ପ୍ରାସାଦର ଦକ୍ଷିଣ ପାର୍ଶ୍ୱରେ ଶ୍ରୀ ଶ୍ରୀ ରାଜରାଜେଶ୍ୱରୀଙ୍କର ମନ୍ଦିର । ସୁନାର ପ୍ରତିମା । ଦୋଳ ପୂର୍ଣ୍ଣିମାର ସାତଦିନ

ଆଗରୁ ଠାକୁର ଠାକୁରାଣୀଙ୍କୁ ନାନାବିଧ ସୁବର୍ଣ୍ଣ ଅଳଙ୍କାରରେ ବିଭୂଷିତ କରି ରଖାଯାଏ । ଜମିଦାର ଘରର ଇଷ୍ଟ, ପ୍ରିୟାପ୍ରୀତି, କୁଟୁମ୍ବ ଓ ବନ୍ଧୁବାନ୍ଧବ ଜନେ ଜନେ ସେମାନଙ୍କର ନିମନ୍ତ୍ରଣ ପଠାନ୍ତି । କମନୀୟ ବିମାନରେ ଶ୍ରୀ ଶ୍ରୀ ରାଜ ରାଜେଶ୍ୱରୀ ବିଗ୍ରହ ଶୋଭିତ ହୋଇ ନିମନ୍ତ୍ରଣ ରକ୍ଷା କରନ୍ତି । ବିମାନ ସହିତ ଛତ୍ରୀ, ପତାକା, ଆଲୋକ, ବାଦ୍ୟ, ଚାମରର ଶୋଭାଯାତ୍ରା । ସଂକୀର୍ତ୍ତନ ଦଳ ମନ୍ଦିର ପ୍ରସାଦ ଖାଇ ଝାଞ୍ଜ କରତାଳର ତାଳେ ତାଳେ ନାଚି ନାଚି ଅଧା ବଙ୍ଗଳା, ଅଧା ଓଡ଼ିଆରେ ନବଦ୍ୱୀପର କୀର୍ତ୍ତନ ଗାନ କରି କରି ବିମାନ ସହିତ ଯାତ୍ରା କରନ୍ତି ।

ଜଳବୃଷ୍ଟି ପରି ଅବିରତ ବର୍ଷା ହୁଏ—ଗୋଲାପଦାନୀରୁ ସୁଗନ୍ଧ ଅତର ଢଳାଯାଏ । ତାମ୍ବୁଲ ପାତ୍ର ହସ୍ତରେ ଧରି ସେବକ ଚାଲିଥାଏ ଆଗେ ଆଗେ । ସମଗ୍ର ଗ୍ରାମ ଜାଗ୍ରତ ଥାଇ ଦେଖୁଥାଏ ଏହି ଯାତ୍ରା । ବିମାନ ଯିବା ପଥରେ ପୁର ନାରୀମାନେ ଶଙ୍ଖ ହୁଳହୁଳି ଦେଇ ଠାକୁର ଠାକୁରାଣୀଙ୍କୁ ସ୍ୱାଗତ ଜଣାନ୍ତି ।

ସାତରାତି ଏହିପରି ଚାଲେ । ତାପରେ ପୂର୍ଣ୍ଣିମା ଦିନ ହୁଏ ରାଜମେଳଣ । ରାତି ଥାଉଁ ଶ୍ରୀ ଶ୍ରୀ ରାଜରାଜେଶ୍ୱରୀଙ୍କୁ ସର୍ବଶ୍ରେଷ୍ଠ ବେଶରେ ସଜ୍ଜିତ କରି ବିମାନରେ ବିଜେ କରାଇ ଦିଆଯାଏ । ଶଙ୍ଖ, ହୁଳହୁଳି, ବାଦ୍ୟ ଏବଂ ନାନାପ୍ରକାର ବାଣ ଶବ୍ଦରେ ଫାଟିପଡ଼େ ଆକାଶ । ମଝିରେ ରହେ ରାଜରାଜେଶ୍ୱରୀଙ୍କ ବିମାନ— ଦକ୍ଷିଣପାର୍ଶ୍ୱରେ ଅଧିକାରୀ ଘର ବିମାନ ଓ ବାମ ପାର୍ଶ୍ୱରେ ଦାଶ ଘର ବିମାନ ସକାଳ ହେଲାବେଳକୁ ଏହି ତିନୋଟି ବିମାନ ପ୍ରାସାଦରୁ ବାହାରି ଆସେ— ସାମନା ଦାଣ୍ଡରେ ଆସି ମିଳନ୍ତି ଆହୁରି କେତେ ବିମାନ । ବିମାନର ଶୋଭା-ଯାତ୍ରା, ଶତାଧିକ ବିମାନ ଏକ ସଂଗରେ ମେଳଣ ପଡ଼ିଆକୁ ଯାଆନ୍ତି ।

ମେଳଣ ପଡ଼ିଆରେ ନାନାବିଧ ଦୋକାନ ବସିଥାଏ । ମଧ୍ୟ ଦେଶରେ ଚନ୍ଦ୍ରାତପ ତଳେ ଆୟୋଜିତ ହୋଇଥାଏ ମଜ୍‌ଲିସ । ଗାଲିଚା ଉପରେ ତକିଆ ପକାଇ ଜମିଦାରଙ୍କ ଆସନ ପୂର୍ବରୁ ନିର୍ଦ୍ଦିଷ୍ଟ କରା ଯାଇଥାଏ । ଗୋଟିପୁଅ, ଯାତ୍ରା-ପିଲାଙ୍କ ନାଚ, ବାଈନାଚର ଆୟୋଜନ ହୋଇଥାଏ । ଜମିଦାର ଠିକ୍ ସମୟରେ ମଜ୍‌ଲିସ ସ୍ଥାନକୁ ଆସନ୍ତି, ତା'ପରେ ଆରମ୍ଭ ହୁଏ ଗାନ ବାଜଣା—

ସୁଅଙ୍ଗ ବହୁ ସ୍ଥାନରୁ ଉପସ୍ଥିତ ହୋଇଥିବା ଗାୟକମାନେ ଓସ୍ତାଦ ଢଂଗରେ ଓସ୍ତାଦଙ୍କ କାହ୍ୱାଲୀ ଦେଖାନ୍ତି । ତତ୍ପରେ ନାଚ, ଅଙ୍ଗଭଙ୍ଗୀ, ଚକ୍ଷୁର ଇଙ୍ଗିତ । ଜମିଦାରଙ୍କ ପାଖରେ ତାଙ୍କର ଦେହଲଗା ଲୋକେ ବସିରହି ଜମିଦାରଙ୍କ ଅନୁଭୂତ ସଙ୍ଗୀତ କଳାର ଅନୁଭୂତିକୁ ମିଳାଇ ଦେବାରେ ବ୍ୟସ୍ତ ଥାନ୍ତି । ନାଚପ୍ରତି ସେମାନଙ୍କର ବାଂଗପ ଦୃଷ୍ଟି ନ ଥାଏ—ସେମାନେ ଚାହିଁ ରହିଥାନ୍ତି ଜମିଦାରଙ୍କ ମୁହଁକୁ—ସେ ହସିଲେ ସେମାନେ ହସିବେ, ସେ ବିରକ୍ତି ପ୍ରକାଶ କଲେ ସେମାନେ ମୁହଁ ବଙ୍କା କରିବେ ।

ନାଚ ଶେଷରେ ଠାକୁରଙ୍କୁ ଭେଟି ଦିଆଯାଏ । ନାଲି ରଂଗର ଫିଚ୍‌କାରୀରେ ଆକାଶମଣ୍ଡଳ କ୍ଷଣକାଳ ପାଇଁ ଲାଲହୁଏ ।

ଆସିଥିବା ଗୁମାନ ଏବଂ ଅନ୍ୟାନ୍ୟମାନଙ୍କୁ ବିଦାକି ଦେବାରେ ପ୍ରାୟ ଏକ-ସହସ୍ର ମୁଦ୍ରା ବ୍ୟୟିତ ହୁଏ । ରାତିରେ ହୁଏ ଯାତ୍ରା—ନୂତନ ନାଟିକା ପାଠ । ବସନ୍ତ ବିହାରର କେଳିମନ୍ଦିରରେ ବାଈମାନଙ୍କ ସହ ରାତିରେ ହୁଏ ବସନ୍ତୋତ୍ସବ । ମହା ସମାରୋହ ଓ ରାତି ଜାଗରଣର କ୍ଳାନ୍ତିରେ ଶେଷହୁଏ ହୋଲିଉତ୍ସବ । ବର୍ତ୍ତମାନ କିନ୍ତୁ ଏହି ଉତ୍ସବରେ ଏତେଟା ଜାକଜମକ ନାହିଁ । ଅର୍ଥାନଟନ ଯୋଗୁଁ ସବୁକିଛି ହ୍ରାସ ହୋଇ ଯାଉଛି ।

ଦୋଳପୂର୍ଣ୍ଣିମା । ଜଟେନ୍ଦ୍ରଜମ୍ବୁ ଏହି ଉତ୍ସବଟିକୁ ଯତ୍ପରୋନାସ୍ତି ସର୍ବାଂଶ ସୁନ୍ଦର କରିବାରେ ତତ୍ପର । ମାତ୍ର ମୀନକେତନଙ୍କ ମନରେ ଉତ୍ସାହ ନାହିଁ । କିଭା ତାଙ୍କ ଉପରେ ବିରକ୍ତ ହୋଇ ପିତ୍ରାଳୟକୁ ଚାଲି ଯାଇଛି । ଜନନୀ ହରପ୍ରିୟା ଶଯ୍ୟା ବେମାର । ଗଣିକା ସୁରଧୁନୀର ଅତ୍ୟଧିକ ଖର୍ଚ୍ଚଦାବୀ ତାଙ୍କୁ ଅସ୍ଥିର କରି ତୋଳୁଥିଲା ।

ଗତରାତି; ସୁରଧୁନୀର ବିଳାସ କକ୍ଷରେ ସେ ଯାପନ କରିଛନ୍ତି ଏବଂ ବର୍ତ୍ତମାନ ପ୍ରତ୍ୟେକ ରାତି ପାଇଁ ତାଙ୍କୁ ସୁରଧୁନୀ ହସ୍ତରେ ଏକଶତ ରୌପ୍ୟମୁଦ୍ରା ଦେଇ ଆସିବାକୁ ପଡ଼ୁଛି । ଆଉର ପନ୍ଥା ନାହିଁ । ଯେଉଁ ଜମି ତାଙ୍କର ଅଛି, ସେ ସବୁଥିରେ [illegible] ଗଣ୍ଡଗୋଳ । ଆଇନର ଶକ୍ତ ବେଡ଼ୁଣୀ ଭିତରେ ସାମନ୍ତବାଦ ଚୂର୍ଣ୍ଣ ବିଚୂର୍ଣ୍ଣ ହୋଇଯାଇ ମର୍ମାନ୍ତକ ପରିସ୍ଥିତି ସୃଷ୍ଟି ହୋଇଛି । ଜମିଦାରୀ ଉଚ୍ଛେଦ ସଙ୍ଗେ ସଙ୍ଗେ ସରକାରଙ୍କ ଦେବୋତ୍ତର ଜମିର

ଶ୍ରୀ ଶ୍ରୀ ରାଜରାଜେଶ୍ୱରୀ ମନ୍ଦିରର ପରିଚାଳନା ପାଇଁ ମୀନକେତନଙ୍କୁ ଟ୍ରଷ୍ଟି ନିଯୁକ୍ତ କରିଛନ୍ତି । ମନ୍ଦିର ଆୟର କୌଣସି ଅଂଶରେ ତାଙ୍କର କର୍ତ୍ତୃତ୍ୱ ଅଧିକାର ନାହିଁ । ଖର୍ଚ୍ଚ ପରେ ବଳକା ଟଙ୍କାର ଗୋଟିଏ ଅଂଶ ଦେବୋତ୍ତର ବିଭାଗକୁ ଚାଲିଯାଏ । ପ୍ରତିବର୍ଷ ବଜେଟ ପ୍ରସ୍ତୁତ କରିବାକୁ ହୁଏ—ଯେବେ ଏହା ବିଭାଗର ସ୍ୱୀକୃତି ବିନା କିଛି ଖର୍ଚ୍ଚ ହେଇପାରେ ନାହିଁ । ସରକାରଙ୍କର ଦେବାଦେବୀଙ୍କୁ ମଧ୍ୟ ନିୟନ୍ତ୍ରଣ କରିବାର ପ୍ରୟାସ ।

ଏସବୁ ଫଳରେ ମଧ୍ୟବିତ୍ତଶ୍ରେଣୀର କଙ୍କାଳ ଭାଙ୍ଗି ପଡ଼ିଛି । ମୀନକେତନ ପଲଙ୍କ ଉପରେ ପଡ଼ିରହି ଚିନ୍ତା କରୁଛନ୍ତି । ବାହାରେ ଦୋଳୋତ୍ସବର ନହବତ ।

ଟେଲିଗ୍ରାମ । କଟକରୁ ଟେଲିଗ୍ରାମ ଆସିଛି ଜାଭାର ଦୁର୍ଘଟଣା ବିଷୟରେ । ଖବର ପାଇ ମୀନକେତନ ମୁହୂର୍ତ୍ତେ ପାଇଁ ସ୍ତମ୍ଭୀତ ହୋଇଗଲେ ।

ଜନ୍ମେଜୟ ନୟନରୁ ଅଶ୍ରୁ ଝରି ପଡ଼ିଲା । ଦୋଳଯାତ୍ରାର ଉତ୍ସବ କ୍ଷଣକାଳ ଛନ୍ଦହୀନ ହୋଇଉଠିଲା ।

ସବୁକିଛି ରାଗ ମନରୁ ପାଶୋରି ଯାଇ ମୀନକେତନ କହିଲେ—'ମତେ ଆଜିରେ କଟକ ଯିବାକୁ ହେବ ଜନ୍ମେଜୟ । ବିଳମ୍ବ କଲେ ଚଳିବ ନାହିଁ ।'

ଜମିଦାର ସାଆନ୍ତେ ମଜଲିସ୍‌କୁ ନଯାଇ କଟକ ଯିବାର ଆୟୋଜନରେ ଲାଗି ପଡ଼ିଲେ । ସ୍ୱାମୀ ସ୍ତ୍ରୀର ସମ୍ପର୍କ ମଧ୍ୟରେ ସ୍ୱର୍ଗୀୟ ଅନୁଭୂତି ସମ୍ଭବତଃ ଥାଏ । ଦାମ୍ପତ୍ୟ ଜୀବନର ନାନା ଘାତପ୍ରତିଘାତ, ବାଦବିସମ୍ବାଦ, କଳି କେବଳ ସଂଘଟିତ ହୁଏ ସତ୍ୟ, କିନ୍ତୁ ତାହା ଅତ୍ୟନ୍ତ କ୍ଷଣିକ । ସବୁକିଛିର ଅନ୍ତରାଳରେ ଥାଏ ଏକ ନିବିଡ଼ ଆକର୍ଷଣ ।

ଜାଭାର ଦୁର୍ଘଟଣା । ମୀନକେତନଙ୍କ ସୂକ୍ଷ୍ମ ପ୍ରାଣତନ୍ତ୍ରୀ ବିଷାଦ ସଙ୍ଗୀତରେ ଭରପୂର ହୋଇ ଉଠୁଛି । କେତେ ଅଶୁଭ ପରିକଳ୍ପନାରେ ସେ ଭୟଭୀତ ହୋଇ ପଡ଼ୁଛନ୍ତି । ଜାଭାକୁ ସେ ବହୁବାର ଆଘାତ ଦେଇଛନ୍ତି । ପୁରୁଷତ୍ୱର ମୋହରେ ଅନେକ ଅକର୍ମ କରିଛନ୍ତି । ଆଜି କିନ୍ତୁ ସେ ଚାହାନ୍ତି ଜାଭାର ଆଶୁ ରୋଗମୁକ୍ତି । 'ହେ ଭଗବାନ, ଅଚିରେ ତାକୁ ସୁସ୍ଥ କରିଦିଅ ।'

ଆଶାପଣୀ

ଜାଭାର ରୋଗପାଣ୍ଡୁର ଚନ୍ଦ୍ରମୁଖ ତାଙ୍କର ମନକୁ ଦଂଶନ କରୁଛି । ତାଙ୍କ ଅପକର୍ମ ପାଇଁ ସେ ହୁଏତ ଦୁଇହାତ ଊର୍ଦ୍ଧ୍ୱକୁ ଟେକି ଚାଳଦେବ ସହସ୍ର ଅଭିଶାପ । ଦେଉ, ସେ ଅର୍ଦ୍ଧାଙ୍ଗିନୀ । ପୁରୁଷର ମଙ୍ଗଳକାମନା ଏକମାତ୍ର ସ୍ତ୍ରୀ ବ୍ୟତୀତ ଆଉ କିଏ କରେ ? ସେହି ଅଭିଶାପ ମଧ୍ୟରେ ରହିଥାଏ ପ୍ରଚ୍ଛନ୍ନ ଆଶୀର୍ବାଦ—ସେହି ଭର୍ତ୍ସନା ମଧ୍ୟରେ ଥାଏ ସଦୁପଦେଶର ସଙ୍କେତ ।

ସେ ମୁହୂର୍ତ୍ତି ମୁହୂର୍ତ୍ତି ଅସ୍ଥିର ହୋଇ ଉଠୁଥିଲେ । ଭାରତୀୟ ମନୋବୃତ୍ତି ନେଇ ଯେତେବଡ଼ ଅଶାନ୍ତ ସ୍ୱାମୀ ହେଲେ ମଧ୍ୟ ସ୍ତ୍ରୀର ଦୁଃସମ୍ବାଦରେ କଷ୍ଟକୁ ଅନୁଭବ କରିବ ବେଦନା । ହିନ୍ଦୁ ବିବାହ ଏକ ସଂସ୍କାର—ଇହକାଳ ପରକାଳ ପାଇଁ ଏକ ଅଚ୍ଛେଦ୍ୟ ବନ୍ଧନ । ଚୁକ୍ତି ବିବାହ ପାଇଁ ନୂତନ ଆଇନ ପ୍ରଚଳିତ ହେଲେ ମଧ୍ୟ ଆମର ଚିନ୍ତାଧାରା ସ୍ୱତନ୍ତ୍ର । ମୀନକେତନ ପ୍ରାଣେ ପ୍ରାଣେ ଉପଲବ୍ଧି କରୁଥିଲେ ଅସୀମ ଯନ୍ତ୍ରଣା ।

ସେହି ଦିନହିଁ ସେ କଟକ ଅଭିମୁଖେ ଯାତ୍ରାକଲେ ।

• • • • • • • • • •

'ଜାଭା—'

ଦିବସର କାକଳୀ ଶାନ୍ତ ହୋଇଛି—ଆରମ୍ଭ ହୋଇଛି ମୁଖର ରାତ୍ରିର କର୍ମଚଞ୍ଚଳ ଜୀବନ । ତାହା ପୁଣି ମେଡ଼ିକାଲ୍ ଭିତରେ । ଡାକ୍ତର, ନର୍ସ କାହାରିକି ଡର ନାହିଁ । ଇମରଜେନ୍‌ସି ଓ୍ୱାର୍ଡରେ ଜୀବନ ଠିକ୍ ବିଦ୍ୟୁତ୍ ଭଳି । ପ୍ରତିଟି ମୁହୂର୍ତ୍ତି ଆଶଙ୍କାମୟ । ଜୀବନ ସେଠି ପାଣିର ଗାର । ଏପାଖ ନୋହିଲେ ସେ ପାଖ । ଚତୁର୍ଦ୍ଦିଗରେ କ୍ଷତାକ୍ତ ଆର୍ତ୍ତ ଚିତ୍କାର—ଇଷ୍ଟ ଦେବତାଙ୍କର ନାମୋଚ୍ଚାରଣ । ଅପରେସନ ରୁମରେ କାହାର ପାଦ କାଟି ଦିଆଯାଉଛି—କାହାର ହାତ କାଟି ଦିଆ ଯାଉଛି । ବଞ୍ଚି ରହିବାପାଇଁ ଆପ୍ରାଣ ସଂଗ୍ରାମ ।

ଜାଭା ଚକ୍ଷୁ ମୁଦ୍ରିତ କରି ଶୟନ କରିଛି । ମୁଖମଣ୍ଡଳ ଉପରେ ବିଛୁଡ଼ି ହୋଇ ପଡ଼ିଛି ଆଲୁଲାୟିତ କେଶରାଶି । ଅବସନ୍ନ ମୁଖରେ ତାର କୁଞ୍ଚିତ

ହୋଇଛନ୍ତି ସୌନ୍ଦର୍ଯ୍ୟ । ରକ୍ତକ୍ଳାନ୍ତା ରିକ୍ତସେଇ ସେ ହୋଇ ଉଠିଛି ସୌନ୍ଦର୍ଯ୍ୟମୟୀ ।

ମୀନକେତନ ବେଡ଼ପାଖରେ ଦଣ୍ଡାୟମାନ ହୋଇ ଅନୁଚ୍ଚ କଣ୍ଠରେ ଡାକିଲେ,

'ନିଭା...'

ଚପଳ ବେଗରେ ତାର ଘନ ସଂଚାଳନ କରୁ କରୁ ସେ ଜାଗ୍ରତ ହେଲା ।

'ନିଭା ମୁଁ ଆସିଛି ।'

ଚକ୍ଷୁକୋଣରେ ସେ ଚାହିଁଲା ସମ୍ମୁଖରେ ମୀନକେତନ ।

'ଖୁବ୍ କଷ୍ଟ ହେଉଛି ନା ?' ସେ ପ୍ରଶ୍ନକଲେ ।

'ନା'—ମୁଣ୍ଡ ହଲାଇ ଉତ୍ତର ଦେଲା ସେ । କଣ୍ଠସ୍ୱର ଦୟନୀୟ—ଅନାହାରରେ କ୍ଷୀଣ ।

'ତୁମେ ଚାଲିଆସିଲ ନିଭା, ମୋ ଜୀବନର ଛନ୍ଦ ଲୋପ ପାଇଗଲା । ଶୟନେ, ସ୍ୱପନେ, ଜାଗରଣେ ତୁମରି ସ୍ୱପ୍ନ—ତୁମରି କଳ୍ପନା ମତେ କଲା ଅନ୍ଧ—ଆନନ୍ଦମୟ ହୋଲୋତ୍ସବ ନିରାନନ୍ଦମୟ ବିଷାଦୋତ୍ସବରେ ପରିଣତ ହେଲା ।'

ସେ ନୀରବ ରହିଲେ । କଣ୍ଡିବ୍ୟରେ ଥିବା ନର୍ସ ଆସି ନିଭା ହସ୍ତରେ ଗୋଟିଏ ଇଞ୍ଜେକ୍‌ସନ୍ ଫୋଡ଼ି ଦେଇଗଲା—'ଉଃ' କମ୍ପି ଉଠିଲା ତାର ଶରୀର ।

'ଉଃ' ସ୍ୱତଃ ବାହାରି ଆସିଲା ମୀନକେତନଙ୍କ କଣ୍ଠରୁ । ଜଣକର ଦୁଃଖାନୁଭୂତିର ବହ୍ନି ଶିହରଣରେ ବିଷାଦିତ ହେଲା ଅନ୍ୟ ଜଣକର ପ୍ରାଣ ।

ପାଖ ବେଡ଼ରୁ ହଠାତ୍ କ୍ରନ୍ଦନର ରୋଳ ଉତ୍ଥିତ ହେଲା । କାର୍ ଦୁର୍ଘଟଣାରେ ଶିକାର ହୋଇଥିବା ଜନୈକ ଧନୀ ମାରୁଆଡ଼ି ଯୁବକ ଜୀବନ ଲୀଳା ସାଙ୍ଗକଲେ । ପାଖରେ ନବ ବିବାହିତା ବଧୂ, ବୃଦ୍ଧା ଜନନୀ ଆଉ ଜନକ । ସମସ୍ତଙ୍କୁ ଦୁଃଖର ଅତଳ ସାଗରରେ ନିକ୍ଷେପ କରିଦେଇ ସେ ଚାଲିଗଲେ । ନିଭା ଆଉ ମୀନକେତନ ଉଭୟ ତୋଳିଲେ ଦୀର୍ଘ ନିଃଶ୍ୱାସ । ଶଙ୍କିତା ପ୍ରିୟାର କୋମଳ ହସ୍ତକୁ ନିଜ ହସ୍ତରେ ଧରି ମୀନକେତନ ତାକୁ ଅଭୟ ଦେଉଥିଲେ ।

ମତ ମତ ମତ । ଶ୍ୱେତଦ୍ୱୀପ ସ୍ୱତ୍ୟାଗତ ରକ୍ତର ଆଲୁଅ ଜଣେ ଚାଲିଗଲେ ।

ଏକାଦଶୀ

‘ଡକ୍ଟର’—ଡାକିଲେ ନନ୍ଦ ।

ଫେରି ଆସିଲେ ଡାକ୍ତର ।

‘ଶୁଭ-ସମ୍ବାଦ ଦେଉଛ ?’

‘ନା......’

‘ଶାନ୍ତ ରହନ୍ତୁ !’

‘କେତେଦିନ ଏଠି ରହିବାକୁ ହେବ ଡକ୍ଟର ? ଏଠିକାର ଦୃଶ୍ୟ ମୁଁ ସହ୍ୟ କରିପାରୁ ନାହିଁ !’

ତରୁଣ ଡାକ୍ତର ଉତ୍ତର ଦେଇଲେ—‘ଠା’ ବ୍ୟତୀତ ଅନ୍ୟ ଉପାୟ ନାହିଁ । ଯେତେବେଳଯାଏ ଆପଣଙ୍କର ଶୂନ୍ୟତାର ଶେଷ ହେବ, ସେତେବେଳଯାଏ ଆମ୍ଭେମାନେ ଆପଣଙ୍କୁ ବିଦାୟ ଦେଇଦେବୁ ।’

ଚାଲିଗଲେ ସେ ।

ମୀନକେତନ ପୁଣି ଡାକିଲେ—‘ନନ୍ଦ !’

‘କାହିଁକି ଆଜି ଆସିଲ ? ତୁମ ଦୁର୍ଘଟଣାରେ ମୋର ଗଳା ମୁକ୍ତ ହୋଇ ଯାଇଥାନ୍ତା, ମୁଁ ନିସ୍ତାର ପାଇଥାନ୍ତି ।’

‘ଥାଉ, ଏ ସବୁ ଦୁଶ୍ଚିନ୍ତା ମନକୁ ଆଣନାହିଁ । ଛୁଟିଙ୍କ ଦୋଷ ପାଇଁ ତ ଆମର ବନ୍ଧନ ରହିଛି । ମୁଁ ଦୋଷୀ, ନା ?’

‘ଭାଗ୍ୟ, ଭାଗ୍ୟହିଁ ସବୁର ମୂଳରେ । ମୋ'ର ଦୁର୍ଭାଗ୍ୟ !’

‘ଭଗବାନ ତୁମର ମଙ୍ଗଳ କରନ୍ତୁ ନନ୍ଦ ! ତୁମେ ଶୀଘ୍ରରେ ସୁସ୍ଥ ହୁଅ !’ ଆଉ କିଛି ସମୟ କଥାବାର୍ତ୍ତା କରି ମୀନକେତନ ଅପର ରୁମକୁ ଚାଲିଗଲେ ଅଶୋକବାବୁଙ୍କୁ ସାକ୍ଷାତ କରିବା ପାଇଁ ।

ତବ ଅଶୋକଙ୍କ ଶଯ୍ୟାପାର୍ଶ୍ୱରେ ଉପବେଶନ କରିଛି ପ୍ରୀତିରେଖା । ମୀନକେତନଙ୍କୁ ଦେଖି ଉଭୟ ସଙ୍କୋଚ ଦୃଷ୍ଟି ନିକ୍ଷେପ କରି ବାହାର ହୋଇଗଲେ । କିଛିକ୍ଷଣ ପରେ ମୀନକେତନ ପ୍ରଥମେ ପଚାରିଲେ—‘ଭଲ ଅଛନ୍ତି ?’

‘ହଁ’—ଉତ୍ତର ଦେଲେ ଅଶୋକ ।

ଟେଲିଗ୍ରାମ ପାଇ ମୁଁ ଶୀଘ୍ର ଶୀଘ୍ର ଆସିଛି ।

'ନଷ୍ଟକୋଷର ଅବସ୍ଥା ?'

'ହଁ ।'

'ହଁ' ଅଶୋକ କହିଲେ—'ସେ ସ୍ମୃତି ଭୋଗିଲେ ଜାଳେଣି । ଦୁର୍ଘଟଣା ହେବାର କଥା ମନେ ପଡ଼ିଲେ ସର୍ବାଂଗ ମୋର ଥରି ଉଠୁଛି । ସେ ଭୀଷଣ ଗର୍ଜନ କରି ଧାଇଁ ଆସୁଥିଲା ଟ୍ରକଟା ।'

'ଯାହା ଯେତେବେଳେ ଘଟିବାର କଥା, ତାହା ନିଶ୍ଚୟ ଘଟିବ । ଅନ୍ଧକାରାଚ୍ଛନ୍ନ ଭବିଷ୍ୟତ ହସ୍ତରେ ଆମ୍ଭେମାନେ ସମସ୍ତେ କାଷ୍ଠ ପୁତ୍ତଳିକା । ମାନବ ଜନ୍ମ ଏକ ବିରାଟ ଦୁର୍ଘଟଣା, ଏକ ବିରାଟ ଛଳନା ।'

'ଆପଣ ଠିକ କହୁଛନ୍ତି ସାର ! ମୁଁ ଦେଖୁଛି ସମଗ୍ର ବିଶ୍ୱ ଛଳନାର ଭଣ୍ଡାର । ମନୁଷ୍ୟର ହୃଦୟ ସହିତ ମୁଖର ମେଳ ନ ଥାଏ—ମନ ସହିତ ସମାଜ ତାଳ ରଖି ଗତି କରେନାହିଁ ଚରଣ । ଜୀବନପଥ ଧୂସର ମରୁର ସିକତା ପ୍ରାନ୍ତର ଭଳି ନିଃସଙ୍ଗ ଛନ୍ନଛାଡ଼ । ଆଜି ଯେଉଁ ପୁଷ୍ପ ପ୍ରସ୍ଫୁଟିତ ହୋଇ ଜୀବନ ପ୍ରାନ୍ତରକୁ ସୁରଭିତ କରେ, ଆଗାମୀ କାଲି ସେ ନୀରବେ ଝଡ଼ିପଡ଼ିବ । ଅନେକଙ୍କ ଜୀବନ ପୂର୍ଣ୍ଣତା ଲଭିବା ପୂର୍ବରୁ ସମାପ୍ତ ହୋଇ ଯାଇଥାଏ ।'

'ସୃଷ୍ଟିର ଏଇ ଅବିଚ୍ଛେଦ୍ୟ ନିୟମ ଅନାଦିକାଳରୁ ବର୍ତ୍ତମାନ । ଏହି ନିୟମର ପରିବର୍ତ୍ତନ ନାହିଁ, ବ୍ୟତିକ୍ରମ ନାହିଁ । ଜୀବନ ଚକ୍ରର ଘୂର୍ଣ୍ଣନରେ ଧନୀ ଦରିଦ୍ର ହେଉଛି, ଦରିଦ୍ର ଧନୀ ପାଲଟୁଛି, ସମ୍ରାଟ ଗ୍ରହଣ କରୁଛି ଭିକ୍ଷୁକର ବେଶ ଆଉ ବା କାହିଁ ଭିକ୍ଷୁକ ପାଲଟି ଯାଉଛି ଧନ କୁବେର । ଜନ୍ମ ମରଣଶୀଳ ମନୁଷ୍ୟ କଣ ଅମରତ୍ୱ ପାଉଛି ? ସେ ଗୋଟିଏ ନିୟମର ବଶବର୍ତ୍ତୀ ହୋଇ ଜନ୍ମ ଲଭିବା ଠାରୁ ମୃତ୍ୟୁ ଶଙ୍ଖଳ କରାଳ ଲହରୀ ସହିତ ଭେଟହେବା ପର୍ଯ୍ୟନ୍ତ ଉଚ୍ଛୃଙ୍ଖଳ ହୋଇ ଥାଏଁ ମୃତ୍ୟୁର ନାଗପାଶରେ, ସେ ପରେ ରକ୍ଷା ନାହିଁ ।'

'ଅତ୍ୟନ୍ତ ଅସାର ଏବଂ କ୍ଷଣିକ ଏହି ଜୀବନ ।'

'ତାହାରି ମଧ୍ୟରେ ସାର ହେଉଛି କଣ ଜାଣ ଅଶୋକ ? ସତ୍କର୍ମ...'

ଅଶୋକ ଚିନ୍ତା କରୁଥିଲେ ତାଙ୍କର ମେଡ଼ିକାଲ ମଧ୍ୟରେ ଭର୍ତ୍ତି ହେବାର ଜୀବନ ମଧ୍ୟରେ ଜଗତ କଣ ପରିବର୍ତ୍ତିତ ହୋଇ ଯାଉଛି ? ସେହି-

ମୀନକେତନଙ୍କ ସାଂସାରିକ ଜୀବନର ଭୁଲ ବିବରଣ ସେ କୁନ୍ତଳାଠାରୁ ପାଇ-ଥିଲେ, ସେଥିପାଇଁ ମୀନକେତନ ଆଜି ସତ୍‌କର୍ମର ଉପଦେଶ ଦେଉଛନ୍ତି ।

ପ୍ରୀତିଲେଖା ଅସ୍ଥିରତା ପ୍ରକାଶ କରୁଥିଲା । ସମ୍ପୂର୍ଣ୍ଣ ଜଣେ ଅପରିଚିତ ଭଦ୍ରଲୋକଙ୍କ ସମ୍ମୁଖରେ ନିର୍ବାକ ଭାବେ ବସି ରହିବା ତା' ପକ୍ଷରେ ହେଉଥିଲା ଅସହ୍ୟ ।

ମୀନକେତନ କହିଲେ—'ମୁଁ ତିନିଘଣ୍ଟା ଧରି ରହିବି । ଏବେ ଯାଏ ।'

'ହଉ'—ଅଶୋକ ହସ୍ତଦ୍ୱୟ ନମସ୍କାର କଲେ ।

ମୀନକେତନ ପୁନର୍ବାର ନିଜର ରୁମ୍‌ରେ ପ୍ରବେଶ କଲେ । ସେ ସେତେବେଳକୁ କୌଣସି ଏକ ଓଡ଼ିଆ ନୋଭେଲ ପାଠ କରୁଥାଏ ।

ସେ ପ୍ରଶ୍ନ କଲେ—'ନଭି, ଅଶୋକ ନିକଟରେ ଯେଉଁ ଭଦ୍ର ମହିଳା ବସିଛନ୍ତି, ସେ କିଏ ?'

'ସେ ଅଛି କି ?'

'ହଁ, ସେ କିଏ କହିଲ ?'

ନଭି ଚୁମ୍ବକରେ ପ୍ରୀତିଲେଖାର ପରିଚୟ ପ୍ରଦାନ କଲା । ଏଇ ପ୍ରୀତିଲେଖା ଯେ ନିଜ ପ୍ରାଣ ପ୍ରିୟ ଭଗ୍ନୀର ସମସ୍ତ ସୁଖ ଲୁଣ୍ଠନ କରି ନେଇଛି, ଏହା ବୁଝିବାକୁ ବାକି ରହିଲା ନାହିଁ ।

ରାତି ଦଶ ବାଜିଲା । ମୀନକେତନ ବିଦାୟ ନେଇ କୁନ୍ତଳାର ଗୃହକୁ ଯାତ୍ରା କଲେ । ପ୍ରିୟଜନର ବିଦାୟରେ ନଭିର ହୃଦୟ ବେଦନା ସିକ୍ତ ହେଲା ।

ରାତ୍ରିର ଶାନ୍ତ ବକ୍ଷରେ କୋଳାହଳମୟ ମେଡ଼ିକାଲ ଅପେକ୍ଷାକୃତ ଶାନ୍ତ ହୋଇ ପଡ଼ିଛି । ନଭି ନୟନ ବେନି ମୁଦ୍ରିତ କରି ଶୋଇ ପଡ଼ିବାକୁ ଚେଷ୍ଟା କଲା ।

## =ଏଗାର=

'ମାନବ ଜୀବନ କଣ ? କେହି ଯଦି ତାର ମୂଲ୍ୟକୁ ବସି ବିଶ୍ଳେଷଣ କରେ ତେବେ ସେ ଶେଷରେ ନିରାଶ ହିଁ ହେବ । ବେଦାନ୍ତର ମହାନ୍‌ବାକ୍ୟ ବାସ୍ତବିକ ସତ୍ୟ । ଜଗତରେ ସବୁଠାରୁ ଆଶ୍ଚର୍ଯ୍ୟ କଣ ? ପ୍ରତି ମୁହୂର୍ତ୍ତରେ ମରଣଶୀଳ ମାନବ ଯମ ମନ୍ଦିରକୁ ଗମନ କରୁଛି, ଏହା ଦର୍ଶନ କରି ମଧ୍ୟ ଅନ୍ୟମାନେ ଅମରତ୍ୱ ଆଶା କରୁଛନ୍ତି—ଭୋଗ ବିଳାସରେ ନିମଜ୍ଜିତ ହୋଇ କର୍ତ୍ତବ୍ୟ ଜ୍ଞାନ ଭୁଲି ଯାଉଛନ୍ତି—ସଂସାରରେ ଏହାଠାରୁ ବଳି ଆଉ ଆଶ୍ଚର୍ଯ୍ୟ କଣ ଅଛି ? ମୁହୂର୍ତ୍ତିକ ପାଇଁ ଶ୍ମଶାନ ବୈରାଗ୍ୟ ଆସେ । ପର ମୁହୂର୍ତ୍ତରେ ଉଭେଇ ଯାଏ ସମସ୍ତ । ମଣିଷ ପୁଣି ନୂତନ ଆକାଂକ୍ଷା, ନୂତନ ସାହସ ସଞ୍ଚୟ କରି କର୍ମ ପଥରେ ଅଗ୍ରସର ହୁଏ

ଦୁଇଦିନ ତଳେ ମୀନକେତନ କଟକରୁ ପ୍ରତ୍ୟାବର୍ତ୍ତନ କରିଛନ୍ତି   ସେଦିନ ସଂଧ୍ୟାରେ ନନ୍ଦନପୁର ଗ୍ରାମର ଶେଷଭାଗକୁ ସେ ଯାଇଥିଲେ   ସମ୍ମୁଖରେ ସୁରଧୁନୀର ଗୃହ—ଅନ୍ଧକାର ନୀରବ । ଗତ କେତେଦିନ ଧରି ସେ ଆଉ ତାର ଦ୍ୱାରଦେଶରେ ପଦ ଦେଇ ନାହାନ୍ତି—ସୁନ୍ଦରୀ ସୁରଧୁନୀର କଣ୍ଠ-ତାରର ମୂର୍ଚ୍ଛନା ତାଙ୍କ ପ୍ରାଣ ତନ୍ତ୍ରୀକୁ ଦୋହଲାଇ ନାହିଁ   ଆଜି ହଠାତ୍ ତା ପୁରକୁ ଯିବାର ଲୋଭ ସମ୍ବରଣ କରି ପାରିଲେ ନାହିଁ । ଗତ କେତେ ଦିନର ଅଶାନ୍ତି ପରେ ସେ ହୁଏତ ଚାହୁଁଥିଲେ ଟିକିଏ ବିଳାସ—ସାମାନ୍ୟ ମଜଲିସ।

'ସୁରଧୁନୀ'—ଖୁବ ଧୀର କଣ୍ଠରେ ସେ ଡାକିଲେ

ସମସ୍ତ ନୀରବ ।

ଅନ୍ଧକାରର ବକ୍ଷରେ ହଠାତ୍ ସେ ଚମତ୍କୃତ ହେଲେ   କାହାର ରୋଗ ପାଣ୍ଡୁର ମୁଖମଣ୍ଡଳ ତାଙ୍କ ବିବେକକୁ ଦଂଶନ କରୁଛି

'କିଏ ?'—ସୁରଧୁନୀ ସ୍ୱର ମୁକୁଳିତ କରି ପ୍ରଶ୍ନ କଲା

ମୀନକେତନଙ୍କ କଣ୍ଠାଧାର ପଙ୍ଗୁ । କଣ ଉତ୍ତର ଦେବେ ?

ସୁରଧୁନୀ ଅଳ୍ପକ ସନ୍ନିକଟକୁ ଆସିଲା—'କିଏ ? ମୀନକେତନ ?'

ମୀନକେତନ ନିରୁତ୍ତର ।

ସୁରଧୁନୀ ତାଙ୍କର ହସ୍ତ ଧାରଣ କରି ଭିତରକୁ ନେଇଗଲା ।

'ମନେ ପଡ଼ିଲା ଏତେ ଦିନେ ? ଆମେ ବନାରସ ଚାଲିଯିବା ପାଇଁ ପ୍ରସ୍ତୁତ ହୋଇ ସାରିଲୁ ।'

'ତୁମେ ଚାଲିଯିବ ସୁରଧୁନୀ ?' ବିସ୍ମୟରେ ପ୍ରଶ୍ନକଲେ ସେ ।

'ହଁ, ଏଠାରେ ଆଉ ରହିବାର ଦରକାର କଣ ? ଜମିବାଡ଼ି ତ ବିକ୍ରୟ ସରିଲା ।'

ସେ ବୁଝି ପାରିଲେ । ତାଙ୍କ ଅନୁପସ୍ଥିତିହିଁ ଏହି ପ୍ରସ୍ଥାନ ପାଇଁ ଦାୟୀ କିନ୍ତୁ......। ସେ ଆଉ ଚିନ୍ତା କରି ପାରୁ ନ ଥିଲେ । ସେ ଗୋଟିଏ ଗଣିକା ପାଇଁ ତାଙ୍କ ଅନ୍ତରରେ ସହାନୁଭୂତି ଯେ ନିଶ୍ଚୟ ଥିଲା ଏଥିରେ ସନ୍ଦେହ ନାହିଁ ।

ସୁରଧୁନୀ କହିଲା—'ତୁମେ ପୁରୁଷଜାତି ଖୁବ ନିଷ୍ଠୁର—ନିର୍ମମ ।'

ତାର ଶାଣିତ କଟାକ୍ଷ ମୀନକେତନଙ୍କ ଅନ୍ତରରେ ତୀବ୍ରାଘାତ ସୃଷ୍ଟି ହେଉଥିଲା—ତାର ଅସ୍ତବ୍ୟସ୍ତ କେଶର ପରିପାଟି ତାଙ୍କୁ ବିହ୍ୱଳିତ କରୁଥିଲା

ସେ ପୁଣି କହିଲା—'ଶେଷ ବିଦାୟ ନେବାପାଇଁ ଆଜି ତୁମେ ଆସିଲ ନା ? ନ ଆସିଥିଲେ ମଧ୍ୟ ଚଳିଥାନ୍ତା । ମୁଁ ଗଣିକା—ମୋ ପାଇଁ ତ କେହି ଚିନ୍ତା କରେନି । ମତେ ଜଣିମ ନ କେଉଁ ଏକ ଅନ୍ଧକାରମୟ ଗଳି ମଧ୍ୟକୁ ଚାଲିଯିବାକୁ ହେବ । ତୁମର ଏଇ ଜଗତ ଆଉ ହୁଏତ ମୋ ସମ୍ବାଦ ପାଇବ ନାହିଁ । କିନ୍ତୁ ତୁମର ଏଇ ଗ୍ରାମ, ଏଇ ପ୍ରକୃତି, ଏଇ ସନ୍ଧ୍ୟାକୁ ମୁଁ ଚିରଦିନ ମନେ ରଖିବି ।'

'ସୁରଧୁନୀ, ଭାବନା ତୁମେ ମୀନକେତନ ଏତେ ନୀଚ । ତୁମେ ଗଣିକା ହେଲେ ମଧ୍ୟ ନାରୀ । ମୋ ଜୀବନ ବସନ୍ତରେ ତୁମେ କୁହୁ ରବର ଝଙ୍କାର ଖେଳାଇଛ । ମୁଁ ତା' ତ ଭୁଲିଯାଇ ପାରେନା । କର୍ତ୍ତବ୍ୟର ଅନୁରୋଧରେ ଏ କେତେଦିନ ଅବଶ୍ୟ ମୁଁ ଆସିପାରି ନାହିଁ । କିନ୍ତୁ ତୁମେ ଜାଣନା ସୁର, ସ୍ୱପନେ ସପନେ ଜାଗରଣେ ମୁଁ ଦେଖିଛି ତମରି ରୂପ—କଳ୍ପନାର କୋମଳ ଅଙ୍ଗରେ ତମକୁହିଁ ମୁଁ ସ୍ୱପ୍ନ ଦେଖିଛି ।'

ସୁରଧୁନୀ ତାଙ୍କ ଦେହରେ ହସ୍ତ ସଞ୍ଚାଳନ କରି କହିଲେ—'ଆଉ ମୁଁ ଏସବୁ ସହି ପାରୁନି ସ୍ୱାମୀ ।'

ମୀନକେତନ ପଲଙ୍କ ଉପରେ ଶୟନ କରି କହିଲେ—'ଆଉ ମୁଁ ବଡ଼ ଅଶାନ୍ତ......'

'ଅଶାନ୍ତ ନ ଥିଲେ ଏଠାକୁ ଆସିଥାଆନ୍ତ କାହିଁକି ? ଏଇ ତ ଶାନ୍ତିର ସ୍ୱର୍ଗ । କିନ୍ତୁ ସତରେ କଣ ତୁମେ ଏଠି ଶାନ୍ତି ପାଅ ? ମୁଁ ତ ଭାବେ ଏସବୁ ଛଳନା । ନୋହିଲେ...'

'ପଛ କଥାର ପୁନରାବୃତ୍ତି କାହିଁକି ପୁଣି ? କହିଲି ପରା ଜଞ୍ଜାଳର ଅନ୍ତରାଳରେ ଆସିବାର ଅବସର ପାଉନାହିଁ ।'

'ସତ କହୁଚ ତୁମେ—ସବୁବେଳେ ମୁଁ ତୁମର ମନେପଡ଼େ ?'

'ବାରମ୍ବାର ଏପରି ଅବାନ୍ତର ପ୍ରଶ୍ନକରି ମତେ ଏତେ ବିବ୍ରତ କର କାହିଁକି ? ତୁମେ କଣ ଏ ପ୍ରଶ୍ନର ଉତ୍ତର ଜାଣିନାହଁ ? ଜନନୀ, ଧର୍ମପତ୍ନୀ, ବନ୍ଧୁ ପରିଜନଙ୍କ ଦୃଷ୍ଟି ଏଡ଼ାଇ ମୁଁ ବାରମ୍ବାର ଧାଇଁ ଆସିଛି ଏଠିକି—ମୁଁ ଆଜି ଉପଲବ୍ଧି କରୁଛି—ତୁମ ବିନା ଜୀବନ ଧାରଣ କରି ପାରିବି ନାହିଁ ।'

ସୁରଧୁନୀ ତାଙ୍କ କଣ୍ଠ ଦେଶରେ ହସ୍ତ ବନ୍ଧନକରି ମୁଖରେ ମୁଖ ଲଗାଇ କହିଲା—'ପ୍ରତୀକ୍ଷାକଥାର ତମେ ମୋ ଆଖିରେ ଆହୁରି ସୁନ୍ଦର ଦିଶୁଚ । ଦୀର୍ଘଦିନର ବିଚ୍ଛେଦ ପରେ ଆଜି ରାତି ହେଉଛି ଆମର ପୁନର୍ମିଳନର ପ୍ରଥମ ମଧୁଶଯ୍ୟା ରାତି ।

ପ୍ରଥମ ମଧୁଶଯ୍ୟା ରାତି ? ହଠାତ୍ ଉଦ୍ଭାସିତ ନୟନରେ ଚାହିଁଲେ ମୀନକେତନ । ଅତୀତ ବିକଟରୂପ ଧାରଣ କରି ତାଙ୍କ ସମ୍ମୁଖରେ ଭାସି ଯାଉଛି । ମେଡ଼ିକାଲରେ ନର୍ସର ରୋଗ ଶଯ୍ୟାରୁ ଆନନ୍ଦ ପୁନର୍ବାର ମନେ ପଡ଼ୁଛି ତାଙ୍କର ।

ସମ୍ମୁଖରେ ଶତଶଯ୍ୟାର ନସ୍ପିତା ସୁରଧୁନୀ ହସ୍ତଠାରେ ନିମନ୍ତ୍ରଣ ଜଣାଉଛି—ଆସ ପ୍ରିୟତମ, ଆସ ସୁନ୍ଦର ମୋର ଏଇ ଅଙ୍ଗଲତିକା ସ୍ୱପ୍ନଭାରରେ ଆଜି ଭାରାକ୍ରାନ୍ତ—ଏଇ ପୀଡ଼ାରୁ ମୋତେ ଆଜି ମୁକ୍ତକର । ବକ୍ଷର ସୁକଠିଣ ବନ୍ଧନ ମୁକ୍ତ କରିଦିଅ । ଉନ୍ମୁକ୍ତ ଆକାଶତଳେ ପକ୍ଷୀ ପକ୍ଷିଣୀ ସବୁ ଉଡ଼ନ୍ତି

ନୁହେଁ ଜୀବନକୁ ଉପଭୋଗ କରିବା । ଭୁଲିଯାଅ ଶୂନ୍ୟତାର ଉପକଣ୍ଠକୁ, ସଂସାରରେ ଉପଦେଶ ଦେବାର ଲୋକ ବହୁତ ଅଛନ୍ତି—ଉପଦେଶର ସମୁଦ୍ର ମଧ୍ୟରୁ ଅବ୍ୟାହତି ନ ପାଇଲେ ବଞ୍ଚି ରହିବା ସମ୍ଭବ ନୁହେଁ । ଆଉ ନାରୀ—ଧର୍ମପତ୍ନୀର ପ୍ରାପ୍ୟ ତାକୁ ଦେଇଦେଲେ ତୁମ କର୍ତ୍ତବ୍ୟ ଶେଷ । ପ୍ରିୟା-ପ୍ରଣୟିନୀ ତମକୁ ଯେଉଁ ଶାନ୍ତି ଦେଇ ପାରିବ, ଧର୍ମପତ୍ନୀ ତାହାଁର ଶତାଂଶରୁ ଏକାଂଶ ମଧ୍ୟ ଦେଇ ପାରିବ ନାହିଁ । ମୀନକେତନ; ତୁମେ ଜାଗ୍ରତ ହୁଅ— ।

ସୁରଧୁନୀ ! ତୁମର ସଙ୍ଗଲାଭ କରିବା ମହା ପୁଣ୍ୟର ଫଳ ।

ଚିତ୍କାର କରି ଉଠିଲେ ମୀନକେତନ—'ଆସ, ଆସ ରାଣୀ, ତୁମର ବକ୍ଷ ଦେଶରେ ଆଶ୍ରୟ ଦେଇ ମୋର କ୍ଳାନ୍ତି ଅପନୋଦନ କର ।'

ଝଡ଼ୁଲର ତଟିନୀ କଳକଳ ନାଦରେ ଅନନ୍ତ ସିନ୍ଧୁର କରାଳ ଲହରରେ ନିଜକୁ ମିଶାଇ ଦେବାପାଇଁ ଧାଇଁ ଯାଉଛି । ସମସ୍ତ ସ୍ରୋତରେ ମାନବ ଜୀବନ କ୍ଷଣଭଙ୍ଗ । ମୀନକେତନଙ୍କ ମନରୁ କଟି ଯାଉଛି ବୈରାଗ୍ୟ ଭାବ । ନୂତନ ଉନ୍ମାଦନାରେ ଭରି ଉଠିଲା ତାଙ୍କର ଅନ୍ତର । ଦ୍ରାକ୍ଷାରସର ମଧୁର ସ୍ପର୍ଶପାଇଁ ତୃଷାତୁର ହୋଇ ଉଠୁଛି ତାଙ୍କର ଅଧର ।

ସୁରଧୁନୀ ଆସବ ପାତ୍ର ବଢ଼ାଇ ଦେଲା ତାଙ୍କ ହାତକୁ । ରଙ୍ଗୀନ ହୋଇ ଉଠୁଛି ତାଙ୍କର ମୁହଁ ।

ହାୟ ନାରୀ—ହାୟ ମଙ୍ଗରାଜ ବଂଶର ବଧୂ ! ଯେଉଁ ପରମପରମ ଗୁରୁର ମଙ୍ଗଳପାଇଁ ତୁମେ ଆଜୀବନ ସାଧନା କରି ଆସିଥିଲ, ତାର ପରିବର୍ତ୍ତନ କାହିଁ ? ଅଥବା ତୁମେ ଆଜି ସାଧନାଚ୍ୟୁତ ହୋଇଛ !

'ସୁର, ତମେ ବନାରସ ଗୁଣ୍ଡିପିବ ? କାହିଁକି ମୁଁ କଣ ଆଉ ତୁମର ପସନ୍ଦ ନୁହେଁ ?'

'ଅଭାବଗ୍ରସ୍ତା ମୁଁ । ଜୀବନ ସହିତ ଯୁଦ୍ଧ କରିବାକୁ ପଡୁଛି ମତେ । ସେଥିପାଇଁ ମୁଁ ବେଶ୍ୟାବୃତ୍ତି କରୁଛି ।...'

'ଛାଡ଼, ଏ ସବୁ ଅବାନ୍ତର କଥା । ଆସ ମୋ ବକ୍ଷ ଉପରେ ମସ୍ତକ ରଖି ଶାନ୍ତି ଲଭ ।'

ଅଳସ୍ ହାସ୍ୟର ରେଖା ଫୁଟାଇ ସେ କହିଲା—'ବନ୍ଧୁ...'

[illegible]

'କିନ୍ତୁ ଆଉ କଣ ? ଦେଖୁଚ, ବସନ୍ତର ଆଗମନ ବାହାରକୁ କିପରି ଜବର ଜମକାଇ—କିପରି ସୁନ୍ଦର । ଖୁବ୍ ମଧୁର ତାର ସ୍ପର୍ଶ—ଆଉ ଡେରି କାହିଁକି ?'

'କିନ୍ତୁ ମୋର ପ୍ରାପ୍ୟ ?'

'ପ୍ରାପ୍ୟ ? ଆଉ କଣ ପାଇବାକୁ ଚାହୁଁଅଛ ସୁରଧୁନୀ ? ମୋର ଏଇ ମୂଲ୍ୟବାନ ଦେହ ମୁଁ ତମକୁ ସମର୍ପଣ କରୁଛି ।'

'ତୁମର ଦେହ ମୋର କ୍ଷୁଧା ମେଣ୍ଟାଇ ପାରିବ ନାହିଁ ମୀନକେତନ—'

'ଆଉ ?'

'ତୁମେ କଣ ଜାଣନା, ମୁଁ ଗଣିକା । ନା ଏଇ କେତୋଟି ଦିନର ବ୍ୟବଧାନରେ ତୁମେ ସମସ୍ତ ଭୁଲି ଯାଇଚ ?'

'ଓ, ଏକଶତ ମୁଦ୍ରାହିଁ ତମର କ୍ଷୁଧା ନାଶ କରିବ । ନୁହେଁ ?'

ହସି ହସି କହିଲା ସୁରଧୁନୀ—'ତମେ ମୋ ମନକଥା ଧରିପାରିଛ ।'

'କିନ୍ତୁ ମୁଁ ଯେ ବର୍ତ୍ତମାନ ଶୂନ୍ୟ ହସ୍ତରେ ଆସିଚି ସୁନା ।'

'ଅସମ୍ଭବ, ମୀନକେତନ କେବେହେଲେ ଶୂନ୍ୟହସ୍ତରେ ଆସିପାରନ୍ତି ନାହିଁ ।'

'ବିଶ୍ୱାସ କର, ମୋ ନିକଟରେ କିଛି ନାହିଁ । ମୁଁ ବର୍ତ୍ତମାନ ନିଃସ୍ୱ ଦରିଦ୍ର ।'

'ମୀନକେତନ ! ସୁରଧୁନୀର କକ୍ଷରେ କୌଣସି ଦରିଦ୍ର କେବେ ପ୍ରବେଶ କରିନାହିଁ । ଦରିଦ୍ରମାନଙ୍କ ପାଇଁ ମୋ ଗୃହର ପ୍ରବେଶ ପଥ ରୁଦ୍ଧ ।'

'ନା ତୁମର ଦାବୀ ମୁଁ ଆଜି ପୂର୍ଣ୍ଣ କରିବାକୁ ଅକ୍ଷମ ।'

'ତେବେ ତୁମକୁ ଫେରିଯିବାକୁ ପଡ଼ିବ ।'

'କଣ ତୁମେ କହୁଚ ସୁରଧୁନୀ ? ମୁଁ ଆଜି ଫେରିଯିବାକୁ ଆସିନାହିଁ । ପ୍ରାର୍ଥୀ ମଧ୍ୟରେ ତୁମେ ମୋଠାରୁ ବହୁଳ ଭାବ-ରେ ପୁରସ୍କୃତ ହୋଇଛ, ଆଜି ଅଭାବରେ ଶୂନ୍ୟହସ୍ତରେ ମୁଁ ମୋର ପ୍ରାପ୍ୟ ଆଦାୟ କରିବି ।'

'ମୀନକେତନ, ତମେ ମହା ଭ୍ରମ କରୁଚ । ସୁରଧୁନୀ ଅର୍ଥ ପ୍ରତିଦାନରେ ଆଜି ଗଣିକା । ମାଂସର ବ୍ୟବସାୟୀ ସେ । ଅର୍ଥ ନ ପାଇଲେ ସେ ତୁମକୁ ତା' ଅଙ୍ଗ ସ୍ପର୍ଶ କରିବାକୁ ଦେବନାହିଁ ।'

'ସୁରଧୁନୀ !' ଗର୍ଜିଉଠିଲା ମୀନକେତନଙ୍କ କଣ୍ଠ—'ତୁମେ ମୋର କ୍ରୀତା, ତୁମର । ତୁମର ଋଣ ତୁମେ ଶୋଧ କରିନାହଁ । ପ୍ରାପ୍ୟ ଯେମିତି ଆଦାୟ କରିବାକୁ ହୁଏ, ତା' ମତେ ବେଶ ଜଣା ।'

'କ୍ଷମା କର ବନ୍ଧୁ ! ମୁଁ ତୁମର ବିବାହିତା ପତ୍ନୀ ନୁହେଁ, ତୁମେ ଜବରଦସ୍ତ ମୋଠୁ ତୁମର ପ୍ରାପ୍ୟ ଆଦାୟ କରିବ । ମୋ ସହିତ ତୁମର ସମ୍ପର୍କ କଣ ? ଯାହା କିଛି ସମ୍ପର୍କ ତାହା କେବଳ ଅର୍ଥର ସମ୍ପର୍କ । ଆମର ଏହି ସମ୍ପର୍କ ମଧ୍ୟରୁ ଯଦି ଅର୍ଥକୁ ବାଦ ଦିଆଯାଏ, ତେବେ ଅବଶେଷ ଯାହା ରହିବ, ତାହା କିଛି ନୁହେଁ । ସମ୍ପର୍କ ଆଉ କିଛି ରହିବ ନାହିଁ । ବିନା ଅର୍ଥରେ ଅନ୍ୟାୟଭାବେ ନାରୀର ଅଙ୍ଗ ଭୋଗ କରିବା ତୁମ ପକ୍ଷରେ ବିଡ଼ମ୍ବନା । ଏହା ସମ୍ଭବ ନୁହେଁ—ଅନୁମୋଦିତ ନୁହେଁ.....'

'ବନ୍ଦ କର ସୁରଧୁନୀ, ତୁମର ଏହି ଉପଦେଶ । ମୀନକେତନ ଜଣେ ଗଣିକାଠାରୁ ଉପଦେଶ ଶୁଣିବାକୁ ପ୍ରସ୍ତୁତ ନୁହେଁ । ମୁଁ ସ୍ପଷ୍ଟ ବୁଝୁଛି ଗଣିକାର ପ୍ରେମ ଏକ ବୁଦ୍‌ବୁଦ୍ ।'

'ଗଣିକାର ପ୍ରେମ ଆସିବ କୁଆଡ଼ୁ ? ତୁମେ ଭ୍ରାନ୍ତ । ଗଣିକାର ଏକମାତ୍ର ପ୍ରେମ ଅର୍ଥପ୍ରେମ ।'

'ବେଶ, ଅର୍ଥକୁ ନେଇ ତୁମେ ରୁହ ସୁରଧୁନୀ.....ମୁଁ ଏହି ମୁହୂର୍ତ୍ତରେ ବିଦାୟ ନେଲି ।'

ସେ ତତ୍‌କ୍ଷଣାତ୍ ସୁରଧୁନୀର କକ୍ଷରୁ ବାହାରି ଆସିଲେ । ବୁଢ଼ା ଜନକର ଅଶ୍ରୁବିଗଳିତ ମୁଖମଣ୍ଡଳ, ମେଡ଼ିକାଲ୍‌ରେ ଶାୟିତ ରକ୍ତହୀନ ଆନନ ତାଙ୍କର ସ୍ମୃତିକୁ ବାରବାର ଦଂଶନ କରୁଛି । ତୀବ୍ର ତାର ଜ୍ୱାଳା । ପଦକ୍ଷେପ ତାଙ୍କର ଆହୁରି ଦ୍ରୁତ ହେଲା ।

ପଶ୍ଚାତ୍‌ଦେଶର ବାୟୁମଣ୍ଡଳ ସୁରଧୁନୀର ତପ୍ତ ନିଃଶ୍ୱାସରେ ଅଧିକ ଉତ୍ତପ୍ତ ହେଉଥିଲା—ହେଉଥିଲା ଆହୁରି ବୋଝିଲ ।

ଜୀବନ-ଜଗତ ସବୁପ୍ରତି ତାଙ୍କ ମନରେ ଆସୁଥିଲା ବୈରାଗ୍ୟଭାବ ।

ମଙ୍ଗଳପୁର ଉପାନ୍ତରେ କଂସାରର ଢାଡ଼ଶା । ଦେବେନ୍ଦ୍ର'ଙ୍କର କାଳୀଗତ ହେବାରୁ କଥା ନ ହୋଇଥିବାରୁ କୋ'ଡ଼ଏମାଣ ଉଲୁଷ୍ମ ଜମି ନିଲାମରେ ଉଠିଥିଲା । ଶେଷ ପର୍ଯ୍ୟନ୍ତ କେହୁ ଅନାଦାୟୀ ରହିବାରୁ ତାହା ନିଲାମ ହୋଇଗଲା । ମୀନକେତନଙ୍କ ଗ୍ରାମର ମଦନଦାସ ଏହି ଜମିଗୁଡ଼ିକ ନିଲାମରେ କ୍ରୟ କଲା ।

ପ୍ରାସାଦଠାରୁ ଅଳ୍ପ ଦୂରରେ ମଦନଦାସର ଘର । ତାର ପୂର୍ବପୁରୁଷମାନେ ଜମିଦାରଙ୍କର ବେହେଲଗା ଲୋକ ଥିଲେ । ସେହିମାନଙ୍କ ଉପରେ ମୀନକେତନଙ୍କ ପିତୃପିତାମହଙ୍କର ଅତୁଟ ବିଶ୍ୱାସ ଥିଲା ଏବଂ ସେମାନଙ୍କର ପ୍ରାସାଦ ମଧ୍ୟକୁ ଅବାରିତ ଗତି ଥିଲା ।

ମଦନ ଦାସର ପିତାମହ ଲକ୍ଷ୍ମଣ ଦାସ, ଖୁବ୍ ବଳିଷ୍ଠ, ହୃଷ୍ଟ ସବଳ ବପୁ ମୀନକେତନଙ୍କ ପିତାମହ ତାକୁ ପହଲମାନ କୋଲି ଡାକୁଥିଲେ । ଜମିଦାର ଏବଂ ପହଲମାନ ଲକ୍ଷ୍ମଣ ଦାସ ପ୍ରତ୍ୟେକ ଦିନ ପ୍ରତ୍ୟୁଷରେ କୁସ୍ତି କସରତ କରୁଥିଲେ । ପ୍ରାସାଦର ଏକ ଅନ୍ତରକ୍ଷ ବ୍ୟବହୃତ ନ ହୋଇ ବନ୍ଦ ରହିଥିବା ଘରେ ଅଦ୍ୟାପି ପଡ଼ି ରହିଛି ମୁଦ୍‌ଗର—ଗଦା ପ୍ରଭୃତି । ଏହିସବୁ ମୁଦ୍‌ଗରକୁ ସେମାନେ ହାତରେ ବୁଲାଉଥିଲେ ।

କାଶୀଧାମରୁ ଥରେ ଯଶୋବନ୍ତ ସିଂ ନାମଧେୟ ଏକ ପହଲମାନ ନୟନପୁରକୁ ଆସିଥିଲା । ଜମିଦାରଙ୍କ ନିର୍ଦ୍ଦେଶରେ ଲକ୍ଷ୍ମଣ ଦାସ ସହିତ ତାର ମଲ୍ଲଯୁଦ୍ଧ ହେଲା । ଏହି ଯୁଦ୍ଧ ଦେଖିବା ପାଇଁ ନୟନପୁର ଦୋଳ ପଡ଼ିଆରେ ସହସ୍ରାଧିକ ଲୋକ ସମାଗମ ହୋଇଥିଲେ । ବାଦ୍ୟ, ତୁରୀ, ଭେରୀ, ତାହାଳୀ ଶବ୍ଦରେ ଉତ୍ସବ ଉଠିଥିଲା ପ୍ରାନ୍ତର ।

ମଲ୍ଲଯୁଦ୍ଧରେ ବହାରି ପହଲମାନକୁ ଓଡ଼ିଆ ପହଲମାନ ଲକ୍ଷ୍ମଣଦାସ ପରାସ୍ତ କରିଥିଲା । ଜମିଦାର ଅତ୍ୟନ୍ତ ସନ୍ତୁଷ୍ଟ ହୋଇ ତାକୁ ପଚିଶମାଣ ଜମି ଦାନ

ହୋଇଥିଲେ । ମଦନଦାସ ସେହି ଲକ୍ଷ୍ମଣ ଦାସର ପୌତ୍ର । ଅବଶିଷ୍ଟ ପ୍ରାସାଦ ସହିତ ସେମାନଙ୍କର ଆଉ ସମ୍ପର୍କ ନାହିଁ ।

ମୀନକେତନଙ୍କ ଐଶ୍ୱର୍ଯ୍ୟ ଅପର୍ଯ୍ୟାପ୍ତ । ତାଙ୍କର ବଂଶର ଅନ୍ନରେ ସଖା ପ୍ରତିପାଳିତ ହୋଇ ମଦନଦାସ ଗ୍ରାମରେ ଆଜି ଧନାଢ୍ୟ ଶ୍ରେଣୀରେ ଗଣ୍ୟ ହୁଏ । ଦଶ ସହସ୍ର ମୁଦ୍ରା ଦେଇ ତାଙ୍କ ପରିବାରର ଜମିକୁ ନିଲାମରେ କ୍ରୟ କରିପାରେ । ତାଙ୍କର ବେଶ୍ ମନେ ପଡ଼ୁଛି—ଜନ୍ମେଜୟର ପିତା ବୃଦ୍ଧ ନବାରଣଙ୍କ ଚେତାବନୀ—'ଖର୍ଚ୍ଚର ମାତ୍ରା କମ କରିଦିଅନ୍ତୁ । ନୋହିଲେ ସବୁ ଧୂଳିସାତ୍ ହୋଇଯିବ ।'

ଜନ୍ମେଜୟ କହୁଥିଲା—ରାଜକୋଷ ଶୂନ୍ୟ ହୋଇ ଆସୁଛି । ନିଜ ଦଖଲ ଜମିର ସରକାରଙ୍କ ପ୍ରାପ୍ୟ କର ଆଦାୟ ଦିଆ ହୋଇନାହିଁ ।

କିନ୍ତୁ…

ମହାତ୍ମା ମୀନକେତନ କୌଣସିଥିକୁ କର୍ଣ୍ଣପାତ କରି ନାହାନ୍ତି । ଗଣିକା ସୁରଧୁନୀର କଣ୍ଠରେ ନୃତ୍ୟଗୀତର ସମ୍ମୋହରେ ବୁଡ଼ିରହି ପ୍ରତ୍ୟଙ୍ଗ ଭଙ୍ଗୀରେ ସେ ତାକୁ ଦାନ କରି ଆସିଛନ୍ତି ଏକଶତ ରୌପ୍ୟମୁଦ୍ରା—ଭଣ୍ଡାରଘର ତ କାମଧେନୁ ନୁହେଁ—ଇଚ୍ଛା କଲାମାତ୍ରେ ଦାନ କରିପାରିବ ଅଜସ୍ର ଧନରତ୍ନ ।

ଆଜି ତାଙ୍କ ମନରେ ଭାବାନ୍ତର । ଇତର ଲୋକଠାରୁ ମଧ୍ୟ ସେ ନିଜକୁ ହେୟ ମନେ କରୁଛନ୍ତି । ଜନନୀ ହରିପ୍ରିୟା ଏହି ସମ୍ବାଦ ଶୁଣି ଅସୁସ୍ଥ ଶରୀରରେ ଘନ ଘନ ମୂର୍ଚ୍ଛା ଯାଉଛନ୍ତି । ତାଙ୍କର ଇଚ୍ଛା ତାଙ୍କର ଅଳଙ୍କାର ବିକ୍ରୟକରି ଏହି ଜମିକୁ ସେ ମୁକ୍ତ କରିବେ । ସେଥିପାଇଁ ସେ ଜନ୍ମେଜୟ ହସ୍ତରେ ନବାରଣଙ୍କୁ ଡକାଇ ପଠାଇଥିଲେ । ନବାରଣ ହିଁ ଏହି କର୍ମ ସୁରୁଖୁରୁରେ ସମ୍ପନ୍ନ କରିପାରିବେ ।

ବୃଦ୍ଧାଙ୍କର ଡାକରା ପାଇ ନବାରଣ ଯଥା ସମୟରେ ଆସି ଉପସ୍ଥିତ ହେଲେ ।

'ନବାରଣ, ଆମର ଦୁଃସମ୍ବାଦ କଥା ତମେ ବୋଧହୁଏ ଶୁଣିଥିବ ।' ହରିପ୍ରିୟା କହିଲେ ।

'ହଁ ସବୁ ଶୁଣିଛୁ । ଭାଗ୍ୟ ଚକ୍ରର ଆବର୍ତ୍ତନେ—ଭୁଞ୍ଜନ୍ତି ସୁଖଦୁଃଖ ଜନେ । ଜଟିଳ ସମସ୍ୟାର ଗତି । ମଦନଦାସ କାହା ଅର୍ଥରେ ସେ ଜମି ଖରିଦ କରିଛି ?. ସବୁ ତ ଭଗବାନଙ୍କ ଲୀଳା ।'

'କିନ୍ତୁ ନିବାରଣ, ତମକୁ ମଦନଦାସ ପାଖକୁ ଯିବାକୁ ହେବ । ମୋର ସମସ୍ତ ଅଳଙ୍କାର ପତ୍ର ବିକ୍ରୟ କରି ମୁଁ ସେ ଜମି ଉଦ୍ଧାର କରିବାକୁ ଚାହେଁ ।'

'ସେ କଣ ରାଜି ହେବ ?'

'ତାକୁ ରାଜି କରାଇବାକୁ ପଡ଼ିବ ନିବାରଣ ! ତୁମେ ଚେଷ୍ଟା କର ।'

ଅସୁସ୍ଥତା ବଶତଃ ବୁଢ଼ା ଆଉ ବାକ୍ୟାଳାପ କରିବାକୁ ଚାହୁଁ ନ ଥିଲେ । ନିବାରଣ ଅନ୍ନଦାନୀଙ୍କର ଇଚ୍ଛା ପୂର୍ଣ୍ଣ କରିବା ପାଇଁ ମଦନଦାସର ଗୃହାଭିମୁଖେ ଯାତ୍ରାକଲେ ।

ମାତ୍ର ନିଷ୍ଫଳ ସେ ଯାତ୍ରା । ଚତୁର୍ଗୁଣ ଅର୍ଥ ପ୍ରତିଦାନରେ ମଧ୍ୟ ମଦନଦାସ ସେ ଜମି ଫେରସ୍ତ କରିବାକୁ ପ୍ରସ୍ତୁତ ନୁହେଁ ।

ନୈରାଶ୍ୟର ଘନଚ୍ଛାୟା ସମଗ୍ର ପ୍ରାସାଦକୁ ଆଚ୍ଛାଦିତ କରି ରହିଥିଲା । ମୀନକେତନ ନିଜକୁ ଶତବାର ଅପମାନିତ ମନେ କରୁଥିଲେ । ମାତ୍ର ମଣିହରା ଫଣୀ ସଦୃଶ ସମସ୍ତ ନିର୍ଯାତନା ତାଙ୍କୁ ମସ୍ତକପାତି ସହ୍ୟ କରିବାକୁ ପଡ଼ିଲା । ନିଜ ହସ୍ତରେ ଯେ ନିଜର ଜିହ୍ୱା ଛେଦନ କରିସାରିଛି ସେ ଆଉ ଅନ୍ୟକୁ ଦୋଷ ଦେଇ ଲାଭ କଣ ?

ଚତୁର୍ଦ୍ଦିଗରେ ଅଶୁଭ ଶକୁନ । କୌଣସି ଏକ ଭୃତ୍ୟ ଆସି ଖବର ଦେଲା— ପ୍ରାସାଦ ଉପରେ ଦ୍ୱିପ୍ରହରରେ ପେଚକ ଆଉ ଶ୍ୟେନପକ୍ଷୀ କ୍ରୀଡ଼ା କରୁଛନ୍ତି । ଅମଙ୍ଗଳର ସୂଚନା ।

ହରପ୍ରିୟା ପୁରୋହିତଙ୍କୁ ଡାକି ସଙ୍ଗେ ସଙ୍ଗେ ଦେବପୂଜା ଏବଂ ଦାନର ବ୍ୟବସ୍ଥା କଲେ । ପ୍ରାସାଦରେ ନାମ ସଂକୀର୍ତ୍ତନ ହେଲା ।

ସନ୍ଧ୍ୟାରେ ପୁଣି ନିବାରଣଙ୍କୁ ଡାକି ବୁଢ଼ା କହିଲେ—'ନିବାରଣ, ଦେଖୁଛ ତ; ବିପଦ ଉପରେ ବିପଦ ଆସି ପଡ଼ୁଛି । ମନେ ହେଉଛି ମୁଁ ଆଉ ବେଶୀଦିନ ବଞ୍ଚିବି ନାହିଁ । ଏହି ସବୁ ଅଶୁଭ ସୂଚନା ମୋର ମୃତ୍ୟୁର ସଙ୍କେତ ଦେଉଛି......'

[illegible]

ବୁଢ଼ା ଶିଶୁଅଶ୍ରୁ ଚାହିଁ କହିଲେ—
'ନବାରଣ, ଏ ଜଣର ସର୍ବନାଶ ମୁଁ ଦେଖି ପାରୁନ ନାହିଁ । କେବଳ ତେଣୁ ସତ୍ତ୍ୱେ ମୀନକେତନ ମଣିଷ ହେଲାନାହିଁ । ମୁଁ ଆଉ କାହିଁକି ବଞ୍ଚିବି ? ତୁମେ ବୋଧହୁଏ ଜାଣ, କୃତ୍ତିକା ଖୁବ୍ ଦୁଃଖିନୀ । ତାହାଙ୍କପାଇଁ ସର୍ବଦା ମୁଁ ନୟନରୁ ଲୁହ ଝରାଉଛି । ମୋର ଇଚ୍ଛା, ଯାହାକିଛି ଅଳଂକାର ଯାହା ମୋର ଅଛି, ସବୁ ମୁଁ ତାକୁଇ ଦେଇଯିବି ।'

ଦୁର୍ବଳ ଶରୀରରେ ଆପଣ ବେଶୀ କଥା କହିବା ଠିକ୍ ହେଉନାହିଁ ।'

'ନାହିଁ କି ମୋର ଆଜି କଥା କହିବାପାଇଁ ଖୁବ ଇଚ୍ଛା ହେଉଛି । ଆଉ ବୋଧହୁଏ କଥା କହି ପାରିବି ନାହିଁ । ମୀନକେତନର ବାପା ସ୍ୱର୍ଗପୁରରେ ଉଚ୍ଚ ମତେ ଡାକୁଛନ୍ତି, ଆଜି ମୁଁ ତାଙ୍କର ସ୍ୱର୍ଗ ପାଉଛି । ମତେ ଯେମିତି ଲାଗୁଛି ନବାରଣ, ସେ ଏଇଠି ମୋର ପାଖରେ ଆଜି ଅଛନ୍ତି । ମୁଁ ଆଉ କାହିଁକି ରହିବି ? ମୋ ପାଇଁ ଆସୁଛି ପୁଷ୍ପକ ରଥ—ଦେଖ ଦେଖ ନବାରଣ ସ୍ୱର୍ଗର ଦେବଦୂତ ମତେ ଡାକୁଛନ୍ତି...'
ବୁଢ଼ା ପୁଣି ମୂର୍ଚ୍ଛିଗଲେ ।
ନବାରଣଙ୍କ ନୟନ ଯୁଗଳ ଲୋତକସିକ୍ତ ହେଉଥିଲା । ଜନୈକ ଭୃତ୍ୟ ଦ୍ରୁତପଦରେ ଯାଇ ମୀନକେତନଙ୍କୁ ଡାକିଆଣିଲା ।

'ମା—ମା' ମୀନକେତନ ବୁଢ଼ାଙ୍କ ଶ୍ୱେତକେଶଯୁକ୍ତ ମସ୍ତକ ଉପରେ ହାତ ବୁଲାଇ ଆଣିଲେ ।

'ତାଙ୍କର ମସ୍ତିଷ୍କ ଭ୍ରମ ହେଉଛି'—କହିଲେ ନବାରଣ ।
'ମା—ମା' ମୀନକେତନଙ୍କ କଣ୍ଠରେ ବ୍ୟସ୍ତତା ।
ବୁଢ଼ା ନୟନ ଖୋଲିଲେ—'ମୀନକେତନ, ମତେ ଆଉ ଧରି ରଖିପାରିବୁ ନାହିଁ । ଭାରି ଦୁଃଖ ହେଉଛି ଶେଷ ସମୟରେ କୃତ୍ତିକୁ ମୁଁ ଦେଖି ପାରୁନାହିଁ । ତାକୁ ବହୁତଗୁଡ଼ିଏ କଥା କହିବାର ଥିଲା । ବହୁତ ଉପଦେଶ ଦେବାକୁ ଥିଲା । ଯାଉ ।'
'ମା', ଭଗବାନ ପୂର୍ଣ୍ଣ ସୁସ୍ଥ କଟେଇ କେବେ ଜମି ଆସେମ୍ କରିପାରିବା । ଆମମାନଙ୍କୁ ଛାଡ଼ିଏ ମାଣ ଚାଲିଯିବ ତୁମେ ଏମିତ ଯାଉଛ !' ମନ୍ଦନାଥ

ଏଣିକି ନିରାଉଣକୁ ଗୋଡ଼ ପଡ଼ାଉଣରେ ଲୁଚିଲା ଆଜିଠୁ । ସେମାନେ ତ ଆମର ଜଣାର ଦୁର୍ବୃତ୍ତ ମା ।'

'ବାବା, ତୁ ତ ଜାଣୁ ବୁଝିଲୁ ନାହିଁ । ଯାହା କେଉଁଠି ହେଉଛି, ଯାହା କେଉଁଠି ହେବ ସେ ସବୁକୁ ତୁ ନିଜେ ନଜର ନ ଦେଲେ ଚଳିବ କିପରି ? ଭୋଳା ମନ ତୋର, ପିଲାବୁଦ୍ଧି ଏବେବି ଯାଇନାହିଁ । ଯେଉଁ ଦାୟିତ୍ୱ ତୋ'ଉପରେ ପଡ଼ିଛି, ତାକୁ ଯଦି ତୁ ତୁଲାଇ ନ ପାରୁ ସେ ନିନ୍ଦା ତୋ'ର । ଲୋକେ କହିବେ—ମଙ୍ଗରାଜ ବଂଶରେ ଅକର୍ମଣ୍ୟଟାଏ ଜନ୍ମିଥିଲା ।'

ବୁଢ଼ୀଙ୍କ ଆଖିରୁ ଝରୁଥିଲା ଧାର ଧାର ଲୁହ ।

ଜନନୀର ଅକୃତ୍ରିମ ସ୍ନେହ ନିକଟରେ ମୀନକେତନ ନିଜକୁ ହଜାଇ ବସିଲେ । ନିଜକୁ ସମ୍ଭାଳି ନ ପାରି ସେ କହିଲେ—'ମା, ସତରେ ତୁମର ପୁଅ ଅକର୍ମା । ଏହି ବଂଶର ଗୌରବ ଗରିମା ରକ୍ଷା କରିବାକୁ ସେ ଅକ୍ଷମ । ଅଭିଶାପ ଦିଅ ମା !'

'ପାଗଳ ! ମା କେବେ ପୁଅକୁ ଅଭିଶାପ ଦିଏ ? ଦେଖୁଛ ନିରାଉଣ, ପିଲାବୁଦ୍ଧି ତୁଟିପାରି ଯାଇନାହିଁ । ତୋତେ ମୁଁ ଆଶୀର୍ବାଦ କରିବି ବାପା; ତୁ ଏ ବଂଶର ମର୍ଯ୍ୟାଦାକୁ ଅକ୍ଷୁଣ୍ଣ ରଖ ।'

'ଜନନୀ ଜନ୍ମଭୂମିଶ୍ଚ, ସ୍ୱର୍ଗାଦପି ଗରୀୟସୀ—ମାତୃବାକ୍ୟ ଆପଣଙ୍କୁ ଅକ୍ଷରେ ଅକ୍ଷରେ ପାଳନ କରିବାକୁ ହେବ ।' ନିରାଉଣ କହିଲେ ।

'ମା, ମୁଁ ଆଜି ରାଜ୍ୟରେ ଯାଇ ଜାଗ୍ରିକୁ ନେଇ ଆସୁଛି ।'

'ସେ ସମ୍ପୂର୍ଣ୍ଣ ଆରୋଗ୍ୟ ହେଲଣି ତ ?'

'ସମ୍ପୂର୍ଣ୍ଣ ନ ହେଲେ ମଧ୍ୟ ଚୂଲବୂଲ କରି ପାରିଲଣି ।

'ନା, ସେ ପୂର୍ଣ୍ଣ ଆରୋଗ୍ୟ ହେଉ । ତୁ ବ୍ୟସ୍ତ ହ'ନା । କିନ୍ତୁ ଏ ବଂଶର ଯୋଗ୍ୟ ବଧୂ—ତୁ ତାକୁ କେବେହେଲେ ଅବହେଳା କରିବୁ ନାହିଁ । ସେ ଏ ଗୃହର ଲକ୍ଷ୍ମୀ, ସେ ଯଦି ଅସନ୍ତୁଷ୍ଟ ହୁଏ, ତେବେ ଏ ଗୃହର ମଙ୍ଗଳ ହେବନାହିଁ । ତୁ ବୁଦ୍ଧିମାନ, ତୋତେ ମୁଁ ଆଉ କହିବି ବାପା; ଗୃହ ଲକ୍ଷ୍ମୀର କ୍ରୋଧ ନିଆଁରେ ସୁଖଶାନ୍ତି ଜଳିପୋଡ଼ି ଯାଏ—ସୁଖଶାନ୍ତି ନଷ୍ଟ ହେଲେ ମନୁଷ୍ୟ ଅଶାନ୍ତିପୂର୍ଣ୍ଣ ହୁଏ ।

'ମା, ମୋର ମୋହାନ୍ଧତା ଏବେ ଦୂରୀଭୂତ ହୋଇଛି । କିନ୍ତୁ ତେଣୁ ମୁଁ ସମ୍ମୁଖରେ ଦେଖୁଛି ଅତୀତ ମୋର ଅତ୍ୟନ୍ତ ପଙ୍କିଳ । ସ୍ନେହର ଗଙ୍ଗୋଦକ ସିଞ୍ଚିଦିଅ ମା—ସେହି ଉଦକ ସ୍ପର୍ଶରେ ମୋର ପୁନର୍ଜନ୍ମ ହେଉ—ମୁଁ ପୁଣି ଏଇ ଗୌରବୋଜ୍ଜ୍ୱଳ ବଂଶର ଗରିମାକୁ ଉଜ୍ଜ୍ୱଳରୁ ଉଜ୍ଜ୍ୱଳତର କରେ...।'

'ସମୟର ଗତି ସବୁ ଗ୍ରାସ କରି ଯାଇଛି । ମୋର ସ୍ପଷ୍ଟ ମନେ ଅଛି, ତୋର ବାପା ମୃତ୍ୟୁର ପୂର୍ବରୁ ଭବିଷ୍ୟତବାଣୀ କହିଥିଲେ—ଏଇ ବଂଶର ପତନ ଅବଶ୍ୟମ୍ଭାବୀ ।

'ଆଉ ମୁଁ ବୋଧହୁଏ ସେହି ବଂଶର ଶେଷ କୁଳାଙ୍ଗାର ମା ।'

'ତେଣୁ ତୁ ସତର୍କ ରହିବା ଉଚିତ । ଲୋକମୁଖରୁ ମୁଁ ଶୁଣିଛି ତୋର ଅପକର୍ମ । କିନ୍ତୁ କେବେ କିଛି କହିନାହିଁ । ଆଜି କିନ୍ତୁ ମୋର ଏକମାତ୍ର କାମନା ତୁ ଭଲ ହ' ।'

'ମା' ତୁମେ ମୋତେ ଏତେଦିନ ଯାଏ ଶାସନ ନ କଲ କାହିଁକି ? ମା, ମା ।'

ବୃଦ୍ଧାଙ୍କର ଶକ୍ତି ହ୍ରାସ ହେଉଥିଲା । ପ୍ରାସାଦର ଶେଷ ଭାଗରେ ଗୋଟିଏ ପ୍ରକୋଷ୍ଠର ଜୀର୍ଣ୍ଣ ଛାତ ଖସି ପଡ଼ିଲା ତଳେ । ସମସ୍ତେ ଚକିତ ବିସ୍ମୟରେ ଚାହିଁଲେ ।

ହରପ୍ରିୟାଙ୍କର ନୟନ-ଲୋତକ ପଲକ ଭେଦି ତଳେ ଝରି ପଡ଼ୁଥିଲା । ପ୍ରାଣରେ ତାଙ୍କର ଯେଉଁ ଆଘାତ ଲାଗିଛି, ଦୁରାରୋଗ୍ୟ ତାର କ୍ଷତ ।

ଶୃଗାଳର ଅଶୁଭ-କର୍କଶ କଣ୍ଠରେ ନିନାଦିତ ହେଉଥିଲା ଧରିତ୍ରୀ ।

ହରପ୍ରିୟାଙ୍କର ଚକ୍ଷୁ ମୁଦ୍ରିତ ହେଉଥିଲା । ନିବାରଣ କ୍ରନ୍ଦିତ କଣ୍ଠରେ ଗୃହତ୍ୟାଗ କରି ପଳାୟନ କଲେ । ଆଉ ମୀନକେତନ ?

ଜନନୀ ସମକ୍ଷରେ ସେ ଆଜି ଶିଶୁ—କ୍ରନ୍ଦନର ରୋଳରେ ବିଦୀର୍ଣ୍ଣ କରି ଦେଉଛନ୍ତି ଆକାଶ । ନିସ୍ତବ୍ଧ ରଜନୀ ବଢ଼ି ଉଠୁଛି ଆତୁର—ଆତୁର...।

[illegible]

'—ମୋର ଏଇ ଭଗ୍ନ ଜୀବନର ସ୍ମୃତିରେ ଏତ ସୁନ୍ଦର କବିତା ଆପଣ ରଚନା କରି ପାରିବେ ଅଶୋକବାବୁ ?' କ୍ଷୀଣ କଣ୍ଠରେ ଉନ୍ମୁକ୍ତା ନଳିନୀ ପଚାରିଲା ।

ନଳିନୀ ଆଜି ଏଇ ମେଡିକାଲରୁ ମୁକ୍ତି ପାଇଛି । ଅଗତ୍ୟା ଅଶୋକବାବୁ ତାକୁ ସଙ୍ଗରେ ତାଙ୍କ ଗୃହକୁ ନେଇ ଆସିଛନ୍ତି । ନଳିନୀର ପିତାମାତା ତାକୁ ନେଇ ଯାଇଥାଆନ୍ତେ ମାତ୍ର ଅଶୋକଙ୍କର ଐକାନ୍ତିକ ଅନୁରୋଧ ଏଡ଼ି ନ ପାରି ଫେରି ଆସିଛନ୍ତି । ହରିପ୍ରିୟାଙ୍କ ମୃତାହକର୍ମକୁ କୁନ୍ତଳା ଚାଲି ଯାଇଛି ନୟନପୁର । ନଳିନୀକୁ ନେବାପାଇଁ କଟକ ଆସିଥିଲା ମାତ୍ର ତାର ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ଫେରି ନ ଥିବାରୁ ଟ୍ରେନଯାତ୍ରା ତା' ପକ୍ଷରେ ଅନୁକୂଳ ନୁହେଁ ବୋଲି ଡାକ୍ତରମାନେ ମତ ଦେଲେ । ତେଣୁ କୁନ୍ତଳାକୁ ଏକାକିନୀ ଫେରିବାକୁ ପଡ଼ିଲା ।

ଜୀବନ ପ୍ରାଣ ପାଇଛି । ନଳିନୀକୁ ବେଶ୍ ଭଲ ଲାଗୁଛି ତ ତାଙ୍କ କଥାବାର୍ତ୍ତା— ବକ୍ତୃତା । ତାଙ୍କର ନକ୍ସମ ଆଙ୍କିଛନ୍ତି ବେଶ୍ ତ ଉପଭୋଗ୍ୟ ।

ଅନେକ ଦିନ ଜୀବନ ପରେ ନିଜ ପ୍ରଭାତର ଆଲୋକ, ଯଥାର୍ଥ ନଳିନୀ ଦେଖି ଚମକି ପଡ଼ିଛି । ସତେ, ସତେ ବାହାର ଜଗତ କେଡ଼େ ଏମିତି ଭାବପ୍ରବଣ । ତୁମ୍ଭ ମନ ଚାହେଁ ସହାନୁଭୂତି—ସ୍ନେହୋଦକ ସିଞ୍ଚିତ କର । ନିଜ ଜୀବନ ରଣାଙ୍ଗନରେ ପୂର୍ଣ୍ଣ ମାତ୍ରାରେ ନିଃସ୍ୱ ହୋଇ ପଡ଼ିଛି । ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ସେ ଫେରି ପାଇନାହିଁ—ତଥାପି ଯେତିକି ପାଇଛି, ସେତିକିର ମୂଲ୍ୟ ସୁନ୍ଦର କରି ତୋଳିଛି ତାକୁ ।

ଅଶୋକଙ୍କ କୁଶନ-ଉପରେ ଉପବେଶନ କରି ସାମ୍ନା ମୋହକ ଚନ୍ଦ୍ରାରେ କହୋଇ ଥିଲେ । ସେ ସ୍ମୃତିରେ ଏକ କରୁଣ ଅପରୂପା ନାରୀ ମୂର୍ତ୍ତିକୁ କାନ୍ଦି ଭାବଧାରାରେ ଦେଖି ଉଚ୍ଛ୍ୱସିତ ହେଉଥିଲେ ।

ସମାପ୍ତ

—'ନଗ୍ରଦେବତ, ଆପଣଙ୍କର ଜୀବନ କାହିଁ ଶାପଗ୍ରସ୍ତ ବୋଲି ଆପଣ ଭାବୁଛନ୍ତି କାହିଁକି ?'

'ଆପଣ ଭଲ । ପ୍ରତିଭାର ଅର୍ଥ ଆପଣଙ୍କ ସମ୍ମୁଖରେ କେତେ ନୂତନ ଭାବରେ ଦେଖାଦିଏ । ଆପଣ ତ କଳ୍ପନା କରି ପାରିବେ ନାହିଁ ଅନ୍ୟମାନଙ୍କୁ । ଜୀବନର ଉଲ୍ଲାସ ଓ ଲୀଳ ପ୍ରେମାସ୍ପଦଙ୍କ ଗତ ହୋଇଥାନ୍ତା—ତେବେ ବନ୍ଧୋପାନ୍ତ କ୍ଷୁଧିତ ଉଲ୍ଲାସର ଜନ୍ମ ଧର୍ମ ପୃଷ୍ଠରେ ନ ଥାନ୍ତା ।'

'ଗୋଟିଏ କାହିଁକି, ମୁଁ ଅଶେଷ ଜଞ୍ଜାଳ ନେଇ ଆପଣଙ୍କ ପାଦତଳେ ଉପହାର ଦେବାକୁ ଚାହେଁ—କିନ୍ତୁ......'

'କିନ୍ତୁ ଆଉ କଣ ଭଲ ?'

'ନଗ୍ରଦେବ, ମୋ ଜୀବନକୁ ଏମିତି ଭାବରେ ଭାଙ୍ଗି ଦେବାରେ ଆପଣ ଦୋଷୀ ନୁହନ୍ତି କି ?'

'ଆପଣଙ୍କ ଜୀବନକୁ ଭାଙ୍ଗି ଦେବାରେ ମୁଁ ଦୋଷୀ ! କଣ କହୁଛନ୍ତି ଆପଣ ?'

'ମୁଁ ଠିକ କହୁଛି । କୁନ୍ତଳାକୁ ମୁଁ ବିବାହ କରିଥିଲି ସତ......' କଣ୍ଠରୁଦ୍ଧ ହୋଇଗଲା ତାଙ୍କର । ସମସ୍ତ ଶକ୍ତିଧାରାକୁ ବାନ୍ଧି କରିବା ପାଇଁ ସେ ଅକ୍ଷମ ହେଲେ ।

ନଗ୍ର କହିଲା—'କୁହନ୍ତୁ, କେଉଁ ଭାବରେ ମୁଁ ଦୋଷୀ ? ଆଉ କଣ ହୋଇଛି ଆପଣଙ୍କର ?'

'କଣ ନ ହୋଇଛି ମୋର ? ଆପଣ ତ ଜାଣିଛନ୍ତି, ମୁଁ ଭାବନା ବିଳାସୀ ଲୋକ । ମୋର ସଙ୍ଗିନୀ ହେବାପାଇଁ କବିତାରହିଁ ଯୋଗ୍ୟା । କିନ୍ତୁ ଆପଣଙ୍କ କୁନ୍ତଳା—କବିତା ବୁଝନ୍ତି ନାହିଁ, ସାହିତ୍ୟ ଠାରୁ ଏକସହସ୍ର ଯୋଜନ ଦୂରରେ ସେ ଥାଆନ୍ତି ।'

'ଓ, ଏଇକଥା—' ନଗ୍ର ସ୍ୱଭାବ ସୁଲଭ ଭାବରେ ହସି କହିଲା—'ସମସ୍ତେ କଣ ସାହିତ୍ୟିକ ହୋଇ ପାରିବେ କି। କବିତା ଲେଖି ପାରିବେ କି ଅବା ବୁଝିବାକୁ ? ତାହା ତ ସ୍ୱର୍ଗୀୟ ଦାନ । କୁନ୍ତଳା କିନ୍ତୁ ସୁଗୃହିଣୀ ।'

'ଆଦର୍ଶର ଅପମାନ'—ଦୃଢ଼ ସ୍ୱରରେ ଅଶୋକ—'ମୁଁ ଭାଗ୍ୟବାଦର ଦାସତ୍ୱର ଶୃଙ୍ଖଳା ଲୋଡ଼ିପାରେ ନାହିଁ । କେବଳ ଏକ ସୁନ୍ଦରୀର ଉପରେ ସ୍ୱପ୍ନଜାଲ ନେଇ ଗୃହ ସଂସାର କରିବାର ମନୋବୃତ୍ତି ଅନ୍ତତଃ ମୋର ନାହିଁ । ସନ୍ତାନ ଜନ୍ମ, ବିବାହିତ ଜୀବନରେ ଏକ ଆକସ୍ମିକ ଘଟଣା ହେବା ଉଚିତ । ସେହି ଲକ୍ଷ୍ୟରେ ଜୀବନ ଯାପନ କରିବା ଅତ୍ୟନ୍ତ ଆବଶ୍ୟକ ।'

'ଅଶୋକବାବୁ, କୁନ୍ତଳା ଆପଣଙ୍କୁ ଯାହା ନ ଦେଇ ପାରିଲା ତାହା ତ ଆପଣ ପ୍ରୀତିଲେଖାଠୁ ପାଇଛନ୍ତି । ନୁହେଁ ?'

ଅଶୋକଙ୍କ ମୁଖମଣ୍ଡଳକୁ ସଙ୍ଗେ ସଙ୍ଗେ ବିଷାଦର ଛାୟା—ସେ କହିଲେ—
'ମତେ ଆଉ ପରିହାସ କରନ୍ତୁ ନାହିଁ । ପ୍ରୀତିଲେଖାର ସୁଦ୍ଧ-ସାନ୍ନିଧ୍ୟ ମୋ ଜୀବନରେ ଏକ ଅଦ୍ଭୁତ ଦୁର୍ଘଟଣା… ।'
'କାହିଁକି ?' ବିସ୍ମିତ ହେଲା ନୀଳା ।
'ଆପଣ ବୋଧହୁଏ ଜାଣି ନାହାନ୍ତି ନୀଳାଦେବୀ, ପ୍ରୀତି ମତେ ପ୍ରତାରିତ କରିଛି । ମୁଁ ଜାଣି ନ ଥିଲି, ତାକୁ ଦେଖିବାକୁ ମୋ ଅନ୍ତର ଗୁମରି ଗୁମରି ଭୁଲିଥିଲି । ପ୍ରୀତି ସମସ୍ତଙ୍କୁ ପ୍ରେମକରେ ବୋଲି ଛଳନା କରି କେଶ କ୍ରୀଡ଼ା କରୁଥିଲା । କିନ୍ତୁ ତାର ସମସ୍ତ ଛଳନା ଧରା ପଡ଼ିଗଲା । ସତ୍ୟ କେତେଦିନ ଲୁକ୍କାୟିତ ରହିବ ? ଏକମାସ ହେବ ମୁଁ ତା ସହିତ ସମସ୍ତ ସମ୍ପର୍କ ଛିନ୍ନ କରି ଦେଇଛି ।'
'ତା' ପାଇଁ ମୋର ଦୁଃଖହୁଏ ଅଶୋକବାବୁ ।'
'ଏ' କଣ ଆପଣ କହୁଛନ୍ତି ନୀଳାଦେବୀ ? ବରଂ ଏଥିରେ ଆପଣ ଖୁସିହେବା ଉଚିତ ।'
'ନା, ମୁଁ ଖୁବ୍ ଦୁଃଖିତ ।'
'କୁନ୍ତଳା ପ୍ରତି ଆପଣଙ୍କର କଣ କହିବା ନାହିଁ ?'
'କୁନ୍ତଳା, ପ୍ରୀତି, ମୁଁ ସଭିଏଁ ନାରୀ ।'

'ଓ, ସମଗ୍ର ନାରୀ ଜାତିର ପ୍ରତିନିଧିତ୍ୱ କରୁଛନ୍ତି ଆପଣ ! ତାହାହେଲେ ତ ଖୁବ୍ ଭଲ । ମୋର କର୍ମକୁ ଆପଣ ଅପରାଧ ବୋଲି ମନେ କରିବେ ନାହିଁ ।'
'ହୁଁ...' ହସିଲା ନୀଳା—'ଆପଣ ଯେଉଁ ଅପରାଧ କରିଛନ୍ତି ତାହା

ପମାର୍ଜନୀୟ । ପରକୀୟା ପ୍ରେମରେ ପଡ଼ି ବିବାହିତା ସ୍ତ୍ରୀକୁ ଉପେକ୍ଷା କରିବା କଣ ଅପରାଧ ନୁହେଁ ?'

'ତେବେ ଆପଣ ଶାସନ କରନ୍ତୁ, ଶାସ୍ତି ଦିଅନ୍ତୁ, ମସ୍ତକ ପାତି ସବୁ ମୁଁ ଗ୍ରହଣ କରିବି ।'

'ମୁଁ କଣ ଶାସ୍ତି ଦେବି କିବା ? ମୋର କ୍ଷମତା କଣ ଅଛି ? ଆପଣ ନିଜେ ଦେଖୁଛନ୍ତି, ମୁଁ ନିଜେ ବିଦଗ୍ଧା—ଲାଞ୍ଛିତା ।'

'ମୁଁ ସବୁ ଦେଖୁଛି, ଆଉ ସେଇଥିପାଇଁ ଆଜି ଅସୀମ ସାହସରେ ଆପଣଙ୍କ ସହିତ ହସିହସି କଥା କହି ପାରୁଛି । ନୋହିଲେ...'

'ଆପଣ ବଡ଼ ଦୁର୍ବଳ ଅଶୋକବାବୁ ! ନା, ନା, ଆପଣ ଏକା କାହିଁକି, କାମ ମାତ୍ରେଇ ଦୁର୍ବଳ ।'

'ମହୀୟସୀ ବାଣୀର ବାଧୁଙ୍କର ଏହି ଉକ୍ତି ମୁଁ ସ୍ୱୀକାର କରିନେଲି ।'

'ତେବେ ନିଜ କୃତକର୍ମର ଅପରାଧ ପାଇଁ ଶାସ୍ତି ଗ୍ରହଣ କରିବାକୁ ପଡ଼ିବ ।'

'ଆପଣଙ୍କ ମୁଖ ନିଃସୃତ ସମସ୍ତ ଆଦେଶ ମୁଁ ପାଳନ କରିବି ।'

'ଆଦେଶ ନୁହେଁ, ଅନୁରୋଧ ।'

'ନିଶ୍ଚୟ, ମୋ ସମ୍ମୁଖରେ ଆପଣ ନିଜକୁ ଭଲରୁ ଉନ୍ନତର କରି ତୋଳି ପାରିବେ । ଆପଣଙ୍କ ଦେହକାନ୍ତିରେ ସମଗ୍ର ଗୃହ ମୋର ଆଲୋକିତ । ଅନୁରୋଧ କରନ୍ତୁ...'

କିନ୍ତୁ ସହାସ୍ୟବଦନ ତୋଳି କଟାକ୍ଷପ କଲା ବକ୍ରଦୃଷ୍ଟି । ଅଶୋକଙ୍କ ପ୍ରାଣତନ୍ତ୍ରୀ ଆବେଗରେ ଶିହରି ଉଠିଲା । ଦୁର୍ବଳ ଅଶୋକ—ସମ୍ମୁଖରେ ଅତୃପ୍ତା ନାରୀ । ପରାଜୟ ନା ବିଜୟ ?

ରାଜପଥରେ ହଠାତ୍ ଉଚ୍ଚରୋଳ ଶ୍ରୁତିଗୋଚର ହେଲା । କେଉଁ ଏକ ନାରୀ କଣ୍ଠର ପ୍ରାଣସ୍ପର୍ଶୀ କ୍ରନ୍ଦନ । ଅଶୋକ ତତ୍‌କ୍ଷଣାତ୍ ବାହାରି ଆସିଲେ ।

ଅସହାୟା ନାରୀମୂର୍ତ୍ତି ଏକ—କେଉଁ ଏକ ଦୁର୍ବୃତ୍ତର କବଳରେ ପଡ଼ିଥିଲା । ତାହାଙ୍କର ଲୋକ ସମାଗମ ଦେଖି ସେ ପଳାୟନ କରୁଛି । ନାରୀଟିକୁ ନାନା ପ୍ରଶ୍ନକରି ଅଶୋକ ବୁଝିଲେ ଯେ—ସ୍ୱାମୀ ସହିତ କଳହ କରି ସେ ଟ୍ରେନଯୋଗେ ଗୋଟାଏ ଷ୍ଟେସନକୁ ପଳାଇ ଆସିଛି । କଟକ ଷ୍ଟେସନରେ ଦୁର୍ବୃତ୍ତ ଜଣକ

ତାକୁ ଖୁବ୍ ବିଶ୍ୱାସ ଜନ୍ମାଇ ନେଇଥିଲି ତାର ସମସ୍ତ ଅଳଙ୍କାର ଅପହରଣ କରିବାର ଚେଷ୍ଟାରେ ଥିଲା ।

ଅଶୋକ ସେହି ନାରୀଟିକୁ ନିକଟସ୍ଥ ଥାନାକୁ ପଠାଇ ଦେଲେ ।

ନିଭା ସମସ୍ତ ଶୁଣି ଦୀର୍ଘନିଃଶ୍ୱାସ ଛାଡ଼ିଲା । ପାରିବାରିକ ଜୀବନ ଯାହାର ଦୁଃଖମୟ, ଅନ୍ୟ ନାରୀର ଦୁଃସହ ଜୀବନ ଦେଖିଲେ ସ୍ୱତଃ ତା'ପାଇଁ ମନରେ ତା'ର ଆସେ ସହାନୁଭୂତି । ଅଶୋକ କହିଲେ—'ନିଭାଦେବି, ଆପଣଙ୍କ ଯନ୍ତ୍ରଣାମୟ ଜୀବନର ଯନ୍ତ୍ରଣାକୁ ମୁଁ ଲାଘବ କରି ପାରିଲେ ନିଜକୁ ମହା ଭାଗ୍ୟବାନ ମନେ କରିବି ।'

'ପାରିବେ ?' ନିଭାର ପ୍ରଶ୍ନ ।

କଠିନ ସମସ୍ୟା । କି ଉତ୍ତର ଦେବେ ଅଶୋକ ? କଣ୍ଠରେ ତାଙ୍କର ଅସୀମ ତୃଷା—କିପରି ଏହା ନିବାରିତ ହେବ ? ପାରିବାରିକ ଦୁଃଖରେ ଜର୍ଜରିତ ସୁରୂପା ସହାନୁଭୂତିଶୀଳା ନାରୀଟିଏ ଦେଖିଲେ କଳ୍ପନାର ମନ୍ଦିର ରଚନା କରେ । ଦୁଃଖ ଲାଘବ କରିବାପାଇଁ ସତତ ଚେଷ୍ଟିତ ହୁଏ ।

ନିଭା ଶିକ୍ଷିତା । କେଉଁ ଭାଷାରେ ଅଶୋକ ତାଙ୍କର ଅନ୍ତର ବ୍ୟକ୍ତ କରିବେ ? ନିଭା କହିଲା—'ଏ କେତେଦିନ ଆପଣ ମୋର ଖୁବ୍ ଶୁଶ୍ରୂଷା କଲେ ଅଶୋକବାବୁ । ଏ ଋଣ ମୁଁ ଆପଣଙ୍କର ପରିଶୋଧ କରିବି କିପରି ?'

'ମୋର କର୍ତ୍ତବ୍ୟ ମାତ୍ରହିଁ ମୁଁ କରିଛି । ପରିଶୋଧ କରିବାର ପ୍ରଶ୍ନ ତ ନାହିଁ ନିଭାଦେବି । ଆପଣଙ୍କର ଅନୁଗ୍ରହହିଁ ମୋର କାମ୍ୟ ।'

'କାବ୍ୟ ମନ୍ଦିରର ପୂଜାରୀ ଆପଣ । ଯାହାର ଅନୁଗ୍ରହ ପାଇଲେ ନିଜକୁ ଧନ୍ୟ ମନେ କରିବେ, ତାହାରି ଅନୁଗ୍ରହ ପ୍ରାର୍ଥୀ ହେବା ଉଚିତ । ମୁଁ କି ଅନୁଗ୍ରହ ଦେଇ ପାରିବି ଆପଣଙ୍କୁ ?'

କମ୍ପିତ ଚରଣରେ ଅଶୋକ ନିଭା ପାଖକୁ ଅଗ୍ରସର ହେଲେ—'ଯେଉଁ ଅନୁଗ୍ରହ ଚାହିଁବି, ତାହା ଦେବାକୁ ହେବ ।...'

ନିଭାର ହସ୍ତ ପଦରେ ଅସମ୍ଭବ କମ୍ପନ । ଠିକ ଏହି ମୁହୂର୍ତ୍ତରେ ବାହାରୁ କେହି ଦ୍ୱାର ଦେଶରେ ଆଘାତ କଲା ।

'କବାଟ ଖୋଲ ।'—ନାରୀ କଣ୍ଠର ସ୍ୱର ।

ଶେଷ

ଅଶୋକ ବାହାରି ଆସିଲେ । ସମ୍ମୁଖରେ ବୃହନ୍ନଳା ଏବଂ ମୀନକେତନଙ୍କୁ ଦେଖି ଆଶ୍ଚର୍ଯ୍ୟାନ୍ୱିତ ହେଲେ । ମୀନକେତନ କହିଲେ—'ମାତୃ ବିୟୋଗ ପରେ ଜୀବନର ଉପସ୍ଥିତ ଏକାନ୍ତ ଅବସାଦ । ତେଣୁ ସହସା ତାକୁ ଘେନିଯିବାକୁ କଟକ ଆସିଲି ।'

ମୀନକେତନଙ୍କ କଣ୍ଠଶୁଣି ଜଣେ ବାହାରି ଆସିଲା । ସମ୍ମୁଖରେ କାର୍ତ୍ତିକେଶ୍ୱର ସ୍ୱାମୀ । ସେ ନମସ୍କାର କଲେ । ବୃହନ୍ନଳା ମଧ୍ୟ ନିଭାକୁ ସାଷ୍ଟାଙ୍ଗ ପ୍ରଣିପାତ କରି ପ୍ରଶ୍ନକଲା—'ନୃତ୍ୟଦେବ, ତୁମେ ଏଠି କିପରି ?'

କିନ୍ତୁ ନିରୁତ୍ତର । ମହାକବି କାଳିଦାସଙ୍କ ନାଟ୍ୟାଧ୍ୟୟନ ତନ୍ମୟ । ନ ଯୋଗୀ ନ ତପସ୍ୱୀ ଭଳି ଅବସ୍ଥା ତାଙ୍କ । ମୀନକେତନ ସ୍ତମ୍ଭିତ ହେଲେ ।

—'ଦେହ ଭଲ ହୋଇ ଯାଉଛି ତ ?' ପ୍ରଶ୍ନକଲେ ସେ । ନିଭାର ଚକ୍ଷୁରେ କୋଣାର୍କ—ଶୀର୍ଣ୍ଣାଙ୍ଗୀର ଅଙ୍ଗ ସୌଷ୍ଠବକୁ ସେ ମୁହୂର୍ତ୍ତେ ଚାହିଁ ରହିଲେ ।

ଅଶୋକ ବାକ୍‌ଶୂନ୍ୟ—ଚାରୁ ସୁଲଳିତା ପରି ଦଣ୍ଡାୟମାନ । ସହସା ସାରଙ୍ଗ ଗୃହରେ ଜୀବନ ସଞ୍ଚାର ହେଲା । ବାଙ୍ମୟ ହେଲା ସମଗ୍ର ପୁର ।

ରାତ୍ରିର ନିର୍ଜନ କକ୍ଷରେ ମୀନକେତନ ନିଭାକୁ କହିଲେ—'ରାଣି, ମୋର ସମସ୍ତ ଦୋଷ ମାର୍ଜନା କରି ତୁମେ ଫେରିଗଲ । ମାତୃବିୟୋଗ ପରେ ମୁଁ ସହାୟଶୂନ୍ୟ ହୋଇ ପଡ଼ିଛି । ତୁମେହିଁ ମୋର ଏକମାତ୍ର ଆଶା ଭରସାର ସ୍ଥଳ । ଜିଦ୍‌ଖୋରୀ ଜନକର ଶେଷ ସମୟରେ ମୁଁ ଶପଥ କରିଛି ମଙ୍ଗରାଜ ବଂଶର ମୁଖ ଉଜ୍ଜ୍ୱଳ କରିବି । ତୁମରି ସାହଚର୍ଯ୍ୟରେ ମୁଁ ଏ ପ୍ରତିଶ୍ରୁତି ରକ୍ଷା କରିପାରିବି ।'

ନିଭାର ନୟନପଦ୍ମ ଲୋତକସିକ୍ତ ହେଉଥିଲା । ମୀନକେତନଙ୍କ ହଠାତ୍ ଆବିର୍ଭାବରେ ପ୍ରାଣପୁର ତା'ର ଉଚ୍ଛ୍ୱସିତ । ସ୍ୱତଃସ୍ଫୁର୍ତ୍ତ ପୁଲକ ।

ସେ ପୁଣି କହିଲେ—'ସୁରଶ୍ରୀ ବନାରସ ଚାଲି ଯାଉଛି । ତୁମ ମୋ ମଧ୍ୟରେ ନାହିଁ କିଛି ଆଉ ବ୍ୟବଧାନ । ଆମର ଜୀବନର ଚିରନ୍ତନ ମାଧୁରୀ ଆମକୁ କରିବ ଉଜ୍ଜୀବିତ । ତୁମେ ମୋର ସମସ୍ତ ଦୋଷ କ୍ଷମା କର ରାଣୀ !'

ସେ ନିର୍ବାକ ସ୍ୱାମୀ ଉରସରେ ଲଦି ହୋଇ ଯାଉଥିଲେ । ରାତ୍ରିର ଶୀତଳ ପବନରେ ଜଣେ ବନଫୁଲର ସୁବାସ ଚତୁର୍ଦ୍ଦିଗକୁ ପ୍ରସାରିତ ହେଉଥିଲା ।

ସମାପ୍ତ

=ଚଉଦ=

ପଲ୍ଲୀର ଶାନ୍ତ ଶୀତଳ ମୁହୂର୍ତ୍ତ । ପ୍ରାନ୍ତରରେ ପଲ୍ଲୀପ୍ରାନ୍ତ ଗୋଧନର ଆରବ ସନ୍ଧିଲଗ୍ନ—ବୃକ୍ଷ ଶାଖାରେ ଶାବତ୍ୟାନ୍ବେଷୀ ପକ୍ଷୀମାନଙ୍କର ଉଡ଼ିଭଡ଼ା—ଗୋଚର ଭୂମିରେ ଅସ୍ତ ମେଘ ଜଳର ପଦ୍ମଶ୍ରୀ ଶୋଭାପାଶ—ଶ୍ରାନ୍ତ ଫେରନ୍ତା ଗୃହୀ-କୁଳର ଆଶାୟୀ ନିଃଶ୍ୱାସ—ସ୍ପନ୍ଦିତ ଲତାଦଳର ମୃଦୁକମ୍ପ—ନବ ପଲ୍ଲବିତ ତରୁ ଶ୍ରେଣୀର ଅଧର ସ୍ନେହଭରା ସ୍ପର୍ଶ—ତାଳ ତମାଳ ବନର ସବୁଜିମା, ସବୁଭାବରେ ସୁନ୍ଦର କରି ତୋଳୁଛି ନୟନ ମଧୁର ।

ମଙ୍ଗଳଦୀପ ପ୍ରାସାଦରେ ଦୁଃଖର ଗୃହକଳହ ନାହିଁ—ସମସ୍ତ ଯେମିତି ଶୂନ୍ୟ ମରୁଭୂମି । ତଥାପି ଆଜ ମୀନକେତନ ଜଙ୍ଗଲରୁ ଫେରିଆସି କାତର ଦୈନିକ ଜୀବନ ଯାପନ କରୁଛନ୍ତି । ପ୍ରାସାଦର ଆଭ୍ୟନ୍ତରୀଣ ପରିଚାଳନାର ଭାର ସମସ୍ତ ଉତ୍କଳକନ୍ୟା ଉପରେ ନ୍ୟସ୍ତ ହୋଇଛି । ମୀନକେତନ ଫେରସ୍ତ ରୋଗୀ ବାଦଶାହ ପରି କାଳାତିପାତ କରୁଛନ୍ତି । ଜଙ୍ଗଲରୁ ଫେରିବାର ଏହି ସପ୍ତାହକ ମଧ୍ୟରେ ସମସ୍ତ ସହାନୁଭୂତି କେବଳ ନିଜ ଅକ୍ଳାନ୍ତ ଚେଷ୍ଟା ବଳରେ । ସମ୍ମିଳିତ ପରିବାରର ଉନ୍ନତମୁଖୀ ପ୍ରାସାଦ ଉନ୍ନତରୁ ଉନ୍ନତତର ହୋଇଛି ।

ଉତ୍କଳକନ୍ୟା କହୁଥିଲେ ସରକାରଙ୍କ ଦରବାରରେ ସେ ଘଣ୍ଟା ସାର୍ଟିଫିକେଟ ପାଇଥିଲେ ଘର ଅଭାବ ନ ଦେଲେ ଜମି ଜାଗା ହୋଇଯିବ ।

ପ୍ରାସାଦର ମଣ୍ଡପ ପାଖ ପର୍ଣ୍ଣର ପ୍ରତିଷ୍ଠା, ଉଭୟ ଲୌହ ସିନ୍ଦୂର ଶୂନ୍ୟ । ହରଶ୍ରିୟାଙ୍କ ଶ୍ରଦ୍ଧାଞ୍ଜଳିର ଋଣ ପରିଶୋଧ ହୋଇନାହିଁ ।

ମୀନକେତନ ଦେଖୁଥିଲେ, ଜୀବନରୁ ତାଙ୍କର ମନ ଅଦ୍ଭୁତ ରଙ୍ଗ । ପ୍ରାସାଦର କକ୍ଷ ଦେଖରୁ କୁନର ସ୍ତୂପ ନମ୍ର ହୋଇ ଆସିଲା ପର, ସ୍ମୃତିର ଆଶା ଶୀଘ୍ର ହୋଇ ଆସୁଛି । ଯାହାଙ୍କ ସୌନ୍ଦର୍ଯ୍ୟ—ଯାହାଙ୍କର ଗୌରବ, ବୃଦ୍ଧାବସ୍ଥା, ଆଭିଜାତ୍ୟ ସବୁ ମୃତପ୍ରାୟ । ସେହି ପ୍ରାସାଦରର ଉଚ୍ଚ ପରିଶ୍ରମ ଲକ୍ଷ ସ୍ୱର୍ଣ୍ଣ ଶାଖା, ସେମାନେ ପ୍ରାସାଦର ଉଚ୍ଚ ପାଦ ଅନ୍ଧକାରର ଗର୍ଭ ମଧ୍ୟରେ ଲୁଚି ହସଇ ରହିଛି । ଏ ପାଷାଣୀ ପାଷାଣ ଉତ୍କଳଙ୍କ ତୋଳାକାଳରେ ସେହି

ସମାପ୍ତ

ଭୃଙ୍ଗଙ୍କ ଅନବରତ ଗୁଞ୍ଜନ ହେଉଥିଲା, ସେଇଠି ଆଜ ଶୃଗାଳମାନଙ୍କ କନ୍ଦନ୍ତି ନୀରବତା । ଏହି ନୀରବତା ଶାନ୍ତିର ପ୍ରତୀକ ନା ଶ୍ମଶାନର ସଙ୍କେତ ?

ସୁରଧୁନୀ ତରଙ୍ଗ ଧ୍ୱନି ଜହ୍ନାଲୁଅ ସହିତ ଶ୍ୱେତକେଶକୁ ଉଦ୍ଭାସିତ କରୁଛି । ମୀନକେତନଙ୍କ ଶୁଷ୍କ ପ୍ରାଣ ବେଳେବେଳେ ତାହାର ସ୍ପର୍ଶରେ ଚଞ୍ଚଳ ହୋଇ ଉଠୁଛି । ସ୍ୱାଭାବିକ । କିନ୍ତୁ ତାଙ୍କର ଉତ୍ସାହ ନାହିଁ—ଉଦ୍ଦୀପନା ନାହିଁ ।

ନିଶ୍ଚୁପ ରହୁଛନ୍ତି—ଅଶୋକଙ୍କ କଥା । ଲଜ୍ଜିତ ମଧ୍ୟ ହେଉଛନ୍ତି । ମାନସିକ ଅସୁସ୍ଥତା ଜନିତ ଦୁର୍ବଳତା ଯୋଗୁ ସେ ଦିନ ସେ ତାଙ୍କ ଆଗରେ ଅକାଳର ଗୁଢ଼ାଣ ବ୍ୟକ୍ତ କରି ନିଜକୁ ଧରା ପକାଇ ଦେଇଥିଲେ ।

ମନୁଷ୍ୟ ପାରିପାର୍ଶ୍ୱିକ ଅବସ୍ଥାର ଦାସ । ମୀନକେତନ ଏବଂ କୁନ୍ତଳା ଠିକ୍ ମୁହୂର୍ତ୍ତରେ ଜୀବନରେ ପ୍ରବେଶ କରି ନ ଥିଲେ ତଥା ଭାଗ୍ୟ ଦେଖି ନଷ୍ଟ ହୋଇଯାଆନ୍ତା ।

ପୂର୍ଣ୍ଣିମାର ପୂର୍ଣ୍ଣଚନ୍ଦ୍ର ଜଗତକୁ ଆଲୋକିତ କରୁଛି । ଚନ୍ଦ୍ରଗ୍ରହଣର ରାତି । ମୀନକେତନ ଶୟନକକ୍ଷରେ ବସି ହାରମୋନିୟମ ଧରି ବିସ୍ମୃତ ଏକ ସଙ୍ଗୀତ ମନେ ପକାଇବାକୁ ଚେଷ୍ଟା କରୁଥିଲେ । କୋହଳ ଶିଳ୍ପ ଝରକାବାଟେ ବାତ୍ୟା ଅତଭର ଗନ୍ଧ ମହକିତ ହେଉଥିଲା । କଣ୍ଠ ଦେଶରେ ମାଳେ ଚମ୍ପା ଫୁଲ । ଉଦ୍ୟାନର ମାଳୀ ଏହି ଫୁଲ ଗୁଡ଼ିକ ସଞ୍ଜ ସମୟରେ ନିଜରୁ ଭେଟି ଦେଇ ଯାଇଥିଲା । ନିଜେ ତାହାକୁ ସଯତ୍ନରେ ଗୁନ୍ଥି ମୀନକେତନଙ୍କ କଣ୍ଠ ଦେଶରେ ଲମ୍ବାଇ ଦେଇଛନ୍ତି ।

ସମ୍ମୁଖରେ ଜନନୀ ହରପ୍ରିୟାଙ୍କର ଫଟୋଟି ଝୁଲୁଛି । ମୀନକେତନ ମୁହୂର୍ତ୍ତ-ମୁହୂର୍ତ୍ତ ଫଟୋଟି ଆଡ଼େ ଦୃଷ୍ଟି ନିକ୍ଷେପ କରୁଛନ୍ତି । ଗର୍ଭଧାରିଣୀର ଶେଷ କଥା ତାଙ୍କ ସ୍ମୃତି ପଟରେ ଜୀବନ୍ତ ହୋଇ ଉଠୁଛି ।
ନିଜେ କହିଲେ—'ମା'ଙ୍କର ଓ ମୋର ଯେଉଁ ଅଳଙ୍କାରମାନ ଅଛନ୍ତି ତାକୁ ବିକ୍ରୀ କରି ଋଣ ପରିଶୋଧ କରି ଦେବେ ବୁଝିଲ ।'

ଶେଷ

ଉତ୍ତର ପ୍ରତୀକ୍ଷାରେ ସେ ରହିଲା । ମୀନକେତନ ହାରମୋନିୟମ ବନ୍ଦ କରି କହିଲେ—'ରାଣି, ମା ତୁମକୁ ଉପହାର ଦେଇଥିଲେ ଏ ସବୁ ଅଳଙ୍କାର । ତାହାକୁ ହସ୍ତାନ୍ତର କରିବାର ଅଧିକାର ମୋର ତ ନାହିଁ । ତୁମର ଏହି ଦେହ ଲତାରୁ ସେହି ସବୁ ଅଳଙ୍କାର ଫୁଲ ଗୁଡ଼ିକୁ ମୁଁ ଛାଡ଼ି ନେବି କିପରି ? ମୁଁ ଏହା କରି ପାରିବି ନାହିଁ ।'

'ତାହାହେଲେ ତୁମେ ଋଣ ମୁକ୍ତ ହେବ କିପରି ?' ପ୍ରଶ୍ନ କଲା ପୁଣି ସେ । ମୀନକେତନ ସାମାନ୍ୟକ୍ଷଣ ମୌନ ରହି କହିଲେ—'ଦେଖାଯିବ, ମୁଁ ଚିନ୍ତା କରୁଛି, ଯଦି ଅନ୍ୟ କୌଣସି ପନ୍ଥା ବାହାର କରିପାରେ ।'

ଏ ପ୍ରକାର ଉତ୍ତର ଅବଶ୍ୟ ନିଭାକୁ ସନ୍ତୁଷ୍ଟ କରି ପାରିଲା ନାହିଁ । କିନ୍ତୁ ଅଗତ୍ୟା ସେ ଏ ପ୍ରଶ୍ନରୁ କ୍ଷାନ୍ତ ହେଲା ।

ମୀନକେତନ କହିଲେ—'ରାଣି, ତୁମର କୋମଳ ପ୍ରାଣରେ ମୁଁ କେତେ ଆଘାତ ଦେଇଛି, ତୁମର କାତର ନୟନରୁ କେତେ ଲୋତକ ଝରିଛି । ଏହି କପଟ ମିଥ୍ୟା ଆଭିଜାତ୍ୟର ଛାଇ ଦେଇ ତୁମର ଇଚ୍ଛାବିରୋଧୀ କେତେ ଅକର୍ମ ମୁଁ କରିଛି । ତୁମେ ଶିକ୍ଷିତା—ଆଧୁନିକା ହୋଇମଧ୍ୟ ମୋର ଅଗୌରବ କରିନାହିଁ । ତୁମକୁ ସହୀରୂପେ ପାଇ ମୁଁ ଧନ୍ୟ...'

'ଥାଉ, ଆତ୍ମପ୍ରଶଂସା ଶୁଣିବାର ବେଳ ଏ ନୁହେଁ । ମୁଁ ମୋର କର୍ତ୍ତବ୍ୟ କରିଛି । ସ୍ତ୍ରୀର ଅର୍ଥ ଯଥେଚ୍ଛାଚାରିତା ନୁହେଁ—ଔଦ୍ଧତ୍ୟ ନୁହେଁ ।'

'ତୁମେ ବାସ୍ତବିକ ସୀତା, ସାବିତ୍ରୀର ଆଦର୍ଶରେ ଅନୁପ୍ରାଣିତ ।'

ମୀନକେତନ ଭାବବିହ୍ୱଳରେ ନିଭାର ଶିରଚୁମ୍ବନ କଲେ । ଇତ୍ୟବସରରେ ଜଣେକ ଭୃତ୍ୟ ଆସି ଜଣାଇଲା—ବାହାରେ ନିବାରଣ ବାବୁ ସାକ୍ଷାତ ଅପେକ୍ଷାରେ ଦଣ୍ଡାୟମାନ । ତାଙ୍କୁ ଆସିବାକୁ ନିର୍ଦ୍ଦେଶ ଦେବାପାଇଁ ଆଦେଶ ଦେଇ ସେ କହିଲେ—'ରାଣି, ନିବାରଣ ଆସୁଛନ୍ତି; ସେହି ପୁରୁଣା କଥାରେ ପୁଣିଥରେ ଆବୃତ୍ତି କରିବେ '
ନିଭା ମୃଦୁ ହସିଲା ।

ସମାପ୍ତ

ସ୍ମିତ ହାସ୍ୟରେ ଧୀର ନିବାରଣ ପ୍ରବେଶ କଲେ । ମୀନୁ ତାଙ୍କୁ ବସିବାପାଇଁ ଚେୟାର ନିର୍ଦ୍ଦେଶ କରି ପ୍ରଶ୍ନକଲା—'ନିବାରଣବାବୁ, ଆପଣଙ୍କର ସବୁ ମଙ୍ଗଳ ତ ?'

'ହଁ' ସେ କହିଲେ ।

'ମାଙ୍କର ଶେଷ ସମୟରେ ଆପଣ ତ ସର୍ବଦା ତାଙ୍କ ପାର୍ଶ୍ୱରେ ରହିଥିଲେ କଣ ଆଉ ସେ କହି ଯାଇଛନ୍ତି ?'

'ହଁ, ତାହାହିଁ କହିବାକୁ ମୁଁ ଧାଇଁ ଆସିଲି । ଛଳଛଳ ନୟନରେ ସେ କହିଲେ—'ବୁଢ଼ୀ ସାଆନ୍ତାଣୀ ଶେଷ ସମୟରେ ନାତି ନାତୁଣୀଟିଏ ଦେଖି ପାରିଲେ ନାହିଁ...'

ହଠାତ୍ ମୀନୁ ଆଉ ମୀନକେତନ ପରସ୍ପର ମୁଖକୁ ଚାହିଁଲେ । ସନ୍ତାନ ଅଭାବରେ ଉଭୟଙ୍କର ହୃଦୟ ଆନ୍ଦୋଳିତ ହୋଇ ଉଠିଲା ।

ନିବାରଣ ପୁଣି କହିଲେ—'ତାଙ୍କର ଶେଷ ଇଚ୍ଛା, ସେ ରଖି ଯାଇଥିବା ସମସ୍ତ ଅଳଙ୍କାର କୁନ୍ତଳାଙ୍କୁ ଦେଇ ଦେବାପାଇଁ ସେ ଆଦେଶ ଦେଇ ଯାଇଛନ୍ତି ।'

'ବେଶ୍, ତାହାହିଁ ହେବ ।' ମୀନୁ କହିଲା ।

ମୀନକେତନ ନୀରବ । ସେ ବୁଝିପାରୁ ନ ଥିଲେ । କାହିଁକି କେଜାଣି ସମୁଦ୍ରାନ୍ତ ହୃଦୟ ତାଙ୍କର ଛିନ୍ନଭିନ୍ନ ହୋଇ ଯାଉଥିଲା ।

ମୀନୁ କହିଲା—'କୁନ୍ତଳା ଭାରି ଦୁଃଖିନୀ । ଏଇ ସାମାନ୍ୟ ଅଳଂକାର କଣ ତା' ହୃଦୟର ଦୁଃଖ ଦୂର କରି ପାରିବ ?'

ମୀନକେତନ ଦୀର୍ଘ ନିଃଶ୍ୱାସ ଛାଡ଼ିଲେ । କୁନ୍ତଳାର ପାରିବାରିକ ଅଶାନ୍ତି ବିଷୟରେ ସେ ଅବଗତ । ଅଶୋକ ଚରିତ୍ରହୀନ । କୁନ୍ତଳା ଆଦୌ ସୁଖୀ ନୁହେଁ ।

କାହାର ଅନ୍ତର ଗଭୀର ଭାବେ ଭାରାକ୍ରାନ୍ତ ହେଉଥିଲା ।

ନିବାରଣ ଗମନୋଦ୍ୟତ ହୋଇ କହିଲେ—"ମୋର ଯାହା କହିବା ମୁଁ କହି ସାରିଛି । ଏବେ ଚାଲୁ ଅଛି ।"

ସମାପ୍ତ

ସେ ଭଙ୍ଗିତ ଚରଣ ଯୁଗଳକୁ ଓଡୋଡ଼ା/ଓଡୋଡ଼ାର ପ୍ରତୀକ୍ଷାକୁ ଅସ୍ତ୍ରାନ୍ତ ହେଲେ। ଯୁଗଉତ୍ କଷ୍ଟ ଏବଂ ମୀନକେତନ ସାର୍ଦ୍ଧକାଶ୍ୱାସ ତୋଳିଲେ—ସନ୍ଦେହ ହେଉଥିଲେ ଅକାରଣ ଯେମିତି ଏପାର ଭୂମିର ଖଳାଖେଳା ଖେଳଙ୍କ ପିତୃଦେଶକୁ ପ୍ରତ୍ୟାବର୍ତ୍ତନ କରୁଥିଲା।

ବାହାରେ ପୂର୍ଣ୍ଣିମାର ଚନ୍ଦ୍ରକୁ ଗ୍ରାସକରିବାକୁ ଆରମ୍ଭ କଲାଣି ରାହୁ-ରାକ୍ଷସ। ମୀନକେତନ ପଲଙ୍କ ଉପରକୁ ଯାଇ ବିଶ୍ରାମ କଲେ। ବାତାୟନ ପଥରେ ଚନ୍ଦ୍ର ସୁସ୍ପଷ୍ଟ।

ସୁମନ୍ତାର ଭୃତ୍ୟ ପ୍ରବେଶ କଲା। ହସ୍ତରେ ଏକଖଣ୍ଡ ଡାକ ପ୍ରେରିତ ପତ୍ର ଏବଂ ଏକ ଟେଲିଗ୍ରାମ।

ଚିଠି ପତ୍ର ଖଣ୍ଡିକ ନେଇ ଦେଖିଲେ—ତାହା କୁନ୍ତଳାଠାରୁ ତାହାର ପାଖକୁ ଆସିଛି। ଟେଲିଗ୍ରାମ ଉପରେ ମୀନକେତନଙ୍କ ନାମ ଲିଖିତ।

କୁନ୍ତଳାର ହସ୍ତାକ୍ଷର ଦେଖି ପୁଣି ତାର ସ୍ମୃତି ପଥରେ ଖେଳିଗଲା କରୁଣ ବୃତ୍ତାନ୍ତ। ଅଶୋକ ବାସ୍ତବରେ ଦୁର୍ବଳ—ଚରିତ୍ରହୀନ।

ସେ ଚିଠିଟି ଖୋଲିଲା—ଅଭୁଥିଲା ତାର କଣ୍ଠଗୁଳ। କିଏ ଜାଣେ ପୁଣି କେଉଁ ଦୁଃସମ୍ବାଦ ବହନ କରି ଆଣିଥିବ ଏହି କାଳିକ ପତ୍ର। କୁନ୍ତଳା ଲେଖିଥିଲା—

ନୂଆବୋଉ,

ଶେଷ ପ୍ରଣାମ।

ତୁମକୁ ନୂଆବୋଉ ବୋଲି ଡାକିବାକୁ ଇଚ୍ଛା ହେଉନାହିଁ। ପତ୍ର ଲେଖିଲା ବେଳକୁ ଛାତି ଫାଟି ଯାଉଛି। ମୁଁ ଜାଣି ନଥିଲି ମୋର ନୂଆବୋଉ ଏମିତି ବୋଲି।

ମୋର ଦୁଃଖମୟ ଜୀବନ କଥା ସବୁ ଜାଣିଛ। ସେଇ ଜୀବନରେ ପୁଣି କଷ୍ଟ ଡାକିଦେବା ପାଇଁ ତୁମେ ମଧ୍ୟ ଚଳେହେଲେ କୁଣ୍ଠିତ ହେଲ ନାହିଁ। ମୁଁ ଆଉ ସହି ପାରୁନାହିଁ କେଉଁ ଭାଷାରେ ତମକୁ ପତ୍ର ଲେଖିବି।

ଖୁସି ଖବର ଦୁଃଖିତ ହେବ, ତୁମ ଅଶୋକ ଭାଇ ମଦ ଖାଇବାକୁ ଆରମ୍ଭ କରିଛନ୍ତି। ମଦ୍ୟପାରେ ଭିକାରୀ ମତେ ପ୍ରହାର କଲେଣି।

[illegible]

ମୁଁ ଅଙ୍କୋଉ, ମୁଁ ପରା ତମ ଅଭିଶପ୍ତ ସାନ ଭଉଣୀ । ମୋ ଅନୁପସ୍ଥିତିରେ ଏଠାକୁ ଆସି ତମେ ଯାହା କରି ଯାଇଛ, ତାହା ଉପର ସମ୍ପର୍କ ହେଲ ମୁଁ ଭାବି ପାରୁ ନାହିଁ । ଅଶୋକ ବାବୁ ବର୍ତ୍ତମାନ ତୁମରି ପାଇଁ ପାଗଳ । କି ମନ୍ତ୍ର ତୁମେ ତାଙ୍କୁ ଦେଇ ଯାଇଛ କେଜାଣି !

ସେ ତୁମ ଉଦ୍ଦେଶ୍ୟରେ ଗଣ୍ଡିଏ ପତ୍ର ଲେଖି ପକେଟରେ ରଖିଥିଲେ ସେଇଟିକୁ ଏହାରି ସହିତ ମୁଁ ପଠାଇ ଦେଉଛି ।

ସତରେ ! ମୁଁ ଆଉ ପ୍ରତିବନ୍ଧକ ହୋଇ ଛିଡ଼ା ହେବାକୁ ଚାହେଁ ନାହିଁ । ମୋର ଖୁବ୍ ବିଶ୍ୱାସ ଅଶୋକବାବୁଙ୍କର ଆଉ ପରିବର୍ତ୍ତନ ହେବ ନାହିଁ । ତାଙ୍କ ଜୀବନ ଜଳପେଣ୍ଡ ହୋଇ ମରିବା ଅପେକ୍ଷା ମୁଁ ନିଜେ ନିଜେ ମରଣକୁ ବରଣ କରି ନେବି ।

କାଲି ହୁଏତ ତୁମେ ଶୁଣିବ ତୁମ ଆଦରର ଚନ୍ଦ୍ରଲା ମରି ଯାଇଛି । ରହିଲି । ଇତି

ତମର

ଚନ୍ଦ୍ରଲ

ଅପର ପତ୍ରଟି ସେ ପୁଣି ଖୋଲିଲା । ଅଶୋକ ଲେଖିଛନ୍ତି—

ମାନ୍ୟ ଦେବୀ

ପ୍ରୀତି-ପ୍ରଣାମ ।

ସାମାନ୍ୟ କେତୋଟି ଦିନ ଏଠାରେ ରହି ଆପଣ ହଠାତ୍ ଚାଲିଗଲେ— ମୋର ମାନସ ପକ୍ଷୀଟି ମଧ୍ୟ ଆପଣଙ୍କ ସହିତ ଚାଲି ଯାଇଛି । ସେ ଦିନ ରାସ୍ତାରେ ବହୁତ କିଛି କଥା ଅକୁହା ରହିଗଲା—କେତେ ଦୁର୍ଭାଗ୍ୟ ଆମର— ଧୂମକେତୁ ପରି ସହସା ମୀନକେତନ ଓ ଚନ୍ଦ୍ରଲାଙ୍କର ଆବିର୍ଭାବ ବହୁ କିଛି ଆକାଂକ୍ଷାକୁ ଅପୂର୍ଣ୍ଣ ରଖି ଦେଲା ।

ମୋ କଥା ଆଉ କଣ ମନରେ ପଡୁଥିବ ? ମୁଁ କିନ୍ତୁ ଦିବାରାତ୍ର ଆପଣଙ୍କ କଥା ଭାବି ହେଉଛି । ପୁଣି କେବେ ସାକ୍ଷାତ ?

ପତ୍ର ପାଇଁ ସତୃଷ୍ଣ ନୟନରେ ଚାହିଁ ରହିଲି । ବିଦାୟ । ଇତି

ଅଶୋକ

ଶେଷ

ପତ୍ର ପାଠ କରି ନିଜର ଚକ୍ଷୁରୁ ଅଶ୍ରୁ ନିର୍ଗତ ହେଲା—ସେହି ଦିନଠାରୁ ସେମିତି ବନ୍ଧୁ ବ୍ରହ୍ମାଣ୍ଡ ଇଙ୍ଗିତପୋଡ଼ ଛାରଖାର ହୋଇଯିବ ।

ଅଶୋକ । ନିର୍ମମ, ପାଷାଣ, ପିଶାଚ । ମିଥ୍ୟା ଜାଲ ମଧ୍ୟରେ ଚକ୍ରାଧାର ଘୂର୍ଣ୍ଣାୟମାନ । ସମ୍ମୁଖର ସମସ୍ତ ପଦାର୍ଥ ଚକ୍ରାକାରରେ ଆବର୍ତ୍ତିତ ହେଉଥିଲା । ଅଶୋକ ସହିତ ନିଜର ସଂପର୍କ କଣ ? କିଛି ନାହିଁ, କେବେ ନଥିଲା । ତେବେ ଆଜି ଏହି ଅପବାଦର କଳଙ୍କକୁ ମସ୍ତକରେ ବହନ କରିବାକୁ ହେଲା କାହିଁକି ? କେଉଁ ଦୁର୍ବଳ ମୁହୂର୍ତ୍ତରେ ମନ ପକ୍ଷୀରାଜକୁ ଲଗାମ ବନ୍ଧନ କରି ଦେଇ ସେ ଦୁଇ ମୃଦୁପଦ କଥା କହିଥିଲା ଅଶୋକ ସହିତ । ଏଇଥିରେ ଅଶୋକ ପାଗଳ । ଘୃଣାରେ କୁଞ୍ଚିତ ହେଉଥିଲା ତାର ନାସିକା । ସେ ଚିତ୍କାର କରି ଉଠିଲା—କୁନ୍ତଳା; ତମେ ଆତ୍ମହତ୍ୟା କର ନାହିଁ । ଯାହି ତୁମେ ଆଶଙ୍କା କରୁଛ ସବୁ ମିଥ୍ୟା—ସବୁ ଅଳୀକ ।

ମୀନକେତନଙ୍କ ନିଦ୍ରା ଛୁଟିଗଲା । ନେସ ତତ୍କ୍ଷଣାତ୍ ଉଠି ପଡ଼ି ପଚାରିଲେ—"ନର୍ସ, କଣ ହେଲା ତମର ?"

ପାଖରେ ପଡ଼ିଥିଲା ନିର୍ଜୀବ ଟେଲିଗ୍ରାମ । ନର୍ସକୁ ନିରୁତ୍ତର ଦେଖି ସେ ତାହା ଉଠାଇ ନେଇ ପାଠ କଲେ । ସେଥିରେ ଲେଖାଅଛି—'କୁନ୍ତଳା ଆତ୍ମହତ୍ୟା କରିଛି—ଅଶୋକ ।'

ପ୍ରାଣପ୍ରିୟା ଭଗ୍ନୀ ବିଷୟକ ଦୁଃସମ୍ବାଦରେ ମୀନକେତନଙ୍କ ନୟନ ଯୁଗଳରୁ ଝରି ଆସିଲା ଧାର ଧାର ଲୁହ ।

ନର୍ସ ନିର୍ବାକ, ନିରୁତ୍ତର !


କାହାରେ ପୂର୍ଣ୍ଣଚନ୍ଦ୍ର ରାହୁ ଗର୍ଭରେ ବିଲୀନ । ଏକ ମର୍ମାନ୍ତିକ ଶୋକରେ ପ୍ରାସାଦ ମ୍ରିୟମାଣ ହୋଇ ପଡ଼ିଲା ।

ନର୍ସ ମୀନକେତନଙ୍କ ବକ୍ଷ ଦେଶରେ ମୁଖ ଗୋପନ କରି କହିଲା—'ତମେ ମତେ ଅଭୟ ଦିଅ ।' ମୀନକେତନ କହିଲେ—'କୁନ୍ତଳାର ମୃତ୍ୟୁରେ ମୁଁ ପରମ ଶିକ୍ଷା ପାଇଛି । ସ୍ୱାମୀ ଦୁଶ୍ଚରିତ୍ର ହେଲେ ସ୍ତ୍ରୀ ଯେଉଁ ଆଘାତ ପାଏ ତାହା ମୁଁ ଆଜି ମର୍ମେ ମର୍ମେ ଅନୁଭବ କରି ପାରୁଛି । ପୁଣି ଥରେ ମୁଁ କ୍ଷମାପ୍ରାର୍ଥୀ । ତୁମେ ମୋର ସମସ୍ତ ଅପରାଧ ମନରୁ ଭୁଲି ଯାଅ ।'

ଶେଷ

ଶେଷ କୁନ୍ତଳାଠାରୁ ଆସିଥିବା ପତ୍ର ସେତକକୁ ଚିର ଚିର କରି ତଳେ ଫିଙ୍ଗି ଦେଇଥିଲି । ପ୍ରାଂଗଣ ପାର୍ଶ୍ୱରୁ ଦେଖ କରି ରହି ଆସୁଥିଲେ ବନ୍ଧୁ ନାଗରିକର ଉତପ୍ତ ନିଃଶ୍ୱାସ । ମନେ ହେଉଥିଲା ସେହି ନିଃଶ୍ୱାସ ବେଗରେ ସମଗ୍ର ପ୍ରାସାଦଟି ଯେମିତି ଖସିପଡ଼ି ତଳର ଧୂଳି ସହିତ ମିଶିଯିବ— ଆଉ ମିଶିଯିବ ତା' ସହିତ ଏହି ବଂଶର ଗାଥା କିମ୍ବା ଇତିହାସ—ଏକ ଅନାଦି ଅନନ୍ତ କାଳର ଗର୍ଭରେ ବିଲୀନ ହୋଇଯିବ ସମସ୍ତ ।

କଟକ
୮-୧୦-୫୨
କୁମାର ପୂର୍ଣ୍ଣିମା




---

ବଂଶୀଧର ଭୂୟାଁଙ୍କ ଦ୍ୱାରା କଟକ ମୁଦ୍ରଣ ପ୍ରେସରେ
ମୁଦ୍ରିତ, ପ୍ରକାଶିତ ଓ ସମ୍ପାଦିତ ।

ଦେଢ଼ଟଙ୍କା

# ଶିଶୁମାନେହିଁ ଜାତିର ଭବିଷ୍ୟତ






କାରଣ ଆଜି ଯେ ଶିଶୁ, କାଲି ହେବ ସେ ଯୁବକ, ଯାହା ଉପରେ ଜାତିର ଭବିଷ୍ୟତ, ପ୍ରତିଷ୍ଠା ଓ ଗୌରବ ନିର୍ଭର କରେ। ତେଣୁ, ଶିଶୁର ସ୍ୱାସ୍ଥ୍ୟର ଗୁରୁତ୍ୱ ଅପରିସୀମ ଏବଂ ତାହାକୁ ପୁଷ୍ଟ ସବଳ କରି ଗଢି ତୋଳିବାର ଦାୟିତ୍ୱ ପ୍ରତ୍ୟେକ ଜାତିର ଅଟେ।

## ସାଧନା ବାଲାମୃତ

ଶିଶୁମାନଙ୍କର ବଲବର୍ଦ୍ଧକ ଅପୂର୍ବ ଔଷଧ। ସମସ୍ତ ପ୍ରକାର ବ୍ୟାଧି ନିବାରଣ କରେ, ରକ୍ତମାଂସ ବଢାଏ। ସୁସ୍ଥ, ସବଳ ଓ ସୁଦୃଢ଼ କରେ।

ସାଧନା ଔଷଧାଳୟ, ଢାକା, ପ୍ରଭିନ୍ସିଆଲ ଡିପାର୍ଟମେଣ୍ଟ ୩୬, ଏସ୍, କେ, ଦେବ ରୋଡ, କଲିକତା-୪୮

ଖ୍ୟାତଯଶା ତରୁଣ କଥାକାର

ରସାନନ୍ଦ ସାହୁଙ୍କ

ରୋମାନ୍ସ ଧର୍ମୀ, ମନସ୍ତାତ୍ତ୍ୱିକ ଉପନ୍ୟାସ

# ଗାଡ଼ି

ତାମସୀ ଗାଡ଼ିର ନିସ୍ତବ୍ଧ କରୁଣ ବିଳାପ ପଛ ଅନାଦୃତା ଶ୍ୟାମଳୀ କନ୍ୟା ରେଣୁର ଆତ୍ମ-ବିଳାପ ତଥା ଆତ୍ମଦାନ ତରୁଣ ଔପନ୍ୟାସିକଙ୍କ ଲେଖନୀରେ ମୂର୍ତ୍ତିମନ୍ତ ଓ ମର୍ମସ୍ପର୍ଶୀ ହୋଇ ଉଠିଛି ।

ସୁଦୃଶ୍ୟ ବନ୍ଧେଇ—ମୂଲ୍ୟ ୦୩୯ ମାତ୍ର

ବଂଶୀଧର ଭୂୟାଁଙ୍କ



# ପ୍ରେମ ଓ ପ୍ରତିମା

ଅନ୍ୟତମ ସାର୍ଥକ ସୃଷ୍ଟି :

ଶୋଭନ ଦ୍ୱିତୀୟ ସଂସ୍କରଣ ପ୍ରକାଶ ପାଇଲା

ଉତ୍କୃଷ୍ଟ କାଗଜ * ପରିଷ୍କାର ମୁଦ୍ରଣ * ତ୍ରିରଙ୍ଗା ମଲାଟ

ସୁଦୃଶ୍ୟ ବନ୍ଧେଇ, ଦାମ—ଦୁଇ ଟଙ୍କା

ଜନ-ସାହିତ୍ୟ ପ୍ରକାଶନ

ଦୋଲସାହି, କଟକ—୧